# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୯/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 9/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 47 | ମୂଲ୍ୟ ₹୭/-







## କୋର୍ଟ ଉଡ଼ାଇଦେବାକୁ ଧମକ

### ହାଇକୋର୍ଟ ସମେତ କଟକ, ସମ୍ବଲପୁର, ଦେବଗଡ଼ ଜିଲା କୋର୍ଟ କାର୍ଯ୍ୟ ବ୍ୟାହତ

ରାଜ୍ୟର ବିଭିନ୍ନ ଅଦାଲତରେ ଗୁରୁବାର ସ୍ୱାଭାବିକ ଭାବରେ କୋର୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ସାଢ଼େ ୧୧ଟାରେ କଟକ, ସମ୍ବଲପୁର ଏବଂ ଦେବଗଡ଼ ଜିଲା କୋର୍ଟକୁ ବୋମା ବିସ୍ଫୋରଣରେ ଉଡ଼ାଇଦେବାକୁ ଇ-ମେଲ୍ ଯୋଗେ ଧମକ ମିଳିଥିଲା। ଏହା ଜଣାପଡ଼ିବା ପରେ ତୁରନ୍ତ ଅଦାଲତରେ ବିଚାରପତିମାନେ କୋର୍ଟ କାର୍ଯ୍ୟ ବନ୍ଦ କରିବା ସହ ଓକିଲମାନଙ୍କୁ କୋର୍ଟ ରୁମ୍‌ରୁ ବାହାରକୁ ଚାଲିଯିବାକୁ କହିଥିଲେ। ସଙ୍ଗେ ସଙ୍ଗେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଡଗ୍ ଏବଂ ଆଣ୍ଟି ବମ୍ ସ୍କ୍ୱାଡ୍ ଦ୍ୱାରା ଯାଞ୍ଚ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ଗୃହ ବିଭାଗ ଏହାକୁ ଗୁରୁତ୍ୱର ସହ ନେଇ ପୋଲିସ ମହାନିର୍ଦ୍ଦେଶକଙ୍କୁ ସ୍ଥିତିର ସମୀକ୍ଷା କରିବାକୁ କହିଥିଲେ। ଯାଞ୍ଚ ପରେ ଏହା ଗୁଜବ ବୋଲି ଜଣାପଡ଼ିଥିଲା। ପରେ ଅପରାହ୍ନ ସାଢ଼େ ୨ଟାରୁ କୋର୍ଟ କାର୍ଯ୍ୟ ସ୍ୱାଭାବିକ ହୋଇଥିଲା। କିଏ ଏବଂ କାହିଁକି ମିଥ୍ୟା ଇ-ମେଲ୍ ପଠାଇ ଏଭଳି ଆତଙ୍କ ସ୍ଥିତି ସୃଷ୍ଟି କଲେ ତାକୁ ନେଇ ଖୋଳତାଡ଼ ଚାଲିଛି।



ଗୁରୁବାର ବୋମା ଧମକ ପରେ ହାଇକୋର୍ଟ ପରିସରରେ କମାଣ୍ଡୋଙ୍କ ଦ୍ୱାରା ଯାଞ୍ଚ କରାଯାଉଛି।

କଟକ/ସମ୍ବଲପୁର/ଦେବଗଡ଼,୮।୧ (କାର୍ତ୍ତିକ ସାହୁ/ପ୍ରମୋଦ ବହିଦାର/ ଶଶାଙ୍କ ଶେଖର ଝାଙ୍କର)

ଇ-ମେଲରେ କୋର୍ଟକୁ ବୋମା ଧମକ ଖବର ପ୍ରଚାରିତ ହେବା ପରେ ହାଇକୋର୍ଟ ସମେତ ଜିଲା କୋର୍ଟରେ ଭୟର ବାତାବରଣ ଖେଳିଯାଇଥିଲା। ଓକିଲ ଓ ମହକିଲମାନେ କୋର୍ଟ ରୁମ୍‌କୁ ଯିବା ବଦଳରେ ବାହାରକୁ ପଳାଇ ଆସିଥିଲେ। ବାହାରେ ଅସମ୍ଭାଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକମାନେ ଏଣେତେଣେ ଇତସ୍ତତଃ ହେବା ସହ ଅଜଣା ଭୟ ସମସ୍ତଙ୍କୁ ଘାରିଥିଲା। ଦୀର୍ଘ ୩ଘଣ୍ଟା ଧରି କୋର୍ଟ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ତେବେ ଏ ସଂକ୍ରାନ୍ତରେ ଖବର ପାଇ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂହ ପୋଲିସ ବାହିନୀ ସହ ☞ପୃଷ୍ଠା-୪

## ଭାରତ ଉପରେ ଲାଗିପାରେ ୫୦୦% ଟାରିଫ୍

ଯେଉଁ ଦେଶଗୁଡ଼ିକ ରୁଷିଆରୁ ତୈଳ, ଗ୍ୟାସ୍ କିମ୍ବା ୟୁରାନିୟମ ଆମଦାନୀ ଜାରିରଖିବେ, ସେମାନଙ୍କ ଉପରେ ଆମେରିକା ୫୦୦% ଯାଏ ଟାରିଫ୍ (ଶୁଳ୍କ) ଲଗାଇବ। ଏ ସମ୍ପର୍କିତ ଏକ ବିଲ୍ 'ସାଙ୍କଶନିଂ ଅଫ୍ ରୁଷିଆ ଆକ୍ଟ ୨୦୨୫'କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସବୁଜ ସଙ୍କେତ ଦେଇଛନ୍ତି। ରୁଷିଆର ଅର୍ଥନୈତିକ ଶକ୍ତିକୁ ଦୁର୍ବଳ କରି ୟୁକ୍ରେନ ଯୁଦ୍ଧ ବନ୍ଦ କରିବା ଏହାର ମୂଳ ଲକ୍ଷ୍ୟ। ଏହା ଭାରତ, ଚାଇନା ଏବଂ ବ୍ରାଜିଲ ଭଳି ଦେଶଗୁଡ଼ିକ ଉପରେ ଚାପ ପକାଇବା ପାଇଁ ଏକ ଅସ୍ତ୍ର ଭାବେ କାମ କରିବ ବୋଲି ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ କହିଛନ୍ତି। ଉକ୍ତ ବିଲ୍ ଆସନ୍ତା ସପ୍ତାହରେ ଆମେରିକା ସିନେଟ୍‌ରେ ଭୋଟିଂ ପାଇଁ ଆସିପାରେ। ଏହା ପାସ୍ ହୋଇଗଲେ ଭାରତୀୟ ରପ୍ତାନିକାରୀମାନଙ୍କ ପାଇଁ ଆମେରିକା ବଜାରରେ ବ୍ୟବସାୟ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିବ। ପୂର୍ବରୁ ଆମେରିକା ଏହି ପ୍ରସଙ୍ଗରେ ଭାରତ ବିରୋଧରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି। ୨୦୨୫ ଅଗଷ୍ଟରୁ ଟ୍ରମ୍ପ୍ ପ୍ରଶାସନ ଭାରତୀୟ ସାମଗ୍ରୀ ଉପରେ ୫୦% ଟାରିଫ୍ ଲଗାଇଛି। ଏହାର ପ୍ରଭାବ ଅନେକ ଭାରତୀୟ ସାମଗ୍ରୀର ରପ୍ତାନି ଉପରେ ଗୁରୁତର ଭାବେ ପଡ଼ିଥିବାବେଳେ ଟ୍ରମ୍ପ୍‌ଙ୍କ ସଦ୍ୟ ପଦକ୍ଷେପ ଯୋଗୁ ଗୁରୁବାର ଭାରତୀୟ ଶେୟାର ବଜାରରେ ବଡ଼ ହ୍ରାସ ଦେଖିବାକୁ ମିଳିଛି। ସେନ୍‌ସେକ୍ସ ୭୮୦ ପଏଣ୍ଟ ଖସିଯାଇଛି।

### ବିଲ୍‌କୁ ଟ୍ରମ୍ପ୍‌ଙ୍କ ଅନୁମୋଦନ

ନ୍ୟୁୟର୍କ/ୱାଶିଂଟନ,୮।୧(ପି.ଟି./ଏଜେନ୍ସି)

ୟୁକ୍ରେନ୍ ଯୁଦ୍ଧରେ ରୁଷିଆ ପାଇଁ ଇନ୍ଧନ ସାଜିଥିବା ରୁଷୀୟ ତୈଳ କ୍ରେତାମାନଙ୍କୁ ଟାର୍ଗେଟକରି ଆଗତ ଏକ ଦ୍ୱିଦଳୀୟ ବିଲ୍‌କୁ ଗୁରୁବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଅନୁମୋଦନ କରିଛନ୍ତି। ରୁଷିଆ ସାଙ୍କଶନ୍ସ ବିଲ୍ ଶୀର୍ଷକ ଉକ୍ତ ବିଧେୟକ ଅନୁସାରେ ଭାରତ, ଚାଇନା ଓ ବ୍ରାଜିଲ ସମେତ ମସ୍କୋର ବାଣିଜ୍ୟିକ ସହଯୋଗୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଆମଦାନୀ ଶୁଳ୍କ କଷାଯାଇପାରେ। ରୁଷିଆଠାରୁ ଶସ୍ତାରେ ତୈଳ ଓ ୟୁରାନିୟମ୍ ଆମଦାନୀକୁ ରୋକିବା ପାଇଁ ଏହି ବିଲ୍‌ରେ ଟ୍ରମ୍ପ୍‌ଙ୍କୁ ପର୍ଯ୍ୟାପ୍ତ କ୍ଷମତା ପ୍ରଦାନ କରାଯାଇଛି।

ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ ବୁଧବାର ହ୍ୱାଇଟ୍ ହାଉସ୍‌ରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ବେଳେ ଉଭୟଙ୍କ ମଧ୍ୟରେ ରୁଷିଆ ସାଙ୍କସନ୍ସ ବିଲ୍ ଉପରେ ଫଳପ୍ରଦ ଆଲୋଚନା ହୋଇଛି। ଟ୍ରମ୍ପ୍ ଉକ୍ତ ବିଧେୟକକୁ ସବୁଜ ସଙ୍କେତ ଦେଇଥିବା ଲିଣ୍ଡସେ ସାମାଜିକ ଗଣମାଧ୍ୟମ ମଞ୍ଚ Xରେ ସୂଚନା ଦେଇଛନ୍ତି। ଲିଣ୍ଡସେ କହିଛନ୍ତି, ୟୁକ୍ରେନ୍ ଶାନ୍ତି ଆଲୋଚନା ପାଇଁ ଆଗ୍ରହ ପ୍ରକାଶ କରିଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ନିରୀହମାନଙ୍କୁ ହତ୍ୟା କରିବାରେ ଲାଗିଛନ୍ତି। ଏଭଳି ସମୟରେ ରୁଷିଆଠାରୁ ଶସ୍ତାରେ ତୈଳ କିଣି ପୁଟିନ୍‌ଙ୍କ ଯୁଦ୍ଧ ମେଶିନ୍‌କୁ ଇନ୍ଧନ ଯୋଗାଉଥିବା ଦେଶଗୁଡ଼ିକୁ ଦଣ୍ଡିତ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ୍‌ଙ୍କୁ କ୍ଷମତା ପ୍ରଦାନକାରୀ ବିଧେୟକ ଅଣାଯାଇଛି। ଉକ୍ତ ବିଲ୍ ଉପରେ ଅନେକ ମାସ ଧରି ଆଲୋଚନା ପର୍ଯ୍ୟାଲୋଚନା ଚାଲିଥିଲା। ଆସନ୍ତା ସପ୍ତାହରେ ଏହି ଶକ୍ତିଶାଳୀ ବିଲ୍ ଉପରେ ଭୋଟିଂ ହୋଇପାରେ। ଲିଣ୍ଡସେ ଏବଂ ଡେମୋକ୍ରାଟିକ୍ ସିନେଟର ରିଚାର୍ଡ ବ୍ଲୁମେନ୍ଥାଲଙ୍କ ଦ୍ୱାରା ଆଗତ ଉକ୍ତ ବିଲ୍ ପାରିତ ହେଲେ ଚାଇନା, ଭାରତ ଓ ବ୍ରାଜିଲ ଭଳି ଦେଶ ବିରୋଧରେ ଟ୍ରମ୍ପ୍ ୫୦୦% ଟାରିଫ୍ କଷିବା ଭଳି କଠୋର କାର୍ଯ୍ୟାନୁଷ୍ଠାନ ନେଇପାରିବେ। ଏହାଦ୍ୱାରା ମସ୍କୋର ଆର୍ଥିକ ମେରୁଦଣ୍ଡ ଏକପ୍ରକାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ଟ୍ରମ୍ପ୍ ପ୍ରଶାସନରେ ଅସମାନତା




## ଦିଲ୍ଲୀରେ ଆଜି




ନୂଆଦିଲ୍ଲୀର କନ୍ଷ୍ଟିଚ୍ୟୁଶନ କ୍ଲବ୍ ଅଫ୍ ଇଣ୍ଡିଆଠାରେ ଗୁରୁବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ନ୍ୟାଶନାଲ ବୁକ୍ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରଫେସର ମିଲିନ୍ଦ ସୁଧାକର ମରାଠେ ଏବଂ ଭାରତରେ କାତାର ରାଷ୍ଟ୍ରଦୂତ ଥିବା ମହମ୍ମଦ ହାସନ ଜବିର ଉପସ୍ଥିତ ଅଛନ୍ତି। (ଫଟୋ: ଚମନ ଗୌତମ)

# ୬୬ ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଲା ଆମେରିକା

**ଜାତିସଂଘ/ୱାଶିଂଟନ୍,୮।୧(ରଏଟର୍ସ/ପି.ଟି.)**

ଆମେରିକା ୬୬ଟି ଅନ୍ତର୍ଜାତୀୟ ସଂସ୍ଥାରୁ ଓହରିଯାଇଛି। ସେଥିରୁ ୩୧ ସଂସ୍ଥା ଜାତିସଂଘ ଅଧୀନରେ ଥିବାବେଳେ ୩୫ଟି ଅନ୍ୟ ବୈଶ୍ୱିକ ଅନୁଷ୍ଠାନ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିଷ୍ପତ୍ତି କ୍ରମେ ଏହି ପଦକ୍ଷେପ ନିଆଯାଇଛି। ଭାରତ-ଫ୍ରାନ୍ସ ନେତୃତ୍ୱାଧୀନ ଅନ୍ତର୍ଜାତୀୟ ସୋଲାର ଆଲାଏନ୍ସ ସମେତ ଏହି ସଂସ୍ଥାଗୁଡ଼ିକୁ ଟ୍ରମ୍ପ 'ଅନାବଶ୍ୟକ' ଓ 'ଆମେରିକାର ସ୍ୱାର୍ଥ ପରିପନ୍ଥୀ' ବୋଲି ଅଭିହିତ କରିଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପ ବୁଧବାର ୱିଥ୍‌ଡ୍ରଇଂ ଦି ୟୁନାଇଟେଡ୍ ଷ୍ଟେଟ୍ସ ଫ୍ରମ୍ ଇଣ୍ଟରନ୍ୟାଶନାଲ କନ୍‌ଭେନ୍‌ଶନ୍ସ ଆଣ୍ଡ୍ ଟ୍ରିଟିଜ୍‌ଦ୍ୟାଟ୍‌ଆର୍‌କଣ୍ଟ୍ରାରିଟୁଦିଇଣ୍ଟ୍ରେଷ୍ଟ୍ସ ଅଫ୍ ଦି ୟୁନାଇଟେଡ୍ ଷ୍ଟେଟ୍ସ' ଶୀର୍ଷକ ଏକ ମେମୋରାଣ୍ଡମ୍‌ରେ ସ୍ୱାକ୍ଷର କରିଛନ୍ତି। ଏହା ପରେ ଟ୍ରମ୍ପ କହିଛନ୍ତି, ଆମେରିକାର ସ୍ୱାର୍ଥ ବିରୋଧୀ ୬୬ଟି ଜାତିସଂଘ ଓ ଅଣଜାତିସଂଘ ସଂସ୍ଥାକୁ ୱାଶିଂଟନ ଆଉ ସମର୍ଥନ ଦେବନାହିଁ କି ସେଗୁଡ଼ିକରେ ସଦସ୍ୟ ରହିବ ନାହିଁ। ଏହି ସଂସ୍ଥାଗୁଡ଼ିକ ଆମେରିକାର ଜାତୀୟ ସ୍ୱାର୍ଥ, ନିରାପତ୍ତା, ଅର୍ଥନୈତିକ ସମୃଦ୍ଧି ଓ ସାର୍ବଭୌମତ୍ୱ ବିରୋଧରେ କାର୍ଯ୍ୟ କରୁଥିବା ହ୍ୱାଇଟ୍ ହାଉସ୍ ସୂତ୍ରରୁ କୁହାଯାଇଛି। ତଦନୁସାରେ ଟ୍ରମ୍ପ ସମସ୍ତ କାର୍ଯ୍ୟନିର୍ବାହୀ ବିଭାଗ ଓ ଏଜେନ୍ସିଗୁଡ଼ିକୁ ତୁରନ୍ତ ଏଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜାତିସଂଘ ସଂସ୍ଥାଗୁଡ଼ିକରୁ ଆମେରିକା ଓହରିଯିବାର ତାତ୍ପର୍ଯ୍ୟ ହେଉଛି ସେଗୁଡ଼ିକୁ ୱାଶିଂଟନ୍ ଆଉ କୌଣସି ପାଣ୍ଠି ଯୋଗାଇବ ନାହିଁ।

ଉକ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ରହିଛି ଇଣ୍ଟରନ୍ୟାଶନାଲ ସୋଲାର ଆଲାଏନ୍ସ (ଆଇଏସ୍‌ଏ), ଯାହାକି ଭାରତ ଓ ଫ୍ରାନ୍ସ ସମନ୍ୱୟରେ ଗଠିତ। ସୌରଶକ୍ତିସମାଧାନକୁ କାର୍ଯ୍ୟକାରୀ କରି ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ମିଳିତ ଉଦ୍ୟମ ଚଳାଇବା ହେଉଛି ଏହାର ଉଦ୍ଦେଶ୍ୟ। ଭାରତରେ ମୁଖ୍ୟାଳୟ ଥିବା ଆଇଏସ୍‌ଏର ଆରମ୍ଭ ୨୦୧୫ରେ ପ୍ୟାରିସ୍ ଜଳବାୟୁ ସମ୍ମିଳନୀ (କୋପ୍‌୨୧) ବେଳେ କରାଯାଇଥିଲା। ଜାତିସଂଘର ସମସ୍ତ ସଦସ୍ୟ ରାଷ୍ଟ୍ର ଏଥିରେ ଅନ୍ତର୍ଭୁକ୍ତ। ବର୍ତ୍ତମାନ ଆଇଏସ୍‌ରେ ଶତାଧିକ ଦେଶ ଥିବାବେଳେ ୯୦ରୁ ଅଧିକ ରାଷ୍ଟ୍ର ପୂର୍ଣ୍ଣ ସଦସ୍ୟତା ପାଇଁ ଆବେଦନ କରିଛନ୍ତି। ୨୦୩୦ ସୁଦ୍ଧା ଟେକ୍ନୋଲୋଜି ଓ ବ୍ୟୟ ହ୍ରାସ ଜରିଆରେ ୧ ଟ୍ରିଲିୟନ୍ ଅମେରିକୀୟ ଡଲାର ସୌର ନିବେଶ କରିବା ପାଇଁ ଏହି ମିଶନରେ ଲକ୍ଷ୍ୟ ରଖାଯାଇଛି। ଏଥିରୁ ଆମେରିକା ଓହରିଯିବା ଭାରତ ଓ ଫ୍ରାନ୍ସ ସମେତ ସ୍ୱାକ୍ଷରକାରୀ ରାଷ୍ଟ୍ରଗୁଡ଼ିକ ପାଇଁ ଏକ ବଡ଼ ଝଟକା ବୋଲି ମନେକରାଯାଉଛି।

ଆମେରିକା ୟୁଏନ୍ ଓମେନ୍, ୟୁଏନ୍ ପପୁଲେଶନ୍ ଫଣ୍ଡ (ୟୁଏନ୍‌ଏଫ୍‌ପିଏ)ରୁ ମଧ୍ୟ ଓହରିଛି। ଜାତିସଂଘର ଜଣେ ମୁଖପାତ୍ର କହିଛନ୍ତି, ଟ୍ରମ୍ପ ପ୍ରଶାସନ ଓହରିଯାଇଥିବା ସଂସ୍ଥାଗୁଡ଼ିକର ସମ୍ପୂର୍ଣ୍ଣ ତାଲିକାକୁ ଅନୁଧ୍ୟାନ କରିବା ପରେ ଏହା ଉପରେ ପ୍ରତିକ୍ରିୟା ଦିଆଯିବ।

## ସ୍ତ୍ରୀ, ୨ ଝିଅଙ୍କୁ ହତ୍ୟାକରି ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଚଣ୍ଡିଗଡ଼,୮।୧**

ପଞ୍ଜାବର ଫିରୋଜପୁରରେ ଗୋଟିଏ ପରିବାରର ୪ ଜଣଙ୍କ ମୃତଦେହ ସେମାନଙ୍କ ଘରୁ ମିଳିଛି। ପରିବାରର ମୁଖ୍ୟ ଅମନଦୀପ୍ ସିଂ ଜଣେ ବ୍ୟବସାୟୀ। ସେ ଏକ ଲାଇସେନ୍ସପ୍ରାପ୍ତ ରିଭଲଭରରେ ତାଙ୍କ ସ୍ତ୍ରୀ ଓ ୨ ନାବାଳିକା ଝିଅଙ୍କୁ ଗୁଳିକରି ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ମୃତକ ହେଲେ ଅମନଦୀପ, ସ୍ତ୍ରୀ ଯଶବୀର କୌର, ଝିଅ ମନବୀର କୌର(୧୦) ଏବଂ ପରମିତ୍ କୌର(୬)। ସେମାନେ ଫିରୋଜପୁରର ହର୍‌ମାନ ନଗର ଅଞ୍ଚଳରେ ରହୁଥିଲେ। ଅମନଦୀପ ଜମିଜମା ବ୍ୟବସାୟ ଏବଂ ନିର୍ମାଣ ବ୍ୟବସାୟରେ ସମ୍ପୃକ୍ତ ଥିବାବେଳେ ତାଙ୍କ ସ୍ତ୍ରୀ ଏକ ବିଉଟିପାର୍ଲର ଚଳାଉଥିଲେ।

## ସିପିଏମ୍ ନେତାଙ୍କୁ ହତ୍ୟା ମାମଲା ଆର୍‌ଏସ୍‌ଏସ୍-ଭାଜପାର ୭ କର୍ମୀଙ୍କୁ ଆଜୀବନ ଜେଲ

**କନ୍ନୁର(କେରଳ),୮।୧**

କେରଳର ଜଣେ ସ୍ଥାନୀୟ ସିପିଆଇ(ଏମ୍) ନେତାଙ୍କୁ ହତ୍ୟା ମାମଲାରେ ଥାଲାସେରିର ଏକ ଅଦାଲତ ଆର୍‌ଏସ୍‌ଏସ୍-ଭାଜପାର ୭ ଜଣ କର୍ମୀଙ୍କୁ ଗୁରୁବାର ଆଜୀବନ ଜେଲ ଦଣ୍ଡାଦେଶ ଦେଇଛନ୍ତି। ସୁମିଥ ଓରଫ କୁଟ୍ଟନ, କେ.କେ. ପ୍ରଜେଶ ବାବୁ, ବି.ନିଧିନ, କେ ସାନାଲ, ସ୍ମିଜୋଶ, ସାଜିଶ ଏବଂ ଭି. ଜୟେଶଙ୍କୁ ଅତିରିକ୍ତ ଜିଲା ଓ ସେସନ୍ସ କୋର୍ଟ ବିଚାରପତି ବିମଲ ଜେ. ଦୋଷୀସାବ୍ୟସ୍ତ କରିଥିଲେ। ଅନ୍ୟ ୪ ଅଭିଯୁକ୍ତଙ୍କୁ କୋର୍ଟ ନିର୍ଦ୍ଦୋଷ ଦର୍ଶାଇଛନ୍ତି। ବିଚାର ପ୍ରକ୍ରିୟା ଚାଲିଥିବା ସମୟରେ ଅଷ୍ଟମ ଅଭିଯୁକ୍ତ କେ. ଆଜିଥଙ୍କର ମୃତ୍ୟୁ ଘଟିଥିଲା। ରାଜନୈତିକ ଶତ୍ରୁତାରୁ ୨୦୦୮ ଡିସେମ୍ବର ୩୧ରେ ସିପିଆଇ(ଏମ୍)ର ସ୍ଥାନୀୟ ନେତା ଲାଥିଶଙ୍କୁ ଥାଲାସେରିର ଥାଲାୟୀ ଅଞ୍ଚଳରେ ହତ୍ୟା କରାଯାଇଥିଲା ଓ ଆକ୍ରମଣରେ ତାଙ୍କ ବନ୍ଧୁ ଆହତ ହୋଇଥିଲେ। ଅଭିଯୁକ୍ତମାନଙ୍କ ବିରୋଧରେ ଦଙ୍ଗା, ବେଆଇନ ଭାବେ ନିୟନ୍ତ୍ରଣ କରିବା, ଧମକ ଦେବା, ଷଡ଼ଯନ୍ତ୍ର ଏବଂ ହତ୍ୟା ଓ ହତ୍ୟା ଉଦ୍ୟମ ଆଦି ଆଇପିସିର ବିଭିନ୍ନ ଧାରା ଏବଂ ବିସ୍ଫୋରକ ସାମଗ୍ରୀ ଆଇନରେ ମାମଲା ରୁଜୁ ହୋଇଥିଲା। ୨୦୨୦ ଜାନୁଆରୀ ୭ରୁ ବିଚାର ଆରମ୍ଭ ହୋଇଥିଲା।

## କୋଇଲା ଦୁର୍ନୀତିରେ ଆଇ-ପିଏସି

# ଚଢ଼ାଉ ବେଳେ ଇଡି-ମମତା ମୁହାଁମୁହିଁ

- ■ ତଦନ୍ତ ନାଁରେ ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି: ମମତା
- ■ ମମତାଙ୍କ ବିରୋଧରେ ହାଇକୋର୍ଟ ଗଲା ଇଡି, ଶୁଣାଣି ଆଜି

**କୋଲକାତା,୮।୧**

ବେଆଇନ କୋଇଲା ଖଣି ଖନନ ସମ୍ପର୍କିତ ମନି ଲଣ୍ଡରିଂ ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପକ୍ଷରୁ ଗୁରୁବାର ପଶ୍ଚିମବଙ୍ଗ ଓ ଦିଲ୍ଲୀରେ ଚଢ଼ାଉ ବେଳେ ହାଇଡ୍ରାମା ଦେଖିବାକୁ ମିଳିଛି। କୋଲକାତାସ୍ଥିତ ଇଣ୍ଡିଆନ୍ ପଲିଟିକାଲ ଆକ୍ସନ କମିଟି (ଆଇ-ପିଏସି) ଅଫିସ ଏବଂ ଉକ୍ତ ସଂସ୍ଥାର ନିର୍ଦ୍ଦେଶକ ପ୍ରତୀକ ଜୈନଙ୍କ ବାସଭବନରେ ଚଢ଼ାଉ ଚାଲିଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ଏହାର ଦୃଢ଼ ବିରୋଧ କରିଛନ୍ତି। ଆଇ-ପିଏସି ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ନିର୍ବାଚନ ପରିଚାଳନା କରୁଥିବାରୁ ଦଳର ରଣନୀତି ସମ୍ପର୍କିତ ସମ୍ବେଦନଶୀଳ ତଥ୍ୟ ସମ୍ବଳିତ ହାର୍ଡ ଡିସ୍କ ଏବଂ ଆଭ୍ୟନ୍ତରୀଣ ଦସ୍ତାବିଜଗୁଡ଼ିକୁ ଜବତ କରିବା ପାଇଁ କେନ୍ଦ୍ରୀୟ ଏଜେନ୍ସି ଉଦ୍ୟମ ଚଳାଇଥିବା ମମତା ଅଭିଯୋଗ ଆଣିଛନ୍ତି।

ବେଆଇନ କୋଇଲା ଖଣି ଖନନ ପ୍ରସଙ୍ଗରେ ୨୦୨୦ରେ ଏଫ୍‌ଆଇଆର୍ ହୋଇଥିଲା। ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ବଳରେ ଏହାର ତଦନ୍ତ ପାଇଁ ଇଡି ଅଧିକାରୀମାନେ ଗୁରୁବାର ପଶ୍ଚିମବଙ୍ଗର ୬ ଓ ଦିଲ୍ଲୀର ୪ ସ୍ଥାନରେ ସକାଳ ୬ଟାରେ ଚଢ଼ାଉ କରିଥିଲେ। ଏହି ତଲାସି ଅଭିଯାନ ୯ ଘଣ୍ଟାରୁ ଅଧିକ ସମୟ ଧରି ଚାଲିଥିଲା। ଏଥିରେ ଆଇ-ପିଏସି ମୁଖ୍ୟ ପ୍ରତୀକ ଜୈନଙ୍କ ସମ୍ପୃକ୍ତି ଥିବା



ଦର୍ଶାଇ ଇଡି ତାଙ୍କ ଅଫିସରେ ଚଢ଼ାଉ କରିବାବେଳେ ଟିଏମ୍‌ସି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସେଠାରେ ପହଞ୍ଚି ତଦନ୍ତରେ ବାଧା ଦେଇଥିବା ଏଜେନ୍ସି ପକ୍ଷରୁ ଅଭିଯୋଗ ହୋଇଛି। ମମତା କହିଛନ୍ତି, ତାଙ୍କ ଆଇଟି ସେଲ୍ ଦାୟିତ୍ୱରେ ଥିବା ପ୍ରତୀକଙ୍କ ଘର ଓ ଅଫିସରେ ଚଢ଼ାଉ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଅସାମ୍ବିଧାନିକ। ଅପରାହ୍ନରେ କୋଲକାତା ପୋଲିସ କମିଶନର ମନୋଜ ବର୍ମା ପ୍ରତୀକଙ୍କ ବାସଭବନରେ ପହଞ୍ଚିବାର କିଛି ମିନିଟ୍ ପରେ ମମତା ମଧ୍ୟ ସେଠାକୁ ଯାଇଥିଲେ। ମମତା ସେଠାରେ ୨୦-୨୫ ମିନିଟ୍ ରହିବା ପରେ ସେଠାରୁ ଏକ ଗ୍ରୀନ୍ ଫୋଲ୍ଡର ଧରି ବାହାରିଥିଲେ। ଟିଏମ୍‌ସିର ଗୁରୁତ୍ୱପୂର୍ଣ୍ଣ ନିର୍ବାଚନୀ ରଣନୈତିକ ତଥ୍ୟ ରହିଥିବା ଦସ୍ତାବିଜ ଓ ହାର୍ଡ ଡିସ୍କଗୁଡ଼ିକୁ ଇଡି ଅଧିକାରୀମାନେ ଜବତ କରିଛନ୍ତି। ସେଥିରେ ଆଗାମୀ ବିଧାନସଭା ନିର୍ବାଚନ ପାଇଁ ଟିଏମ୍‌ସିର ଦଳୀୟ ପ୍ରାର୍ଥୀଙ୍କ ସମ୍ପୂର୍ଣ୍ଣ ବିବରଣୀ ରହିଛି। ସେଗୁଡ଼ିକୁ ଫେରସ୍ତ କରାଯାଉ ବୋଲି ଗଣମାଧ୍ୟମ ସମ୍ମୁଖରେ ମମତା କହିଛନ୍ତି। ରାଜନୈତିକ ଦଳର ଡାଟା ସଂଗ୍ରହ କରିବା ଇଡିର କର୍ତ୍ତବ୍ୟ କି ବୋଲି ମମତା ପ୍ରଶ୍ନ କରିଛନ୍ତି। ଆଇପିଏସି ଟିଏମ୍‌ସିକୁ ରାଜନୈତିକ କନ୍‌ସଲ୍ଟାନ୍ସି ପ୍ରଦାନ ସହ ଦଳର ଆଇଟି ଏବଂ ମିଡିଆ ଅପରେଶନ୍ ମଧ୍ୟ ପରିଚାଳନା କରିଥାଏ। ତେଣୁ ଚଳିତବର୍ଷ ହେବାକୁ ଥିବା ବିଧାନସଭା ନିର୍ବାଚନ ପୂର୍ବରୁ ଏହି ଯାଞ୍ଚ ଭାଜପାର ରଜନୈତିକ ପ୍ରତିଶୋଧ ବୋଲି ମମତା କହିଛନ୍ତି। ଟିଏମ୍‌ସି ସୁପ୍ରିମୋ ଆହୁରି ଅଭିଯୋଗ ଆଣିଛନ୍ତି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ବିରୋଧୀ ଦଳଗୁଡ଼ିକୁ ଭୟଭୀତ କରାଇବା ପାଇଁ ସାମ୍ବିଧାନିକ ସଂସ୍ଥାଗୁଡ଼ିକର ଦୁରୁପଯୋଗ କରୁଛନ୍ତି। ଦେଶକୁ ସୁରକ୍ଷା ଦେଇପାରୁ ନ ଥିବା ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ବାଚନ ପୂର୍ବରୁ ଏଜେନ୍ସିଗୁଡ଼ିକୁ ପଠାଉଛନ୍ତି। ସେ ଜିରୋରେ ପରିଣତ ହୋଇଯିବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ନିୟନ୍ତ୍ରଣରେ ରଖିବା ଜରୁରୀ ବୋଲି ମମତା କହିଛନ୍ତି। ସକାଳ ୬ଟାରେ ସଲ୍ଟ ଲେକ୍‌ସ୍ଥିତ ସେକ୍ଟର-ଭି'ର ଆଇ-ପିଏସି ଅଫିସରେ କେହି ନ ଥିବାବେଳେ ଇଡି ସେଠାରେ ତଲାସି କରିବା ଦୁର୍ଭାଗ୍ୟଜନକ। ଏହା ଏକ ଅପରାଧ ବୋଲି ମମତା ଅଭିଯୋଗ ଆଣିଛନ୍ତି।

ସୂତ୍ରରୁ ଜଣାପଡ଼ିଛି ଯେ, ମମତା ପ୍ରତୀକଙ୍କ ଘରେ ଥିବାବେଳେ ତଲାସି ସମୟରେ ଆଇ-ପିଏସି ଅଫିସରୁ ଅନେକ ଫାଇଲକୁ ସେଠାରୁ ନେଇ ମୁଖ୍ୟମନ୍ତ୍ରୀଙ୍କ ଗାଡ଼ିରେ ରଖାଯାଇଥିଲା। ଅପରାହ୍ନ ୧ଟାରେ ମମତା ସେକ୍ଟର-ଭି ଅଫିସରେ ପହଞ୍ଚିଥିଲେ। ସେତେବେଳେ ବିଧାନନଗର ପୋଲିସ କମିଶନରେଟ୍‌ର ବରିଷ୍ଠ ଅଧିକାରୀମାନେ ସମ୍ପୃକ୍ତ ଅଞ୍ଚଳକୁ ଘେରି ରହିଥିଲେ। ଏପରି କି ଟିଏମ୍‌ସିର କେତେଜଣ ନେତା ଓ ମନ୍ତ୍ରୀ ସେଠାରେ ଉପସ୍ଥିତ ଥିଲେ। ବିଧାନନଗର ମେୟର କ୍ରିଷ୍ଣା ଚକ୍ରବର୍ତ୍ତୀ ଓ ମନ୍ତ୍ରୀ ସୁଜିତ ବୋଷ ମଧ୍ୟ ଡିଜିପି ରାଜୀବ କୁମାରଙ୍କ ସହ ସେଠାରେ ରହିଥିଲେ। କେନ୍ଦ୍ରୀୟ ବଳ ବହୁତଳ ବିଶିଷ୍ଟ ଆଇ-ପିଏସି ଅଫିସର ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରିଦେଇଛି। ତେବେ ମମତା ଜଣେ ମୁଖ୍ୟମନ୍ତ୍ରୀ ହୋଇ ମଧ୍ୟ ତଦନ୍ତରେ ବାଧା ଦେଉଥିବା ଇଡି ପକ୍ଷରୁ ଅଭିଯୋଗ କରାଯାଇଛି। କୋଇଲା ଚାଲାଣ ଓ ମନି ଲଣ୍ଡରିଂ ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ମମତା ସୁରକ୍ଷା ଦେଉଥିବା ଅଭିଯୋଗ ଆଣି ଇଡି କଲିକତା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ବିନା ବାଧାରେ ତଦନ୍ତ କରିବାକୁ ଦିଆଯିବା ଲାଗି ହାଇକୋର୍ଟ ହସ୍ତକ୍ଷେପ କରନ୍ତୁ ବୋଲି ଇଡି ନିଜ ପିଟିଶନରେ ନିବେଦନ କରିଛି। ହାଇକୋର୍ଟ ଶୁକ୍ରବାର ଏହା ଉପରେ ଶୁଣାଣି କରିପାରନ୍ତି। ଇତିମଧ୍ୟରେ ଇଡି ପକ୍ଷରୁ ଏକ ବିବୃତି ଜାରି କରାଯାଇଛି। କୌଣସି ପାର୍ଟି ଅଫିସରେ ତଲାସି କରାଯାଇନାହିଁ। ଏହା କୌଣସି ନିର୍ବାଚନ ସହ ସମ୍ପୃକ୍ତ ନୁହେଁ, ବରଂ ମନି ଲଣ୍ଡରିଂ ବିରୋଧରେ ଚାଲିଥିବା ତଦନ୍ତର ଅଂଶବିଶେଷ। ଆଇନ ଅନୁସାରେ ଏହା କରାଯାଇଛି ବୋଲି ଇଡି ଉକ୍ତ ବିବୃତିରେ ସଫେଇ ଦେଇଛି। ସେପଟେ ପ୍ରତୀକଙ୍କ ପରିବାର ପକ୍ଷରୁ ମଧ୍ୟ ଇଡି ବିରୋଧରେ ଥାନାରେ ଏତଲା ଦିଆଯାଇଛି। ଚଢ଼ାଉ ବେଳେ ଇଡି ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଚୋରି କରିନେଇଥିବା ଏଥିରେ ଅଭିଯୋଗ କରାଯାଇଛି।

## ହିନ୍ଦୁ କର୍ମୀ ଦୀପୁ ଦାସ ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଗିରଫ

**ଢାକା,୮।୧**

ବାଂଲାଦେଶରେ ହିନ୍ଦୁ କର୍ମୀ ଦୀପୁ ଦାସଙ୍କୁ ପିଟି ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ମଦ୍ରାସାର ପୂର୍ବତନ ଶିକ୍ଷକ ୟାସିନ ଆରାଫତ୍‌ଙ୍କୁ ଗିରଫ କରାଯାଇଛି। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୨୧ ଜଣଙ୍କୁ ଗିରଫ କରାଗଲାଣି ବୋଲି ବାଂଲାଦେଶ ପୋଲିସ କହିଛି। ଗତ ମାସ ୧୮ ତାରିଖରେ ମିମେନ୍‌ସିଂ ଜିଲାର ସ୍କୋୟାର ମାଷ୍ଟରବାରି ଅଞ୍ଚଳରେ ହିନ୍ଦୁ ଯୁବକ ଦୀପୁଙ୍କୁ ଉତ୍ତ୍ୟକ୍ତ ଲୋକେ ପିଟି ହତ୍ୟା କରିବା ପରେ ଗଛରେ ଝୁଲାଇ ଜାଳିଦେଇଥିଲେ। ୨୫ ବର୍ଷୀୟ ୟାସିନ୍ ଏହି ଭିଡ଼ ହିଂସାର ନେତୃତ୍ୱ ନେଇଥିଲେ ବୋଲି ସ୍ଥାନୀୟ ଗଣମାଧ୍ୟମ କହିଛି। ସେ ଶେଖବାରି ମସ୍‌ଜିଦର ଇମାମ ରହିବା ସହ ୧୮ ମାସ ହେଲା ଏକ ମଦ୍ରାସାରେ ପାଠ ପଢ଼ାଉଥିଲେ।

## ଗୋରୁ ଚୋରି ଅଭିଯୋଗରେ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା

**ରାଞ୍ଚି,୮।୧**

ଝାଡ଼ଖଣ୍ଡର ଗୋଡା ଜିଲାରେ ଗୋରୁ ଚୋରି ସନ୍ଦେହରେ ଜଣେ ୪୫ ବର୍ଷୀୟ ମୁସଲମାନ ଯୁବକଙ୍କୁ ପିଟି ହତ୍ୟା କରାଯାଇଛି। ପୋରାୟାହାଟ ଥାନା ଅନ୍ତର୍ଗତ ମାତିହାନି ଗ୍ରାମରେ ବୁଧବାର ରାତିରେ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି। ମୃତକ ରାନିପୁର ଗ୍ରାମର ପପ୍ପୁ ଅନ୍‌ସାରୀ ବୋଲି ଜଣାପଡିଛି। ଆକ୍ରମଣକାରୀମାନେ ପପ୍ପୁଙ୍କ ବିରୋଧରେ ଗୋରୁ ଚୋରି ଅଭିଯୋଗ ଆଣିଥିଲେ।

# ନିଯୁକ୍ତି ଦୁର୍ନୀତି, ଦେଶବ୍ୟାପୀ ଇଡି ଚଢ଼ାଉ

**ନୂଆଦିଲ୍ଲୀ,୮।୧**

ସରକାରୀ ନିଯୁକ୍ତି ଦୁର୍ନୀତି ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦେଶବ୍ୟାପୀ ଚଢ଼ାଉ କରିଛି। ଏକ ସଂଗଠିତ ଗ୍ୟାଙ୍ଗ୍ ଜାଲ୍ ନିଯୁକ୍ତି ପ୍ରଦାନକରି ଆଶାୟୀଙ୍କୁ ଠକୁଥିଲେ। ରେଲୱେରେ ଏଭଳି ଦୁର୍ନୀତି ଚାଲିଥିବା ପ୍ରଥମେ ଜଣାପଡ଼ିଥିବାବେଳେ ପରେ ୪୦ରୁ ଊର୍ଦ୍ଧ୍ୱ ସରକାରୀ ସଂସ୍ଥା ଏବଂ ବିଭାଗରେ ଏହି ନେଟ୍‌ୱର୍କ ଚାଲିଥିବା ଜଣାପଡ଼ିଛି। ସମ୍ପୃକ୍ତ ବିଭାଗଗୁଡ଼ିକ ମଧ୍ୟରେ ରହିଛି ବନ ବିଭାଗ, ରେଲୱେ ରିକ୍ରୁଟ୍‌ମେଣ୍ଟ

### ୪୦ରୁ ଊର୍ଦ୍ଧ୍ୱ ବିଭାଗ ନାଁରେ ଦିଆଯାଉଥିଲା ଜାଲ୍ ନିଯୁକ୍ତି

ବୋର୍ଡ, ଇଣ୍ଡିଆନ୍ ପୋଷ୍ଟ, ଆୟକର ବିଭାଗ, ହାଇକୋର୍ଟ, ପିଡବ୍ଲୁଡି, ବିହାର ସରକାର, ଡିଡିଏ ଏବଂ ରାଜସ୍ଥାନ ସଚିବାଳୟ। ଗ୍ୟାଙ୍ଗ୍ ସଦସ୍ୟମାନେ ସରକାରୀ ଅଫିସରଙ୍କ ପରିଚୟ ଥିବା ଜାଲ୍ ଇମେଲ୍ ଆକାଉଣ୍ଟ ବ୍ୟବହାର କରୁଥିଲେ। ଚାକିରି ଆଶାୟୀଙ୍କ ବିଶ୍ୱାସ ଜିତିବା ପାଇଁ କେତେକ ଗ୍ୟାଙ୍ଗ୍ ସେମାନଙ୍କୁ ଆର୍‌ପିଏଫ୍ କର୍ମଚାରୀ, ଟିଟିଇ ଏବଂ ରେଲୱେର ଟେକ୍‌ନିସିଆନ ଭାବେ ନିଯୁକ୍ତି ଦେଇ ୨ରୁ ୩ ମାସ ବେତନ ମଧ୍ୟ ପୈଠ କରୁଥିଲେ।

ଏହାର ତଦନ୍ତର ଅଂଶବିଶେଷ ସ୍ୱରୂପ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦେଶର ୧୫ଟି ସ୍ଥାନରେ ଚଢ଼ାଉ କରିଛି। ମୁଜାଫରପୁରର ଗୋଟିଏ ସ୍ଥାନ, ବିହାର ମୋତିହାରିର ୨ଟି, କୋଲକାତାର ୨ଟି, କେରଳର ୪ଟି, ଚେନ୍ନାଇର ଗୋଟିଏ, ରାଜକୋଟର ଗୋଟିଏ, ଉତ୍ତରପ୍ରଦେଶର ୪ଟି ସ୍ଥାନରେ ଏହି ଚଢ଼ାଉ ହୋଇଛି।

## ଭାରତର ଆର୍ଥିକ ନିଅଣ୍ଟ ଧାର୍ଯ୍ୟସୀମା ଟପିବ

**ଚେନ୍ନାଇ,୮।୧**

ଖର୍ଚ୍ଚକାଟ କରି ବଜେଟ ନିଅଣ୍ଟ କମାଇବା ଏବଂ ସରକାରୀ ଋଣରେ ସ୍ଥିରତା ଆଣିବା ପାଇଁ ସରକାରଙ୍କ ଉଦ୍ୟମ ପରବର୍ତ୍ତୀ ଆର୍ଥିକ ବର୍ଷ ଉପରେ ଚାପ ପକାଇପାରେ। ୨୦୨୬-୨୭ ବଜେଟରେ ସରକାର ଆର୍ଥିକ ନିଅଣ୍ଟ ପରିମାଣ ୪.୩ ପ୍ରତିଶତ ଘୋଷଣା କରିପାରନ୍ତି। ତେବେ ଏହା ଆର୍ଥିକ ନିଅଣ୍ଟ ପରିମାଣ ମୋଟ ଘରୋଇ ଉତ୍ପାଦ (ଜିଡିପି)ର ୪.୬%କୁ ବଢ଼ିପାରେ ଏକ ରିପୋର୍ଟରେ କୁହାଯାଇଛି। ଫିଚ୍ ସଲ୍ୟୁଶନର ଶାଖା ବିଏମ୍‌ଆଇ ପକ୍ଷରୁ ଗୁରୁବାର ଉକ୍ତ ରିପୋର୍ଟ ପ୍ରକାଶ ପାଇଛି।

## ଭାରତୀୟ ଏଆଇ ଷ୍ଟାର୍ଟଅପ୍ ବୈଶ୍ୱିକ ନେତୃତ୍ୱ ଦିଗରେ କାମ କରନ୍ତୁ: ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୮।୧(ପି.ଟି.)**

ଭାରତ ଉପରେ ବିଶ୍ୱର ବିଶ୍ୱାସ ହେଉଛି ଏହାର ସବୁଠୁ ବଡ଼ ଶକ୍ତି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କହିଛନ୍ତି। ଭାରତୀୟ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ମଡେଲଗୁଡ଼ିକ ଯେପରି ନୈତିକ, ନିରପେକ୍ଷ, ସ୍ୱଚ୍ଛ ଏବଂ ଡାଟା ପ୍ରିଭେସି ସିଦ୍ଧାନ୍ତ ଆଧାରିତ ହେବ ତାହା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏଠାରୁ ଷ୍ଟାର୍ଟଅପ୍‌ଗୁଡ଼ିକ ବୈଶ୍ୱିକ ନେତୃତ୍ୱ ଦିଗରେ କାର୍ଯ୍ୟ କରିବା ଆବଶ୍ୟକ। ଭାରତ ସାରା ବିଶ୍ୱରେ ଶସ୍ତା ଏବଂ ଇନ୍‌କ୍ଲୁସିଭ୍ ଏଆଇ ଏବଂ ମିତବ୍ୟୟୀ ନବପ୍ରବର୍ତ୍ତନର ପ୍ରସାର କରିପାରିବ। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ, ୨୦୨୬ ପୂର୍ବରୁ ଭାରତୀୟ ଆଇଟି ଷ୍ଟାର୍ଟଅପ୍‌ମାନଙ୍କ ଏକ ବୈଠକରେ ପ୍ରଧାନମନ୍ତ୍ରୀ ଏଭଳି ପରାମର୍ଶ ଦେଇଛନ୍ତି। ଭାରତୀୟ ଏଆଇ ମଡେଲ ସ୍ୱତନ୍ତ୍ର ହେବା ସହ ସ୍ଥାନୀୟ ଏବଂ ସ୍ୱଦେଶୀ କଣ୍ଟେଣ୍ଟ ଏବଂ ଆଞ୍ଚଳିକ ଭାଷାର ପ୍ରୋତ୍ସାହନ କରୁ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

## ଫୁରସତ୍

# ବାମନଙ୍କ ଗାଁ

**ଏ**ଭଳି ଏକ ଗାଁ, ଯାହାକୁ ପଡ଼ୋଶୀ ଗାଁଗୁଡ଼ିକର ଲୋକେ 'ଅଭିଶପ୍ତ ଗାଁ'ର ଅଖ୍ୟା ଦେଇଥାନ୍ତି। କାରଣ ଏହି ଗାଁର ପ୍ରାୟ ଅଧା ଲୋକଙ୍କ ଉଚ୍ଚତା ୪ଫୁଟ୍‌ରୁ କମ୍ ହୋଇଥାଏ। ଏପରିକି ଏହି ଗାଁକୁ ମଧ୍ୟ ବାମନଙ୍କ ଗାଁ କୁହାଯାଇଥାଏ। 'ୟାଙ୍ଗ୍‌ସି' ନାମରେ ପରିଚିତ ଉକ୍ତ ଗ୍ରାମଟି ଚାଇନାର ସିଚୁଆନ ପ୍ରଦେଶରେ ଅବସ୍ଥିତ। ଏହି ଗାଁର ୫୦ ପ୍ରତିଶତ ଲୋକ ବାମନ। ଏଠାରେ ଜନ୍ମିତ ପିଲାମାନଙ୍କ ଉଚ୍ଚତା ୫ରୁ ୭ବର୍ଷ ବୟସ ପର୍ଯ୍ୟନ୍ତ ବଢ଼ିଥାଏ। ସାତ ବର୍ଷ ବୟସ ପରେ ଏହା ବନ୍ଦ ହୋଇଯାଏ। ତେବେ ଏଠାରେ ଯୁବକମାନଙ୍କ ଉଚ୍ଚତା କେବଳ ୨ ଫୁଟ୍‌ରୁ ୩ ଫୁଟ୍ ୧୦ ଇଞ୍ଚ ମଧ୍ୟରେ ରହିଥାଏ। ତଥାପି କିଛି ପିଲାଙ୍କ ଉଚ୍ଚତା ୧୦ ବର୍ଷ ବୟସ ପର୍ଯ୍ୟନ୍ତ ବଢୁଥିବା ଏବେ ଦେଖାଯାଉଛି। ପଡ଼ୋଶୀ ଗାଁଗୁଡ଼ିକର ଲୋକେ ବିଶ୍ୱାସ କରନ୍ତି ଯେ, ୟାଙ୍ଗ୍‌ସି ଗାଁକୁ ଏକ ଦୁଷ୍ଟ ଆତ୍ମା ଗ୍ରାସ କରିଛି। ଏହି କାରଣରୁ ଏଠାକାର ଲୋକଙ୍କ ଉଚ୍ଚତା ଅଧିକ ବଢ଼ି ପାରୁନାହିଁ। ଅନ୍ୟ ଏକ ବିଶ୍ୱାସ ରହିଛି ଯେ, ଏହି ଗାଁ ପ୍ରାଚୀନ କାଳରୁ ଅଭିଶାପପ୍ରାପ୍ତ, ଯାହାର ପ୍ରଭାବ ଲୋକଙ୍କ ଉଚ୍ଚତା ଉପରେ ପଡ଼େ। ତେବେ ଏହାର ପ୍ରକୃତ କାରଣ ଜାଣିବାରେ ବୈଜ୍ଞାନିକମାନେ ମଧ୍ୟ ସକ୍ଷମ ହୋଇନାହାନ୍ତି।



ରିପୋର୍ଟ ଅନୁଯାୟୀ, ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିମାନେ କୁହନ୍ତି, ଦଶନ୍ଧି ପୂର୍ବରୁ ଗାଁରେ ଏକ ବିପଜ୍ଜନକ ରୋଗ ବ୍ୟାପିଥିଲା। ଏହି କାରଣରୁ ଗାଁର ପିଲାମାନଙ୍କ ଉଚ୍ଚତା ଏକ ନିର୍ଦ୍ଦିଷ୍ଟ ସମୟ ପରେ ଆଉ ବୃଦ୍ଧି ପାଉନାହିଁ। ସୂଚନାଯୋଗ୍ୟ, ଏହି ଗାଁରେ ୬୦ ବର୍ଷରୁ ଅଧିକ ଦିନ ହେଲା ଲୋକଙ୍କ ଉଚ୍ଚତା ଅଧିକ ହେଉନାହିଁ। ଏହି ଗାଁ ସମ୍ପର୍କରେ ବିଭିନ୍ନ ଗବେଷଣା ମଧ୍ୟ କରାଯାଇଛି। ତା'ସତ୍ତ୍ୱେ ବୈଜ୍ଞାନିକମାନେ ଏହାର ପ୍ରକୃତ କାରଣ ଖୋଜିପାଇପାରି ନାହାନ୍ତି। ତେବେ କେତେଜଣ ବୈଜ୍ଞାନିକ ଗାଁର ପ୍ରାକୃତିକ ସମ୍ପଦ ସମ୍ପର୍କରେ ଗବେଷଣା କରିବା ପରେ କହିଛନ୍ତି, ଏଠାକାର ମାଟିରେ ପାରଦର ଉଚ୍ଚ ସ୍ତର ରହିଛି। ଏହା ଏକ କାରଣ ହୋଇପାରେ ବୋଲି ସେମାନେ ଅନୁମାନ କରିଛନ୍ତି। ଅପରପକ୍ଷେ, କିଛି ବର୍ଷ ପୂର୍ବରୁ ଜାପାନ ଚାଇନାରେ ବିଷାକ୍ତ ଗ୍ୟାସ୍ ଛାଡ଼ିଥିଲା। ଏହି ଗ୍ୟାସ୍ ହିଁ ଉକ୍ତ ଗାଁରେ ବାମନ ହେବାର କାରଣ ବୋଲି କେତେକ ବିଶ୍ୱାସ କରିନ୍ତି। ତଥାପି ଏହି ଗାଁରେ ବାମନ ରହସ୍ୟ ଅସମାହିତ ହୋଇରହିଛି।

# ଚର୍ଚ୍ଚାରେ ମୋନାଲିସାଙ୍କ ରୋମାନ୍ସ

**ମୁମ୍ବାଇ:** ମହାକୁମ୍ଭ ମେଳାର ଭାଇରାଲ ଗର୍ଲ 'ମୋନାଲିସା' କାହାକୁ ବା ଅଜଣା। ନିଜର ରୂପକୁ ନେଇ ସେ ରାତାରାତି ଷ୍ଟାର ପାଲଟି ଯାଇଥିଲେ। ଏବେ ତାଙ୍କ ନିକଟରେ ଗୋଟିଏରୁ ବଳି ଗୋଟିଏ ପ୍ରୋଜେକ୍ଟ। ସେ ମ୍ୟୁଜିକ୍ ଭିଡିଓ ହେଉ ଅବା ଫିଲ୍ମ, ସବୁକିଛିର ଅଫର୍ ତାଙ୍କ ହାତରେ। କେତେକର ଶୁଟିଂ ମଧ୍ୟ ଶେଷ ହେଲାଣି। ଏଇ ଯେମିତି ଏକ ପଞ୍ଜାବୀ ମ୍ୟୁଜିକ୍ ଭିଡିଓ 'ଦିଲ ଜାନିୟା', ଯାହାକୁ ଲାଇସେଲ ରାୟ ଗାଇଛନ୍ତି। ନିକଟରେ ମ୍ୟୁଜିକ୍ ଭିଡିଓଟି ରିଲିଜ ହେବା ପରେ ବେଶ୍ ଚର୍ଚ୍ଚାରେ ରହିଛି। କାରଣ ଏଥିରେ ତାଙ୍କ ସହ ନଜର ଆସିଛନ୍ତି ଅଭିନେତା ସମର୍ଥ ମେହେଟ୍ଟା। ଉଭୟଙ୍କ ମଧ୍ୟରେ ଅନେକ ରୋମାଣ୍ଟିକ ଦୃଶ୍ୟ ଦେଖିବାକୁ ମିଳୁଛି। ବେଳାଭୂମିରେ ରୋମାନ୍ସଠାରୁ ବିବାହ ଯାଏ, ସବୁକିଛିକୁ ଦର୍ଶକେ ପସନ୍ଦ କରୁଛନ୍ତି।

ସୂଚନାଯୋଗ୍ୟ, ମହାକୁମ୍ଭରେ ମାଳା ବିକ୍ରୟ କରି ମୋନାଲିସା ଭୋଁସଲେ ଭାଇରାଲ ହୋଇଥିଲେ। ବିଶେଷକରି ତାଙ୍କ ମନମୋହକ ଆଖିକୁ ପ୍ରଶଂସା କରାଯାଇଥିଲା। ଏହାପରେ ତାଙ୍କ ଭାଗ୍ୟ ବଦଳିଗଲା। ଫିଲ୍ମ ଅଫର ମିଳିବା ଆରମ୍ଭ ହେଲା। ଅନେକ ବଡ଼ ଫଟୋଶୁଟ୍ ପରେ ଏବେ ସେ ତାଙ୍କର ଆଗାମୀ ଫିଲ୍ମ 'ଦ ଡାଏରୀ ଅଫ୍ ମଣିପୁର' ପାଇଁ ବ୍ୟସ୍ତ ଅଛନ୍ତି। ଫିଲ୍ମରେ ସେ ଅଭିଷେକ ତ୍ରିପାଠୀଙ୍କ ସହ ନଜର ଆସିବେ। ଏସବୁ ମଧ୍ୟରେ ତାଙ୍କର ନୂଆ ଭିଡିଓ ସୋସିଆଲ ମିଡିଆରେ ଚହଳ ସୃଷ୍ଟି କରିଥିବା ଅନେକେ ମତ ରଖୁଛନ୍ତି।



ମୋନାଲିସା ଭୋଁସଲେ

## ଇଡି ଚଢ଼ାଉ ବେଳେ ମମତାଙ୍କ ଚିତ୍କାର




# ଭୂତଙ୍କୁ ଦିଆଯାଇଛି ଛାତ୍ରବୃତ୍ତି

ଭୁବନେଶ୍ୱର,୮ା୧
(ରବିନାରାୟଣ ଜେନା)

ରାଜ୍ୟରେ ଛାତ୍ରବୃତ୍ତି ନାଁରେ ଜାଲିଆତି କରି ବହୁ ଶିକ୍ଷାନୁଷ୍ଠାନ କୋଟି କୋଟି ଟଙ୍କା ଆତ୍ମସାତ୍ କରିଛନ୍ତି। କେଉଁଠି ଛାତ୍ରୀଛାତ୍ରଙ୍କ ଜାତିଗତ ପ୍ରମାଣପତ୍ର ଜାଲିଆତି କରାଯାଇଛି ତ ଆଉ କେଉଁଠି ଆୟ ପ୍ରମାଣପତ୍ର। କଥା କେବଳ ଏତିକିରେ ସୀମିତ ରହିନାହିଁ, ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ମଧ୍ୟ ବିପୁଳ ଅର୍ଥ ସରକାରୀ ବାବୁ ଓ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷ ଛାତ୍ରବୃତ୍ତି ନାଁରେ ଲୁଟି ନେଇଛନ୍ତି। ଏଭଳି ସାଙ୍ଘାତିକ ଘଟଣା ଭାରତର ମହାଲେଖା ନିୟନ୍ତ୍ରକ(ସିଏଜି) ସମୀକ୍ଷା ସମୟରେ ଧରିଛନ୍ତି। ଏହାକୁ ନେଇ ମଙ୍ଗଳବାର ଅନୁଷ୍ଠିତ ପବ୍ଲିକ ଆକାଉଣ୍ଟସ କମିଟି ବୈଠକରେ ଉଦ୍‌ବେଗ ପ୍ରକାଶ ପାଇବା ସହିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ସଚିବ ବି. ପରମେଶ୍ୱରନ, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲ ଏବଂ ଦକ୍ଷତା ବିକାଶ ବିଭାଗ ସଚିବ ଭୂପେନ୍ଦ୍ରସିଂ ପୁନିଆଙ୍କୁ ତ୍ୱରିତ୍ ପଦକ୍ଷେପ ନେବାପାଇଁ କୁହାଯାଇଛି ବୋଲି କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି।

କାଡାମ କହିଛନ୍ତି, ବିଜେଡି ସଦସ୍ୟ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପିଏସି ବୈଠକରେ

### ପିଏସି ବୈଠକରେ ଉଦ୍‌ବେଗ

ପୂର୍ବ ସରକାରରେ କିଭଳି ଜଙ୍ଗଲ ରାଜ୍ ଚାଲିଥିଲା ତା'ର ଗୁମର ଖୋଲିଛି। ପୂର୍ବ ସରକାର ଏହାକୁ ଘଣ୍ଟ ଘୋଡ଼ାଇ ରଖିଥିବାବେଳେ ଏବେକାର ସରକାର ମଧ୍ୟ ଏପର୍ଯ୍ୟନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କେବଳ କାଗଜପତ୍ରରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। କାଡାମ ସିଏଜିଙ୍କ ତଥ୍ୟକୁ ଆଧାର କରି କହିଛନ୍ତି, ରାଜ୍ୟ ବାହାର ସଂସ୍ଥା ଏବଂ ବିଭିନ୍ନ ଇଞ୍ଜିନିୟରିଂ କଲେଜ କର୍ତ୍ତୃପକ୍ଷଙ୍କ ସହିତ ରାଜ୍ୟ ସରକାରଙ୍କ ବଡ଼ବାବୁମାନେ ମିଳିମିଶି ରାଜକୋଷକୁ ଲୁଟିଛନ୍ତି। ସିଏଜିଙ୍କ ତଥ୍ୟ ଅନୁଯାୟୀ, 'ପ୍ରେରଣା' ପୋର୍ଟାଲରେ ସହିତ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିବା ଛାତ୍ରୀଛାତ୍ରଙ୍କ ତାଳମେଳ ନାହିଁ କି ତାଙ୍କର ନାଁ ମଧ୍ୟ ନାହିଁ; ଯେଉଁଥିପାଇଁ ୧.୩୮କୋଟି ଟଙ୍କା କେବଳ ଜାଲ୍ ଜାତିଗତ ଓ ଆୟ ପ୍ରମାଣପତ୍ର ଦାଖଲ କରିଥିବା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସିଏଜିଙ୍କ ପକ୍ଷରୁ ରିପୋର୍ଟ ନମ୍ବର-୩ରେ ଜାଲ୍ ଛାତ୍ରୀଛାତ୍ରଙ୍କୁ ଚିହ୍ନଟ କରି ରାଜକୋଷକୁ ଉକ୍ତ ଟଙ୍କା ଫେରାଇ ଆଣିବାକୁ କୁହାଯାଇଥିଲେ ହେଁ ଏପର୍ଯ୍ୟନ୍ତ ତାହା ସମ୍ଭବ ହୋଇନାହିଁ। ସେହିପରି ୭କୋଟି ୪୦ଲକ୍ଷ ଟଙ୍କା ବେଆଇନ ବ୍ୟାଙ୍କ ଖାତାରେ ବିନା ଡକ୍ୟୁମେଣ୍ଟ ଯାଞ୍ଚରେ ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ୨୦୧୭-୧୮ରୁ ୨୦୧୯-୨୦ବର୍ଷ ମଧ୍ୟରେ ସିଏଜିଙ୍କ ପକ୍ଷରୁ ହୋଇଥିବା ସମୀକ୍ଷା ବେଳେ ଏହିଭଳି ସାଙ୍ଘାତିକ ତଥ୍ୟ ସାମ୍ନାକୁ ଆସିଛି। ସେହିପରି ରାଜଧାନୀସ୍ଥିତ ୪ଟି ଇଞ୍ଜିନିୟରିଂ କଲେଜ ବିନା ଛାତ୍ରୀଛାତ୍ରରେ ଭୂତ ଛାତ୍ରୀଛାତ୍ରଙ୍କ ନାଁରେ ଛାତ୍ରବୃତ୍ତି ଅର୍ଥ ଚଳୁ କରିଛନ୍ତି।

ସେହିପରି ୩.୧୫ କୋଟି ଟଙ୍କା ବେଆଇନ ଭାବେ ଡିପ୍ଲୋମା ଛାତ୍ରୀଛାତ୍ରଙ୍କୁ ଛାତ୍ରବୃତ୍ତି ନାଁରେ ପ୍ରଦାନ କରାଯାଇଛି। ସେଥିମଧ୍ୟରୁ ୭୪.୬୬ଲକ୍ଷ ଟଙ୍କା କେବଳ ଛାତ୍ରୀଛାତ୍ରଙ୍କୁ ଡବଲ ପେମେଣ୍ଟ(ଦୁଇଥର ଦେୟ) କରାଯାଇଛି। ଏହାକୁ ନେଇ ସମ୍ପୃକ୍ତ ଜିଲା ପ୍ରଶାସନକୁ ଚଢ଼ଉ କରି କାର୍ଯ୍ୟାନୁଷ୍ଠାନ ନେବାକୁ କୁହାଯାଇଛି। ଏହାସହିତ କେତେକ କ୍ଷେତ୍ରରେ ଥାନାରେ ମାମଲା ରୁଜୁ କରାଯିବା ସହିତ ରିକଭରି(ଟଙ୍କା ଫେରସ୍ତ) ପ୍ରକ୍ରିୟା ଆରମ୍ଭ ହୋଇଛି। ହେଲେ ସେସବୁ ଧର୍ମକୁ ଆଖିଠାର ଭଳି ଚାଲିଛି ବୋଲି କାଡାମ କହିଛନ୍ତି। ତେବେ ପିଏସି ବୈଠକରେ ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ଏବଂ ଭାଜପା ସଦସ୍ୟ ସାରଦା ପ୍ରଧାନ ଉପସ୍ଥିତ ଥିଲେ।

# କେନ୍ଦ୍ର ସରକାରଙ୍କ ହାତୀ ଷ୍ଟିଅରିଂ କମିଟିରେ ସୁଶାନ୍ତ ନନ୍ଦ ସଦସ୍ୟ

ଭୁବନେଶ୍ୱର,୮ା୧
(ରବିନାରାୟଣ ଜେନା)



ଜଙ୍ଗଲ,ପରିବେଶ ଓ ଜଳବାୟୁ ମନ୍ତ୍ରଣାଳୟ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ଲାଗି ଗଠନ ହୋଇଥିବା ଷ୍ଟିଅରିଂ କମିଟିରେ ଓଡ଼ିଶାର ପୂର୍ବତନ ପିସିସିଏଫ୍ ତଥା ବରିଷ୍ଠ ଆଇଏଫ୍‌ଏସ୍ ସୁଶାନ୍ତ ନନ୍ଦ ସଦସ୍ୟ ଭାବେ ନିଯୁକ୍ତ ହୋଇଛନ୍ତି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମା ଅନୁଯାୟୀ, ଏହି ହାତୀ ପ୍ରକଳ୍ପ ଷ୍ଟିଅରିଂ କମିଟିରେ କେନ୍ଦ୍ର ଜଙ୍ଗଲ, ପରିବେଶ ମନ୍ତ୍ରୀ ଅଧ୍ୟକ୍ଷ ରହିଥିବାବେଳେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଉପାଧ୍ୟକ୍ଷ ଏବଂ ଏହି ପ୍ରକଳ୍ପକମିଟିରେ ନିର୍ଦ୍ଦେଶକ ସଦସ୍ୟ ସଚିବ ରହିଛନ୍ତି। ଏହାସହିତ କମିଟିରେ ୧୩ଜଣ ସଦସ୍ୟ ରହିଥିବାବେଳେ ଓଡ଼ିଶାରୁ ସୁଶାନ୍ତ ନନ୍ଦ ରହିଛନ୍ତି।

ମନ୍ତ୍ରଣାଳୟର ନିର୍ଦ୍ଦେଶନାମା ଅନୁଯାୟୀ, ଏହି ପ୍ରୋଜେକ୍ଟ ଏଲିଫ୍ୟାଣ୍ଟରେ ନିୟୋଜିତ ସଦସ୍ୟମାନଙ୍କ ଅବଧି ୩ବର୍ଷ ରହିବ। ସମୟକ୍ରମେ ଉକ୍ତ କମିଟି ହାତୀଙ୍କ ସୁରକ୍ଷା ଦିଗରେ ସ୍ୱତନ୍ତ୍ର ଗାଇଡାନ୍ସ ଦେଇପାରିବେ। ସୂଚନାଯୋଗ୍ୟ ଯେ, ସୁଶାନ୍ତ ନନ୍ଦ ରାଜ୍ୟ ସରକାରରେ ପୂର୍ବରୁ ପିସିସିଏଫ୍(ନୋଡାଲ) ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ନିର୍ଦ୍ଦେଶକ ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଛନ୍ତି। ଏହାସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ହାତୀ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମରେ ପରାମର୍ଶଦାତା ଭାବେ କାର୍ଯ୍ୟ କରି ତୁଲାଇଛନ୍ତି।

# ଟେଣ୍ଡର ପ୍ରକ୍ରିୟା ସମୟସୀମାରେ ଶେଷକର: ଶୁଭା ଶର୍ମା

ଭୁବନେଶ୍ୱର, ୮ା୧(ସୁନିତ୍ ମିଶ୍ର)

ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଗୁରୁବାର ବରିଷ୍ଠ ଅଧିକାରୀଙ୍କ ବୈଠକରେ ଜଳ ସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକଳାପ ସମୀକ୍ଷା କରିଛନ୍ତି। ସମୀକ୍ଷା ସମୟରେ ରାଜ୍ୟରେ ଜଳସେଚନ ବୃଦ୍ଧି ପାଇଁ ପାଣିର ଉପଯୋଗ ସୁନିଶ୍ଚିତ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ବିଚାରାଧୀନ ପ୍ରକଳ୍ପଗୁଡ଼ିକର ଶୀଘ୍ର ଅନୁମୋଦନ ପାଇଁ ସେ ତ୍ୱରିତ ପଦକ୍ଷେପ ନେବା, ଟେଣ୍ଡର ପ୍ରକ୍ରିୟାକୁ ସମୟସୀମା ଭିତରେ ସାରିବା ଏବଂ ଚାଲୁଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସମସ୍ତ ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତଥ୍ୟ ସଂଗ୍ରହ, ଅନ୍‌ଲାଇନ ତଥ୍ୟ ମନିଟରିଂ ସିଷ୍ଟମ, କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଯୋଜନାର ପ୍ରଭାବ ସମ୍ପର୍କିତ ମୂଲ୍ୟାଙ୍କନ ଏବଂ ସ୍କାଡା ପ୍ରଯୁକ୍ତିବିଦ୍ୟାର ପ୍ରଭାବ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯାଇଛି।

# ବଢ଼ିଲା ଗ୍ରାମସଭାର ଗୁରୁତ୍ୱ

### ଜାରି ହେଲା ପଞ୍ଚାୟତିରାଜ ବିଭାଗର ବିଜିବିଓ ସଂକଳ୍ପ

ଭୁବନେଶ୍ୱର,୮ା୧
(ରବିନାରାୟଣ ଜେନା)

ଏଣିକି ପଞ୍ଚାୟତରେ ଯେଉଁ ଉନ୍ନତିମୂଳକ କାର୍ଯ୍ୟ ହେବ ତାହାକୁ ଗ୍ରାମସଭା ନିଷ୍ପତ୍ତି ନେବ ବୋଲି ବିକଶିତ ଗାଁ ବିକଶିତ ଓଡ଼ିଶା(ବିଜିବିଓ) ଯୋଜନାର ସଂକଳ୍ପରେ କୁହାଯାଇଛି। ବୁଧବାର ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ ବିଜିବିଓ ଯୋଜନା ଅଧୀନରେ ଏବଂ ପ୍ରକଳ୍ପ ଚୟନରେ ସ୍ୱଚ୍ଛତା ଅବଲମ୍ବନ କରିବା ତଥା ଗୋଷ୍ଠୀ ଭାଗୀଦାରିତାକୁ ସୁଦୃଢ଼ କରିବା ଲାଗି ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଜାରି ସଂକଳ୍ପରେ କୁହାଯାଇଛି, ଗ୍ରାମସଭାରେ ପଞ୍ଚାୟତର ଉନ୍ନତିମୂଳକ କାର୍ଯ୍ୟ ନିର୍ଦ୍ଧାରଣ ବେଳେ ବ୍ଲକ୍ କ୍ଷେତ୍ରୀୟ ଅଧିକାରୀ ଉପସ୍ଥିତ ରହିବେ। ଏହାପରେ ଉକ୍ତ ପ୍ରସ୍ତାବକୁ ଜିଲାପାଳଙ୍କୁ ନିକଟକୁ ପଠାଯିବ। ଜିଲାସ୍ତରୀୟ କମିଟି ଉକ୍ତ ପ୍ରସ୍ତାବକୁ ଯାଞ୍ଚ କରିବେ ଏବଂ ଜିଲାପାଳ ଅନୁମୋଦନ କରିବେ। ତେବେ ପ୍ରକଳ୍ପ କାର୍ଯ୍ୟ ଯେପରି ସୁନିଶ୍ଚିତ ହେବ ସେଥିପାଇଁ ୧୦ ଲକ୍ଷ ଟଙ୍କାରୁ ଅଧିକ ସମସ୍ତ ପ୍ରକଳ୍ପ ପାଇଁ ଶେଷ ତାରିଖରୁ ୩ବର୍ଷର ଏକ ବାଧ୍ୟତାମୂଳକ ତ୍ରୁଟି ଦାୟିତ୍ୱ ଅବଧି କାର୍ଯ୍ୟକାରୀ କରାଯାଇଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ବିଜିବିଓକୁ ଅଧିକ ସଶକ୍ତ କରିବା ଲାଗି ନିକଟରେ କ୍ୟାବିନେଟ୍‌ରେ ସଂଶୋଧନ ଅଣାଯାଇଥିଲା। ସେଥିରେ ପଞ୍ଚାୟତରେ ଆବଶ୍ୟକତା ଭିତ୍ତିକ ପ୍ରକଳ୍ପର ପ୍ରସ୍ତାବଗୁଡ଼ିକ ଜିଲାପାଳ, ଜିଲା ପରିଷଦ, ବ୍ଲକ୍, ଗ୍ରାମପଞ୍ଚାୟତ କାର୍ଯ୍ୟାଳୟର ସୂଚନା ଫଳକ ଓ ଜିଲା ୱେବ୍‌ପୋର୍ଟାଲରେ ଏକ ବିଜ୍ଞପ୍ତି ପ୍ରକାଶ କରାଯିବ। ଏହା ମାଧ୍ୟମରେ ପିଆର୍‌ଆଇ ସଭ୍ୟ / ନିର୍ବାଚିତ ପ୍ରତିନିଧି/ନାଗରିକ ସମାଜ ସଦସ୍ୟଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରାଯିବ। ଏହି ପ୍ରସ୍ତାବଗୁଡ଼ିକ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ଜିଲା ସ୍ତରୀୟ କମିଟି ଦ୍ୱାରା ସମୀକ୍ଷା କରାଯିବା ପରେ ଚୂଡ଼ାନ୍ତ ଅନୁମୋଦନ ପ୍ରଦାନ କରାଯିବ।

# ଶ୍ରୀମନ୍ଦିର ଭକ୍ତନିବାସ ପାର୍କିଂ ଫି' ୫୦୦ ଟଙ୍କା

ପୁରୀ,୮ା୧(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ ଅଧୀନରେ ଥିବା ୪ଟି ଭକ୍ତନିବାସର ପାର୍କିଂ ଫି' ବୃଦ୍ଧି କରାଯାଇଛି। ଏଣିକି ଯେଉଁ ଯାତ୍ରୀମାନେ ଭକ୍ତନିବାସରେ ରହିବା ପାଇଁ ଆସୁଛନ୍ତି ଓ ଚାରିଚକିଆ ଯାନ ଆଣୁଛନ୍ତି, ସେମାନଙ୍କୁ ଗାଡ଼ି ପାର୍କିଂ ଫି' ଦେବାକୁ ପଡ଼ିବ। ପ୍ରଶାସନ ପକ୍ଷରୁ ପାର୍କିଂ ଫି' ୫୦୦ ଟଙ୍କା କରାଯାଇଛି। ୨୪ ଘଣ୍ଟା ପାଇଁ ୧୮ ପ୍ରତିଶତ ଜିଏସ୍‌ଟି ସହ ୫୦୦ ଟଙ୍କା ଧାର୍ଯ୍ୟ କରାଯାଇଥିବାବେଳେ ଜାନୁଆରୀ ୭ରୁ ସମସ୍ତ ୪ଟି ଭକ୍ତନିବାସରେ ଏହା ଆଦାୟ କରାଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଭକ୍ତନିବାସ ନୋଟିସ ବୋର୍ଡରେ ଲଗାଯାଇଥିବା ନୋଟିସରେ ଉଲ୍ଲେଖ ରହିଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଶ୍ରୀମନ୍ଦିର ପରିଚାଳନା କମିଟିରେ ଏ ସଂକ୍ରାନ୍ତରେ ଆଲୋଚନା ହୋଇ ନ ଥିବା କୁହାଯାଉଛି। ଉକ୍ତ ଫି' ବୃଦ୍ଧିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇବା ସହ ବିରୋଧ କରାଯାଇଛି।

ସୂଚନା ଅନୁଯାୟୀ, ଶ୍ରୀମନ୍ଦିର ପ୍ରଶାସନ

### ସାଧାରଣରେ ଅସନ୍ତୋଷ ଓ ବିରୋଧ

ଅଧୀନରେ ନୀଳାଦ୍ରି ଭକ୍ତନିବାସ, ନୀଳାଚଳ ଭକ୍ତନିବାସ, ପୁରୁଷୋତ୍ତମ ଭକ୍ତନିବାସ ଏବଂ ଶ୍ରୀଗୁଣ୍ଡିଚା ଭକ୍ତନିବାସ ରହିଛି। ଏହି ୪ଟି ଭକ୍ତନିବାସକୁ ଆସୁଥିବା ଭକ୍ତ ଓ ପର୍ଯ୍ୟଟକମାନେ ଏବେ ସେମାନଙ୍କ ଗାଡ଼ି ପାର୍କିଂ ପାଇଁ ଫି' ବାବଦ ଅଧିକ ଟଙ୍କା ଦେବାକୁ ପଡ଼ିବ। ଏହି ଫି' ୨୪ ଘଣ୍ଟା ପାଇଁ ୫୦୦ ଟଙ୍କା ରହିଛି। ତେବେ ପ୍ରଶାସନର ଏପରି ନିଷ୍ପତ୍ତିକୁ ନେଇ ଭକ୍ତ ଓ ପର୍ଯ୍ୟଟକମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ରୁମ୍ ଭଡ଼ା ପାଇଁ ଟଙ୍କା ଦେଉଥିବା ବେଳେ ପାର୍କିଂ ଫି' କାହିଁକି ଦେବେ ବୋଲି ପ୍ରଶ୍ନ କରିଛନ୍ତି। ଏନେଇ ଶ୍ରୀମନ୍ଦିରର ବରିଷ୍ଠ ସେବାୟତ ବିନାୟକ ଦାସ ମହାପାତ୍ର କହିଛନ୍ତି, ଏଭଳି ନିଷ୍ପତ୍ତି ନିଶ୍ଚିତ ଭକ୍ତଙ୍କୁ ବାଧିବ। ଅଧିକାଂଶ ଭକ୍ତ ପୁରୀ ବୁଲିବାକୁ ଆସିଲେ ଦୁଇ ତିନିଦିନ ରହିବାକୁ ଇଚ୍ଛା ପ୍ରକାଶ କରୁଛନ୍ତି। ଦିନକୁ ଯଦି ୧୬ଶହରୁ ୧୮ଶହ ଟଙ୍କା ରୁମ୍ ଭଡ଼ାକୁ ଛାଡ଼ି ପୁଣି ଗାଡ଼ି ପାର୍କିଂ ବାବଦ ୫୦୦ ଟଙ୍କା ଦେବେ, ତେବେ ତାହା ଭକ୍ତଙ୍କ ଅସନ୍ତୋଷର କାରଣ ପାଲଟିବ। ଏପରି କର ଲଗାଇବା ଉଚିତ ନୁହେଁ। ଏନେଇ ମଧ୍ୟ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଆଲୋଚନା କରାଯାଇନାହିଁ। ନିଷ୍ପତ୍ତିର ପୁନର୍ବିଚାର ପାଇଁ ମୁଖ୍ୟ ପ୍ରଶାସକଙ୍କୁ ଅନୁରୋଧ କରାଯିବ। ତେବେ ଭକ୍ତ ଓ ପର୍ଯ୍ୟଟକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରାଯିବା ଉଚିତ। ସେହିପରି ପର୍ଯ୍ୟଟକ ରମାବଲ୍ଲଭ କାନୁନ୍‌ଗୋ କହିଛନ୍ତି, ଏପରି ନିୟମ ଫଳରେ ବହୁତ ବାଧୁଛି। ଅନ୍ୟ କେଉଁଠାରେ ଏପରି ନିୟମ ନାହିଁ। ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ କାନୁନ୍‌ଗୋ ଦାବି କରିଛନ୍ତି। ପୁରୀ ବିଧାୟକ ସୁନୀଲ ମହାନ୍ତି କହିଛନ୍ତି, ଯଦି କିଏ ହୋଟେଲରେ ରହିବେ, ତେବେ ସେ କ'ଣ ତାଙ୍କ ଗାଡ଼ି ଅନ୍ୟ କେଉଁଠି ରଖିବେ। ହେବ, ତାହା କରାଯିବ। ଅନ୍ୟପକ୍ଷରେ ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା କହିଛନ୍ତି, ନିଷ୍ପତ୍ତି ଉପରେ ଆଉଥରେ ବିଚାର ବିମର୍ଶ କରାଯିବ। ତାହା ପରେ ଯାହା ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ, ସେ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରାଯିବ।










## ଯୁକ୍ତ ୨ ଗୃହ ବିଜ୍ଞାନ ପରୀକ୍ଷା ତାରିଖ ବଦଳିଲା

ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ): ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରିଚାଳିତ ଯୁକ୍ତ୨ ବାର୍ଷିକ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ମାର୍ଚ୍ଚ ୧୩ରେ ହେବାକୁ ଥିବା ଗୃହ ବିଜ୍ଞାନ ପରୀକ୍ଷା ୨୮ ତାରିଖରେ ହେବ। ଉଭୟ ରେଗୁଲାର ଓ ଏକ୍ସ ରେଗୁଲାର ପରୀକ୍ଷାର୍ଥୀମାନେ ଉକ୍ତଦିନ ସକାଳ ୧୦ରୁ ଅପରାହ୍ନ ୧ ପର୍ଯ୍ୟନ୍ତ ପରୀକ୍ଷା ଦେବେ। ଅନ୍ୟ ସମସ୍ତ ପରୀକ୍ଷା ସୂଚୀ ଅପରିବର୍ତ୍ତିତ ରହିଛି ବୋଲି ପରୀକ୍ଷା ନିୟନ୍ତ୍ରକ ଡ. ପ୍ରଶାନ୍ତ କୁମାର ପରିଡ଼ା ସୂଚନା ଦେଇଛନ୍ତି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବାର୍ଷିକ ପୁଷ୍ପ ପ୍ରଦର୍ଶନୀ, ସ୍ଥାନ: ବୋଟାନିକାଲ ଗାର୍ଡେନ୍ସ, ସମୟ: ସକାଳ ୮ଟା ୩୦।
- ଏସ୍‌ଭିଏନ୍‌ଆଇଆର୍‌ଟିଏଆର୍ ପକ୍ଷରୁ ଇଣ୍ଟରନ୍ୟାଶନାଲ ମାନୁଆଲ୍ ଥେରାପି କନ୍‌ଫରେନ୍ସ, ସ୍ଥାନ: ମେନ୍ ଅଡିଟୋରିୟମ୍, ଏମ୍ସ, ସମୟ: ସକାଳ ୯ଟା ୩୦।
- ନ୍ୟାଶନାଲ ବାମ୍ବୋ କନ୍‌କ୍ଲେଭ, ସ୍ଥାନ: କ୍ରିଷ୍ଟାଲ କ୍ରାଉନ୍, ପଟିଆ, ସମୟ: ସକାଳ ୯ଟା ୩୦।
- ଓଡ଼ିଶା ସାମ୍ବାଦିକ ୟୁନିଅନ୍(ଓୟୁଜେ) ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- କଳିଙ୍ଗ ସାହିତ୍ୟ ମହୋତ୍ସବ, ସ୍ଥାନ: ମେ ଫେୟାର, ସମୟ: ଅପରାହ୍ନ ୪ଟା ୩୦।
- ଗୀତ ଗୀତିକା ପକ୍ଷରୁ ବାର୍ଷିକ ଉତ୍ସବ ପାଳନ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ବିଂଶତମ ବାର୍ଷିକ ସାମୂହିକ ୧୦୮ ଶ୍ରୀହନୁମାନ ଚାଳିଶା ପାଠ ମହାଯଜ୍ଞ, ସ୍ଥାନ: ରାମେଶ୍ୱର ମନ୍ଦିର, ସମୟ: ସନ୍ଧ୍ୟା ୬ଟା।

**କଟକ**
- ନୂଆପାଟଣା ପ୍ରାଥମିକ କୃଷି ସେବା ସମବାୟ ସମିତି ତରଫରୁ ଧାନମଣ୍ଡି ଶୁଭାରମ୍ଭ, ସ୍ଥାନ: କଳାପାଟ ମାର୍କେଟ କମ୍ପ୍ଲେକ୍ସ, ନୂଆପାଟଣା, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳାର ଦ୍ୱିତୀୟ ଦିବସ, ସ୍ଥାନ: ତଳ ବାଲିଯାତ୍ରା ପଡ଼ିଆ, ସମୟ: ଅପରାହ୍ନ ୩ଟା ୩୦।
- ହାତୀପୋଖରୀ ଛକସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ଅପରାହ୍ନ ୪ଟା।
- ପ୍ରଜ୍ଞାନ ମିଶନର ପକ୍ଷରୁ ତିନିଦିନିଆ ଗୀତାଜ୍ଞାନ ଯଜ୍ଞର ଉଦ୍‌ଘାଟନୀ, ସ୍ଥାନ: ଆନନ୍ଦଭବନ ସମ୍ମୁଖ ଖେଳପଡ଼ିଆ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।
- କୁହ୍ନେଇପଡ଼ା ରାଧାକୃଷ୍ଣ ମନ୍ଦିର ପରିଚାଳନା ସମିତି ପକ୍ଷରୁ ସ୍ୱାମୀ ମୁକୁନ୍ଦାନନ୍ଦଙ୍କ ପ୍ରବଚନର ଉଦ୍‌ଯାପନୀ, ସ୍ଥାନ: ସାରଳା ଭବନ, ବିଜୁ ପଟ୍ଟନାୟକ ଛକ, ସମୟ: ସନ୍ଧ୍ୟା ୫ଟା ୩୦।

**ବାଲେଶ୍ୱର**
- ଅଗ୍ରୱାଲା ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାଳୟ ପରିସର, ହଳଦୀପଦା, ବାଲେଶ୍ୱର, ସମୟ: ସକାଳ ୯ଟା।
- ହସ୍ତଶିଳ୍ପ ଓ ହସ୍ତତନ୍ତ ପ୍ରଦର୍ଶନୀ, ସ୍ଥାନ: ସୁରଭି ପ୍ଲାଜା, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବାବୁ ଭାଇଜାନ ଚାମ୍ପିୟନ୍ସ ଟ୍ରଫି (ଡିପିଏଲ୍), ସ୍ଥାନ: ଦରଖୋଳି ଖେଳ ପଡ଼ିଆ, ରୂପସା, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଜଗନ୍ନାଥଙ୍କ ୩୨ ବେଶ, ନୃତ୍ୟ ମହୋତ୍ସବ ଓ ଗ୍ରାମୀଣ ମେଳା-୨୦୨୬ ଉଦ୍‌ଯାପନୀ ଦିବସ, ସ୍ଥାନ: ସିଂଲା, ବାଲେଶ୍ୱର, ସମୟ: ମଧ୍ୟାହ୍ନ ୧୨ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପନୀ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।
- ହିନ୍ଦୁ ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଈଶ୍ୱରବର୍ତ୍ତୀ ମନ୍ଦିର ପରିସର, ବସ୍ତା, ସମୟ: ଅପରାହ୍ନ ୩ଟା।
- ସୁବର୍ଣ୍ଣ ଚାନ୍ଦିପୁର ବେଳାଭୂମି ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ଚାନ୍ଦିପୁର ବେଳାଭୂମି, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।

**ଭଦ୍ରକ**
- ଧାନ ମଣ୍ଡି ଉଦ୍‌ଘାଟନ, ସ୍ଥାନ: ସାବରଙ୍ଗ ସେବା ସମବାୟ ସମିତି, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମଣ୍ଡି ଉଦ୍‌ଘାଟନ, ବାଲିମେଦ ସେବା ସମବାୟ ସମିତି, ସ୍ଥାନ: ବାସୁଦେବପୁର, ସମୟ: ସକାଳ ୧୦ଟା।
- ଜୟ ଜଗନ୍ନାଥ ମହିଳା ଗୋଷ୍ଠୀର ଧାନମଣ୍ଡି ଉଦ୍‌ଘାଟନ, ସ୍ଥାନ: ପାଳିଆବିନ୍ଧା, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଭିବିଜି ରାମ୍‌ଜୀ ଜନଜାଗରଣ ଅଭିଯାନ ବୈଠକ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ପଲ୍ଲୀ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ମହାବୀର କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ, ସ୍ଥାନ: ଚରମ୍ପା ରେଲୱେ ପଡ଼ିଆ, ଭଦ୍ରକ, ସମୟ: ମଧ୍ୟାହ୍ନ ୧୨ଟା।
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା ଭାଜପା କାର୍ଯ୍ୟାଳୟ, ଭଦ୍ରକ, ସମୟ: ଅପରାହ୍ନ ୩ଟା।
- ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**ମୟୂରଭଞ୍ଜ**
- ଷ୍ଟେଶନ ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ରୟାଲ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଷ୍ଟେଶନବଜାର ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ର ମହୋତ୍ସବ, ସ୍ଥାନ: ଆର୍ଟ ଆଣ୍ଡ କ୍ରାଫ୍ଟ ସ୍କୁଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

**ବ୍ରହ୍ମପୁର**
- କ୍ରୀଡ଼ା ସମାରୋହ, ସ୍ଥାନ: କେ.ସି.ହାଇସ୍କୁଲ ଖେଳପଡିଆ, ସମୟ: ସକାଳ ୯ଟା।
- ନୃତ୍ୟ ପ୍ରତିଯୋଗିତା, ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୨ଟା।
- ବ୍ରହ୍ମପୁର ମହାନଗର ମହୋତ୍ସବ, ସ୍ଥାନ: ଚର୍ଚ୍ଚ ପଡିଆ, ସମୟ: ଅପରାହ୍ନ ୨.୩୦।
- ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ତୃତୀୟ ରଜନୀ, ସ୍ଥାନ: ଗୋପାଳକୃଷ୍ଣ ରଙ୍ଗମଞ୍ଚ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ସ୍ଥାନ: ଦିବ୍ୟଜୀବନ ସଂଘ, ଆଙ୍କୋଲି, ସମୟ: ସନ୍ଧ୍ୟା ୬ଟା।
- ବରିଷ୍ଠ କଳାକାର ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଉତ୍କଳ ଆଶ୍ରମ, ସମୟ: ସନ୍ଧ୍ୟା ୭ଟା।

**ଗଞ୍ଜାମ**
- ବେଟି ବଚାଓ-ବେଟି ପଢାଓ କର୍ମଶାଳା, ସ୍ଥାନ: ଆସିକା ବ୍ଲକ କନ୍‌ଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୧ଟା।

**ଢେଙ୍କାନାଳ**
- ପଞ୍ଚାୟତ ରାଜ ଉଚ୍ଚବିଦ୍ୟାଳୟ , କାନପୁରା ବାର୍ଷିକ ଉତ୍ସବ'ସଂକଳ୍ପ', ସ୍ଥାନ: ବିଦ୍ୟାଳୟ ଅଡିଟୋରିୟମ୍, ସମୟ: ଅପରାହ୍ନ ୫ ଟା।
- ଆଗ୍ନେୟ-୨୦୨୬ ଉଦ୍‌ଘାଟନ, ସ୍ଥାନ: ମିନି ଷ୍ଟାଡିୟମ, ଢେଙ୍କାନାଳ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**
- ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ବ୍ଲକ କାର୍ଯ୍ୟାଳୟ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**ଜଗତ୍‌ସିଂହପୁର**
- ଆର୍‌ଆଇ ଏବଂ ୟୁଏଲ୍‌ବି ନିର୍ବାଚନ ସଂକ୍ରାନ୍ତୀୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ତାରିଣୀ ସ୍ପୋର୍ଟିଂ କ୍ଲବ ପକ୍ଷରୁ ରାଜ୍ୟସ୍ତରୀୟ ଅଙ୍ଗୁଲାଇ କ୍ରିକେଟ କପ, ସ୍ଥାନ: ଅଙ୍ଗୁଲାଇ, ମାର୍ଶାଘାଇ, ସମୟ: ସକାଳ ୯ଟା।
- ମହାକାଳପଡ଼ା ଓ ମାର୍ଶାଘାଇ ବ୍ରାହ୍ମଣ ସମାଜର ବୈଠକ, ସ୍ଥାନ: ଯଜ୍ଞମଠ ପରିସର, ମାର୍ଶାଘାଇ, ସମୟ: ଅପରାହ୍ନ ୨ଟା।
- ପ୍ରବନ୍ଧ ପ୍ରତିଯୋଗିତା, ସ୍ଥାନ: ପୁସ୍ତକ ମେଳା ପରିସର, ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ପଡିଆ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ବଡ଼ଚଣା ମହୋତ୍ସବର ତୃତୀୟ ସନ୍ଧ୍ୟାରେ ବଲିଉଡ୍ ଗାୟିକା ପଲକ ମୁଚ୍ଛଲ ଓ ଗାୟକ ପଲାସଙ୍କ ସଙ୍ଗୀତ ପରିବେଷଣ, ସ୍ଥାନ: ବଡ଼ଚଣା ମହୋତ୍ସବ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

**ନୟାଗଡ଼**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩ୟ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ:ନୂଆଗାଁ କଲେଜ ସମ୍ମୁଖ ହାଇସ୍କୁଲ ଖେଳ ପଡିଆ, ସମୟ:ପୂର୍ବାହ୍ନ ୧୦ଟା।
- ବାର୍ଷିକ କ୍ରୀଡ଼ା ଉତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଖଳିସାହି କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ଖୋର୍ଦ୍ଧା ୧୧ ବନାମ ନିହାର କଟକ, ସ୍ଥାନ: ଖଣ୍ଡପଡା ବ୍ଲକ ଖଳିସାହି ବଡ଼ ପଡିଆ, ସମୟ:ମଧ୍ୟାହ୍ନ ୧୨ଟା।
- ଦଶପଲ୍ଲା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ୩ୟ ଦିବସରେ ସାଇ ହାଲ ସୁନାବେଡା ବନାମ ଜେବି ୟୁନାଇଟେଡ ଫେସି ଦିଲ୍ଲୀ, ସ୍ଥାନ: ଦଶପଲ୍ଲା ଗାନ୍ଧୀ ମଇଦାନ, ସମୟ: ଅପରାହ୍ନ ୩ଟା।
- ଉତ୍କର୍ଷ ଭାପୁର ଓ ପଲ୍ଲିଶ୍ରୀ ମେଳାର ୨ୟ ଦିବସ, ସ୍ଥାନ: ଭାପୁର ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ଖେଳପଡିଆ, ସମୟ:ଅପରାହ୍ନ ୩ଟା।
- ରଣପୁର ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ସ୍ଥାନ: ରଣପୁର ବାଘ ସାମନ୍ତ ପଡିଆ, ସମୟ: ସନ୍ଧ୍ୟା ୬ଟା।

**ରାୟଗଡ଼ା**
- ବନ୍ଦେ ମାତରମ ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ମହିଳା ମହାବିଦ୍ୟାଳୟ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡା, ସମୟ: ମଧ୍ୟାହ୍ନ ୧ଟା।

**ନବରଙ୍ଗପୁର**
- ଠିକାଦାର ସଂଘ ବୈଠକ, ସ୍ଥାନ: ଉମରକୋଟ ହାଟପଦା କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ସାଧାରଣ ବୈଠକ, ସ୍ଥାନ: ଉମରକୋଟ ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଜିଲା ରାଜସ୍ୱ ବୈଠକ, ସ୍ଥାନ: ସଦ୍‌ଭାବନା ସଭାଗୃହ, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଦିଲ୍ଲୀ ପବ୍ଲିକ ସେକେଣ୍ଡାରୀ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପନୀ, ସ୍ଥାନ: ସ୍କୁଲ ପରିସର, ଜାନୀଗୁଡ଼ା, ସେମିଳିଗୁଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ଜମି ଅଧିଗ୍ରହଣ ସମସ୍ୟା ନେଇ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ : ଅପରାହ୍ନ ୫ଟା।

**ସମ୍ବଲପୁର**
- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା।
- ସମ୍ବଲପୁରୀ ଧନୁଯାତ୍ରା ମହୋତ୍ସବର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ଗୁରେକେଲା ବ୍ଲକସ୍ତରୀୟ ଲୋକ ମହୋତ୍ସବ, ସ୍ଥାନ: ଗୁରେକେଲା ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୯ଟା।
- ଲୋଇସିଂହା ବ୍ଲକ୍ କଳାକାର ସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋଇସିଂହା ଷ୍ଟାଡିୟମ, ସମୟ: ପୂର୍ବାହ୍ନ ସାଢ଼େ ୧୦ଟା।
- ଫ୍ରେଣ୍ଡସ୍ କ୍ଲବ୍‌ର ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ପଞ୍ଚମ ଦିବସ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ଅପରାହ୍ନ ୨ଟା ୩୦।
- କଣ୍ଟାବାଞ୍ଜି ମାଟିର ମହୋତ୍ସବ,ସ୍ଥାନ: କଣ୍ଟାବାଞ୍ଜି ରେଲୱେ ଫୁଟ୍‌ବଲ ଗ୍ରାଉଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

**ରାଉରକେଲା**
- ଦିଲ୍ଲୀପ ରାୟଙ୍କ ୭୩ତମ ଜନ୍ମଦିବସ ପାଳନ ସମାରୋହ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା।
- ଲୋକନାଟକ ମହୋତ୍ସବର ଷଷ୍ଠ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଚନ୍ଦ୍ର ବାଧକାଧିପଙ୍କ ଦୃଷ୍ଟିରେ ରହିଥିବାରୁ ପାରିବାରିକ ଶାନ୍ତି ଭଗ୍ନ ହୋଇପାରେ। ପାପଗ୍ରହ ଦୃଷ୍ଟ ଚତୁର୍ଥାଧିପତି ହେତୁ ଯାନବାହନ, ହୋଟେଲ ଶିଳ୍ପ, ଛୋଟ ଦୋକାନରୁ ଲାଭ ମିଳି ନ ପାରେ। ଆର୍ଥିକ ଅନଟନ ସୁଧାରିବା ଲାଗି ବନ୍ଧୁ ସହଯୋଗର ପ୍ରତିଶ୍ରୁତି ଦେବେ। ସାହିତ୍ୟ ଓ ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

**ବୃଷ**
ଚନ୍ଦ୍ର କେନ୍ଦ୍ରରେ ବୃହସ୍ପତି ଗଜକେଶରୀ ଯୋଗରୁ ସାମାଜିକ ସ୍ତରରେ ପ୍ରତିଷ୍ଠିତ ହେବେ। ବନ୍ଧୁଙ୍କ ଆଦର, ଲୋକପ୍ରିୟତା ବୃଦ୍ଧି ସାଙ୍ଗକୁ ଆର୍ଥିକ ଅଭିବୃଦ୍ଧିରୁ ଖୁସି ରହିବେ। ଆତ୍ମୀୟଙ୍କ ସହଯୋଗରୁ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ସହକର୍ମୀଙ୍କ ଜରିଆରେ ସ୍ଥଗିତ କାମକୁ ପୂରା ଦମ୍‌ରେ କରିବାପାଇଁ ନିଷ୍ପତ୍ତି ନେଇପାରନ୍ତି।

**ମିଥୁନ**
ବନ୍ଧୁବର୍ଗଙ୍କ ସହଯୋଗ ପାଇ ସ୍ଥଗିତ କାମକୁ ତ୍ୱରାନ୍ୱିତ କରିବେ। କରଜକରି ମୂଲ୍ୟବାନ୍ ଦ୍ରବ୍ୟ କ୍ରୟ କରିବାକୁ ବାଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଅନ୍ୟମନସ୍କ ହେତୁକ ଉପରିସ୍ଥଙ୍କ କଟୁ ସମାଲୋଚନା ଶୁଣିବାକୁ ପଡିବ। ବ୍ୟବସାୟରେ ନୂତନ ପଦକ୍ଷେପ ଗ୍ରହଣ କରିବା ସକାଶେ ମନ ବଳାଇବେ।

**କର୍କଟ**
ରବିଙ୍କ ପ୍ରଭାବରେ ଅର୍ଥ ଓ ସମ୍ମାନ ବୃଦ୍ଧି ପାଇଁ ଚେଷ୍ଟିତ ହେବେ। ସମ୍ପର୍କୀୟଙ୍କ ସହଯୋଗ ଲାଭକରି ଅଟକିଥିବା କାମଟିକୁ ପୂର୍ଣ୍ଣାଙ୍ଗ କରିପାରନ୍ତି। ମାଲିମକଦ୍ଦମାରେ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ କୌଣସି ସମସ୍ୟା ଉପୁଜିପାରେ। ପ୍ରକାଶନ, ଚୁକ୍ତିପତ୍ର, ପ୍ରଶାସନ, ଶିଳ୍ପ, ଏଜେନ୍ସିପ୍, ବାଣିଜ୍ୟ, ପରିବହନ, କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ସିଂହ**
ଚତୁର୍ଥାଧିପତି କୋଣ ସ୍ଥାନରେ ଥିବାରୁ ଲୋକସମ୍ପର୍କ ବୃଦ୍ଧି ପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଅସମର୍ଥିତ ସୂତ୍ରରୁ କୌଣସି ଖବର ଶୁଣି ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ, ବ୍ୟବସାୟ, ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ସହ ମନାନ୍ତର ସୃଷ୍ଟି ହୋଇପାରେ। ମିତ୍ର କେହି ନିଜର ସ୍ୱାର୍ଥସାଧନ ପରିପ୍ରେକ୍ଷୀରେ ଛଳନା କରି ଦୂରେଇ ଯାଇ ପାରନ୍ତି।

**କନ୍ୟା**
ବୃହସ୍ପତିଙ୍କ ପ୍ରଭାବରେ କେଣସି ନୂତନ କର୍ମାରମ୍ଭ ସକାଶେ ମନ ବଳାଇପାରନ୍ତି। ସାହିତ୍ୟ, ସାମ୍ବାଦିକତା, ଗବେଷଣା, ଚୁକ୍ତିପତ୍ର, ସଭାସମିତି ତଥା ଆଲୋଚନା କ୍ଷେତ୍ରରେ ସଫଳତା ପାଇବେ। ପଡ଼ୋଶୀଙ୍କ ସହ ସୁସମ୍ପର୍କ ରଖିବା ପାଇଁ ଚେଷ୍ଟା କଦାପି ନିଷ୍ଫଳ ହେବନି। ପରିଜନଙ୍କ ସହିତ କୌଣସି ଦର୍ଶନୀୟ ସ୍ଥାନକୁ ଯାଇପାରନ୍ତି।

**ତୁଳା**
ଭାଗ୍ୟସ୍ଥାନକୁ ଏକାଧିକ ଗ୍ରହ ଦେଖୁଥିବାରୁ ଯାହାକୁ ଯାହା କହିବେ ତାହା ନିଷ୍ଫଳ ହେବନାହିଁ। କିନ୍ତୁ ତୃତୀୟସ୍ଥ ପାପଗ୍ରହଜନିତ କୌଣସି କାମରେ ବନ୍ଧୁମାନେ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର, ସାମ୍ବାଦିକତା ତଥା ସାଂସ୍କୃତିକ କାର୍ଯ୍ୟକ୍ରମରୁ ସମ୍ବର୍ଦ୍ଧିତ ହେବେ। ଅଫିସ କାମରୁ ଅର୍ଥ ସମ୍ପର୍କିତ ଅଭିଯୋଗ ଆସିପାରେ।

**ବିଛା**
ବୃହସ୍ପତିଙ୍କ ଶୁଭଦୃଷ୍ଟି ଧନସ୍ଥାନ ପ୍ରତି ରହିଥିବାରୁ ଅର୍ଥଲାଭ ସହ ବାକ୍ ବିଳାସୀ ହେବେ। ଭିତରେ ଭିତରେ ଈର୍ଷାକରୁଥିବା କୌଣସି ନିଜ ପରିସରର ବ୍ୟକ୍ତିଙ୍କ ସହ ସମ୍ପର୍କ ହ୍ରାସ ହେବ। ଆପଣ ସାଧାରଣ ପ୍ରଶଂସାରେ ଯେତିକି ଉତ୍‌ଫୁଲ୍ଲିତ ହେବେ ଟିକିଏ ମାତ୍ର ସମାଲୋଚନାରେ ତଦନୁପାତରେ ବ୍ୟସ୍ତବିବ୍ରତ ହୋଇପାରନ୍ତି।

**ଧନୁ**
ପାପଗ୍ରହମାନେ ରାଶିରେ ଅବସ୍ଥାନ କରି ବିବାଦୀୟ ଚିନ୍ତାଧାରା ଉତ୍ପନ୍ନ କରିପାରନ୍ତି। ତୃତୀୟସ୍ଥ ରାହୁଙ୍କ ପ୍ରଭାବରେ ବନ୍ଧୁମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିବେ। ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। କିନ୍ତୁ ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କରୁ ଆପଣଙ୍କ କାମଗୁଡିକ ସୁବିଧାରେ ସମ୍ପନ୍ନ ହେବ।

**ମକର**
ରାଶ୍ୟାଧିପତିଙ୍କ ନୀଚାରୋହଣ ହେତୁ ପ୍ରତ୍ୟେକ କାର୍ଯ୍ୟ ଓ ଚିନ୍ତାଧାରା ଶିଥିଳ ରହିବ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହେବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ନିନ୍ଦା ଶୁଣିପାରନ୍ତି। କଳା, ସାହିତ୍ୟ, ସଙ୍ଗୀତ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ**
କୌଣସି ଦାୟିତ୍ୱପୂର୍ଣ୍ଣ କାମଟି ଧିମେଇ ଯିବାରୁ ମାନସିକ ସ୍ତରରେ ଚିନ୍ତିତ ରହିପାରନ୍ତି। ଅଷ୍ଟମସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ଋଣ ପରିଶୋଧଜନିତ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା,ବାଣିଜ୍ୟ ଏବଂ ପରିବହନରେ ପ୍ରତିବନ୍ଧକ ଆସିପାରେ। ଆରୋଗ୍ୟ ଲାଭ, ବନ୍ଧୁଙ୍କ ସହାନୁଭୂତି, ଆନୁଷ୍ଠାନିକ କାର୍ଯ୍ୟରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ ଲାଭ କରିବେ।

**ମୀନ**
ଚତୁର୍ଥ କେନ୍ଦ୍ରରେ ବୃହସ୍ପତି ପାରିବାରିକ ଏବଂ କର୍ମକ୍ଷେତ୍ରକୁ ଋଦ୍ଧିମନ୍ତ କରିବେ। ଧର୍ମକାର୍ଯ୍ୟ, ସନ୍ତାନଙ୍କ ଉଚ୍ଚଶିକ୍ଷା, କର୍ମାରମ୍ଭ ଓ ଯୋଜନା ସମ୍ପର୍କରେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି। ମକଦ୍ଦମା, ରାଜନୀତି, ପ୍ରଶାସନିକ କ୍ଷେତ୍ରରେ ଅସ୍ଥିରତା ପରିଲକ୍ଷିତ ହେବ। କର୍ମକ୍ଷେତ୍ରରେ ପଦୋନ୍ନତିର ସୂଚନା ପାଇ ଉଲ୍ଲସିତ ହୋଇପାରନ୍ତି।

ଆଜି ଜାନୁଆରୀ ୯ ତାରିଖ, ପ୍ରବାସୀ ଭାରତୀୟ ଦିବସ, ମାଘ କୃଷ୍ଣ ଷଷ୍ଠୀ ଯୁକ୍ତ ସପ୍ତମୀ ଶୁକ୍ରବାର। ରାଶିନକ୍ଷତ୍ର-ଉତ୍ତରାଫାଲଗୁନୀ/କନ୍ୟା, ଦିବା ଘ.୦୧.୪୧ ଗତେ ହସ୍ତା ନକ୍ଷତ୍ର, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୨୭ ଗତେ ଘ.୦୭.୧୦ ମଧ୍ୟେ, ଘ.୦୭.୫୪ ଗତେ ଘ.୦୯.୧୦ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦.୩୨ ଗତେ ଘ.୧୧.୫୩ ମଧ୍ୟେ ରାହୁ କାଳ।

# ଆଉ ସାଢ଼େ ୪ଲକ୍ଷ ମହିଳାଙ୍କୁ ମିଳିବ ସୁଭଦ୍ରା ଟଙ୍କା

**ମାର୍ଚ୍ଚ ୮ରେ ୪ର୍ଥ କିସ୍ତି**

ଭୁବନେଶ୍ୱର,୮।୧(ସୁଚିସ୍ମିତା ସାହୁ)

ଚଳିତ ମାସରେ ଆଉ ୪ଲକ୍ଷ ୫୭ହଜାର ୬୮୧ଜଣ ହିତାଧିକାରୀଙ୍କୁ ମିଳିବ 'ସୁଭଦ୍ରା' ଟଙ୍କା। ଏମାନଙ୍କ ମଧ୍ୟରେ ନୂଆ ହିତାଧିକାରୀଙ୍କ ସମେତ ପୂର୍ବରୁ କୌଣସି କାରଣବଶତଃ ବାଦ୍ ପଡ଼ିଥିବା ମହିଳାମାନେ ସାମିଲ ହୋଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଗୁରୁବାର ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ସୁଭଦ୍ରା ସମୀକ୍ଷା ହୋଇଥିଲା। ପୂର୍ବରୁ ବାଦ୍ ପଡ଼ିଥିବା ୨,୫୫,୨୬୫ଜଣଙ୍କୁ ଯାଞ୍ଚପରେ ପୁଣିଥରେ ସାମିଲ କରାଯାଇଛି। ସେହିପରି ଗତ ନଭେମ୍ବର ମାସରେ ନୂଆ ହିତାଧିକାରୀଙ୍କ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଯୋଜନାରେ ନୂଆ କରି ୧,୭୮,୩୯୮ ହିତାଧିକାରୀଙ୍କୁ ପ୍ରଥମଥର ପାଇଁ ସୁଭଦ୍ରା ଟଙ୍କା ଦିଆଯିବ। ନୂଆ ହିତାଧିକାରୀଙ୍କୁ ୫୦୦୦ ଲେଖାଏ ଟଙ୍କା ଦିଆଯିବ। ସେହିପରି ଅଭିଯୋଗ ଶୁଣାଣିରେ ୨୪ ହଜାର ୧୮ ଜଣଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରାଯାଇଛି। ତେଣୁ ୪,୫୭,୬୮୧ ହିତାଧିକାରୀଙ୍କ ଖାତାକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଯିବ ବୋଲି ସୂଚନା ଦିଆଯାଇଛି। ବୈଠକରେ ଆସନ୍ତା ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ରେ ପ୍ରଦାନ କରିବାକୁ ଥିବା ୪ର୍ଥ କିସ୍ତି ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଆକାଶ କଇଁଆ ଚିଲିକା ମାଛ**
**କେତେ କରୁଅଛ ଅପାଞ୍ଚ ପାଞ୍ଚ**

କଇଁଆର ସ୍ୱାଦ ଖଟା। ମାଛ ତରକାରିରେ ଖଟା ପଡ଼ିଲେ ତରକାରି ଭଲ ଲାଗେ। ଚିଲିକା ହ୍ରଦରେ ମାଛ ବହୁତ। ଗଛରୁ କଇଁଆ ତୋଳା ହେବ, ଚିଲିକାରୁ ମାଛ ଆସିବ ତା'ପରେ ତରକାରି ହେବ। କାହିଁ କେତେଦୂରର କଥା। ଅସମ୍ଭବ ଦ୍ରବ୍ୟ ପ୍ରାପ୍ତ ହେବା ପାଇଁ କରାଯାଉଥିବା ଅପର୍ଯ୍ୟାପ୍ତ ପରିକଳ୍ପନା ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଆଙ୍କିଷି ପତର ପୁଞ୍ଜିପୁଞ୍ଜିକା**
**ଲାଉ ଶାଗ ତୋଳିବାକୁ**
**ବାପ ଦେଇଛନ୍ତି ବୁଢ଼ା ବରକୁ**
**ଚାଳ ଧରି କାନ୍ଦିବାକୁ।**

ସ୍ୱାମୀସ୍ତ୍ରୀଙ୍କ ବୟସ ମଧ୍ୟରେ ପ୍ରଭେଦ ଯେତିକି କମ୍ ହୁଏ ଦାମ୍ପତ୍ୟ ଜୀବନ ସେତେ ମଧୁମୟ, ସୁଖମୟ ହୁଏ। ବୟସର ତାରତମ୍ୟ ଅଧିକ ହେଲେ ବୁଝାମଣା ଠିକ୍ ଢଙ୍ଗରେ ହୋଇ ନ ପାରିବା କାରଣରୁ ନାନା ଅଶାନ୍ତି ତଥା କଳହର ବାତାବରଣ ସୃଷ୍ଟି ହୁଏ। ଏପରିସ୍ଥଳେ ବୟସ୍କ ବରକୁ ବିବାହ କରିଥିବା ଝିଅର ଦୁଃଖ ଦୁର୍ଦ୍ଦଶା ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରାଃଲିଃ




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଭୁବନେଶ୍ୱର ତାପମାତ୍ରା ୧୦ ଡିଗ୍ରୀ ତଳେ

■ ପ୍ରବଳ ଥଣ୍ଡା ନେଇ ୧୧ଜିଲାକୁ ୟେଲୋ ୱାର୍ନିଂ

ଭୁବନେଶ୍ୱର,୮।୧(ବନ୍ଦନା ସେଠୀ)

ରାଜ୍ୟରେ ଶୀତର ପ୍ରକୋପ ବଢ଼ିଚାଲିଛି। ପୂର୍ବାହ୍ନ ୧୦ ଯାଏ ଘରୁ ବାହାରିବା କଷ୍ଟକର ହୋଇପଡୁଛି। ଗୁରୁବାର ରାଜଧାନୀ ଭୁବନେଶ୍ୱରରେ ସ୍ୱାଭାବିକ ସର୍ବନିମ୍ନ ତାପମାତ୍ରାରୁ ୫.୬ ଡିଗ୍ରୀ ସେଲ୍‌ସିଅସ୍ କମ୍ ରହିଥିବାରୁ ପ୍ରବଳ ଶୀତ ଅନୁଭୂତ ହୋଇଥିଲା। ଏଠାରେ ସର୍ବନିମ୍ନ ତାପମାତ୍ରା ୯.୪ ଡିଗ୍ରୀ ରହିଥିବା ସହ ୧୯୫୨ ମସିହାର ରାତି ତାପମାତ୍ରାକୁ ଦୋହରାଇ ଥିଲା। ୧୯୫୨ ଜାନୁଆରୀ ୩ରେ ଭୁବନେଶ୍ୱରର ରାତି ତାପମାତ୍ରା ୯.୪ ଡିଗ୍ରୀ ସେଲ୍‌ସିଅସ୍ ରହିଥିବାବେଳେ ୧୯୯୨ ଜାନୁଆରୀ ୫ରେ ୮.୬ ଡିଗ୍ରୀ, ୨୦୦୩ ଜାନୁଆରୀ ୧୭ରେ ୯ ଡିଗ୍ରୀ ଏବଂ ୨୦୧୨ ଜାନୁଆରୀ ୧୫ରେ ୯.୩ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିଲା। ଜାନୁଆରୀକୁ ବାଦ୍ ଦେଲେ, ୨୦୧୮ ଡିସେମ୍ବର ୩୦ରେ ଭୁବନେଶ୍ୱରର ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା।

କେବଳ ଭୁବନେଶ୍ୱର ନୁହେଁ, ରାଜ୍ୟର ଅନ୍ୟ ସହରଗୁଡ଼ିକରେ ମଧ୍ୟ ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ପାଣିପାଗ ବିଭାଗରୁ ମିଳିଥିବା ତଥ୍ୟ ଅନୁଯାୟୀ ଗତ ୨୪ଘଣ୍ଟାରେ ୨୨ ସହରର ସର୍ବନିମ୍ନ ତାପମାତ୍ରା ୧୦ଡିଗ୍ରୀ ତଳେ ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୨.୫ ଡିଗ୍ରୀ ରହିଥିଲା। ସେହିପରି ସେମିଳିଗୁଡାରେ ୩.୨ ଡିଗ୍ରୀ, ଫୁଲବାଣୀରେ ୫ ଡିଗ୍ରୀ, ରାଉରକେଲାରେ ୫.୪ ଡିଗ୍ରୀ, ଝାରସୁଗୁଡାରେ ୫.୮ ଡିଗ୍ରୀ, ଦାରିଙ୍ଗିବାଡ଼ିରେ ୬ ଡିଗ୍ରୀ, ଭବାନୀପାଟଣାରେ ୭ ଡିଗ୍ରୀ, ନବରଙ୍ଗପୁରରେ ୭ ଡିଗ୍ରୀ, କିରେଇରେ ୭.୨ ଡିଗ୍ରୀ, ଚିପିଲିମାରେ ୭.୫ ଡିଗ୍ରୀ, ଅନୁଗୋଳରେ ୭.୮ ଡିଗ୍ରୀ, କେନ୍ଦୁଝରରେ ୮ ଡିଗ୍ରୀ, ସୁନ୍ଦରଗଡ଼ରେ ୮ ଡିଗ୍ରୀ, ରାଣୀତାଲରେ ୮.୬ ଡିଗ୍ରୀ, ଢେଙ୍କାନାଳରେ ୮.୯ ଡିଗ୍ରୀ, ବଲାଙ୍ଗୀରରେ ୯ ଡିଗ୍ରୀ, ଭୁବନେଶ୍ୱରରେ ୯.୪ଡିଗ୍ରୀ, ବାଲେଶ୍ୱରରେ ୯.୫ ଡିଗ୍ରୀ, କୋରାପୁଟରେ ୯.୬ ଡିଗ୍ରୀ, ରାୟଗଡାରେ ୯.୬ ଡିଗ୍ରୀ, କଟକରେ ୯.୬ ଡିଗ୍ରୀ, ସୋନପୁର ୯.୯ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ଆଗାମୀ ୨ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ନାହିଁ। ତେବେ ଏହାପରେ ୨ରୁ ୩ ଡିଗ୍ରୀ ତାପମାତ୍ରା ବୃଦ୍ଧିପାଇବ ବୋଲି ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଶୁକ୍ରବାର ଓ ଶନିବାର ଖୋର୍ଦ୍ଧା, କଟକ, ସୁନ୍ଦରଗଡ଼, ଝାରସୁଗୁଡା, ବାଲେଶ୍ୱର, ଅନୁଗୋଳ, ଢେଙ୍କାନାଳ, ଜଗତ୍‌ସିଂହପୁର, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର ଜିଲାରେ ପ୍ରବଳ ଥଣ୍ଡା ଅନୁଭୂତ ହେବା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

## ଭାରତ ଉପରେ...

ପ୍ରଥମ ପୃଷ୍ଠାରୁ...

ଦୋହଲିଯିବ। ରୁଷିଆର ୟୁକ୍ରେନ୍ ଆକ୍ରମଣ ପରଠୁ ଚାଲିଥିବା ଯୁଦ୍ଧ ବନ୍ଦ ପାଇଁ ଟ୍ରମ୍ପ ପ୍ରଶାସନର ଶାନ୍ତି ଉଦ୍ୟମରେ ଏହା ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ଏହି ଘଟଣାକ୍ରମର ସତ୍ୟତା ଉପରେ ହ୍ୱାଇଟ୍ ହାଉସ୍‌ର ଜଣେ ଅଧିକାରୀ ମଧ୍ୟ ସ୍ପଷ୍ଟ କରିଛନ୍ତି। ୨୦୨୫ ଅଗଷ୍ଟରେ ଟ୍ରମ୍ପ ଭାରତ ଉପରେ ୨୫% ଆମଦାନୀ ଶୁଳ୍କ ବଢ଼ିଥିଲେ। ଏଥିସହ ରୁଷିଆଠାରୁ ଭାରତ ଶସ୍ତାରେ ତୈଳ କ୍ରୟ କରୁଥିବାରୁ ଅତିରିକ୍ତ ଭାବେ ୨୫% ଦଣ୍ଡାତ୍ମକ ଶୁଳ୍କ ଲଗାଇଥିଲେ। ଫଳରେ ଆମେରିକାକୁ ଭାରତୀୟ ସାମଗ୍ରୀ ରପ୍ତାନି ବହୁଳ ଭାବେ ପ୍ରଭାବିତ ହୋଇଛି, ଯାହାର ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିଛି। ଅତିରିକ୍ତ ଟାରିଫ୍ ବଢ଼ିବା ପାଇଁ ଉଦ୍ଦିଷ୍ଟ ସାଙ୍କଶନିଂ ରୁଷିଆ ଆକ୍ଟ, ୨୦୨୫ ଅନୁସାରେ କୌଣସି ଦେଶ ରୁଷିଆଠାରୁ ତୈଳ ଆମଦାନୀ କରି ପୁନଃ ବିକ୍ରୟ ଜାରି ରଖିଲେ ସମ୍ପୃକ୍ତ ରାଷ୍ଟ୍ରର ସାମଗ୍ରୀଗୁଡ଼ିକ ଉପରେ ଆମେରିକା ପକ୍ଷରୁ ୫୦୦% ଟାରିଫ୍ ଲଗାଯାଇପାରିବ। ଏପରି ହେଲେ ଭାରତର ଅର୍ଥନୀତି ଉପରେ ଆହୁରି ଖରାପ ପ୍ରଭାବ ପଡ଼ିବ। କାରଣ ଭାରତୀୟ ସାମଗ୍ରୀଗୁଡ଼ିକୁ ଆମେରିକାକୁ ରପ୍ତାନି କରିବା ଅସମ୍ଭବ ହୋଇପଡ଼ିବ। ହ୍ୱାଇଟ୍ ହାଉସ୍ ପକ୍ଷରୁ ପୂର୍ବରୁ ଉକ୍ତ ବିଲ୍ ଉପରେ ସମୀକ୍ଷା କରାଯାଇଛି। ତେବେ ଏଥିରେ କୌଣସି ପ୍ରକାର ପରିବର୍ତ୍ତନ ଅଣାଯାଇଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ।

ପ୍ରକାଶ ଯେ, ଭାରତ ୮୮% କ୍ରୁଡ୍ ଅଏଲ୍ ଅନ୍ୟ ଦେଶରୁ ଆମଦାନୀ କରିଥାଏ। ଏହାକୁ ପେଟ୍ରୋଲ ଓ ଡିଜେଲ ଭଳି ଇନ୍ଧନରେ ପରିବର୍ତ୍ତିତକରି ପୁଣି ଅନ୍ୟ ଦେଶକୁ ରପ୍ତାନି କରିଥାଏ। ବିଶ୍ୱର ତୃତୀୟ ତୈଳ ଆମଦାନୀକାରୀ ଦେଶ ଭାରତ ୨୦୨୧ ପର୍ଯ୍ୟନ୍ତ ରୁଷିଆଠାରୁ ମାତ୍ର ୦.୨% କ୍ରୁଡ୍ ଆମଦାନୀ କରିଆସୁଥିଲା। କିନ୍ତୁ ୨୦୨୨ ଫେବୃଆରୀରେ ମସ୍କୋର ୟୁକ୍ରେନ୍ ଆକ୍ରମଣ ପରେ ପାଶ୍ଚାତ୍ୟ ଦେଶଗୁଡ଼ିକ ରୁଷୀୟ ତୈଳ କ୍ରୟ ଉପରେ କଟକଣା ଲଗାଇବା ପରେ ଭାରତର ତୈଳ ଆମଦାନୀ ବହୁଗୁଣିତ ହୋଇଛି। ୨୦୨୫ ଡିସେମ୍ବରରେ ରୁଷିଆ ଭାରତର ସର୍ବୋଚ୍ଚ ତୈଳ ଯୋଗାଣକାରୀ ରାଷ୍ଟ୍ର ଥିଲା।

## କୋର୍ଟ ଉଡ଼ାଇଦେବାକୁ...

ହାଇକୋର୍ଟରେ ପହଞ୍ଚିଥିଲେ। ଡଗ୍ ସ୍କ୍ୱାଡ୍ ଓ ବମ୍ ସ୍କ୍ୱାଡ୍ ଦ୍ୱାରା ତନ୍ନତନ୍ନ କରି ହାଇକୋର୍ଟ ପରିସରକୁ ଯାଞ୍ଚ କରାଯାଇଥିଲା। ପୋଲିସ କୋର୍ଟ ପରିସରରେ କୌଣସି ବୋମା ଆତଙ୍କ ନ ଥିବା ଓ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ଘୋଷଣା କରିବା ପରେ ଧୀରେ ଧୀରେ ସ୍ଥିତି ସ୍ୱାଭାବିକ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନଙ୍କ ସମେତ ଅନ୍ୟ ୩ଜଣ ବିଚାରପତି ସେମାନଙ୍କ କୋର୍ଟରେ ମାମଲାଗୁଡ଼ିକର ଶୁଣାଣି ଆରମ୍ଭ କରିଥିଲେ। ଅପରପକ୍ଷରେ, ପୋଲିସ ଡିଜି ୱାଇ. ବି. ଖୁରାନିଆ ବୋମା ଆତଙ୍କ ବାବଦରେ ଲୋକମାନଙ୍କୁ ଆଶ୍ୱାସନା ଦେଇଛନ୍ତି। ପୋଲିସ ଏହି ଘଟଣାକୁ ଗୁରୁତର ସହ ନେଇଛି। ଏଥିସହ ଏପରି ଆତଙ୍କର ଇ-ମେଲକୁ ଭଲ ଭାବେ ତଦନ୍ତ କରାଯାଉଛି। ପୋଲିସ ପରିସ୍ଥିତିକୁ ଅତ୍ୟନ୍ତ ନିକଟରୁ ପର୍ଯ୍ୟବେକ୍ଷଣ କରୁଛି। ସମ୍ପୃକ୍ତ ଅଞ୍ଚଳରେ ପୋଲିସର ତନଖି ଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ତେଣୁ ଲୋକମାନେ ଏଥିରେ ଭୟଭୀତ ନ ହେବାକୁ ଡିଜିପି କହିଥିଲେ। ଏଥିସହ ପୋଲିସକୁ ଲୋକମାନେ ତଦନ୍ତରେ ସହଯୋଗ କରିବା ସହ ସୁରକ୍ଷା ବଳବତ୍ତର ରଖିବାରେ ସହାୟକ ହେବାକୁ ମଧ୍ୟ ଡିଜିପି ଖୁରାନିଆ ଅନୁରୋଧ କରିଥିଲେ।

ସେହିପରି ସମ୍ବଲପୁର ଜିଲା ଜଜ୍ କୋର୍ଟରେ ଗୁରୁବାର ବୋମା ଆତଙ୍କକୁ ନେଇ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଜିଲା କୋର୍ଟରେ ଶୁଣାଣି କାର୍ଯ୍ୟ ଚାଲିଥିବା ବେଳେ ହଠାତ୍ ଜିଲାଜଜ୍ ପ୍ରଜ୍ଞା ପାଣିଗ୍ରାହୀଙ୍କ ନିକଟକୁ ଏକ ଇ-ମେଲ ବାର୍ତ୍ତା ଆସିଥିଲା। ଏଥିରେ ସମ୍ବଲପୁର ଜିଲାଜଜଙ୍କ କୋର୍ଟକୁ ବିସ୍ଫୋରଣରେ ଉଡ଼ାଇ ଦେବାକୁ କୋର୍ଟ ପରିସରରେ ବୋମା ଖଞ୍ଜା ଯାଇଛି ବୋଲି ଧମକପୂର୍ଣ୍ଣ ସୂଚନା ରହିଥିଲା। ତୁରନ୍ତ ପାଲିସ ସୁରକ୍ଷା କର୍ମୀଙ୍କ ସହ ବୋମା ସ୍କ୍ୱାଡ ଓ ସନ୍ଧାନୀ କୁକୁର ସେଠାରେ ପହଞ୍ଚି ସମଗ୍ର ଜିଲାଜଜ୍‌ଙ୍କ କୋର୍ଟ ପରିସର, ପୋକ୍‌ସୋ, ଭିଜିଲାନ୍ସ ଆଦି ବିଭିନ୍ନ କୋର୍ଟ ସହିତ ଏସ୍‌ଡିଜେଏମ୍ କୋର୍ଟ ପରିସର ଓ ଆଖପାଖ ଅଞ୍ଚଳକୁ ତନ୍ନତନ୍ନ କରି ଯାଞ୍ଚ କରିଥିଲା। ସମସ୍ତ କୋର୍ଟରେ ମାଜିଷ୍ଟ୍ରେଟଙ୍କଠାରୁ ଆରମ୍ଭ କରି ଓକିଲ, କର୍ମଚାରୀ ଓ ଆସିଥିବା ସମସ୍ତ ମୁଦାଲାଙ୍କୁ ବାହାରକୁ ଯିବାକୁ କହି ସମଗ୍ର କୋର୍ଟ ପରିସରରୁ ଖାଲି କରି ଦେଇଥିଲା। ସମସ୍ତେ କୋର୍ଟ ସମ୍ମୁଖ ରାସ୍ତାରେ ରୁଣ୍ଡ ହୋଇଥିଲେ। ପୂର୍ବାହ୍ନ ସାଢ଼େ ୧୧ଟାରୁ ସମସ୍ତ କୋର୍ଟରେ ଅଦାଲତୀ କାର୍ଯ୍ୟ ବନ୍ଦ ରହିଥିଲା। ବମ୍ ସ୍କ୍ୱାଡ ଡିଏସ୍‌ଏମ୍‌ଡି, ଏନ୍‌ଏଲ୍‌ଜେଡି, ଓଏଫ୍‌ଏସ୍ ଅପ୍ଟିକାଲ ଫାଇବର, ଇଏସ୍‌ଟି ଟାଇମ୍ ଡିଭାଇସ୍, ପିଏସ୍‌ଏମ୍, ସର୍ଚ୍ଚ ମିରର ଆଦି ଅତ୍ୟାଧୁନିକ ଯାଞ୍ଚ ଉପକରଣ ଜରିଆରେ ସମଗ୍ର ଅଞ୍ଚଳକୁ ଯାଞ୍ଚ କରାଯାଇଥିଲା। ଏପରିକି ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ବ୍ୟବସ୍ଥା ସ୍ୱରୂପ ଯାଞ୍ଚକାରୀ ଦଳର ସହାୟତା ପାଇଁ ଅଗ୍ନିଶମ ବାହିନୀ ମଧ୍ୟ ଦମକଳ ସହିତ ଯାଞ୍ଚରେ ନିୟୋଜିତ ହୋଇଥିବା ଦେଖିବାକୁ ମିଳିଥିଲା।

ଦେବଗଡ଼ ଜିଲା କୋର୍ଟକୁ ମଧ୍ୟ ବୋମା ବିସ୍ଫୋରଣ ଦ୍ୱାରା ଉଡାଇଦେବା ପାଇଁ ବିଚାର ବିଭାଗୀୟ ମେଲ୍‌କୁ ଅଜଣା ଇ-ମେଲ୍ ଆଇଡିରୁ ମେସେଜ ଆସିଥିଲା। ଏହା ଜଣାପଡ଼ିବା ପରେ କୋର୍ଟ ପରିସରରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଏହି ମେସେଜ୍ ପାଇବା ପରେ ବିଚାରପତି ଓ ବିଚାର ବିଭାଗୀୟ କର୍ମଚାରୀ ଏବଂ ଆଇନଜୀବୀ ଭୟଭୀତ ହୋଇ କୋର୍ଟ କୋଠରି ଭିତରୁ ବାହାରକୁ ଆସିଥିଲେ। ସେହିପରି ମହକିଲମାନେ ମଧ୍ୟ ଭୟଭୀତ ହୋଇପଡିବା ସହ ଅଦାଲତ ପରିସର ଛାଡି ଇତସ୍ତତଃ ଦୌଡ଼ି ପଳାଉଥିବା ଦେଖିବାକୁ ମିଳିଥିଲା। ତେବେ ସୁରକ୍ଷା ଦୃଷ୍ଟିକୋଣରୁ ପୋଲିସ ପକ୍ଷରୁ ବୋମା ନିଷ୍କ୍ରିୟକାରୀ ଟିମ୍ ସନ୍ଧାନୀ କୁକୁର ସହାୟତାରେ ସମସ୍ତ ବିଚାରବିଭାଗୀୟ ଅଦାଲତ କୋଠା ସମେତ ସମଗ୍ର ଅଦାଲତ ପରିସର ଯାଞ୍ଚ କରାଯାଇଥିଲା। ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଜିଲା ଆରକ୍ଷୀ ଅଧୀକ୍ଷକ ଅନିଲ କୁମାର ମିଶ୍ର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର, ଏସ୍‌ଡିପିଓ ରମେଶ ଚନ୍ଦ୍ର ମାହାନା ଓ ଦେବଗଡ଼ ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ଅଦାଲତ ପରିସରରେ ଯାଞ୍ଚ କାର୍ଯ୍ୟ ତଦାରଖ କରିଥିଲେ। କୌଣସି ଅଘଟଣକୁ ଏଡ଼ାଇବା ପାଇଁ ଅଦାଲତ ପରିସରରେ ଅଗ୍ନିଶମ ବାହିନୀ ଦମକଳ ଗାଡି ସହିତ ପ୍ରସ୍ତୁତ ହୋଇ ରହିଥିଲେ। ତେବେ ଯାଞ୍ଚ ସମୟରେ କୌଣସି ପ୍ରକାର ଆର୍‌ଡିଏକ୍ସ କିମ୍ବା ବିସ୍ଫୋରକ ସାମଗ୍ରୀ ମିଳି ନ ଥିଲା। ଅନ୍ୟପକ୍ଷରେ ମିଳିଥିବା ମେସେଜ୍‌ରେ ବିସ୍ଫୋରଣର ସମୟ ୨ଟା ୩୫ ମିନିଟ୍ ବୋଲି ଘୋଷଣା ହୋଇଥିବାବେଳେ ଏହି ସମୟ ଅତିକ୍ରାନ୍ତ ହେବାରୁ ବିଚାରପତି, ବିଭାଗୀୟ କର୍ମଚାରୀ, ଆଇନଜୀବୀ ଓ ପୋଲିସ ଅଧିକାରୀ ସାମାନ୍ୟ ଆଶ୍ୱସ୍ତି ପ୍ରକାଶ କରିଥିଲେ।

### ବୋମା ଧମକ ମିଥ୍ୟା: ଆଇନମନ୍ତ୍ରୀ

ଭୁବନେଶ୍ୱର,୮।୧(ସୁନିତ୍ ମିଶ୍ର)

କଟକ, ସମ୍ବଲପୁର ଓ ଦେବଗଡ଼ର ଜିଲା କୋର୍ଟକୁ ଇ-ମେଲ୍ ଯୋଗେ ବୋମା ଧମକ ଘଟଣାକୁ ନେଇ ରାଜନୈତିକ ବୟାନବାଜି ମଧ୍ୟ ଆରମ୍ଭ ହୋଇଛି। ଏନେଇ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, କୋର୍ଟକୁ ଆସିଥିବା ମେଲ୍ ମିଥ୍ୟା। ଏହାକୁ ନେଇ ଆତଙ୍କିତ ହେବାର କାରଣ ନାହିଁ। ମୁଖ୍ୟମନ୍ତ୍ରୀ ତଦନ୍ତ ନିର୍ଦ୍ଦେଶ ଦେଇ ସାରିଛନ୍ତି, ଚିହ୍ନଟ କରାଯିବ। ଡିଜିପି ଏବଂ ଅନ୍ୟାନ୍ୟ ସ୍କ୍ୱାଡ୍ ଯାଞ୍ଚ କରିବା ପରେ କୋର୍ଟରେ କାର୍ଯ୍ୟ ଆରମ୍ଭ ହୋଇଛି।

# ପ୍ରଦୂଷଣ ପାଇଁ ଆଦିବାସୀ ମହିଳା ବିଧବା

## ଏସ୍‌ପିସିବିର ତାଗିଦ୍ ମାନୁନି ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ, ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନା

ଯାଜପୁର/କଳିଙ୍ଗନଗର (ହର୍ଷବର୍ଦ୍ଧନ ବେହେରା/ଶୁଭାଶିଷ ରାଉତ), ୮।୧

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଅତ୍ୟଧିକ ବାୟୁ ପ୍ରଦୂଷଣ ପାଇଁ ଗୋଟିଏ ଗାଁ ପୁରୁଷ ଶୂନ୍ୟ ହେବାକୁ ବସିଛି। ସ୍ୱାମୀଙ୍କୁ ହରାଇ ୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମହିଳା ଅପ୍ରାପ୍ତ ବୟସରେ ବିଧବା ସାଜି ପିଲାଛୁଆଙ୍କୁ ଧରି ଅଭାବ ଅନାଟନରେ କାଳାତିପାତ କରୁଛନ୍ତି। ଏମିତି ଏକ ଅଭିଶପ୍ତ ଗାଁ ହେଉଛି କଳିଙ୍ଗନଗର ଶିଳ୍ପାଞ୍ଚଳର ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତ ଅଧୀନ ସୁଆଁଲୋ। ମାନଗୋବିନ୍ଦପୁର ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ ଏବଂ ଜେଏସଡବ୍ଲ୍ୟୁ ସିମେଣ୍ଟ ଲି଼ଃ କାରଖାନାରୁ ଉକ୍ରଟ ବାୟୁ ପ୍ରଦୂଷଣ ସୃଷ୍ଟି କାରଣରୁ ସୁଆଁଲୋ ଗ୍ରାମର ମୁଣ୍ଡାସାହି, ସହରସାହି ଓ ନାୟକସାହିର ପ୍ରାୟ ୧୫୦ ଲୋକ ଗତ ୫ ବର୍ଷରେ ବିଭିନ୍ନ ବାୟୁଜନିତ ରୋଗ କାରଣରୁ ମୃତ୍ୟୁମୁଖରେ ପଡ଼ିଥିବା ସୂଚନା ମିଳିଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି)ର କଳିଙ୍ଗନଗର ଆଞ୍ଚଳିକ କାର୍ଯ୍ୟାଳୟ ଜେଏସ୍‌ଡବ୍ଲ୍ୟୁ ଓ ସୁକିନ୍ଦା ରୋଡ ରେଲ୍‌ୱେ ସାଇଡିଂ କର୍ତ୍ତୃପକ୍ଷଙ୍କୁ ବାୟୁ ପ୍ରଦୂଷଣ ପାଇଁ ନିକଟରେ କାରଣଦର୍ଶାଅ ନୋଟିସ ଜାରି କରିଥିଲେ ହେଁ କିଛି ଫଳପ୍ରଦ ହୋଇ ନ ଥିବା ସୂଚନା ମିଳିଛି।


ଦାନଗଦି ବ୍ଲକ ଧୂଳିଗଡ଼ ପଞ୍ଚାୟତର ସୁଆଁଲୋ ଗ୍ରାମ।

ସୁକିନ୍ଦା ରୋଡ୍ ରେଲ୍‌ୱେ ସାଇଡିଂ ଏବଂ ଏଠାରୁ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲର ପ୍ରଭାବ ଆଗରେ ଏସ୍‌ପିସିବିର ଦମ୍ଭ ଭାଙ୍ଗି ପଡ଼ିଛି। ରାଜ୍ୟ ସରକାର ଦ୍ରୁତ ଶିଳ୍ପାୟନ ସହ ପରିବେଶ ସୁରକ୍ଷା ଉପରେ ବହୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଦାନଗଦି ବ୍ଲକ ଅନ୍ତର୍ଗତ ସୁଆଁଲୋ, ପାତ୍ର ସାହି, ଦେହୁରୀ ସାହି, ମାଝି ସାହି, ବ୍ରାହ୍ମଣ ସାହି, ମାନଗୋବିନ୍ଦପୁର, ଯଖପୁରା, କୁଡୁମୀସାହି, ବରପାଳ, ଦଶମାଣିଆ, ଟାଙ୍ଗରସାହି ଆଦି ଗ୍ରାମବାସୀଙ୍କୁ ସରକାରଙ୍କ ବିଭିନ୍ନ ପଦକ୍ଷେପ କୌଣସି କାର୍ଯ୍ୟରେ ଲାଗୁନାହିଁ। ଶତାଧିକ ଲୋକ ଯକ୍ଷ୍ମା ଓ କାମଳ ରୋଗରେ ଆକ୍ରାନ୍ତ ହେଉଛନ୍ତି। ପରିବେଶ ବିଷାକ୍ତ ଯୋଗୁ ଅନେକ ଅଜଣା ରୋଗ ଦେଖାଦେଉଛି। ଫଳରେ କେବଳ ସୁଆଁଲ ଗ୍ରାମର ଶ୍ରୀମତୀ ନାଏକ, ଜାନକୀ ନାଏକ, କମଳା ନାଏକ, ଦମୟନ୍ତୀ ନାଏକ, ମିନି ନାଏକ, ଗୁରୀ ନାଏକ, ପାଦ ନାଏକ, ପିଙ୍କି ନାଏକ, ବୁଡି ନାଏକ, ଗୁନି ନାଏକ, ଝୁମୁରି ନାଏକ, ପ୍ରମିଳା ନାଏକ, କୁନି ନାଏକ, ଦ୍ରୌପଦୀ ନାଏକ, ଲତା ନାଏକ, ଟିକିଲି ନାଏକ, ବାଲମା ମୁଣ୍ଡା, ଟିକିରି ମୁଣ୍ଡା ପ୍ରମୁଖ ୪୦ ବର୍ଷରୁ କମ ବୟସରେ ବିଧବା ହୋଇଛନ୍ତି। ସେମାନଙ୍କ ସ୍ୱାମୀମାନେ ବିଷାକ୍ତ ଧୂଳିଧୂଆଁରେ କାମ କରି ଉପଯୁକ୍ତ ଚିକିତ୍ସା ନ ପାଇ ଅକାଳରେ ମୃତ୍ୟୁବରଣ କରିଥିବା ଏହି ମହିଳାମାନେ ଦୁଃଖଭରା କଣ୍ଠରେ ପ୍ରକାଶ କରିଛନ୍ତି। ଏବେବି ୧୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଅସୁସ୍ଥ ଥିବା ଜଣାପଡ଼ିଛି। ଗ୍ରାମ ପାଖରେ ଥିବା ରେଲୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁକୁ ପରିବହନ ହେଉଥିବା ବିଷାକ୍ତ କଞ୍ଚାମାଲରୁ ନିର୍ଗତ ଧୂଳିଧୂଆଁ ବ୍ୟବହାର ଉପଯୋଗୀ ପାଣିକୁ ଦୂଷିତ କରୁଛି। ସ୍ୱଚ୍ଛ ପାନୀୟ ଜଳର ଅଭାବ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପାଣି, ପବନ ସବୁ କିଛି ସେଠାରେ ବିଷାକ୍ତ ହୋଇପଡ଼ିଛି। ୩ ୱାର୍ଡ ବିଶିଷ୍ଟ ଏହି ଗ୍ରାମରେ ୩୦୦ରୁ ଊର୍ଦ୍ଧ୍ୱ ପରିବାର ରହୁଛନ୍ତି। ସେମାନଙ୍କ ମଧ୍ୟରୁ ୭୫ ପ୍ରତିଶତ ଆଦିବାସୀ ଶ୍ରେଣୀର ହୋଇଥିବାବେଳେ ୨୦ ପ୍ରତିଶତ ଦଳିତ ଓ ବାକି ୫ ପ୍ରତିଶତ ଅନ୍ୟାନ୍ୟ ଶ୍ରେଣୀର ଲୋକ ବାସ କରୁଛନ୍ତି। ଗ୍ରାମକୁ ଲାଗି ରହିଥିବା ସୁକିନ୍ଦା ରେଲୱେ ସାଇଡିଂକୁ ଅଷ୍ଟ୍ରେଲିଆରୁ କୋଇଲା ଆମଦାନି କରାଯାଇ ଏହି ପ୍ଲଟରୁ କଳିଙ୍ଗନଗର ବିଭିନ୍ନ କାରଖାନାକୁ ପରିବହନ ହେଉଛି। ଏହି ପ୍ଲଟକୁ ହାରାହାରି ଦିନକୁ ୩୦୦ରୁ ଊର୍ଦ୍ଧ୍ୱ ଟ୍ରକ ଚଳାଚଳ କରୁଛି। ତେବେ ଏହା ଉପଯୁକ୍ତ ଭାବେ ଏସ୍‌ପିସିବିର ନୀତି ନିୟମକୁ ମାନୁ ନ ଥିବାରୁ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଲୋକେ ନର୍କଯନ୍ତ୍ରଣା ଭୋଗୁଛନ୍ତି। ଆବଶ୍ୟକ ସୁଉଚ୍ଚ ପାଚେରି, ଚାରାରୋପଣ କରି ସବୁଜବଳୟ ସୃଷ୍ଟି କରାଯାଉ ନ ଥିବାରୁ ଅଞ୍ଚଳ ପ୍ରଦୂଷଣରେ ବୁଡି ରହୁଛି। ରେଲ୍‌ୱେ ସହ ସଲାସୁତୁରା କରି କମ୍ପାନୀ, ଖଣିମାଲିକ, ଟ୍ରାନ୍ସପୋର୍ଟର, ଲୋଡିଂ ଏଜେନ୍ସିମାନେ ଅଧିକ ଲାଭ ଆଶାରେ ପ୍ରଦୂଷଣ ଆଇନକୁ ଖିଲାପ କରି ପରିବହନ କରୁଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ପ୍ରଦୂଷଣ ନିୟନ୍ତ୍ରଣ ଆଇନ(ଜଳ) ୧୯୭୪ ଓ (ବାୟୁ) ୧୯୮୧କୁ ଖିଲାପ କରୁଥିବା ପ୍ଲଟକୁ ତୁରନ୍ତ ସ୍ଥାନାନ୍ତରଣ କରି ଲୋକଙ୍କୁ ବଞ୍ଚିବାର ଅଧିକାର ଦେବାକୁ ପୂର୍ବରୁ ଏନଜିଟିରେ ମାମଲା ରୁଜୁ ହୋଇଥିଲେ ହେଁ କଳେବଳେ ତାକୁ ଦବେଇ ଦିଆଯାଇଛି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ମଦନ ସାହୁଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରଦୂଷଣ ସୃଷ୍ଟି କରୁଥିବା ରେଲ୍‌ୱେ ସାଇଡିଂ ଏବଂ ଜେଏସ୍‌ଡବ୍ଲ୍ୟୁ ସିମେଣ୍ଟ କାରଖାନାକୁ କାରଣଦର୍ଶାଅ ନୋଟିସ ହୋଇଛି। ଉପଯୁକ୍ତ ପଦକ୍ଷେପ ଗ୍ରହଣ ନ କଲେ ଶିଳ୍ପ କାରଖାନା ଓ ରେଲ୍‌ୱେ ସାଇଡିଂ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଧର୍ମାନ୍ତର ବିବାଦକୁ ନେଇ ହୋଇପାରୁନି ଶବ ସତ୍କାର

ଜଳେଶ୍ୱର, ୮।୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ରାଇବଣିଆ ଥାନା କାଳିକ ପଞ୍ଚାୟତ ୪ନମ୍ବର ୱାର୍ଡ ରଙ୍ଗମାଟିଆ ଗାଁରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଦୁଇ ପୁଅଙ୍କ ମଧ୍ୟରେ ଧର୍ମାନ୍ତର ବିବାଦକୁ ନେଇ ବୃଦ୍ଧ ବାପାଙ୍କ ଶବ ସତ୍କାର ହୋଇପାରୁନି। ବଡ଼ପୁଅ ହିନ୍ଦୁ ରୀତିନୀତି ଅନୁସାରେ ବାପାଙ୍କ ଶବ ସତ୍କାର କରିବେ ବୋଲି କହୁଥିବା ବେଳେ ସାନପୁଅ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ଏହାକୁ ନେଇ ବିବାଦ ଦେଖାଦେଇଛି।

ଛୁଟା ହାଁସଦା(୯୫)ଙ୍କ ବାର୍ଦ୍ଧକ୍ୟଜନିତ କାରଣରୁ ବୁଧବାର ରାତିରେ ମୃତ୍ୟୁ ହୋଇଥିଲା। ମାତ୍ର ସାନ ପୁଅ ଭୀମ ହାଁସଦାଙ୍କ ପରିବାର ଖ୍ରୀଷ୍ଟ ଧର୍ମ ଗ୍ରହଣ କରିଛନ୍ତି। ସେ ନିଜ ବାପାଙ୍କୁ ବାଡ଼ିରେ କବର ଦେବା ଓ ଖ୍ରୀଷ୍ଟଧର୍ମ ଅନୁଯାୟୀ ଅନ୍ତେଷ୍ଟିକ୍ରିୟା କରିବେ ବୋଲି ଜିଦ୍ ଧରିଛନ୍ତି। ବଡ଼ପୁଅ ଭରତ ଘଟଣା ସମ୍ପର୍କରେ ଗ୍ରାମରେ ଜଣାଇଥିଲେ। ଗ୍ରାମସଭା ସଭାପତି ମାସାଂଗ ହାଁସଦା, ସାମରାୟ ହାଁସଦା, ମୋହନ ମାରାଣ୍ଡି, ବିରାମ ସୋରେନ, ରଳିଆ ମୁର୍ମୁ, ନାଇକେ ବାବା, ମଙ୍ଗଲ ମାଝୀଙ୍କ ସହ ବହୁ ଗ୍ରାମବାସୀ ଏହାକୁ ବିରୋଧ କରିଥିଲେ। ଏ ନେଇ ଭୀମ ରାଇବଣିଆ ଥାନାର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଥାନାରୁ ଫେରି ନିଜ ବାଡ଼ିରେ କବର ଦେବାର ପ୍ରଶାସନଠୁ ଅନୁମତି ପାଇଁ ଘରବାଡ଼ି ପ୍ରମାଣପତ୍ର ନକଲ ରାଜସ୍ୱ ଅଧିକାରୀ ଓଲମରାକୁ ମଧ୍ୟ ପଠାଇଥିଲେ। ମାତ୍ର ଖବର ଲେଖା ଶେଷ ହେବା ପର୍ଯ୍ୟନ୍ତ ସୁଦ୍ଧା ଶବ ସତ୍କାର ହୋଇପାରି ନ ଥିବାବେଳେ ପ୍ରଶାସନ ମଧ୍ୟ ପହଞ୍ଚି ନ ଥିବାର ଜଣାପଡ଼ିଛି।


ଗ୍ରାମବାସୀଙ୍କ ବିରୋଧ।






"ଆମ ନାକ ଆଗରେ ଯାହା ଯେତିକି ଘଟୁଛି-ତା'ଛଡା ଯେହେତୁ ଆମେ ଆଉ କିଛି ଦେଖିପାରୁନାହୁଁ- ସେଥିପାଇଁ ଆମେ ଏଇସବୁ କୋଳାହଳ ଓ ଦୁର୍ଗନ୍ଧମୟ ବିଷୟ ଭିତରେ ମାତିଯାଇଛୁ। ଆରେ ନିର୍ବୋଧ ହୃଦୟର ମଣିଷମାନେ ! ନୀରବ ରୁହ। ନିଜର କ୍ଷୁଦ୍ର ଅହଂକାରକୁ ବିନାଶକର। ଏବଂ ଉଦାର ଭାବେ, ବିସ୍ତୃତ ଭାବେ ଓ ସାର୍ବଜନୀନ ଭାବେ ସବୁ କଥା ଦେଖିବାକୁ ଶିକ୍ଷାକର। -ଶ୍ରୀଅରବିନ୍ଦ

# ଟ୍ରମ୍ପ ପ୍ରଶାସନରେ ଅସମାନତା



ବ୍ରହ୍ମ ଚେଲାନି

ଗତବର୍ଷ ଜୁନ୍‌ରେ କେତେକ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କଟକଣା ଲଗାଇଥିଲେ। ପୁନର୍ବାର ଗତମାସରେ ସେ ଆଉ ୨୦ଟି ଦେଶର ନାଗରିକଙ୍କ ଆମେରିକା ପ୍ରବେଶକୁ ବନ୍ଦ କରିଥିଲେ। ତେବେ ଜାତୀୟ ସୁରକ୍ଷା ପ୍ରତି ଥିବା ବିପଦ ଦୂର କରିବାପାଇଁ ସେ ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି। ଟ୍ରମ୍ପଙ୍କ କଟକଣାର ଶିକାର ହୋଇଥିବା ଦେଶଗୁଡ଼ିକର ତାଲିକାରୁ ସ୍ପଷ୍ଟ ଯେ, ତାଙ୍କ ପଦକ୍ଷେପ ହେଉଛି କେବଳ ଜାତୀୟ ରାଷ୍ଟ୍ରବାଦ ରାଜନୀତି, ଯାହାକୁ ଆତଙ୍କବାଦ ବିରୋଧୀ ପଦକ୍ଷେପ ଭାବେ ପ୍ରସ୍ତୁତ କରାଯାଇଛି। ୨୦୨୫ରେ ଆଙ୍ଗୋଲା, ଆଣ୍ଟିଗୁଆ ଓ ବାରବୁଡ଼ା, ଡୋମିନିକା, ହାଇତି, ଲାଓସ, ମାଲାୱି, ସେନେଗାଲ, ସିଓରା ଲିଓନ, ଟୋଙ୍ଗା, ଜାମ୍ବିଆ ଏବଂ ଜିମ୍ବାୱେ ସମେତ ଅନେକ ଦେଶ ଉପରେ ଆମେରିକା ପ୍ରବେଶକୁ ନେଇ ଟ୍ରମ୍ପ କଟକଣା ଲଗାଇଥିଲେ। ଦେଖିବାକୁ ଗଲେ ବାସ୍ତବରେ ଏହି ଦେଶଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ସନ୍ତ୍ରାସବାଦରେ ଲିପ୍ତ ଥିବାର କୌଣସି ଇତିହାସ ନାହିଁ। କିନ୍ତୁ ଗତମାସରେ କଟକଣା ଘୋଷଣା କରାଯାଇଥିବା ୨୦ଟି ଦେଶ ମଧ୍ୟରୁ ୧୬ଟି ଦେଶ ଏବଂ ୨୦୨୫ରେ କଟକଣାର ଶିକାର ହୋଇଥିବା ୩୯ଟି ଦେଶ ମଧ୍ୟରୁ ୨୬ଟି ଦେଶ ହେଉଛନ୍ତି ଆଫ୍ରିକାର। ଟ୍ରମ୍ପଙ୍କ ବ୍ୟାପକ କାର୍ଯ୍ୟସୂଚୀରୁ ଜଣାପଡୁଛି ଯେ, ବର୍ଣ୍ଣ ବୈଷମ୍ୟ ଆମେରିକା ନୀତିକୁ ପ୍ରଭାବିତ କରୁଛି। ଏହା ହେଉଛି ୨୦୧୭ରେ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନରେ ଧର୍ମୀୟ ଭେଦଭାବ ନୀତିର ଘୋଷଣା, ଯେଉଁଥିରେ ସେ ୭ଟି ମୁସଲମାନ ବହୁଳ ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଓ ପୁନର୍ବାସ ଉପରେ କଟକଣା ଲଗାଇଥିଲେ।

ଆମେରିକାର ଅଧିକାରୀମାନେ କହନ୍ତି, ସେମାନଙ୍କ ନିଷ୍ପତ୍ତି ବା ଯୋଜନାରେ ସ୍କ୍ରିନିଂ, ଯାଞ୍ଚ ଓ ତଥ୍ୟ ସେୟାରିଂରେ ଅଭାବ ପରିଲକ୍ଷିତ ହେଉଛି। ଏହାସହ କୌଣସି ଦେଶର ନାଗରିକ ଆଇନଗତ ଭାବେ ସାମୟିକ ଭିଜା ବଳରେ ଆମେରିକାକୁ ଆସି ଅନ୍ୟାୟ ଭାବେ ରହିଯାଉଛନ୍ତି। କିନ୍ତୁ ସାବଧାନ ପୂର୍ବକ ତ୍ରୁଟିଶୂନ୍ୟ ଭାବେ ଏହାକୁ ସମାଧାନ କରିବା ପରିବର୍ତ୍ତେ କେତେକ ଅଜବ ଯୁକ୍ତି ଉପସ୍ଥାପନ କରାଯାଉଛି। ଉଦାହରଣ ସ୍ୱରୂପ, ଆମେରିକୀୟ ପ୍ରବାସନ ପରିଷଦ ଯୁକ୍ତି ବର୍ଣ୍ଣାଉଛି, ଅଣ-ଅପ୍ରବାସୀ ଭିଜା (ଯେଉଁମାନେ ଅସ୍ଥାୟୀ ଭିଜାରେ ଆସି ତାହା ପୂରଣ ହେବା ପରେ ରହିଯାଆନ୍ତି) ପ୍ରତିଶତକୁ ଦର୍ଶାଇ ପ୍ରବାସନ ଭିଜା ଉପରେ ଟ୍ରମ୍ପ ପ୍ରଶାସନ ପ୍ରତିବନ୍ଧକ ଲଗାଉଛି। ତେବେ ଟ୍ରମ୍ପଙ୍କ ଟାର୍ଗେଟ ଭଳି ଏହିସବୁ ମାନଦଣ୍ଡକୁ ବିଶେଷକରି ବାଛି ବାଛି କେତେକ ଦେଶ ଉପରେ ଲାଗୁ କରାଯାଉଛି। ଏହାସହ କେତେକ ଦେଶ ଯଥା ଇଜିପ୍ଟ ଓ କୁଏତ୍‌ର ଲୋକେ ଅଧିକ ସଂଖ୍ୟାରେ ଭିଜା ଅବଧି ପୂରଣ ହେବା ପରେ ଆମେରିକାରେ ରହୁଥିଲେ ମଧ୍ୟ ସେମାନେ କୌଣସି କଟକଣାର ସମ୍ମୁଖୀନ ହେଉନାହାନ୍ତି। ଏପରି କି ଦୀର୍ଘ ସମୟ ଧରି ବିଶ୍ୱସ୍ତରରେ ଜିହାଦବାଦ ସହ ଜଡ଼ିତ ଥିବା ପାକିସ୍ତାନ ଓ କତାର ଭଳି ଦେଶକୁ କଟକଣାମୁକ୍ତ ରଖାଯାଇଛି। ଅନ୍ୟପକ୍ଷରେ ସାଉଦି ଆରବ ମଧ୍ୟ ଏଯାବତ୍ ଏହା ଟ୍ରମ୍ପଙ୍କ ଆକ୍ରୋଶର ଶିକାର ହୋଇନାହିଁ।

ଏଭଳି ସୁବିଧା ପାଉଥିବା ଦେଶଗୁଡ଼ିକ ନିର୍ଦ୍ଦିଷ୍ଟ ଭାବେ ବିପଜ୍ଜନକ। କିନ୍ତୁ ସେମାନେ ଆମେରିକା ପାଇଁ ଉପଯୋଗୀ ହେଉଛନ୍ତି। ଇଜିପ୍ଟ ଓ ଇରାକ ଭଳି ଦେଶଗୁଡ଼ିକୁ ରଣନୈତିକ ଦୃଷ୍ଟିରୁ ଅପରିହାର୍ଯ୍ୟ ବୋଲି ବିଚାର କରାଯାଉଛି। ସାଉଦି ଆରବ କେବଳ ଆମେରିକାର ପ୍ରତିରକ୍ଷା ଅଂଶୀଦାର ନୁହେଁ, ବରଂ ଏହା କତାର ଭଳି ଆମେରିକାର ଏକ ପ୍ରମୁଖ ନିବେଶକ ହୋଇଛି ଏବଂ ଟ୍ରମ୍ପଙ୍କ ଜ୍ୱାଇଁ ଜାରେଡ କୁଶନରଙ୍କ ଫାର୍ମରେ ନିବେଶ କରିଛି। ପାକିସ୍ତାନ ୱାର୍ଲ୍ଡ ଲିବର୍ଟି ଫାଇନାନ୍ସିଆଲ ସହ ଏକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତି ସ୍ୱାକ୍ଷର କରିଛି। ଏହା ହେଉଛି ଏକ କ୍ରିପ୍ଟୋକରେନ୍ସି କମ୍ପାନୀ, ଯେଉଁଥିରେ ଟ୍ରମ୍ପଙ୍କ ପରିବାରର ପ୍ରମୁଖ ଅଂଶଧନ ରହିଛି। ଟ୍ରମ୍ପ ପ୍ରଶାସନ ଅନେକ ଦେଶ ଉପରେ କଟକଣାକୁ କଠୋର କରିଥିବାବେଳେ ତୁର୍କମେନିସ୍ତାନ ଉପରେ ପୂର୍ବରୁ ଥିବା ଅଣ-ଅପ୍ରବାସୀ ଭିଜା କଟକଣା ଉଠାଇ ନେଇଥିଲା। ଏହା ସ୍ପଷ୍ଟ ଯେ, ଏହି ଦେଶ ଆମେରିକା ସହ ଶକ୍ତି ଓ ଗୁରୁତ୍ୱପୂର୍ଣ୍ଣ ଖଣିଜଦ୍ରବ୍ୟ ଉପରେ ସହଯୋଗ କରିବାକୁ ଏବଂ ଆମେରିକୀୟ କମ୍ପାନୀଗୁଡ଼ିକୁ ଅଧିକ ସୁଯୋଗ ଦେବାକୁ ରାଜି ହେବା ପରେ ଏଭଳି ନିଷ୍ପତ୍ତି ନିଆଯାଇଥିଲା। ଏଥିରୁ ସ୍ପଷ୍ଟ ଶିକ୍ଷା ମିଳେ ଯେ, ଟ୍ରମ୍ପ ପ୍ରଶାସନର ଯେଉଁ ଦେଶଗୁଡ଼ିକ ସହିତ ଘନିଷ୍ଠତା ରହିଛି କିମ୍ବା ତାଙ୍କ ପରିବାର ଓ ସମ୍ପର୍କୀୟଙ୍କ ସହ ଲାଭଜନକ ବ୍ୟବସାୟିକ ସମ୍ପର୍କ ଅଛି, ସେମାନଙ୍କୁ ଶୁଭ ଦୃଷ୍ଟିରେ ଦେଖାଯାଉଛି। ଆମେରିକାର ସରକାରୀ କାର୍ଯ୍ୟାଳୟ ଏବଂ ବ୍ୟକ୍ତିଗତ ସ୍ୱାର୍ଥ ମଧ୍ୟରେ କୌଣସି ସୀମା ନାହିଁ, ଯେଉଁଥିପାଇଁ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟବସାୟିକ ସାମ୍ରାଜ୍ୟ ଦ୍ରୁତଗତିରେ ବୃଦ୍ଧି ପାଇବାରେ ଲାଗିଛି।

ଆମେରିକାର ସୁରକ୍ଷା ପ୍ରତି ବିପଦର କୌଣସି ଇତିହାସ ନ ଥିବା ଦେଶ ବୁର୍କିନାଫାସୋର ଜଣେ ନାଗରିକଙ୍କୁ ଆମେରିକାରେ ପ୍ରବେଶ ପାଇଁ ବାରଣ କରାଯାଇଛି। କିନ୍ତୁ ଇସ୍‌ଲାମିକ ହିଂସା ଓ ଆମେରିକା ବିରୋଧୀ ଉଗ୍ରବାଦ ଆକ୍ରାନ୍ତ ଜଣେ ବାଂଲାଦେଶୀ ନାଗରିକ ପ୍ରତି ଏଭଳି କଟକଣା ନାହିଁ। ଏହି ପ୍ରକାର ଅସଙ୍ଗତି ବା ଅସମାନତା ଆମେରିକାର କୂଟନୀତି ଓ ଆତଙ୍କବାଦ ବିରୋଧୀ ପଦକ୍ଷେପର ଗୁରୁତ୍ୱକୁ ହ୍ରାସ କରୁଛି। ଯଦି ଟ୍ରମ୍ପ ପ୍ରକୃତରେ ଆମେରିକାକୁ ରକ୍ଷା କରିବାକୁ ଚାହୁଁଥିଲେ ସେ ଗୁରୁତ୍ୱପୂର୍ଣ୍ଣ ଗୋଇନ୍ଦା ଓ ସୁସଙ୍ଗତ ମାନଦଣ୍ଡ ବା ନିୟମକୁ ଆଧାର କରି ଏକ ରଣନୀତି ପ୍ରସ୍ତୁତ କରିପାରି ଥାଆନ୍ତେ। ଏହା ସହ ସେ ଆମେରିକାର ସହଯୋଗୀ ଓ ଶତ୍ରୁମାନଙ୍କୁ ସମାନ ଭାବେ ସାମ୍ନା କରିବା ପାଇଁ ତତ୍ପରତା ପ୍ରଦର୍ଶନ କରିଥାଆନ୍ତେ। ଦୁର୍ଭାଗ୍ୟବଶତଃ ଟ୍ରମ୍ପଙ୍କ ସୁରକ୍ଷା ସମ୍ପର୍କିତ କଥା ପଛରେ ତାଙ୍କର ନିଜସ୍ୱ ସ୍ୱାର୍ଥ ନିହିତ ଥିବା ପ୍ରମାଣ କରିଛନ୍ତି। ତେବେ ଜାତୀୟ ସୁରକ୍ଷା କଥା କିଭଳି ଆକ୍ରମଣାତ୍ମକ କୂଟନୀତି ଓ ବ୍ୟକ୍ତିଗତ ଲାଭ ପାଇଁ ଉପଯୋଗ କରାଯାଇପାରେ ତାହାର ଏକ ଉଦାହରଣ ହେଉଛି ଏବକାର ଯାତ୍ରା ସମ୍ବନ୍ଧିତ କଟକଣା। ବାସ୍ତବରେ 'ଆମେରିକା ପ୍ରଥମ' ବିଚାରଧାରାରୁ ଏହା ସ୍ୱାଭାବିକ ଭାବେ ସୃଷ୍ଟି ହୋଇଥିଲା। ସବୁବେଳେ ଏହି ଧାରଣାର ଉଦ୍ଦେଶ୍ୟ ଥିଲା ଅନ୍ତଃରାଷ୍ଟ୍ରୀୟ କାର୍ଯ୍ୟରେ ଏକ ନେଣଦେଣ ଦୃଷ୍ଟିକୋଣକୁ ଯୁକ୍ତିଯୁକ୍ତ ସାବ୍ୟସ୍ତ କରିବା। କିନ୍ତୁ ଟ୍ରମ୍ପଙ୍କ ଦ୍ୱିତୀୟ ରାଷ୍ଟ୍ରପତିତ୍ୱ ସମୟରେ ଏହା ନିରାଶବାଦର ଉଚ୍ଚସ୍ତରରେ ପହଞ୍ଚିଯାଇଛି। ଆମେରିକାର ସୁରକ୍ଷା ସ୍ଥିତି ଯାହା ବି ହେଉ, ଏବେ ଯେଉଁମାନେ ଟ୍ରମ୍ପଙ୍କୁ ପର୍ଯ୍ୟାପ୍ତ ଲାଭ ଦେବାରେ ବିଫଳ ହେଉଛନ୍ତି ସେମାନେ ଦଣ୍ଡିତ ହେଉଛନ୍ତି ଏବଂ ଯେଉଁମାନେ ତାଙ୍କ ପାଇଁ ଉପକାରୀ ପ୍ରମାଣିତ ହେଉଛନ୍ତି ସେମାନେ ଦଣ୍ଡରୁ ମୁକ୍ତ ହେଉଛନ୍ତି।

**ପ୍ରାଧ୍ୟାପକ, ଏମରିଟସ ଅଫ୍ ଷ୍ଟ୍ରାଟେଜିକ ଷ୍ଟଡିଜ୍, ସେଣ୍ଟର୍ ଫର୍ ପଲିସି ରିସର୍ଚ୍ଚ (ନୂଆଦିଲ୍ଲୀ)**

# ଗରିବ କଲ୍ୟାଣ ପାଇଁ ମୋଦୀଜୀଙ୍କ ଭିବି ଜି-ରାମ୍-ଜି



ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ନିକଟ ଅତୀତରେ ଆମ ସଂସଦରେ ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ) ଭିବି ଜି-ରାମ୍-ଜି ଆଇନ ପାରିତ ହୋଇଛି। ଦେଶରେ ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ଏହି ଆଇନର ବିରୋଧ କରିବା ସହ ରୋଜଗାରର ଗ୍ୟାରେଣ୍ଟି ଶେଷ ହୋଇଯିବା, ଗାନ୍ଧୀଜୀଙ୍କ ଅପମାନ ପରି ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢ଼ା ଅଭିଯୋଗ ଆଣି ଜନମତ ଭ୍ରମିତ କରିବାର ଅପଚେଷ୍ଟା କରୁଛି। ଆମ୍ ଆଦ୍‌ମୀ ପାର୍ଟି ଶାସିତ ପଞ୍ଜାବ ବିଧାନସଭାରେ ଏହି ଆଇନ ବିରୁଦ୍ଧରେ ପ୍ରସ୍ତାବ ମଧ୍ୟ ପାରିତ ହୋଇଛି। ଗଣତନ୍ତ୍ରରେ ଦ୍ୱିମତ ହେବା କିଛି ଖରାପ କଥା ନୁହେଁ। ମତ ଓ ଭିନ୍ନ ଭିନ୍ନ ମତ ଓ ମତ ମତାନ୍ତର ଗଣତନ୍ତ୍ରକୁ ସୁଦୃଢ଼ କରେ। ଏହା ଆମେ ଭାରତୀୟ ଜନତା ପାର୍ଟି କାର୍ଯ୍ୟକର୍ତ୍ତା ପୃଷ୍ଠଭୂମିରୁ ସରକାରକୁ ଆସିଥିବା ବ୍ୟକ୍ତିମାନଙ୍କର ଗଣତାନ୍ତ୍ରିକ ବ୍ୟବସ୍ଥା ଉପରେ ଅଖଣ୍ଡ ବିଶ୍ୱାସ। ମାତ୍ର ଗଣତାନ୍ତ୍ରିକ ବିତର୍କର ଗୋଟିଏ ବଡ଼ ସର୍ତ୍ତ ରହିଛି। ଏହି ମତାନ୍ତରର ଆଧାର ସତ୍ୟ ଓ ତଥ୍ୟ ଆଧାରିତ ହେବା ଉଚିତ। ବିତର୍କର ନିର୍ଯ୍ୟାସ ଯେତେବେଳେ ସାମ୍ନାକୁ ଆସିବ କିଏ ଠିକ୍ କିଏ ଭୁଲ୍ ସେତେବେଳେ ତା'ର ଆନୁଷ୍ଠାନିକ ଘୋଷଣାର ଆବଶ୍ୟକତା ନାହିଁ। ଭାରତ ଓ ଓଡ଼ିଶାର ସମୃଦ୍ଧ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଲୋକମାନେ ସେମାନଙ୍କର ମନ ବନେଇ ନେବେ।

ଭିବି ଜି-ରାମ୍-ଜି ବିବାଦ ପରିପ୍ରେକ୍ଷୀରେ ଓଡ଼ିଆ ଲୋକମାନଙ୍କର ଜଣେ ସେବକ ଭାବରେ ଏହି ନିବନ୍ଧ ମାଧ୍ୟମରେ କିଛି ତଥ୍ୟ ଓ ସତ୍ୟକୁ ଉପସ୍ଥାପିତ କରିବି। ମୋ ବୈଚାରିକ ପୃଷ୍ଠଭୂମି ଆଧାରରେ ବ୍ୟାଖ୍ୟା କରିବି। ମୋ ପ୍ରିୟ ଓଡ଼ିଶାବାସୀ ଏହାକୁ ହୃଦୟଙ୍ଗମ କରିବେ ବୋଲି ମୋର ଦୃଢ଼ ବିଶ୍ୱାସ। ଏହା ସହ ଆଦିବାସୀ, ଦଳିତ, ପଛୁଆବର୍ଗ, ମହିଳା, ଚାଷୀ ଓ ଯୁବପିଢ଼ିର କିଏ ହିତାକାଂକ୍ଷୀ, କିଏ ଗରିବର ପ୍ରକୃତ ବନ୍ଧୁ ତା'ର ଆକଳନ ବି ସ୍ପଷ୍ଟ ଭାବରେ କରିଦେବେ।

ନିବନ୍ଧ ଆରମ୍ଭରୁ ମୁଁ ସ୍ପଷ୍ଟତାର ସହ କହିବାକୁ ଚାହେଁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କର ଲକ୍ଷ୍ୟ ୨୦୪୭ ସୁଦ୍ଧା ବିକଶିତ ଭାରତ। ବିକଶିତ ଭାରତର ମୂଳଦୁଆ ଗରିବ କଲ୍ୟାଣ। ଓଡ଼ିଶାରେ ଡବଲ ଇଞ୍ଜିନ ସରକାରରେ ଆମ ସ୍ୱତନ୍ତ୍ର ପ୍ରଦେଶ ଗଠନର ୧୦୦ ବର୍ଷ ମାନେ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଆମର ଲକ୍ଷ୍ୟ। ବିକଶିତ ଭାରତ ଗଠନରେ ଓଡ଼ିଶାର ଏକ ପ୍ରମୁଖ ଭୂମିକା ରହୁ ଏଥିପାଇଁ ମୋଦୀଜୀଙ୍କ ମାର୍ଗଦର୍ଶନରେ ବିକାଶର ନକ୍ସା ଆଧାରରେ ଆମେ କାମ କରୁଛୁ।

ମୋର ଦୃଢ଼ ବିଶ୍ୱାସ ଏହି ନୂତନ ଭିବି ଜି-ରାମ୍-ଜି ଆଇନ ମୋଦୀଜୀଙ୍କ ବିକଶିତ ଭାରତ ନିର୍ମାଣ ସ୍ୱପ୍ନକୁ ସାକାର କରିବା ପାଇଁ ଗରିବ ଓ ମେହନତି ମଣିଷର ଯୋଗଦାନକୁ ଆହୁରି ବଢ଼ାଇବ। ପୁରୁଣା ଏମ୍‌ଜିଏନ୍‌ଆର୍‌ଇଜିଏର ତ୍ରୁଟି ବିଚ୍ୟୁତିକୁ ଅନୁଭବ ଆଧାରରେ ଦୂରକରି ଭିବି ଜି-ରାମ୍-ଜି ନୂଆ ଅଧ୍ୟାୟ ସୃଷ୍ଟି କରିବ।

ଏବେ ଆସିବା କିଛି ତଥ୍ୟକୁ। ପୂର୍ବରୁ କିଛି ମତ ରଖିଲି ଏବଂ ପରେ ମୋର ମତ ରଖିବି। ମତ ସହ କିଏ ଦ୍ୱିମତ ହୋଇପାରେ। ମାତ୍ର ତଥ୍ୟ ହେଉଛି ପ୍ରାମାଣିକ ସତ୍ୟ। ମୋ ସାମ୍ନାକୁ ଆସିଥିବା କିଛି ତଥ୍ୟ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରୁଛି।

ୟୁପିଏ ଶାସନର ଦ୍ୱିତୀୟ ପାଳିରେ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ବଜେଟ ପ୍ରବଳ ମାତ୍ରାରେ ତଳକୁ ତଳକୁ ଯାଇଥିଲା। ୨୦୧୦-୧୧ ଆର୍ଥିକ ବର୍ଷରେ ୪୦,୧୦୦ କୋଟିର ବଜେଟ ୨୦୧୨-୧୩ ଆର୍ଥିକ ବର୍ଷରେ ୩୩,୦୦୦ କୋଟିରେ ପହଞ୍ଚିଥିଲା। ସେତେବେଳର ବିଭାଗୀୟ ରାଜ୍ୟ ପାହ୍ୟା ମନ୍ତ୍ରୀ ରାଜୀବ ଶୁକ୍ଳା ସଂସଦରେ ଉତ୍ତର ଦେଇ କହିଥିଲେ, ୨୦୧୦-୧୧ରେ ୭.୫୫ କୋଟି ଶ୍ରମିକରୁ ୨୦୧୩ ନଭେମ୍ବର ବେଳକୁ ଏହା ଖସି ୬.୯୩ କୋଟିରେ ପହଞ୍ଚିଥିଲା। ଅର୍ଥ ପ୍ରଦାନରେ ଅହେତୁକ ବିଳମ୍ବ, ଶ୍ରମିକକୁ ଅର୍ଥ ପ୍ରଦାନରେ ପାରଦର୍ଶିତାର ଘୋର ଅଭାବ, ପ୍ରଶାସନିକ ସ୍ଥାଣୁତା ଶ୍ରମିକମାନଙ୍କର ଏହି ଯୋଜନାରେ କାମ ପାଇଁ ଆଗ୍ରହକୁ କମ୍ କରୁଥିଲା।

ମୋଦୀ ଶାସନ କାଳ ଆରମ୍ଭରୁ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାକୁ ଦୁର୍ବଳ କରି ଦେବାକୁ ଷଡ଼ଯନ୍ତ୍ର ହୋଇଥିଲା ବୋଲି ସଂସଦ ଭିତରେ ଓ ବାହାରେ ବହୁ ତୁମ୍ଭିତୋଫାନ ହୋଇଛି। ବିତର୍କ ତଥ୍ୟ ଆଧାରିତ ହେବା ଉଚିତ। ୨୦୧୩-୧୪ ୟୁପିଏ ଶେଷ ବର୍ଷରେ ଏହି ଯୋଜନାର ୩୩ ହଜାର କୋଟି ବଜେଟ ବଢ଼ି ବଢ଼ି ମୋଦୀଙ୍କ ଶାସନରେ ୨୦୨୪-୨୫ରେ ୮୬ ହଜାର କୋଟିରେ ପହଞ୍ଚିଛି। ୟୁପିଏର ଶେଷ ବର୍ଷ ୨୦୧୩-୧୪ରେ ୧୬୬୦ କୋଟି ମ୍ୟାନ୍ ଡେଜର କାମ ଏନ୍‌ଡିଏ ଶାସନରେ ୩,୨୧୦ କୋଟିରେ ପହଞ୍ଚିଥିଲା। ଏହି ସମୟରେ କେନ୍ଦ୍ରୀୟ ଅର୍ଥର ବ୍ୟୟବରାଦ ୨.୧୩ ଲକ୍ଷ କୋଟିରୁ ବଢ଼ି ୮.୫୩ ଲକ୍ଷ କୋଟିରେ ପହଞ୍ଚିଲା। ସମ୍ପୂର୍ଣ୍ଣ କାମର ସଂଖ୍ୟା ୧୫୩ ଲକ୍ଷରୁ ୮୬୨ ଲକ୍ଷରେ ପହଞ୍ଚିଲା। ଏହି କାମରେ ମହିଳାଙ୍କ ଭାଗୀଦାରି ୪୮ ପ୍ରତିଶତରୁ ବଢ଼ି ୫୬ ପ୍ରତିଶତରୁ ଅଧିକ ହେଲା। ଏହି ଯୋଜନାରେ ପାଖାପାଖି ୯୯ ପ୍ରତିଶତ ଶ୍ରମିକ ଆଧାର ସଂଯୁକ୍ତ ଅର୍ଥ ପ୍ରଦାନରେ ଯୋଡ଼ି ହୋଇଥିଲେ। ଏହା ଏହି ଯୋଜନା ପ୍ରତି ବୈମାତୃକ ମନୋଭାବ ନୁହେଁ ବରଂ ମୋଦୀ ସରକାରଙ୍କର ଗରିବମାନଙ୍କୁ ଲାଭ ପହଞ୍ଚାଇବାର ନିଷ୍ଠାକୁ ହିଁ ଦର୍ଶାଉଛି।

ନାମ ପରିବର୍ତ୍ତନ ବିବାଦକୁ ପରେ ଆସିବି, ମାତ୍ର ଆଉ କିଛି ତଥ୍ୟକୁ ମୁଁ ଆପଣଙ୍କ ସାମ୍ନାରେ ଉପସ୍ଥାପନା କରିବାକୁ ଚାହୁଁଛି। ପୁରୁଣା ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ପରିବାର ପିଛା ବାର୍ଷିକ ୧୦୦ ଦିନର କାମର ଗ୍ୟାରେଣ୍ଟି ଥିଲା। ମାତ୍ର ଯଦି ଆମେ ତଥ୍ୟକୁ ଦେଖିବା ୧୦୦ ଦିନ ପରିବର୍ତ୍ତେ ହାରାହାରି ୫୦ ଦିନର କାମ ମିଳୁଥିଲା। ଏହି ଯୋଜନାରେ ତଦାରଖ ଓ ଉତ୍ତରଦାୟିତ୍ୱ ବ୍ୟବସ୍ଥାରେ ଗୁରୁତର ତ୍ରୁଟି ବିଚ୍ୟୁତି ଥିଲା ; ଯାହା ପାଇଁ ଏହି ଯୋଜନା ଦୁର୍ନୀତିରେ ପୋତି ହୋଇପଡୁଥିଲା। ୨୦୦୬ରୁ ୨୦୧୧ ଭିତରେ ବିହାରରେ ୬ ହଜାର କୋଟିର ସ୍କାମ, ୨୦୧୧ରେ ଉତ୍ତର ପ୍ରଦେଶରେ ୧୦ ହଜାର କୋଟିର ଫେକ୍ ଜବ କାର୍ଡ, ମିଛ ପର୍‌ଚେଜର ସ୍କାମ ସାମ୍ନାକୁ ଆସିଥିଲା। ୨୦୧୨ରେ ଆମ ଓଡ଼ିଶାର ସମ୍ବଲପୁରରେ ମୃତ, ବୟୋବୃଦ୍ଧ, ରୋଗୀଙ୍କୁ ନେଇ ମିଛ କର୍ମ ନିଯୁକ୍ତି, ଅର୍ଦ୍ଧ ନିର୍ମିତ ରାସ୍ତା କାମ ତଥା ଆଦୌ ହୋଇ ନ ଥିବା କାମର ବିଲ୍ ଉଠିଥିଲା। ଗୋଟିଏ କାମକୁ ବାରମ୍ବାର ବିଲ୍ କରାଯାଇଥିଲା। ମୋଟାମୋଟି ଦୁର୍ବଳ ଯୋଜନା, ଅସଂଗଠିତ ବା ଅନଷ୍ଟ୍ରକ୍‌ଚର୍ଡ କର୍ମ ନିଯୁକ୍ତି, ସ୍ଥାନୀୟ ବିକାଶ ଆବଶ୍ୟକତା ଅନୁସାରେ ଯୋଜନା ନ ହେବା, ବିଭିନ୍ନ ଋତୁକାଳୀନ ଓ ପ୍ରଶାସନିକ ସମସ୍ୟା ଏହି ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାକୁ ଅନ୍ତଃସାର ଶୂନ୍ୟ କରିଦେଇଥିଲା।

ଏମ୍‌ଜିଏନ୍‌ଆର୍‌ଇଜିଏକୁ ସମାପ୍ତ କରି ଭିବି ଜି-ରାମ୍-ଜି ମୋଦୀଙ୍କ ୨୦୪୭ରେ ବିକଶିତ ଭାରତ ଲକ୍ଷ୍ୟକୁ ହାସଲ କରିବାକୁ ଉଦ୍ଦିଷ୍ଟ। ୧୦୦ ଦିନ ପରିବର୍ତ୍ତେ ୧୨୫କାର୍ଯ୍ୟ ଦିବସରେ ଗ୍ୟାରେଣ୍ଟି ଏଥିରେ ଅଛି। ଗ୍ରାମାଞ୍ଚଳ କର୍ମ ନିଯୁକ୍ତି ବ୍ୟବସ୍ଥାର ଆଧୁନିକୀକରଣ କରାଯାଇ ପୂର୍ବ ଆଇନରେ ଥିବା ବହୁଦିନର ଦୁର୍ବଳତାକୁ ଦୂର କରାଯାଇଛି। ଦୀର୍ଘ ସ୍ଥାୟୀ ଗ୍ରାମୀଣ ଆସେଟ୍ ପ୍ରସ୍ତୁତ କରିବା ମାଧ୍ୟମରେ ଗ୍ରାମାଞ୍ଚଳରେ ଉତ୍ପାଦନ କ୍ଷମତା ବୃଦ୍ଧିକରିବା ଏହି ନୂଆ ନିୟମର ମୂଳଲକ୍ଷ୍ୟ। ପୂର୍ବରୁ ଲେବର୍ ବଜେଟ ଅନିଶ୍ଚିତ ଥିଲା। ଏଥିରେ ପରିବର୍ତ୍ତନ କରାଯାଇ ରାଜ୍ୟମାନଙ୍କୁ ମଧ୍ୟ ଅନେକ କ୍ଷେତ୍ରରେ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ୨୬୦ ପ୍ରକାରର ଛୋଟ ବଡ଼ କାମକୁ ଷ୍ଟ୍ରିମ୍ ଲାଇନ କରାଯାଇ ଚାରୋଟି ପ୍ରମୁଖ କ୍ଷେତ୍ରରେ କର୍ମ ନିଯୁକ୍ତି ଉପରେ ଗୁରୁତ୍ୱ ଆରୋପ କରାଯାଇଛି। ଏଗୁଡିକ ହେଲା ଗ୍ରାମାଞ୍ଚଳ ବିକାଶର ୪ଟି ପ୍ରମୁଖ ଦିଗ ଯଥା ଜଳ ସୁରକ୍ଷା (Water Security), ଗ୍ରାମୀଣ ଭିତ୍ତିଭୂମି (Rural Infra-structure), ଜୀବିକା ସମ୍ପଦ(Livelihood Assets) ଏବଂ ଜଳବାୟୁ ସୁରକ୍ଷା (Climate Protection)। ଏହା ୨୦୪୭ ବିକଶିତ ଭାରତର ୪ ଆଧାର ସ୍ତମ୍ଭ ହେବ। କୃଷି କ୍ଷେତ୍ରକୁ ଆଖି ଆଗରେ ରଖି ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ ଚାଷ ଓ ଅମଳ ସମୟରେ ୬୦ ଦିନ ଏହି କାମ ଦେବା ପାଇଁ ସ୍ଥାନୀୟ ସ୍ତରରେ ନିଷ୍ପତ୍ତି ନେବା ପାଇଁ ଅଧିକାର ଦିଆଯାଇଛି। ଅର୍ଥାତ୍ ପୂର୍ବରୁ ଯେପରି ମିଛରେ କାମ ହୋଇଛି କହି ମିଛ କାଗଜପତ୍ର ଆଧାରରେ ଖର୍ଚ୍ଚ କରାଯାଇଥିଲା ସେଥିରେ ରୋକ ଲାଗିବ। ଏହାଦ୍ୱାରା କୃଷି କ୍ଷେତ୍ରରେ ଶ୍ରମିକ ଅଭାବ ଓ ମଜୁରି ବଢ଼ିବା ସମସ୍ୟା ଦୂର ହେବ।

ଏଆଇ ଏବଂ ଜିପିଏସ୍ ମୋବାଇଲ ଟ୍ରାକିଂ ଆଧୁନିକ ଟେକ୍ନୋଲୋଜି ଆଦିର ବହୁଳ ବ୍ୟବହାର, ବାଧ୍ୟତାମୂଳକ ତଥ୍ୟ ସାର୍ବଜନୀନକରଣ, ବାଧ୍ୟତାମୂଳକ ସୋସିଆଲ ଅଡିଟ ନୂଆ ଯୋଜନାକୁ ପାରଦର୍ଶୀ କରିବ। କାମ ମାଗିବାର୧୫ଦିନ ମଧ୍ୟରେ କାମ ଯୋଗାଇ ନ ପାରିଲେ ଭତ୍ତା ଯୋଗାଣକୁ ସୁନିଶ୍ଚିତ କରାଯିବାର ବ୍ୟବସ୍ଥା କରାଯାଇଛି।

ମୋଟା ମୋଟି ଲୋକଙ୍କ ହାତକୁ କାମ ଦରକାର ଓ ରୋଜଗାର ଦରକାର। ମୋଦୀଙ୍କ ଭିବି ଜି-ରାମ୍-ଜି ରେ ଅଧିକ ଦିନ କାମ, ଅଧିକ ରୋଜଗାର, କାମ ନ ମିଳିଲେ ଭତ୍ତା ସହ ଟେକ୍ନୋଲୋଜିର ବହୁଳ ବ୍ୟବହାର ଚୋରି-ଚପାଟି ଓ ଦୁର୍ନୀତି ଉପରେ ରୋକ ଲଗାଇବ। ଏହା ସହ ଖାଲି କାମ ନୁହେଁ ଦୀର୍ଘ ମିଆଦୀ ରୋଜଗାର ସୁଯୋଗ ସୃଷ୍ଟି ପାଇଁ ଭିତ୍ତିଭୂମି ସୃଷ୍ଟି କରିବ। ଗାଁ ଓ ଗରିବଙ୍କ ମନ ବୁଝି ସେମାନଙ୍କ ଜରୁରୀ ଆବଶ୍ୟକତା ପୂରଣ କରିବାର ରୋଜଗାରର ପନ୍ଥାକୁ ସୁନିଶ୍ଚିତ କରିବ ଭିବି ଜି-ରାମ୍-ଜି ।

ଆଉ ରହିଲା ଗାନ୍ଧୀଜୀଙ୍କ ନାଁ କାହିଁକି ବଦଳାଇଲ। ଆମେ ବିଜେପିର କାର୍ଯ୍ୟକର୍ତ୍ତାଙ୍କ ପାଇଁ ଗାନ୍ଧୀଜୀ ଓ ଦୀନ ଦୟାଲଜୀଙ୍କ ବିଚାର ସର୍ବୋପରି। ବାଜପେୟୀଜୀଙ୍କ ସୁଶାସନ ମଡେଲ ହେଉ ବା ମୋଦୀଜୀଙ୍କ ଗରିବ କଲ୍ୟାଣ ଏହା ମୂଳରେ ଗାନ୍ଧୀଜୀଙ୍କ ଗ୍ରାମ ସ୍ୱରାଜ ଓ ଦୀନ ଦୟାଲଙ୍କ ଏକାତ୍ମ ମାନବ ଦର୍ଶନ ; ଯାହାର ମୂଳମନ୍ତ୍ର ବିକାଶ ପାହାଚର ଶେଷଧାଡ଼ିରେ ଥିବା ଲୋକ ପାଖରେ ଯୋଜନାର ଲାଭ ପହଞ୍ଚାଇବା। ମୋଦୀଜୀଙ୍କ ଭିବି ଜି-ରାମ୍-ଜି ପଛରେ ରହିଛି ଗାନ୍ଧୀବାଦର ପ୍ରେରଣା।

ଶେଷରେ କଂଗ୍ରେସ ବନ୍ଧୁମାନଙ୍କୁ ପ୍ରଶ୍ନ, କଂଗ୍ରେସ ଶାସନରେ ଗୋଟିଏ ଯୋଜନାର ନାଁ ଥିଲା ଜବାହର ରୋଜଗାର ଯୋଜନା। ସେ ଯୋଜନା ରହିଲାନି। କଂଗ୍ରେସ ଶାସନ କାଳରେ ଏହା ହେଲା। ଏହାର ମାନେ କ'ଣ କଂଗ୍ରେସ ନେହେରୁଙ୍କର ଅପମାନ କଲା ? ନା ଯୋଜନାରେ 'ରାମ' ନାମ କଂଗ୍ରେସକୁ ଛଟପଟ କରୁଛି ?

ଜୟ ଜଗନ୍ନାଥ

# ମାନପତ୍ର



ଧ୍ରୁବ ଚରଣ ଘିବେଲା

ସୁନ୍ଦର ନାଁଟିଏ ମାନପତ୍ର। ପତ୍ର ବା ଲେଖାର ଉପଯୁକ୍ତ ମାନ ସମ୍ମାନ ଥାଏ ବୋଲି ତା' ନାଁ ମାନପତ୍ର। ତେଣୁ ମାନପତ୍ର ସବୁବେଳେ ମାନଯୁକ୍ତ ରହିବା ଉଚିତ। ମାନପତ୍ର ଦେଖିଲେ ତା'ର ମାନ ଥାଏ କେତେ ଜଣାପଡ଼େ। ପ୍ରଥମତଃ ମାନପତ୍ର ନିର୍ଭୁଲ ରହିବା ଦରକାର। ବହୁତ ବନାନ ଅଶୁଦ୍ଧି ଥିଲେ ମାନପତ୍ରର ମାନ ବନାନ ଅଶୁଦ୍ଧି ପାଇଁ କ୍ଷୁଣ୍ଣ ହୁଏ। ବନାନ ଶୁଦ୍ଧି ସହ ତହିଁରେ ଉଲ୍ଲେଖିତ ଶବ୍ଦ ସବୁର ଉତ୍ତମ ଚୟନ ଓ ସୁନ୍ଦର ଶବ୍ଦ ବସାଣ ଥିଲେ ସେଇ ଆଳଙ୍କାରିକ ଶବ୍ଦାବଳୀ ମାନପତ୍ରର ମାନ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ। ଉତ୍ତମ ଲେଖା ପାଇଁ ମାନପତ୍ରର ଶ୍ରୀ ସୌନ୍ଦର୍ଯ୍ୟ ବୃଦ୍ଧି ହୁଏ।

ଯେ କୌଣସି ନାଁକରା ଗୀତସଙ୍ଗୀତର ଗୀତିକାର ଅନେକ କ୍ଷେତ୍ରରେ ଯେମିତି ପ୍ରଚ୍ଛଦପଟରେ ରହିଥାନ୍ତି/ ରହିଯାନ୍ତି, ଠିକ୍ ସେମିତି ମାନପତ୍ର ଲେଖାଳି କିଏ ସେ ଆଦୌ ସାମ୍ନାକୁ ଆସି ନ ଥାନ୍ତି। ଗୀତିକାରଙ୍କୁ ତ ଅନେକ ଜାଣିବାର ଚିହ୍ନିବାର ସୁଯୋଗ ଥାଏ। ହେଲେ ମାନପତ୍ର ଲେଖାଳିଙ୍କୁ ଜାଣିବାର ସୁଯୋଗ ନ ଥାଏ କହିଲେ ଚଳେ। ଯା' ହେଉ କାହାକୁ କେଉଁଠି ଯଦି ପୁରସ୍କାର ଦିଆଯାଏ, ତେବେ ତାଙ୍କ ହାତକୁ ଆଗ ମାନପତ୍ରଟେ ବଢ଼େଇ ଦିଆଯାଇଥାଏ। ଆଉ ବେକରେ ତାଙ୍କର ପକେଇ ଦିଆଯାଏ ଗାମୁଛା ଖଣ୍ଡେ। ହାତକୁ ଫୁଲତୋଡ଼ାଟେ।

ଆଜିକାଲି ମାନପତ୍ର ନାଁରେ ଅମାନପତ୍ର(!) ବେଶି ଦିଆଯାଉଥିବା ମନେହୁଏ। ଅନେକ ମାନପତ୍ର ନିର୍ଭୁଲ ନ ଥାଏ। ତହିଁରେ ଭୁଲ୍ ଥାଏ। ତେଣୁ ସୁନ୍ଦର ମାନପତ୍ର ପାଇଁ ଉତ୍ସବ ଆୟୋଜନର ନିର୍ଦ୍ଦିଷ୍ଟ ନିର୍ଦ୍ଧାରିତ ତାରିଖ ବା ଦିନର ବହୁତ ଦିନ ଆଗରୁ ମାନପତ୍ର ପ୍ରସ୍ତୁତି କାମ ସରିଥିବା ଦରକାର। ଆଗରୁ ଲେଖାଗଲେ ମାନପତ୍ର, ମାନପତ୍ର ଭଳିଆ ତିଆରି ହୋଇପାରିବ। ଉତ୍ସବର ଠିକ୍ ଦିନେ କି ଦି' ଦିନ ଆଗରୁ ମାନପତ୍ର ପ୍ରସ୍ତୁତ କରାଗଲେ ଲେଖାର ମାନ ଠିକ୍ ନ ରହିବା ସହିତ ନିର୍ଭୁଲ ନ ରହିବା ସମ୍ଭାବନା ଯଥେଷ୍ଟ ଅଧିକ ରହେ। ମାନପତ୍ର ପ୍ରସ୍ତୁତି ପାଇଁ ସମୟ ଦେବା ଦରକାର ଯେମିତି ତାହା ସୁନ୍ଦର ଓ ସୁଦୃଶ୍ୟ ଥିବ। ପୁଣି ସୁନ୍ଦର ଓ ସୁଦୃଶ୍ୟ ମାନପତ୍ର ତିଆରି ସମ୍ଭବ ଯଦି ପୁରସ୍କାର ସଂଖ୍ୟା ସୀମିତ ଥିବ। ୫୧, ୭୧, ୧୦୧ ପ୍ରତିଭାସମ୍ପନ୍ନ ବ୍ୟକ୍ତିବିଶେଷଙ୍କୁ ପୁରସ୍କାର ଦିଆଗଲେ ସେଇଠି ନା ମାନପତ୍ରର ମାନ ଠିକ୍ ଥିବାର ଆଶା ରହିବ ନା ଉତ୍ତରୀୟର ମାନ ରହିବ। ସେଇଠି ଫୁଲତୋଡ଼ା ନାଁରେ ପତ୍ରତୋଡ଼ା



ଦିଆଯିବାରେ ମଧ୍ୟ ଆଶ୍ଚର୍ଯ୍ୟ ହେବାର ପ୍ରଶ୍ନ ନ ଥିବ। ଫୁଲ ନ ଥାଇ କେବଳ ପତ୍ର ମୋଡ଼ି ଦିଆଗଲେ ତାହା ଫୁଲତୋଡ଼ା ନ ହୋଇ ପତ୍ରତୋଡ଼ା ପଦବାଚ୍ୟ ହେବ ନିଶ୍ଚୟ। ଫୁଲତୋଡ଼ା ବଦଳରେ ପତ୍ରତୋଡ଼ା ଦେଲେଣି କେଉଁଠି କେଉଁଠି ଖର୍ଚ୍ଚକାଟ ନୀତି ଧରି। ପତ୍ରତୋଡ଼ା ଦିଆଯାଇଥିବା ଘଟଣା ଏ ଲେଖକ ନିଜେ ଦେଖିଛି ଗୋଟେ ସାହିତ୍ୟ ସଭାରେ। ପୁଣି ୫୧, ୭୧ ଜଣଙ୍କୁ ମାନପତ୍ର କେଉଁଠି ଦିଆଗଲେ ସେଠି କପି ପେଷ୍ଟ ମାନପତ୍ର ଦିଆଯିବ। ଏତେ ପ୍ରତିଭାଧରଙ୍କ ପାଇଁ ଅଲଗା ଅଲଗା ମାନପତ୍ର ତିଆରିକରିବା ଅସମ୍ଭବ କଥା। ସେଇ କ୍ଷେତ୍ରରେ ସବୁ ମାନପତ୍ରର ବିଷୟବସ୍ତୁ ସମାନ ଥାଏ। ସେଠି ପୁଣି ଛପା ନାଁ ରହେନି। ହାତଲେଖା ନାଁ ଥାଏ। ମୁଦ୍ରିତ ନାଁ ନ ଥାଏ।

ଆଗର ହାତଲେଖା ମାନପତ୍ରର ବି ମର୍ଯ୍ୟାଦା ଥିଲା। ସୁନ୍ଦର ଅକ୍ଷରରେ ମାନପତ୍ର ଲେଖାଯାଉଥିଲା। ଏବେ ମୁଦ୍ରିତ ମାନପତ୍ର ମାନରହିତ ରହୁଥିବା ଦେଖାଯାଏ। କମ୍ ଲୋକଙ୍କୁ ପୁରସ୍କାର ଦିଆଗଲେ ମୁଦ୍ରିତ ନାଁ ରୁହନ୍ତା। ସ୍ଥଳବିଶେଷରେ ଶହ ଶହଙ୍କୁ ପୁରସ୍କାର ଦିଆଯାଉଥିବାରୁ ବିଷୟବସ୍ତୁ ସମାନ ଥାଇ ନାଁ ପୂରଣ ହାତରେ କରାଯାଇ ପୁରସ୍କାର ନାଁରେ ସେ ପ୍ରକାର ମାନପତ୍ର ଧରେଇ ଦିଆଯାଉଛି। ତହିଁରେ ବି କୃତକୃତ୍ୟ ଖୁବ୍ ହୁଅନ୍ତି ଥୋକାଏ ପୁରସ୍କାର ପାଇଛୁ ବୋଲି। ଉତ୍ତରୀୟ ଆକାରେ ସାଲ ଦିଆଯିବାର ପ୍ରଶ୍ନ ନ ଥାଏ। ଶସ୍ତା ଗାମୁଛା ଖଣ୍ଡେ ଖଣ୍ଡେ ବେକରେ ପକେଇ ଦିଆଯାଏ।

ଇଏ ତ ମାନପତ୍ରର କଥା। ଏବେ ଏବେ କିଏ କେଉଁଠି ଅଂଶଗ୍ରହଣ କରିଥିବାର ପ୍ରମାଣ ସ୍ୱରୂପ ପାଇଥିବା ସାର୍ଟିଫିକେଟ ବା ପ୍ରମାଣପତ୍ରକୁ ବୋଧହୁଏ ମାନପତ୍ର ମନେକରନ୍ତି। ଆଉ ତାକୁ ଫେସ୍‌ବୁକରେ ପୋଷ୍ଟ କରି କିଏ କିଏ ଲେଖିଲେଣି ମୁଁ ଏଇଠୁ ସେଇଠୁ ସମ୍ବର୍ଦ୍ଧିତ ହେଲି। ଏ ଘଟଣା ସ୍ପଷ୍ଟ ସୂଚିତ କରେ କାହା କାହାର ନାଁ ସାଉଁଟିବାର ବିକଳ ମାନସିକତାକୁ। ସେମାନେ ବୁଝିପାରନ୍ତିନି କେମିତି ପ୍ରମାଣପତ୍ର କ'ଣ, ଆଉ ମାନପତ୍ର କ'ଣ ? କବିତାପାଠରେ କେଉଁଠି ମଧ୍ୟ ଦିଆଯାଏ ପ୍ରଶସ୍ତି ପତ୍ର। ସେଇ ପ୍ରଶସ୍ତିପତ୍ର ବି ପ୍ରମାଣପତ୍ର ପ୍ରାୟ। ତାହା ମାନପତ୍ର ହୋଇ ନ ପାରେ। ଆଜିର ଦିନରେ ପ୍ରମାଣପତ୍ର, ପ୍ରଶସ୍ତିପତ୍ର, ମାନପତ୍ର ଆଦିକୁ ଗୋଟାଇବା/ହାତେଇବା ମାନସିକତା ରଖାଯିବା ସ୍ପୃହଣୀୟ ନୁହେଁ। ଆଜିକାଲି ଏଠି ସେଠି ଯେମିତି ଦିଆଯାଉଛି ବା ଦିଆଗଲାଣି ପୁରସ୍କାର, ତହିଁରେ ମାନପତ୍ରର ମାନ ଆଶା କରିବା ବୃଥା।

**ବଉଦରାଜ, ବୌଦ୍ଧ**
**ମୋ:୯୪୩୭୪୭୮୪୬୬**

## ଏଇ ଭାରତରେ

ପେସାରେ ଜଣେ ଡାକ୍ତର ହେଲେ ବି ବନୀକରଣ ପାଇଁ ସମୟ ଦେଉଛନ୍ତି ରାଜସ୍ଥାନର ଯୋଗେଶ ଚୌଧୁରୀ। ଉଲ୍ଲେଖନୀୟ ବିଷୟ ହେଉଛି, ଡା. ଚୌଧୁରୀ ରାଜସ୍ଥାନର ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ ସୃଷ୍ଟିକରିବାକୁ ସକ୍ଷମ ହୋଇଛନ୍ତି। ୨୦୧୭ରେ କୌଣସି କାର୍ଯ୍ୟରେ ସେ କର୍ଣ୍ଣାଟକର ବେଲାରି ଯାଇଥିଲେ। ସେହି ସମୟରେ ସେ ବିସ୍ତୀର୍ଣ୍ଣ ଚନ୍ଦନ ଜଙ୍ଗଲ ବୁଲି ଦେଖିଥିଲେ। ସେଠାକାର ଅନୁଭବ ତାଙ୍କୁ ଚନ୍ଦନ ଜଙ୍ଗଲ କରିବା ଲାଗି ପ୍ରେରଣା ଦେଇଥିଲା। କର୍ଣ୍ଣାଟକରୁ ଫେରିବା ପରେ ତାଙ୍କ ଗାଁ ବାରମରରେ ଚାଷ ହେଉ ନ ଥିବା ଜମିରେ ଚନ୍ଦନ ଗଛ ଲଗାଇଥିଲେ। ପ୍ରଥମେ ସେ ୯୦୦ ଚନ୍ଦନ ଚାରାଗଛ ଲଗାଇଥିଲେ, କିନ୍ତୁ ସେସବୁ ମରିଯିବାରୁ ୧.୫ ଲକ୍ଷ ଟଙ୍କା କ୍ଷତି ସହିଥିଲେ। ବାସ୍ତବରେ ରାଜସ୍ଥାନରେ ଏକ ଶୁଷ୍କ ଜଳବାୟୁରେ ଚନ୍ଦନ ଜଙ୍ଗଲ କରିବା ତାଙ୍କ ପାଇଁ ଏକ ଆହ୍ୱାନ ଥିଲା। ଏ ସମ୍ପର୍କିତ ଜ୍ଞାନ ଓ ପ୍ରଶିକ୍ଷଣ ନେବା ପରେ ଡ. ଚୌଧୁରୀ ଚନ୍ଦନ ଗଛ ଲଗାଇ ବଢ଼ାଇବାରେ ସକ୍ଷମ ହୋଇଛନ୍ତି। ଏବେ ତାଙ୍କ ଫାର୍ମରେ ପାଖାପାଖି ୧୦୦୦ ଚନ୍ଦନ ଗଛ ଶୋଭା ପାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୯ ଜାନୁଆରୀ ୧୯୭୬

- ମରୁଡ଼ିଗ୍ରସ୍ତ ଅଞ୍ଚଳରେ ଖାଦ୍ୟ ପାଇଁ କାମ ଯୋଗାଣ ଯୋଜନାରେ ୪୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ ବୋଲି ରାଜ୍ୟ ମନ୍ତ୍ରୀପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି।
- କୋଚିନ ଜିଲାର ପି.ଭି. ରାଭୁନ୍ନ୍ୟ ପଦ୍ମନାଭଙ୍କୁ ମରଣୋତ୍ତର ସର୍ବୋତ୍ତମ ଜୀବନରକ୍ଷା ପଦକ ପୁରସ୍କାର ଦେବା ଲାଗି ରାଷ୍ଟ୍ରପତିଙ୍କ ଅନୁମୋଦନ ।

## ଚିରନ୍ତନୀ

ପବନ ସିରି ସିରି ବରଷା ଝିରି ଝିରି
ପଡ଼ଇ ପଥଘାଟେ ବରଷି ।
କି କଥା ତୁନି ତୁନି କହିବି ହୁଏଁ ଗୁଣି
ସଖିରେ ନ ପାରଇଁ ଭରସି !
-(ବର୍ଷାରତି)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 6 | | | | |
| 3 | 2 | 9 | | | | | | 6 |
| 8 | | 6 | | | 1 | | | 9 |
| | | | | 3 | | | | |
| | | | | | | | 5 | |
| 1 | | | | | 2 | 8 | 9 | |
| | | 1 | | 7 | | | 2 | |
| | | 4 | 1 | | | 5 | | |
| | 3 | | 4 | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 6 | 2 | 5 | 4 | 1 | 8 | 7 |
| 5 | 4 | 1 | 8 | 7 | 3 | 2 | 6 | 9 |
| 2 | 7 | 8 | 9 | 6 | 1 | 5 | 3 | 4 |
| 9 | 2 | 3 | 5 | 1 | 6 | 4 | 7 | 8 |
| 4 | 6 | 7 | 3 | 2 | 8 | 9 | 5 | 1 |
| 8 | 1 | 5 | 4 | 9 | 7 | 3 | 2 | 6 |
| 7 | 5 | 4 | 6 | 3 | 9 | 8 | 1 | 2 |
| 6 | 8 | 2 | 1 | 4 | 5 | 7 | 9 | 3 |
| 1 | 3 | 9 | 7 | 8 | 2 | 6 | 4 | 5 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'ରେ ମୌଳିକ ସୁବିଧା ଉପଲବ୍ଧ ହେଉ

ମହାଶୟ,

ସରକାର ୨୦୧୮ରେ ରାଜ୍ୟର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକଙ୍କ ସ୍ୱଳ୍ପ ରହଣି, ବିଶ୍ରାମ ଏବଂ ଅତ୍ୟାବଶ୍ୟକ ଜରୁରୀ ସୁବିଧା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରି ନିର୍ମାଣ କରିଥିଲେ 'ପଥପ୍ରାନ୍ତ ସୁବିଧା କେନ୍ଦ୍ର'। ଏହି କେନ୍ଦ୍ରରେ ସ୍ନାନ ଓ ଶୌଚ ସାରି ପର୍ଯ୍ୟଟକମାନେ ଗନ୍ତବ୍ୟ ସ୍ଥଳକୁ ଯାଇ ଥାଆନ୍ତି। ରାସ୍ତା କଡ଼ରେ ଅବସ୍ଥିତ ଥିବାରୁ ଅନେକ ପଥଚାରୀ ମଧ୍ୟ ଶୌଚ ଓ ପାନୀୟ ଜଳ ଲାଗି ଏହା ଉପରେ ନିର୍ଭର କରିଥାନ୍ତି। ଆରମ୍ଭରୁ ପୂର୍ତ୍ତ ବିଭାଗ ଏହି କେନ୍ଦ୍ରର ପରିଚାଳନା କରୁଥିଲା। ପରେ ଏସବୁର ପରିଚାଳନା ଦାୟିତ୍ୱ ପ୍ରଥମେ ପଞ୍ଚାୟତିରାଜ ବିଭାଗ ଏବଂ ପରେ ପର୍ଯ୍ୟଟନ ବିଭାଗକୁ ହସ୍ତାନ୍ତର କରାଗଲା। ଅତ୍ୟନ୍ତ ଦୁଃଖର ବିଷୟ, ଏହି ଯାତ୍ରୀ ସୁବିଧା କେନ୍ଦ୍ର ଆଜି ଅବହେଳିତ ଓ ବ୍ୟବହାର ଲାଗି ସମ୍ପୂର୍ଣ୍ଣ ଅନୁପଯୋଗୀ। କେଉଁଠି ଗେଟ୍‌ରେ ତାଲା ଝୁଲୁଛି, ପୁଣି କେଉଁଠାରେ ଫାଟକ ଆଗରେ କୁଢ଼ କୁଢ଼ ଅଳିଆ। କେଉଁଠି ବିଦ୍ୟୁତ୍ ସଂଯୋଗ ନାହିଁ ତ ଆଉ କେଉଁଠି ପାଣି ଆସୁ ନାହିଁ। ଆଉ କେଉଁଠି ଆଟେଣ୍ଡାଣ୍ଟ ନାହାନ୍ତି। 'ପଥପ୍ରାନ୍ତ ଯାତ୍ରୀ ସୁବିଧା କେନ୍ଦ୍ର'ଗୁଡ଼ିକରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦିଆଯାଉ।

**-ପ୍ରତାପ ନାୟକ, ଏମ୍‌ଆଇଜି-୭୫, କଳିଙ୍ଗ ବିହାର, ପାତ୍ରପଡ଼ା, ଭୁବନେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସରକାରୀ କାର୍ଯ୍ୟାଳୟ ଓ ପୌରସଂସ୍ଥା ଅଡିଟୋରିୟମ ବାଦ୍ ପଡ଼ିଲାନି

**ଜବରଦଖଲ ଉଚ୍ଛେଦର ୩ୟ ଦିବସ**

ଢେଙ୍କାନାଳ,୮।୧(ରତନ ନାୟାର)



ଢେଙ୍କାନାଳ ସହରରେ ୩ଦିନ ହେବ ପ୍ରମୁଖ ରାସ୍ତା ପ୍ରଶସ୍ତିକରଣ ପାଇଁ ଜବରଦଖଲ ଉଚ୍ଛେଦ ଚାଲିଛି । କଲେଜ ବାଇପାସଠାରୁ ଏହି ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇ ଗୁରୁବାର କୁଞ୍ଜକାନ୍ତ ମନ୍ଦିର ନିକଟ ପର୍ଯ୍ୟନ୍ତ ଆସିଥିଲା । ତୃତୀୟ ଦିବସରେ ସରକାରୀ କାର୍ଯ୍ୟାଳୟ ଓ ପୌରସଂସ୍ଥା ଅଡିଟୋରିୟମ ମଧ୍ୟ ବାଦ୍ ପଡିନାହିଁ। କଲେଜ ବାଇପାସଠାରୁ କୁଞ୍ଜକାନ୍ତ ମଧ୍ୟରେ ପ୍ରମୁଖ ରାସ୍ତାର ଉଭୟ ପାର୍ଶ୍ୱରେ ସରକାରୀ ଜାଗା ଜବରଦଖଲରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟ, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ନିକଟରେ ଥିବା ପୌରସଂସ୍ଥାର ଅଡିଟୋରିୟମ ପାଚେରିଗୁଡିକ ମଧ୍ୟ ଭଙ୍ଗା ଯାଇଥିଲା । ଏପରିକି ପୌରସଂସ୍ଥା ପକ୍ଷରୁ ରାସ୍ତା କଡ଼ରେ ନିର୍ମିତ ଶୌଚାଳୟଗୁଡିକ ମଧ୍ୟ ଭଙ୍ଗା ଯାଇଥିଲା । ପୌରସଂସ୍ଥା ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ନିର୍ମିତ ଶୌଚାଳୟକୁ ଭଙ୍ଗାଯିବା ପରେ ଏ ସଂକ୍ରାନ୍ତରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର ନିଜ ପ୍ରତିକ୍ରିୟାରେ ପ୍ରକାଶ କରି କହିଛନ୍ତି ଯେ, ସରକାରୀ ଜାଗାକୁ ଦଖଲ କରି ଟଙ୍କା ହୋଇ ନିର୍ମିତ ହୋଇଥିବା ଏହି ଶୌଚାଳୟଗୁଡିକୁ ଭାଙ୍ଗି ଦିଆଯିବା ପରେ ସରକାରଙ୍କ ବହୁଅର୍ଥ ପାଣିରେ ପଡିଲା । ଏଥିପାଇଁ ଯେଉଁମାନେ ଦାୟୀ ସେମାନଙ୍କଠାରୁ ଏହି ଅର୍ଥ ଆଦାୟ କରିବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ ଦାବି କରିଥିଲେ । ଗୁରୁବାର ଜବରଦଖଲ ସମୟରେ ପୌର ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ଦାସ, ଡିଏସ୍‌ପି ସନ୍ଧ୍ୟାରାଣୀ ବେଉରିଆ, ଟାଉନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ, ସଦର ଥାନା ଅଧିକାରୀ ପ୍ରିୟବ୍ରତ ଦାସଙ୍କ ସମେତ ବହୁ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା ।

# ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବ

ଗଁଦିଆ,୮।୧(ବିଶ୍ୱ ମୋହନ ସାହୁ)



ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବର ୪ର୍ଥ ସନ୍ଧ୍ୟା ।

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁରଠାରେ ଆନ୍ତର୍ଜାତୀୟ ଚାରଣ ଗୋଷ୍ଠୀ ପୁରୀ ଏବଂ ଶ୍ରୀରାମଚନ୍ଦ୍ରପୁର ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ତୃତୀୟ ବାର୍ଷିକ ଶ୍ରୀଜଗନ୍ନାଥ ପଞ୍ଚରାତ୍ର ଓ ବେଶ ପ୍ରଦର୍ଶନୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ଅତ୍ୟନ୍ତ ଆଧ୍ୟାତ୍ମିକ ପରିବେଶରେ ସମାପନ ହୋଇଯାଇଛି । ଚାରଣ ଅରୁଣ କୁମାର ପ୍ରହାଣଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଯୋଗଦେଇ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ଏବଂ ଆଧୁନିକ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଗଁଦିଆ ଷ୍ଟେଟ୍‌ବ୍ୟାଙ୍କ ଶାଖା ପରିଚାଳକ ରାଜେଶ କୁମାର ଦୋରା ଯୋଗଦେଇ ଜଗନ୍ନାଥ ଚେତନା କିପରି ମାନବ ଜାତିକୁ ଏକତା ସୂତ୍ରରେ ବାନ୍ଧି ରଖିଛି, ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ଆୟୋଜିତ ଜଗନ୍ନାଥ ସଂସ୍କୃତି ଜ୍ଞାନ ପରିକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଚତୁର୍ଥ ଦିବସ ସନ୍ଧ୍ୟାରେ ସ୍ୱାମୀ କୃଷ୍ଣ ପ୍ରେମାନନ୍ଦ ସରସ୍ୱତୀ ମୁଖ୍ୟ ପ୍ରବକ୍ତ ଭାବେ ଶ୍ରୀଜଗନ୍ନାଥ ପଞ୍ଚରାତ୍ରର ମାହାତ୍ମ୍ୟ ସଂପର୍କରେ ଦିଗ୍‌ଦର୍ଶନ ଦେଇଥିଲେ । ଆକର୍ଷଣୀୟ ବେଶ ପ୍ରଦର୍ଶନୀରେ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ କୁଞ୍ଜ ବେଶର ପ୍ରଦର୍ଶନୀ ହୋଇଥିବା ଦେଖାଯାଇଥିଲା ।

# ଏମ୍‌ପିଙ୍କୁ ଭେଟିଲା ନାଲ୍‌କୋ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସଂଘ

ଅନୁଗୋଳ, ୮।୧(ମାନସ ବିଶ୍ୱାଳ)

ଅନୁଗୋଳ ଜିଲା ନାଲ୍‌କୋ ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ଗୁରୁବାର ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ସାକ୍ଷାତ କରିଛନ୍ତି। ଜିଲା ଭାଜପା କାର୍ଯ୍ୟାଳୟରେ ସଂଘ ସଭାପତି ଗୋକୁଳାନନ୍ଦ ଜେନାଙ୍କ ନେତୃତ୍ୱରେ ଏହି ସାକ୍ଷାତ ସମୟରେ ୫୦ରୁ ଉର୍ଦ୍ଧ ଅବସରପ୍ରାପ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଏହି ଅବସରରେ ନାଲ୍‌କୋ ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ତଥା ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ରି କ୍ରିଏଶନ ସେଣ୍ଟର ନିର୍ମାଣ କରିବାକୁ ସେମାନେ ଏମ୍‌ପିଙ୍କୁ ଅନୁରୋଧ କରିଥିଲେ । ଅବସରପ୍ରାପ୍ତ ନାଲ୍‌କୋ କର୍ମଚାରୀମାନଙ୍କୁ କ୍ୱାର୍ଟର୍ସ ଛାଡ଼ିବା ପାଇଁ ଅତି କମ୍‌ରେ ଚଳିତ ରଥଯାତ୍ରା ପର୍ଯ୍ୟନ୍ତ ନାଲ୍‌କୋ କର୍ତ୍ତୃପକ୍ଷ ସମୟ ଦେବାକୁ ସେମାନେ ଏମ୍‌ପିଙ୍କୁ ଅନୁରୋଧ କରିଥିଲେ । ଏ ନେଇ ଏମ୍‌ପି ନାଲ୍‌କୋର ସିଏମ୍‌ଡି ଏବଂ ମାନବ ସମ୍ବଳ ନିର୍ଦ୍ଦେଶକଙ୍କ ସହ ଫୋନ ଯୋଗେ କଥା ହୋଇ ଅବସରପ୍ରାପ୍ତ କର୍ମଚାରୀଙ୍କ ଦାବି ପ୍ରତି ସହୃଦୟ ବିଚାର କରିବାକୁ ପରାମର୍ଶ ଦେଇଥିଲେ । ଅବସରପ୍ରାପ୍ତ କର୍ମଚାରୀ ସଂଘ ସଭାପତି ଜେନାଙ୍କ ସମେତ ସାଧାରଣ ସମ୍ପାଦକ ମାଙ୍ଗିଲାଲ ସାମଲ, ଉପସଭାପତି ରମେଶ ବେହେରା, ପରେଶ ଜେନା ଓ ଦିଲୀପ ମିଶ୍ରଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ ।



ଏମ୍‌ପିଙ୍କ ସହ ନାଲ୍‌କୋ ଅବସରପ୍ରାପ୍ତ କର୍ମଚାରୀ ସଂଘ କର୍ମକର୍ତ୍ତାମାନେ ।

# ଗଁଦିଆ ପ୍ରେସ୍ କ୍ଲବ୍‌ର ପ୍ରତିଷ୍ଠା ଦିବସ



ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ଯୋରନ୍ଦା ଜଗନ୍ନାଥ ମନ୍ଦିରଠାରେ ଗଁଦିଆ ପ୍ରେସ୍ କ୍ଲବର ବିଂଶତମ ପ୍ରତିଷ୍ଠା ଦିବସ ଗୁରୁବାର ପାଳିତ ହୋଇଛି। ଏହି ଅବସରରେ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇ ଦ୍ୱୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରେସ କ୍ଲବର ସଭାପତି ମହେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ସୁଧାଂଶୁ ଶେଖର ରାଉତ ଯୋଗଦେଇ ଖବରଦାତାମାନେ ସମାଜ, ଜାତି ଓ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପୂର୍ବତନ ମନରେଗା ଲୋକପାଳ ଅମରେନ୍ଦ୍ର ମଲ୍ଲ ଯୋଗଦେଇ ‘ ଖବରଦାତା ମାନେ ୨୪ଘଣ୍ଟିଆ ଜାଗ୍ରତ ରହି ସମାଜର ହିତ ପାଇଁ ଉତ୍ସର୍ଗିକୃତ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ମନ୍ଦିର କମିଟି ବରିଷ୍ଠ ସଭ୍ୟ ପଞ୍ଚାନନ ସ୍ୱାଇଁ, ବରିଷ୍ଠ ଖବରଦାତା ଯୁଧିଷ୍ଠିର ମହାନ୍ତି ଗଁଦିଆ ପ୍ରେସ୍ କ୍ଲବର ଉତରୋତ୍ତର ଉନ୍ନତି କାମନା କରିଥିଲେ। ବରିଷ୍ଠ ସଭ୍ୟ ଆନନ୍ଦଚନ୍ଦ୍ର ମହାନ୍ତି ପ୍ରାରମ୍ଭିକ ସୂଚନା ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉପଦେଷ୍ଟା ଶିଶିର କୁମାର ଶତପଥୀ ସାଂଗଠନିକ ବ୍ୟବସ୍ଥା ଓ ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଗଁଦିଆ ପ୍ରେସ କ୍ଲବର ବାର୍ଷିକ ଉତ୍ସବ ଓ ବାର୍ଷିକ ପତ୍ରିକା ପ୍ରକାଶନ ସମ୍ପର୍କରେ ଆଲୋଚନା ହୋଇଥିଲା। ପତ୍ରିକା ପ୍ରକାଶନ ଦାୟିତ୍ୱ ବରିଷ୍ଠ ସଭ୍ୟ ତାରାକାନ୍ତ ନାୟକଙ୍କୁ ଦିଆଯାଇଥିବା ବେଳେ ସାଂଗଠନିକ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ସଭ୍ୟ ସୌମ୍ୟରଞ୍ଜନ ମହାନ୍ତିଙ୍କୁ ଦାୟିତ୍ୱ ଅର୍ପଣ କରାଗଲା । ସଭ୍ୟ ତାରାକାନ୍ତ ନାୟକ, ଅଶୋକ ପାତ୍ର, ଅଶୋକ ପତି, ରଞ୍ଜନ କୁମାର ସ୍ୱାଇଁ, ଅକ୍ଷୟ ପାତ୍ର, ବିଶ୍ୱ ମୋହନ ସାହୁ, ସୌମ୍ୟରଞ୍ଜନ ମହାନ୍ତି, ଶିଶିର ପାଣି, ସୁଦାମ ସାହୁ, ରାକେଶ ବେହେରା ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ପ୍ରସ୍ତାବ ରଖିଥିଲେ । ଉପସଭାପତି ବାଦଲ ମହାନ୍ତି ଧନ୍ୟବାଦ ଦେଇଥିଲେ। ସଭ୍ୟ ପ୍ରତ୍ୟୁଷହରି ପ୍ରଧାନ କାର୍ଯ୍ୟକ୍ରମ ଆୟୋଜନ ରେ ସହାୟତା କରିଥିଲେ।

# ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ପରଜଙ୍ଗ, ୮।୧
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ମହାବିଦ୍ୟାଳୟ ପରିସର ମଧ୍ୟରେ ବୁଧବାର ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ସୂଚନା ମୁତାବକ ଯୁକ୍ତ ୩ କଳା ଏବଂ ଯୁକ୍ତ ୩ ବିଜ୍ଞାନ ବିଭାଗର ପ୍ରଥମ ବର୍ଷର ଛାତ୍ରୀମାନଙ୍କୁ ଏହି ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବୁଧବାରଠାରୁ ଆଗାମୀ ୮ ଦିନ ପାଇଁ ଏହି ଶିବିରରେ ଆତ୍ମରକ୍ଷା ତାଲିମ ପ୍ରଦାନ କରାଯିବ। ପ୍ରତ୍ୟେକ ଦିନ ପୂର୍ବଭଳି ଛାତ୍ରୀମାନେ କଲେଜ ଆସିବେ ଏବଂ ପ୍ରତ୍ୟେକ ଦିନ ଏକ ଘଣ୍ଟା ପ୍ରଶିକ୍ଷଣ ପ୍ରଦାନ କରାଯିବ। ଏହି ଆତ୍ମରକ୍ଷା କୌଶଳ ଶିବିରକୁ କଲେଜର ସଂସ୍କୃତ ବିଭାଗ ମୁଖ୍ୟ ଅଧ୍ୟାପକ ବିସିକେଶନ କର୍ଣ୍ଣଙ୍କ କରକମଳରେ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍କୃତ ବିଭାଗର ଅଧ୍ୟାପିକା ଜ୍ୟୋର୍ତିମୟୀ ପରିଡା ଯୋଗଦେଇ ସାମ୍ପ୍ରତିକ ସମାଜରେ ନାରୀମାନଙ୍କ ସୁରକ୍ଷା ନିଜେ ନାରୀ ଯେମିତି ନିଜକୁ ସୁରକ୍ଷା ଦେଇପାରିବ ସେହିପରି ଆତ୍ମରକ୍ଷା କୌଶଳ ଆଜିର ଦିନରେ ଆବଶ୍ୟକତା ରହିଛି ବୋଲି ଗୁରୁତ୍ୱାରୋପ କରିଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଅଞ୍ଜନ କୁମାର ମହାରଣା ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମର ବିବରଣୀ ସଂଯୋଜିକା ଅଧ୍ୟାପିକା ସସ୍ମିତା ସାହୁ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧନ୍ୟବାଦ ଦେଇଥିଲେ।

# ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ଚୟନ

ଖମାର,୮।୧(ରଜନୀକାନ୍ତ ମହାରଣା)

ଅନୁଗୋଳ ଜିଲା ପାଲଲହଡ଼ା ଉପଖଣ୍ଡ ଖମାର ସତ୍ୟବନ୍ଧ ଖେଳ ପଡିଆଠାରେ ଖମାର ନାଗରିକ ମଞ୍ଚର ନୂତନ କାର୍ଯ୍ୟକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ସ୍ଥାୟୀ ସମ୍ପାଦକ ପ୍ରସନ୍ନ କୁମାର ଜେନା ଏଥିରେ ସଭାପତିତ୍ୱ କରିଥିଲେ। ସଭାପତି ଭାବେ ଶୈଳେନ୍ଦ୍ର କୁମାର ପ୍ରଧାନ, ଉପସଭାପତି ଭୀଷ୍ମ କୁମାର ଗଡ଼ନାୟକ, ବିରଞ୍ଚି ନାରାୟଣ ନାଏକ, ସମ୍ପାଦକ ପ୍ରସନ୍ନ କୁମାର ଜେନା, ସହ ସମ୍ପାଦକ ପରମାନନ୍ଦ ସାହୁ, ଯୁଗଳ କିଶୋର ଜିତ, କୋଷାଧ୍ୟକ୍ଷ ବିଦ୍ୟାଧର ସାହୁ, ଉପଦେଷ୍ଟା ସନ୍ତୋଷ କୁମାର ସାହୁ, ଦୁଃଖବନ୍ଧୁ ପ୍ରଧାନ, ଖଗେଶ୍ୱର ପ୍ରଧାନ, ପ୍ରମୋଦ କୁମାର ସାହୁ, ଚିତ୍ତରଞ୍ଜନ ପରିଡ଼ା, ମଦନ ମୋହନ ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ, ଧରଣୀଧର ବିଶ୍ୱାଳଙ୍କୁ ମନୋନୀତ କରାଯାଇଥିଲା।


# ପ୍ରଦୂଷଣ ସମସ୍ୟା ନେଇ କେନ୍ଦ୍ରମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ତାଳଚେର,୮।୧ (ମନୋଜ ନନ୍ଦ)

ଅନୁଗୋଳ- ତାଳଚେର ଶିଳ୍ପାଞ୍ଚଳରେ ବଢୁଥିବା ବାୟୁ ପ୍ରଦୂଷଣ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ନେଇ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ, କେନ୍ଦ୍ର କୋଇଲା ଓ ଖଣି ମନ୍ତ୍ରୀ ଜି. କିସାନ ରେଡ୍ଡୀ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଗୁରୁବାର ସେ ଚିଠି ଲେଖି ଅବଗତ କରାଇଛନ୍ତି। ଉକ୍ତ ଚିଠିରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ତାଳଚେର ଏବଂ ଅନୁଗୋଳରେ ବାୟୁର ଗୁଣବତ୍ତା ସୂଚକାଙ୍କ ସ୍ଥିତି ଚିନ୍ତାଜନକ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ଶିଶୁ, ବୟସ୍କ ଏବଂ ଶ୍ୱାସରୋଗୀଙ୍କ ସ୍ୱାସ୍ଥ୍ୟାବସ୍ଥା ବିପନ୍ନ ହେଉଛି। ସମସ୍ୟାର ସମାଧାନ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ନିୟମକୁ କଡ଼ାକଡ଼ି ଭାବେ ଲାଗୁ କରିବା, କୋଇଲା ପରିବହନ ପାଇଁ ଆଧୁନିକ ମେକାନାଇଜ୍‌ଡ ବ୍ୟବସ୍ଥା, ଖଣି ଓ ଶିଳ୍ପାଞ୍ଚଳ ଚାରିପାଖରେ ବ୍ୟାପକ ଚାରାରୋପଣ କରି ‘ଗ୍ରୀନ ବଫର୍’ ସୃଷ୍ଟି ସହ ଜାତୀୟ ସ୍ୱଚ୍ଛ ବାୟୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ପଦକ୍ଷେପ ନେବାକୁ କେନ୍ଦ୍ରମନ୍ତ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି।

# ବ୍ୟାଡ୍‌ମିଣ୍ଟନ ଟୁର୍ଣାମେଣ୍ଟ ଉଦ୍‌ଘାଟିତ

ପବିତ୍ରନଗର,୮।୧
(ନିରୋଜ ପ୍ରଧାନ)



ଅତିଥିମାନେ ଟୁର୍ଣାମେଣ୍ଟକୁ ଉଦ୍‌ଘାଟନ କରୁଛନ୍ତି।

ଅନୁଗୋଳ ଜିଲା କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓଏଚ୍‌ପିସି ଏମ୍ପ୍ଲୋଇଜ ରିକ୍ରିଏଶନ ସେଣ୍ଟର ପକ୍ଷରୁ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଓଏଚ୍‌ପିସିର ବରିଷ୍ଠ ସାଧାରଣ ପରିଚାଳକ ସରୋଜ ବହିଦାର ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। କ୍ଲବ ସଭାପତି ବିରେଶ ଚନ୍ଦ୍ର ପତିଙ୍କ୍ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଉପ ସାଧାରଣ ପରିଚାଳକ ଏମ୍‌ଡି. ଫାକ୍ରୁଦ୍ଦିନ ଅଲ୍ଲୀ ଅହମଦ, ପୂର୍ବତନ ଡିଜିଏମ୍ ପ୍ରଦୀପ ପ୍ରଧାନ, ସିମାଞ୍ଚଳ ସାବତ ପ୍ରମୁଖ ଯୋଗ ଦେଇଥିଲେ। ଉଦଘାଟନୀ ମ୍ୟାଚ ଦୀପକ ସାହୁ, ବିଷ୍ଣୁ ପ୍ରସାଦ ଦେହୁରୀଙ୍କ ଯୋଡି ସହ ହେମାଞ୍ଜୟ କିଷାନ, ରଶ୍ମି ରମଣ ବେହେରାଙ୍କ ଯୋଡି ମଧ୍ୟରେ ଖେଳାଯାଇଥିଲା। ଏଥିରେ ହେମାଞ୍ଜୟ ଓ ରଶ୍ମିଙ୍କ ଯୋଡି ବିଜୟୀ ହୋଇଥିଲା। ରେଫରି ଦିଲୀପ କିଶାନ ମ୍ୟାଚ ପରିଚାଳନା କରିଥିଲେ।

# ମଦ ଜବତ, ୩ ଗିରଫ

ପବିତ୍ରନଗର,୮।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ପୋଲିସ ସାନହାର ଜଙ୍ଗଲରେ ଚଢ଼ାଉ କରି ୧୨୦ ଲିଟର ଦେଶୀ ମଦ ଓ ଏକ ବାଇକ୍ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣକୁ ଗିରଫ କରିଛି। ଗିରଫ ୩ଜଣ ହେଲେ ସାନହାର ଗ୍ରାମର ଅଖିଳ ନାଏକ, ନରେନ୍ଦ୍ର ନାଏକ ଓ ଜୟନ୍ତ ନାଏକ।

**NOTICE**

ସର୍ବସାଧାରଣ ନୋଟିସ୍ ଦ୍ୱାରା ଜଣାଉଛୁ ଯେ ଢେଙ୍କାନାଳ ତହସିଲ ନଂ 282, ମୌଜା-ସୁନ୍ଦରୀଖାଲ, ଖତିୟାନ ନଂ-32/646/647/648/649, ପ୍ଲଟ୍ ନଂ. 167/206, 207 ପାଇଁ ଉଚ୍ଚ ନ୍ୟାୟାଳୟରେ କେସ୍ ନଂ RSA-234-2025 ଯାହା ବିଚାରାଧୀନ। ଏହାକୁ ବିକ୍ରି ବା କିଣାଗଲେ କ୍ରେତା ବିକ୍ରେତା ଦାୟୀ ରହିବେ।

**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ସିଗ୍ନାଲ ଓ ଟେଲିକମ୍ ଯନ୍ତ୍ରୀ (ସିଓ)/ଖଡ଼ଗପୁର-୭୨୧୩୦୧, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି ଯାହାକୁ ୧୨.୦୦ ଘଟିକାରେ ଖୋଲାଯିବ । **କ୍ର.ସଂ. ଓ ଇ-ଟେଣ୍ଡର ବିଜ୍ଞପ୍ତି ନଂ.; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ଇଏମ୍‌ଡି : (୧) ଏସ୍‌ଟି-ଓଟି-ସିସିଟିଭି-ଏଲ୍‌ସିଗେଟ୍-କେଜିପି, ତାରିଖ: ୦୭।୦୧।୨୦୨୬**; ସିଗ୍ନାଲ ଓ ଟେଲିକମ୍ ସଂକ୍ରାନ୍ତୀୟ କାର୍ଯ୍ୟର ନିମ୍ନଲିଖିତ ଅଂଶ (i) ଖଡ଼ଗପୁର ମଣ୍ଡଳରେ ୧୦,୦୦୦ରୁ କମ୍ ଟିଭିୟୁ ଥିବା ୧୦୩ଟି ଜଗୁଆଳିଯୁକ୍ତ ଅଣ-ଇଣ୍ଟରଲକଡ୍ ଲେଭଲ କ୍ରସିଂ ଗେଟ୍‌ଠାରେ ସିସିଟିଭି ସର୍ଭେଲାନ୍ସ ସିଷ୍ଟମ୍‌ର ବ୍ୟବସ୍ଥା କରିବା, (ii) ଖଡ଼ଗପୁର ମଣ୍ଡଳରେ ୦୮ ଗୋଟି ସ୍ପେଶାଲ କ୍ଲାସ୍ ଜଗୁଆଳିଯୁକ୍ତ ଲେଭଲ୍ କ୍ରସିଂ ଗେଟ୍‌ଠାରେ ଅତି ପୁରୁଣା ସିସିଟିଭି ସିଷ୍ଟମ୍‌କୁ ବଦଳାଇବା; ₹୩,୫୦,୦୪,୬୫୭.୯୩; ₹୩,୨୫,୦୦୦/- । (୨) **ଏସ୍‌ଟି-ଓଟି-ୟାର୍ଡ-ସିସିଟିଭି-କେଜିପି-ପିଏଚ୍-I, ତାରିଖ: ୦୭।୦୧।୨୦୨୬**; ଖଡ଼ଗପୁର ମଣ୍ଡଳରେ ୯ଟି ଷ୍ଟେଶନରେ ଫେଜ୍-I ରେ ୟାର୍ଡ ସିସିଟିଭି ସର୍ଭେଲାନ୍ସ ସିଷ୍ଟମର ଯୋଗାଣ, ସ୍ଥାପନ, ପରୀକ୍ଷଣ ଓ କମିଶନିଂ; ₹୨,୩୫,୯୮,୯୪୯.୬୩; ₹୨,୬୮,୦୦୦/- । **ଟେଣ୍ଡର ଦସ୍ତାବିଜ ମୂଲ୍ୟ:** ଉଭୟ ପାଇଁ ଶୂନ । **ସମାପ୍ତି ଅବଧି:** କ୍ର.ସଂ ୧ ପାଇଁ ୧୮ ମାସ ଓ କ୍ର.ସଂ. ୨ ପାଇଁ ୧୫ ମାସ । **ଦାଖଲର ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ରିଖ ୧୨.୦୦ ଘଟିକା ପର୍ଯ୍ୟନ୍ତ । **ଖୋଲାଯିବା ତାରିଖ:** ଉଭୟ ପାଇଁ ତା୦୨।୦୨।୨୦୨୬ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ବିନିର୍ଦ୍ଦିଷ୍ଟତା ତଥା ଅନ୍‌ଲାଇନ୍‌ରେ ନିଜର ବିଡ୍ ଦାଖଲ କରିବା ଲାଗି ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିପାରନ୍ତି । ଏହି କାର୍ଯ୍ୟ ପାଇଁ କୌଣସି ପରିସ୍ଥିତିରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । (PR-1044)

# ଡାକ୍ତରଙ୍କ ବଦଳି ବାତିଲ ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା



ଉତ୍ତ୍ୟକ୍ତ ଲୋକେ ରାଜପଥ ଅବରୋଧ କରିଛନ୍ତି।

ଛେଣ୍ଡିପଦା,୮।୧(ଅଜିତ୍ ଧଳ): ଅନୁଗୋଳ ଜିଲା ବାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ଶୁଭଲକ୍ଷ୍ମୀ ସାହୁଙ୍କ ବଦଳି ବାତିଲ ଦାବି କରି ବୁଧବାର ଆନ୍ଦୋଳନ କରିଥିବା ସ୍ଥାନୀୟ ଗ୍ରାମବାସୀ ପୋଲିସ ବୁଝାଶୁଝା ପରେ ଶାନ୍ତ ପଡ଼ିଥିଲେ। ହେଲେ ଗୁରୁବାର ସେମାନେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପକାଇବା ସହ ୧୪୯(ବି) ଜାତୀୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଡାକ୍ତରଖାନାରେ ରୋଗୀ ସେବା ବାଧାପ୍ରାପ୍ତ ହେବା ସହ ଜାତୀୟ ରାଜପଥରେ ଗମନାଗମନ ଠପ୍ ହୋଇ ଯାଇଥିଲା। ଖବରପାଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମାହାଳିକ ପହଞ୍ଚି ସମାଧାନ ପାଇଁ ଗ୍ରାମବାସୀ ବିଜୟ ପ୍ରଧାନ, ଶାନ୍ତିଲତା ପ୍ରଧାନ, ବବିତା ସାହୁ, କେତକୀ ଗୋଛାୟତ, ସରୋଜ ବେହେରା, ଜୀନୁ ଗୋଛାୟତଙ୍କ ସମେତ ଉପସ୍ଥିତ ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏହା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
(Govt. of Jharkhand Undertaking)
JUIDCO Bhawan, Kutchery Road, Ranchi-834001, Jharkhand.
Ph No.: +91-651-2225878,
CIN: U45200JH2013SGC001752, e-mail Id-juidcolimited@gmail.com

**Project Name**: Request for Proposal for Appointment of ICT Consultant for DPR Preparation and Bid Process Management for Implementation of Intelligent Traffic Management System (ITMS) For Urban Local Bodies (ULBs) In Jharkhand
**NIT No.**: JUIDCO/ NIT/ RFP/ ITMS/ 2025 – 677
**PR No.**: 367081
**Tender ID**: 2025_UDD_107027_1
This is for information of all the bidders that Corrigendum – 5 for the subjected tender has been published on the e-procurement website of Government of Jharkhand.
The bidders are advised to take into the same before submission of bids.
**Corrigendum – 5**

| Sl. No. | Bid Document Ref. | Description | As per Corrigendum- 4 | As per Corrigendum- 5 |
|---|---|---|---|---|
| 1 | NIT | Last Date & Time of submission of Bid, Tender Fee and EMD online | 09.01.2026 at 17:00 Hrs | 15.01.2026 at 17:00 Hrs |
| 2 | | Date & Time of Bid Opening | 10.01.2026 at 17:00 Hrs | 16.01.2026 at 17:00 Hrs |

Note: Other terms and conditions remain unchanged.
Sd/-
Project Director (Technical)
JUIDCO Ltd.
PR 370336 (Urban Development)25-26*D

**PANCHAYAT SAMITI, CHHENDIPADA**
INVITATION FOR BIDS (IFB)
IDENTIFICATION No: - CHHB- 02/2025-26
E-mail address: - ori-chendipada@nic.in

**The Block Development Officer, Chhendipada** on behalf of the Governor of Orissa invites **Percentage rate bid** in single cover system for the 1 no of Auditorium Building, 1 no of Multi Purpose Hall & 3 nos. of ACR Building **“C” & “D” contractors** accordingly, registered with the State Government and contractors of equivalent grade / Class registered with Central Government/ MES / Railway, to be eventually drawn up in PWD P-1 form, for execution of Building .The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing the agreement. Bidders may submit bids for any or all the Buildings. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e **www.angul.odisha.gov.in**.

Sd./- Block Development Officer,
Chhendipada

**SBI ଚାପଗ୍ରସ୍ତ ପରିସମ୍ପତ୍ତି ପ୍ରବନ୍ଧନ ଶାଖା-୧, କୋଲକାତା** **ଇ-ନିଲାମ ବିଜ୍ଞପ୍ତି**
''ନାଗାଲାଣ୍ଡ ହାଉସ୍'', ୮ମ ମହଲା, ୧୧ ଓ ୧୩ ସେକ୍ସପିୟର ସରଣୀ, କୋଲକାତା-୭୦୦୦୭୧
ଫୋନ୍: ୦୩୩-୨୨୮୦୩୦୯୮, ଫାକ୍ସ: ୦୩୩-୨୨୮୧୦୬୨୨, ଇ-ମେଲ୍: sbi.04151@sbi.co.in

**ପ୍ରାଧିକୃତ ଅଧିକାରୀଙ୍କ ବିବରଣୀ: ନାମ: ଅନୀଲ କୁମାର ଅନଲ, ଇ-ମେଲ୍ ଆଇଡି: clo2.04151@sbi.co.in, ମୋବାଇଲ ନଂ.: ୯୯୫୫୯୯୮୪୩୦**

**ପରିଶିଷ୍ଟ – IV-A**
**[ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧)ର ବ୍ୟବସ୍ଥାପନ ଦେଖନ୍ତୁ]**
**ସ୍ଥାବର ସମ୍ପତ୍ତିର ବିକ୍ରୟ ପାଇଁ ବିକ୍ରୟ ନୋଟିସ**
**ସିକ୍ୟୁରିଟାଇଜେଶନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ନିୟମାବଳୀ, ୨୦୦୨ର ନିୟମ ୮(୬) ଏବଂ ନିୟମ ୮(୬) ସହ ପଠନପୂର୍ବକ ନିୟମ ୯(୧) ଅଧୀନରେ ସ୍ଥାବର ପରିସମ୍ପତ୍ତିର ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି ।**

**ଇ-ନିଲାମର ତାରିଖ ଓ ସମୟ: ତାରିଖ: ୨୮।୦୧।୨୦୨୬**
**ସମୟ: ୩୦୦ ମିନିଟ୍, ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ, ପ୍ରତ୍ୟେକ ବିଡ୍ ପାଇଁ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ**

ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣ ଏବଂ ବିଶେଷକରି ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ସୁରକ୍ଷିତ ଋଣଦାତାଙ୍କ ନିକଟରେ ବନ୍ଧକ/ଚାର୍ଜ କରାଯାଇଥିବା ନିମ୍ନବର୍ଣ୍ଣିତ ସ୍ଥାବର ସମ୍ପତ୍ତି, ଯାହାକୁ ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ପ୍ରାଧିକୃତ ଅଧିକାରୀଙ୍କ ଦ୍ୱାରା **ଭୌତିକ ଦଖଲ / ସାଙ୍କେତିକ ଦଖଲ** ନିଆଯାଇଥିଲା, ତାହାକୁ **ନାୟକ ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରାଇଭେଟ୍ ଲିମିଟେଡ୍ (ଋଣଗ୍ରହୀତା) ଏବଂ ଗ୍ୟାରେଣ୍ଟିଦାତା,** (୧) ଶ୍ରୀ ଅନନ୍ତ ଚରଣ ନାୟକ (୨) ଶ୍ରୀମତୀ ରେଣୁ ଦେବୀ ନାୟକ (୩) ଶ୍ରୀ ବିଶ୍ୱଜିତ ନାୟକ (୪) ଶ୍ରୀ ଆଲୋକ କୁମାର ନାୟକ (୫) ଶ୍ରୀ ଉମେଶ ସେନାପତି ଏବଂ (୬) ଶ୍ରୀ ବାସୁଦେବ ନାୟକଙ୍କଠାରୁ ବନ୍ଧକ ଋଣଦାତାଙ୍କର ବକେୟା ଦେୟ **ତା୨୮।୦୧।୨୦୨୦ରିଖ** ସୁଦ୍ଧା **ଟ.୧୦୦,୭୯,୦୪,୪୪୧.୭୧ (ଶହେକୋଟି ଅଣସ୍ତରି ଲକ୍ଷ ଚାରି ହଜାର ଚାରିଶହ ଏକଚାଳିଶ ଟଙ୍କା ଏକସ୍ତରି ପଇସା ମାତ୍ର)** ତଥା ତତ୍‌ପଶ୍ଚାତ୍ ଉପାର୍ଜିତ ସୁଧ ଓ ଶୁଳ୍କଗୁଡ଼ିକୁ ଆଦାୟ କରିବା ପାଇଁ **''ଯେପରି ଅଛି ଯେଉଁଠି ଅଛି'', ''ଯେପରି ଅଛି ଯାହା ଅଛି''** ଏବଂ **''ସେଠାରେ ଯାହାବି ଅଛି''** ଭିତ୍ତିରେ ବିନା ଅନନ୍ୟୋପାୟ ଭିତ୍ତିରେ ତା୨୮।୦୧।୨୦୨୬ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୦୪.୦୦ ଘଟିକା ପର୍ଯ୍ୟନ୍ତ ଇ-ନିଲାମ ୱେବ୍‌ସାଇଟ୍ https://baanknet.com ଜରିଆରେ ବିକ୍ରୟ କରାଯିବ ।
**ସମ୍ପତ୍ତିର ବିବରଣୀ, ସଂରକ୍ଷିତ ମୂଲ୍ୟ ଏବଂ ଇଏମ୍‌ଡି ନିମ୍ନ ଅନୁଯାୟୀ ଅଟେ:**

| କ୍ର. ସଂ. | ସମ୍ପତ୍ତି / ପରିସମ୍ପତ୍ତିର ବର୍ଣ୍ଣନା | i) ସଂରକ୍ଷିତ ମୂଲ୍ୟ ii) ଇଏମ୍‌ଡି iii) ବିଡ୍ ବୃଦ୍ଧି ପରିମାଣ iv) ଋଣ ଭାର |
|---|---|---|
| ୧. | ଡୁପ୍ଲେକ୍ସ (ଜି+୨) ଆବାସିକ ଭବନ, ଏଚ୍‌ଆଇଜି ଡୁପ୍ଲେକ୍ସ ହାଉସ୍ ନଂ. ଏଚ୍‌ଆଇଡି, ଡି-୪୯, ସ୍ଥାନ ମୈତ୍ରିବିହାର, ଫେଜ୍-୧, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ରାଜସ୍ୱ ପ୍ଲଟ୍ ନଂ. ୭(ପି), ମୌଜା-ଚନ୍ଦ୍ରଶେଖରପୁର, ଓଡ଼ିଶାରେ, ପଞ୍ଜୀକୃତ ଲିଜ୍ ତଥା ବିକ୍ରୟ କବଲା ସଂ. ଓଡ଼ିଶା ରାଜ୍ୟ ଗୃହନିର୍ମାଣ ପରିଷଦର ୯୦ ବର୍ଷ ଅବଧି ପାଇଁ ୩୦।୦୮।୨୦୦୫ର ୫୧୮୯ ଏବଂ ପଞ୍ଜୀକୃତ ବିକ୍ରୟ କବଲା ସଂ. ୨୮୬, ରକବା: ୧୮.୦୪.୨୦୦୬ର ୨୪୦୦ ବର୍ଗ ଫୁଟ, ଶ୍ରୀ ଅନନ୍ତ ଚରଣ ନାୟକଙ୍କ ମାଲିକାନାଧୀନ । **ଉତ୍ତର**: ସଡ଼କ; **ଦକ୍ଷିଣ**: ଡି-୨୮; **ପୂର୍ବ**: ଡି-୪୮; **ପଶ୍ଚିମ**: ଡି-୫୦ । **ସମ୍ପତ୍ତି ଆଇଡି: ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮, ନିରୀକ୍ଷଣ ତାରିଖ ଓ ସମୟ: ୨୧।୦୧।୨୦୨୬, ମଧ୍ୟାହ୍ନ ୧୨.୦୦ରୁ ଅପରାହ୍ନ ୧.୦୦ ଘଟିକା** (ସମ୍ପତ୍ତିଟି ସାଙ୍କେତିକ ଦଖଲ ଅଧୀନରେ ଅଛି । ଡିଏମ୍ ଅନୁମତି ହାସଲ କରିବା ଏବଂ ପୂର୍ଣ୍ଣ ଓ ଚୂଡ଼ାନ୍ତ ଦେୟ ପ୍ରାପ୍ତ କରିବା ପରେ ବ୍ୟାଙ୍କ ସଫଳ ବିଡରଙ୍କୁ ସମ୍ପତ୍ତି ହସ୍ତାନ୍ତର କରିବ) । | i) ଟ.୨,୯୮,୦୦,୦୦୦/- ii) ଟ.୨୯,୮୦,୦୦୦/- iii) ଟ.୫୦,୦୦୦/- iv) ବୈଧାନିକ ଟିକସ / ବିଜୁଳି / ସୋସାଇଟି ମେଣ୍ଟେନାନ୍ସ ଆଦିର ଦେୟ ନିଲାମ କ୍ରେତାଙ୍କ ଦ୍ୱାରା ପୈଠ କରାଯିବ । |

**ସମ୍ପତ୍ତିର ସନ୍ଧାନ କରନ୍ତୁ**

| ବ୍ୟାଙ୍କ ୱେବସାଇଟ୍: | ଇ-ନିଲାମ ୱେବ୍‌ସାଇଟ୍: | ସମ୍ପତ୍ତିର ଅବସ୍ଥିତି : |
|---|---|---|
| https://sbi.co.in/web/sbi-in-the-news/auction-notices/sarfaesi-and-others | ୟୁଆର୍‌ଏଲ୍: https://baanknet.com | ଏସ୍‌ବିଆଇଏନ୍୪୦୦୦୧୬୧୬୧୫୫୮ |

ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ପାଇଁ, ଦୟାକରି ସୁରକ୍ଷିତ ଋଣଦାତା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ୱେବସାଇଟ୍‌ରେ ଦିଆଯାଇଥିବା ଲିଙ୍କ୍, ଅର୍ଥାତ୍ - https://sbi.co.in/web/sbi-in-the-news/auction-notices/sarfaesi-and-others ଓ https://baanknet.com ପରିଦର୍ଶନ କରନ୍ତୁ

ତାରିଖ: ୦୯.୦୧.୨୦୨୬ ସ୍ୱା./-
ସ୍ଥାନ: କୋଲକାତା ପ୍ରାଧିକୃତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

# ନମ୍ବର ୱାନ୍-ଟୁ ଲଢ଼େଇ



ନିର୍ମଳ କୁମାର ମିଶ୍ର

**ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ୩ ଏକଦିବସୀୟ ଓ ୫ ମ୍ୟାଚବିଶିଷ୍ଟ ଟି୨୦ ସିରିଜ ଅନୁଷ୍ଠିତ ହେବା ଆସନ୍ତା ୧୧ରେ ଭଦୋଦରାରେ ପ୍ରଥମ ଦିନିକିଆରୁ ଏହି ସିରିଜ ଆରମ୍ଭ ହେବ। ଆଇସିସି ଦିନିକିଆ ର୍ୟାଙ୍କିଙ୍ଗ୍‌ରେ ଏବେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ଦୁଇ ଦଳ ସମକକ୍ଷ ହୋଇଥିବାରୁ ଲଢ଼େଇ ବେଶ୍ ସଂଘର୍ଷପୂର୍ଣ୍ଣ ହେବ...**

ଟି୨୦ ବିଶ୍ୱକପ ପୂର୍ବରୁ ଭାରତ ଗସ୍ତରେ ଆସୁଛି ନ୍ୟୁଜିଲାଣ୍ଡ ଦଳ। ଏହି ସିରିଜରେ ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଏକଦିବସୀୟ ସିରିଜରୁ ଅଭିଯାନ ଆରମ୍ଭ ହେବ। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ନମ୍ବର 'ୱାନ' ଓ 'ଟୁ' ଦଳ ମଧ୍ୟରେ ମୁକାବିଲା ହେବ। ପ୍ରଦର୍ଶନ ଦୃଷ୍ଟିରୁ ଆଇସିସି ଏକଦିବସୀୟ ର୍ୟାଙ୍କିଙ୍ଗରେ ଭାରତ ୧ ଓ ନ୍ୟୁଜିଲାଣ୍ଡ ୨ ନମ୍ବର ସ୍ଥାନରେ ରହିଛି। ୨୦୨୬ର ଏହି ଗୁରୁତ୍ୱପୂର୍ଣ୍ଣ ସିରିଜରୁ ଅଭିଯାନ ଆରମ୍ଭ କରିବ ଟିମ୍ ଇଣ୍ଡିଆ। ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତୀୟ ଦଳ ଓ ଖେଳାଳିମାନେ ଜବରଦସ୍ତ ଫର୍ମରେ ଅଛନ୍ତି। ନ୍ୟୁଜିଲାଣ୍ଡ ମଧ୍ୟ ଏକ ଶକ୍ତିଶାଳୀ ଦଳ। ଭାରତ ମାଟିରେ ନ୍ୟୁଜିଲାଣ୍ଡ ଦଳ କେବେ ହେଲେ ଏକଦିବସୀୟ ସିରିଜ ଜିତି ନାହିଁ। ଗତ ବର୍ଷ ଟେଷ୍ଟ ସିରିଜରେ ଭାରତକୁ ହ୍ୱାଇଟ ୱାଶ କରିବା ପରେ ନ୍ୟୁଜିଲାଣ୍ଡ ଦଳର ମନୋବଳ ଦୃଢ଼ ରହିଛି। ଅନ୍ୟ ପକ୍ଷରେ ଭାରତୀୟ ଦଳ ପ୍ରତିଶୋଧ ନେବା ଲକ୍ଷ୍ୟରେ ରହିଛି। ଟି୨୦ ସିରିଜ ଓ ବିଶ୍ୱକପକୁ ଆଖି ଆଗରେ ରଖି ଦଳରେ କିଛି ପରିବର୍ତ୍ତନ କରାଯାଇଛି। ଆଗକୁ ଟି୨୦ ବିଶ୍ୱକପ ଏବଂ ଆଇପିଏଲ୍‌ର ୧୯ଶ ସଂସ୍କରଣ ଆସୁଥିବାରୁ ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଖେଳାଳିଙ୍କ ଆହତ ସମସ୍ୟା ଉପରେ ବିସିସିଆଇ ଏବଂ ଚୟନ କମିଟି ବିଶେଷ ଧ୍ୟାନ ଦେବ।

ଟି୨୦ ବିଶ୍ୱକପକୁ ଏକ ମାସରୁ କମ୍ ସମୟ ଥିବା ବେଳେ ଏହି ଗସ୍ତ ଉଭୟ ବ୍ଲାକ୍‌କ୍ୟାପ ଏବଂ ଟିମ୍ ଇଣ୍ଡିଆ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ହ୍ୱାଇଟ ବଲ ଫର୍ମାଟ୍‌ରେ ଦକ୍ଷିଣ ଆଫ୍ରିକାକୁ ଉଭୟ ଏକଦିବସୀୟ ଏବଂ ଟି୨୦ ଫର୍ମାଟ୍‌ରେ ଭାରତ ପରାସ୍ତ କରିଛି। ପ୍ରାୟ ଏକ ମାସର ବିଶ୍ରାମ ପରେ ନୂଆ ବର୍ଷ ୨୦୨୬ରେ ଏହି ପ୍ରଥମ ସିରିଜ ଭାରତ ପାଇଁ ବେଶ୍ ଚ୍ୟାଲେଞ୍ଜପୂର୍ଣ୍ଣ ରହିବ। ଭାରତ ଘରୋଇ ମାଟିରେ ୩ଟି ଏକଦିବସୀୟ ଓ ୫ଟି ଟି୨୦ ମ୍ୟାଚ ଖେଳିବ। ଉଭୟ ହ୍ୱାଇଟ ବଲ୍ ଫର୍ମାଟ୍‌ରେ ଭାରତ ଘରୋଇ ଏବଂ ବିଦେଶ ମାଟିରେ ଦବ୍‌ଦବା ଅବ୍ୟାହତ ରଖିଛି। ଟି୨୦ ବିଶ୍ୱକପ ଏବଂ ନ୍ୟୁଜିଲାଣ୍ଡ ସିରିଜ ପାଇଁ ଭାରତ ତା'ର ଶକ୍ତିଶାଳୀ ଦଳ ଘୋଷଣା କରିସାରିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଗତ ଟି୨୦ ବିଶ୍ୱ ଚାମ୍ପିୟନ ହୋଇଥିଲା। ୨୦୨୪ରେ ଏହି ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ ଆମେରିକା ଏବଂ ୱେଷ୍ଟଇଣ୍ଡିଜରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ୧୦ମ ସଂସ୍କରଣର ଆୟୋଜକ ରହିଛି ଭାରତ ଓ ଶ୍ରୀଲଙ୍କା। ଦୁଇ ପଡ଼ୋଶୀ ଦେଶ ପାକିସ୍ତାନ ଏବଂ ବାଂଲାଦେଶ ସହ ଭାରତର ରାଜନୈତିକ ସମ୍ପର୍କରେ ତିକ୍ତତା ଯୋଗୁ ଏହାର ପ୍ରଭାବ କ୍ରିକେଟ ଉପରେ ପଡିଛି। ପାକିସ୍ତାନ ତା'ର ସମସ୍ତ ମ୍ୟାଚ ଶ୍ରୀଲଙ୍କାରେ ଖେଳିବାକୁ ଥିବା ବେଳେ ଏବେ ବାଂଲାଦେଶ ମଧ୍ୟ ଖେଳିବାକୁ ଥିବା ସମସ୍ତ ମ୍ୟାଚ ନିରପେକ୍ଷ ଭେନ୍ୟୁ ଶ୍ରୀଲଙ୍କାରେ ଖେଳିବା ପାଇଁ ଆଇସିସିକୁ ଅନୁରୋଧ କରିଛି।

ଭାରତର ୪ ବ୍ୟାଟର୍ସ ବିଶ୍ୱର ପ୍ରଥମ ୧୦ଜଣ ଶ୍ରେଷ୍ଠ ବ୍ୟାଟର୍ସଙ୍କ ତାଲିକାରେ ସ୍ଥାନ ପାଇଛନ୍ତି। ସେମାନଙ୍କ ମଧ୍ୟରେ ରୋହିତ ଶର୍ମା ୧, ବିରାଟ କୋହଲି ୨, ଅଧିନାୟକ ଶୁଭମନ ଗିଲ ୫ ଏବଂ ଶ୍ରେୟସ ଆୟର ୧୦ ନମ୍ବର ସ୍ଥାନରେ ଅଛନ୍ତି। ସେହିପରି ନ୍ୟୁଜିଲାଣ୍ଡ ବ୍ୟାଟର ଡାରେଲ ମିଚେଲ ୩ ନମ୍ବର ସ୍ଥାନରେ ରହିଛନ୍ତି। ଏକଦିବସୀୟ ବୋଲିଂ ର୍ୟାକିଙ୍ଗରେ କୁଲଦୀପ ଯାଦବ ୩ନଂ ସ୍ଥାନରେ ଥିବାବେଳେ ନ୍ୟୁଜିଲାଣ୍ଡର ମିଚେଲ ସାଣ୍ଟନର ୭ ଏବଂ ମ୍ୟାଟ ହେନେରୀ ୧୦ନଂ ସ୍ଥାନରେ ଅଛନ୍ତି। ସେ ଦୃଷ୍ଟି କୋଣରୁ ସିରିଜ ବେଶ୍ ରୋମାଞ୍ଚକ ହେବା ଆଶା କରାଯାଉଛି। ଭାରତର ଦୁଇ ଭେଟରାନ ଷ୍ଟାର ବ୍ୟାଟର୍ସ ରୋହିତ ଶର୍ମା ଏବଂ ବିରାଟ କୋହଲିଙ୍କ ପାଇଁ ଏହି ସିରିଜ ବେଶ୍ ଗୁରୁତ୍ୱପୂର୍ଣ୍ଣ ରହିବ। ଚମତ୍କାର ଫର୍ମରେ ଅଛନ୍ତି ଏହି ଦୁଇ ତାରକା। ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଏକଦିବସୀୟ ସିରିଜ ପାଇଁ ମନୋନୀତ କରାଯାଇଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଲୋକେଶ ରାହୁଲଙ୍କୁ ଅଧିନାୟକ ପଦରୁ ଅବ୍ୟାହତି ଦିଆଯାଇଛି। ଟି୨୦ ସିରିଜ ଓ ବିଶ୍ୱକପର ଗୁରୁତ୍ୱ ଦୃଷ୍ଟିରୁ ଯଶପ୍ରୀତ ବୁମରା ଓ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଚୟନକର୍ତ୍ତା ବିଶ୍ରାମ ଦେଇଛନ୍ତି। ଅନ୍ୟପକ୍ଷରେ ଶୁବମନ ଗିଲ ଏବଂ ଶ୍ରେୟସ ଆୟରଙ୍କୁ ଟି୨୦ ବିଶ୍ୱକପରୁ ବାଦ ଦିଆଯାଇଛି। ଏକଦିବସୀୟ ସିରିଜରୁ ଏମାନଙ୍କ ଠାରୁ ଭଲ ପ୍ରଦର୍ଶନ ଆଶା କରାଯାଉଛି।

ଅନ୍ୟପକ୍ଷରେ ଦୀର୍ଘ ଦିନ ହେବ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ ସତ୍ତ୍ୱେ ମହମ୍ମଦ ଶାମିଙ୍କୁ ଉପେକ୍ଷା କରାଯାଇଛି। ଏକଦିବସୀୟ ଫର୍ମାଟରେ ଜଣେ ସଫଳ ବୋଲରଙ୍କ ପାଇଁ ଏହି ଫର୍ମାଟ୍ ବନ୍ଦ ହୋଇଯାଇଛି କହିଲେ ଠିକ୍ ରହିବ। ଘରୋଇ ଫର୍ମାଟ୍‌ରେ ମୋଟ ୧୬ଟି ମ୍ୟାଚରୁ ଏପର୍ଯ୍ୟନ୍ତ ସେ ୪୭ଟି ଉଇକେଟ ନେଇଛନ୍ତି। ରଣଜୀ ଟ୍ରଫିରେ ୨୦, ବିଜୟ ହଜାରେ ଟ୍ରଫିରେ ୧୧ ଏବଂ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ୧୬ଟି ଉଇକେଟ ନେଇଥିବାରୁ ସେ ଚୟନ ଆଶା ରଖିଥିଲେ। ମାତ୍ର ତାହା ହୋଇନାହିଁ। ଦିନିକିଆରେ ମହମ୍ମଦ ସିରାଜ, ହର୍ଷିତ ରାଣା, ଅର୍ଶଦୀପ ସିଂ ଏବଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡି ପେସ୍ ଭାର ସମ୍ଭାଳିବେ। ଖରାପ ପ୍ରଦର୍ଶନ ସତ୍ତ୍ୱେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପୁନର୍ବାର ସୁଯୋଗ ମିଳିଛି। ରବୀନ୍ଦ୍ର ଜାଡେଜା, ୱାଶିଂଟନ୍ ସୁନ୍ଦର ଓ କୁଲଦୀପ ଯାଦବଙ୍କ ସ୍ପିନ ଆକ୍ରମଣର ସାମନା କରିବ କିୱି ଦଳ।

୩ଟି ଏକଦିବସୀୟ ମ୍ୟାଚ ଜାନୁଆରୀ ୧୧, ୧୪ ଓ ୧୮ ତାରିଖରେ ଭଦୋଦରା, ରାଜକୋଟ ଏବଂ ଇନ୍ଦୋରରେ ଖେଳାଯିବ। ୨୦୨୫ରେ ଭାରତ ଖେଳିଥିବା ମୋଟ ୧୪ଟି ଏକଦିବସୀୟ ମ୍ୟାଚରୁ ୧୧ଟିରେ ବିଜୟୀ ହୋଇଥିବା ବେଳେ ମାତ୍ର ୩ଟି ମ୍ୟାଚରେ ପରାଜିତ ହୋଇଛି। ଘରୋଇ ଏକଦିବସୀୟ ସିରିଜରେ ଭାରତ ୨୦୦୯ଠାରୁ ତା'ର ଦବ୍‌ଦବା ଅବ୍ୟାହତ ରଖିଛି। ୨୪ଟି ସିରିଜରେ ବିଜୟୀ ହୋଇଛି। ୨୦୧୯ରେ ଏକ ରୋମାଞ୍ଚକ ସିରିଜରେ ୨–୩ରେ ଅଷ୍ଟ୍ରେଲିଆଠାରୁ ପରାସ୍ତ ହୋଇଥିଲା। ୨୦୧୯ରୁ ୨୦୨୫ ମଧ୍ୟରେ ଭାରତ ୧୧ଟି ଦ୍ୱିପାକ୍ଷିକ ଏକଦିବସୀୟ ସିରିଜ ଖେଳି ୧୧ଟିରେ ବିଜୟୀ ହୋଇଛି। ଅଭିଜ୍ଞ କେନ ୱିଲିୟମସନ୍ ନ୍ୟୁଜିଲାଣ୍ଡ ଦଳରେ ନାହାନ୍ତି। ମାଇକେଲ ବ୍ରାସ୍‌ୱେଲ ଦଳର ଅଧିନାୟକ ହୋଇଥିବା ବେଳେ ଡାରେଲ ମିଚେଲ, ହେନେରୀ ନିକୋଲାସ, ଡେଭନ କନୱେ, ଗ୍ଲେନ ଫିଲିପ୍ସ, ମ୍ୟାଟ ହେନେରୀ, କାଇଲ ଜେମିସନ, ଇଶ୍ ସୋଧିଙ୍କ ପରି ଦକ୍ଷ ଖେଳାଳ ରହିଛନ୍ତି।

ନ୍ୟୁଜିଲାଣ୍ଡ ବିପକ୍ଷ ଏକଦିବସୀୟ ସିରିଜରେ ବିରାଟ କୋହଲି ୩୩ଟି ମ୍ୟାଚ ଖେଳି ୧୬୫୭ ରନ୍ ସଂଗ୍ରହ କରିଥିବା ବେଳେ ଏଥି ମଧ୍ୟରେ ୬ଟି ଶତକ ଏବଂ ୯ଟି ଅର୍ଦ୍ଧଶତକ ରହିଛି। ସେହିପରି ରୋହିତ ଶର୍ମା ଅନ୍ୟତମ ସଫଳ ବ୍ୟାଟର ଭାବେ ୩୧ଟି ମ୍ୟାଚ ଖେଳି ୧୦୭୩ ରନ୍ ସଂଗ୍ରହ କରିଥିବା ବେଳେ ଏଥିରେ ୨ଟି ଶତକ ଓ ୬ଟି ଅର୍ଦ୍ଧ ଶତକ ରହିଛି। ଅନ୍ୟ ସଫଳ ବ୍ୟାଟର୍ସ ରୂପେ ଶୁବମନ ଗିଲ, କେ.ଏଲ ରାହୁଲ ଏବଂ ଶ୍ରେୟସ ଆୟାର ରହିଛନ୍ତି। ସ୍ପିନର କୁଲଦୀପ ଯାଦବ ୧୩ ମ୍ୟାଚରୁ ୨୪ଟି ଉଇକେଟ ନେଇ ଆଗରେ ରହିଛନ୍ତି। ନ୍ୟୁଜିଲାଣ୍ଡ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ଭାରତର ସର୍ବାଧିକ ସ୍କୋର ୩୯୭ ମୁମ୍ବାଇର ୱାଙ୍ଖଡେ ଷ୍ଟାଡିୟମରେ ରହିଥିବା ବେଳେ ୧୩ଥର ୩ଶହରୁ ଅଧିକ ରନ ଦଳଗତ ଭାବେ ସଂଗ୍ରହ କରିଛି। ଭାରତର ସର୍ବନିମ୍ନ ସ୍କୋର ୮୮ରନ୍ ରହିଥିବା ବେଳେ ନ୍ୟୁଜିଲାଣ୍ଡର ସର୍ବନିମ୍ନ ସ୍କୋର ବିଶାଖାପାଟଣାରେ ୭୯ ରହିଛି। ସେହିପରି ଭାରତ ବିପକ୍ଷରେ ଏକଦିବସୀୟ ମ୍ୟାଚରେ ନ୍ୟୁଜିଲାଣ୍ଡର ସର୍ବାଧିକ ସ୍କୋର ୩୪୯ ରନ୍ ରହିଛି। ନ୍ୟୁଜିଲାଣ୍ଡକୁ ଭାରତର ସ୍ପିନ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଆକ୍ରମଣାତ୍ମକ ବ୍ୟାଟିଂ ଶୈଳୀ ଆପଣେଇବା ଆଶାରେ ଥିବା ନ୍ୟୁଜିଲାଣ୍ଡ ଭାରତକୁ ଏହାର ଘରୋଇ ପରିବେଶରେ ହରାଇବାକୁ ହେଲେ କିଛି ଚମତ୍କାରିତା ଦେଖାଇବାକୁ ହେବ। ଉଭୟ ଦେଶ ମଧ୍ୟରେ ୧୨୦ଟି ଏକଦିବସୀୟ ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୬୨ ଓ ନ୍ୟୁଜିଲାଣ୍ଡ ୫୦ଟିରେ ବିଜୟୀ ହୋଇଛି। ୭ ମ୍ୟାଚର ଫଳାଫଳ ମିଳି ନ ଥିବା ବେଳେ ଗୋଟିଏ ମ୍ୟାଚ ଟାଇ ରହିଛି।

ଅନ୍ୟ ପକ୍ଷରେ ଟି୨୦ରେ ନ୍ୟୁଜିଲାଣ୍ଡ ଦଳ ବେଶ୍ ଶକ୍ତିଶାଳୀ। ବିଶ୍ୱକପ ପୂର୍ବରୁ ଏହି ସିରିଜରେ ଶେଷ ୫ଟି ଟି୨୦ ମ୍ୟାଚ ଖେଳିବ ଭାରତ। ନ୍ୟୁଜିଲାଣ୍ଡ ମଧ୍ୟ ଟି୨୦ରେ ବିଶ୍ୱକପ ଜିତିବା ପାଇଁ ଦୃଢ ଦାବିଦାର ରହିଛି। ବର୍ତ୍ତମାନ ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚରେ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭାରତ ପକ୍ଷରୁ ଅଧିକ ସଫଳତା ପାଇଥିବା ଖେଳାଳି ହୋଇଥିବା ବେଳେ ଯଶପ୍ରୀତ ବୁମରା ୧୦ଟି ଟି୨୦ ମ୍ୟାଚରୁ ୧୨ଟି ଏବଂ ଅର୍ଶଦୀପ ସିଂ ୫ଟି ମ୍ୟାଚରୁ ୯ଟି ଉଇକେଟ ନେଇଛନ୍ତି। ନ୍ୟୁଜିଲାଣ୍ଡ ପକ୍ଷରୁ ସଫଳ ବୋଲର ରୂପେ ଇଶ୍ ସୋଧି ୨୦ଟି ମ୍ୟାଚରୁ ୨୫ ଉଇକେଟ ଏବଂ ବ୍ୟାଟିଂରେ ଡାରେଲ ମିଚେଲ, ଡେଭନ କନୱେ, ଗ୍ଲେନ ଫିଲିପସ ସଫଳ ବ୍ୟାଟର୍ସ ରହିଛନ୍ତି। ମିଚେଲ ସାଣ୍ଟନର ବ୍ଲାକ୍‌କ୍ୟାପ ଦଳର ନେତୃତ୍ୱ ନେବେ। ଟି୨୦ରେ ଉଭୟ ଦେଶ ମଧ୍ୟରେ ୨୫ଟି ମ୍ୟାଚ ଖେଳାଯାଇଥିବା ବେଳେ ଭାରତ ୧୪ଟି ଏବଂ ନ୍ୟୁଜିଲାଣ୍ଡ ୧୦ଟିରେ ବିଜୟୀ ହୋଇଛି। ଗୋଟିଏ ମ୍ୟାଚ ବିନା ଫଳାଫଳରେ ଶେଷ ହୋଇଛି। ରେକର୍ଡ ଦୃଷ୍ଟିରୁ ଉଭୟ ଏକଦିବସୀୟ ଓ ଟି୨୦ରେ ଭାରତ ପଲା ଭାରି ରହିଛି। ବିଶ୍ୱକପ୍ ପୂର୍ବରୁ ଦୁଇ ଶକ୍ତିଶାଳୀ ଟିମ୍ ମଧ୍ୟରେ ଲଢେଇ ବେଶ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। ଭାରତ ଟି୨୦ ର୍ୟାଙ୍କିଙ୍ଗ୍‌ରେ ଏବେ ନମ୍ବର ୱାନ ଥିବାବେଳେ ବ୍ୟାଟର ଅଭିଷେକ ଶର୍ମା ଏବଂ ବୋଲର ବରୁଣ ଚକ୍ରବର୍ତ୍ତୀ ନଂ୧ ସ୍ଥାନରେ ରହିଛନ୍ତି।



ମାଇକେଲ ବ୍ରାସ୍‌ୱେଲ



ମିଚେଲ ସାଣ୍ଟନର

ଶୁବମନ ଗିଲ

ସୂର୍ଯ୍ୟକୁମାର ଯାଦବ

# ସାମାଜିକ ବାଧାକୁ ସଫଳ ଗୋଲକିପର

## ପ୍ରଭିନ କୁମାରୀଙ୍କ ସଂଘର୍ଷପୂର୍ଣ୍ଣ ଯାତ୍ରା

**ଡିଉରେ ଚାଲିଥିବା ଖେଲୋ ଇଣ୍ଡିଆ ବିଚ୍ ଗେମ୍ସରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଅଭିଯାନର ପ୍ରମୁଖ ଚେହେରା...**



ପ୍ରଭିନ କୁମାରୀ

ଡିଉର ଘୋଘଲା ବିଚ୍‌ରେ ଚାଲିଛି ଖେଲୋ ଇଣ୍ଡିଆ ବିଚ୍ ଗେମ୍ସର ଦ୍ୱିତୀୟ ସଂସ୍କରଣ। ନୀଳ ସମୁଦ୍ର ତଟଦେଶର ବାଲି ଶଯ୍ୟା ଉପରେ ଚାଲିଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ଅନେକ ଖେଳାଳି ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଚର୍ଚ୍ଚାକୁ ଆସିଛନ୍ତି। ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଉଛନ୍ତି ହିମାଚଳ ପ୍ରଦେଶର ମହିଳା ବିଚ୍ ସକ୍କର ଗୋଲକିପର ପ୍ରଭିନ କୁମାରୀ। ଅନେକ ସାମାଜିକ ବାଧାର ସମ୍ମୁଖୀନ ହୋଇଥିବା ପ୍ରଭିନ ଏବେ ହିମାଚଳ ପ୍ରଦେଶ ମହିଳା ବିଚ୍ ଫୁଟ୍‌ବଲ ଦଳର ପ୍ରମୁଖ ଚେହେରା। ଲଢୁଆ ମନୋବୃତ୍ତିଲାଗି ବେଶ୍ ଜଣାଶୁଣା ପ୍ରଭିନ୍ ସାମାଜିକ ପ୍ରତିରୋଧ, ସ୍ୱଳ୍ପ ସମ୍ବଳ, ବ୍ୟକ୍ତିଗତ ସଂଘର୍ଷ ଭଳି ଅନେକ ବାଧାକୁ ପଛରେ ପକାଇ ହିମାଚଳ ପ୍ରଦେଶକୁ ସେମିଫାଇନାଲରେ ପହଞ୍ଚାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି। ଦଳ ଯଦିଓ ସେମିଫାଇନାଲରେ ଓଡ଼ିଶା ନିକଟରୁ ହାରି ଯାଇଛି ତେବେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚର୍ଚ୍ଚାରେ ରହିଛି।

୨୬ ବର୍ଷୀୟା ପ୍ରଭିନଙ୍କର ଛୋଟ ବେଳରୁ କଦାପି ହାର ନ ମାନିବା ମନୋଭାବ ନଜରକୁ ଆସିଥିଲା। ଆଗକୁ ବଢ଼ିବା ସହ ସେ କ୍ରମେ ସଫଳତା ପାଇ ଜାତୀୟ ଦଳର ସଦସ୍ୟା ହେଲେ। ବିଚ୍‌ର ବାଲି ଉପରେ ଗୋଲକିପିଂ କଷ୍ଟସାଧ୍ୟ ବ୍ୟାପାର ହୋଇଥିଲେ ମଧ୍ୟ ପ୍ରଭିନ ଦକ୍ଷତା ବଳରେ ହିମାଚଳ ପ୍ରଦେଶକୁ ଏକ ଐତିହାସିକ ବିଜୟରୁ ଅଭିଯାନ କରିବାକୁ ସୁଯୋଗ ଦେଇଥିଲେ। ଗୋଡ଼ରେ ଆଘାତ ଲାଗିବା ସତ୍ତ୍ୱେ ସେ ନିଜର ପଦାର୍ପଣ ବିଚ୍ ଫୁଟବଲ ମ୍ୟାଚ୍‌ରେ ପଛୁଆ ଥିବା ହିମାଚଳ ପ୍ରଦେଶ ମହିଳା ଦଳକୁ ଦାଦ୍ରା ଓ ନଗର ହାଭେଲି ଏବଂ ଡାମନ ଓ ଡିଉ (ଡିଏନ୍‌ଏଚ୍ ଓ ଡିଡି) ବିପକ୍ଷ ମ୍ୟାଚ୍‌ରେ ବିଜୟ ସ୍ୱାଦ ଚଖାଇଥିଲେ। ମ୍ୟାଚ୍‌ରେ ପ୍ରଭିନ ଅନେକ ଗୁରୁତ୍ୱପୂର୍ଣ୍ଣ ସେଭ୍ କରିଥିଲେ। ଯାହାଫଳରେ ହିମାଚଳ ପ୍ରଦେଶ ୭–୫ ଗୋଲରେ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲା।

ହିମାଚଳ ପ୍ରଦେଶର ଉନା ଜିଲାର ଖାଟଗାଓଁ ଗ୍ରାମରେ ଦିନମଜୁରିଆ ପରିବାରରେ ପ୍ରଭିନଙ୍କ ଜନ୍ମ। ଭାଇ ଭଉଣୀଙ୍କ ମଧ୍ୟରେ ସବୁଠୁ ସାନ ପ୍ରଭିନ ଏବେ ଘରର ଦାୟିତ୍ୱ ନେବା ସହ ପରିବାର ଚଳାଇବାରେ ସହଯୋଗ କରୁଛନ୍ତି। ନିଜ ଅଭିଳାଷକୁ ପୂରା କରିବା ସହ ପାରିବାରିକ ଦାୟିତ୍ୱ ତୁଲାଇବା ପାଇଁ ସେ ଏବେ ଉନାରେ ଏକ ବେସରକାରୀ ସ୍କୁଲରେ ଶାରୀରିକ ଶିକ୍ଷା ଶିକ୍ଷକ ଭାବେ କାର୍ଯ୍ୟ କରୁଛନ୍ତି। କ୍ରୀଡ଼ାରେ ତାଙ୍କ ଏଣ୍ଟ୍ରି ଖୁବ୍ ବିବାଦୀୟ ରହିଥିଲା। ଯେଉଁ ସମୟରେ ତାଙ୍କ ଗାଁରେ କ୍ରୀଡ଼ା କ୍ଷେତ୍ରରେ ମହିଳାଙ୍କ ଭାଗୀଦାରିକୁ ନାପସନ୍ଦ କରାଯାଉଥିଲା ସେତେବେଳେ ସେ ପୁରୁଷ ଖେଳାଳିଙ୍କ ସହ ଅଭ୍ୟାସ ଆରମ୍ଭ କରିଥିଲେ। ସାମାଜିକ ପ୍ରତିରୋଧ ଓ ସମ୍ବଳର ଅଭାବ ତାଙ୍କୁ ନିଜ ସ୍ୱପ୍ନ ପୂରା କରିବାରେ ରୋକିପାରି ନ ଥିଲା। ବ୍ୟକ୍ତିଗତ ନିର୍ଣ୍ଣୟ ଭାବେ ଯାହା ଆରମ୍ଭ ହୋଇଥିଲା, ତାହା ଧୀରେ ଧୀରେ ସାମୂହିକ ବିଶ୍ୱାସରେ ପରିଣତ ହୋଇଥିଲା। ଧୀରେ ଧୀରେ ସେ ତାଙ୍କ ଆଖପାଖର କିଛି ମହିଳାଙ୍କୁ ଏକଜୁଟ କରିଥିଲେ। ବିନା ସମ୍ବଳ, ମାର୍ଗଦର୍ଶନ ଓ ଅନିୟମିତତାରେ ଆରମ୍ଭ ହୋଇଥିବା ଅଭିଯାନରେ ବିଶ୍ୱାସ ଭରପୂର ରହିଥିଲା। 'ଜୀବନ ସହଜ ନୁହେଁ। ମୁଖ୍ୟତଃ କ୍ରୀଡ଼ାକ୍ଷେତ୍ରରେ କ୍ୟାରିୟରର କରିବାକୁ ଚାହୁଁଥିବା ମହିଳାଙ୍କ ଲାଗି। ୧୦ ବର୍ଷ ତଳେ ମୁଁ ଯେତେବେଳେ ଟ୍ରେନିଂ ଆରମ୍ଭ କରୁଥିଲି, ଆମ ଗାଁରେ କେବଳ ପୁରୁଷ ଖେଳାଳିଙ୍କୁ ଉତ୍ସାହିତ କରାଯାଉଥିଲା। ସେତେବେଳେ ମହିଳାଙ୍କ ଲାଗି କୌଣସି ସ୍ଥାନ ନ ଥିଲା। ମୁଁ ପୁରୁଷ ଖେଳାଳିଙ୍କ ସହ ଟ୍ରେନିଂ ଆରମ୍ଭ କରିଥିଲି। କିନ୍ତୁ ପରେ ଖେଳିବା ପାଇଁ ମୋତେ କିଛି ଝିଅ ମିଳିଥିଲେ। ବିନା କୌଣସି ସମ୍ବଳ ଓ ଅନିୟମିତତା ମଧ୍ୟରେ ଆମେ ଟ୍ରେନିଂ ଆରମ୍ଭ କରିଥିଲୁ। କିନ୍ତୁ ଆମେ ପରବର୍ତ୍ତୀ ପିଢ଼ିର ମହିଳାଙ୍କ ଲାଗି ଉଦାହରଣ ସୃଷ୍ଟି କରିବାକୁ ଚାହୁଁଥିଲୁ। ଧୀରେ ଧୀରେ ସବୁକିଛି ଠିକ୍ ହୋଇଥିଲା। ବର୍ତ୍ତମାନ ଆମ ପାଖରେ ଏକ ସମ୍ପୂର୍ଣ୍ଣ ଦଳ ରହିଛି ଏବଂ ଆମେ ନିୟମିତ ଭାବେ ସ୍ଥାନୀୟ ଟୁର୍ନାମେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛୁ' ବୋଲି ପ୍ରଭିନ ପ୍ରକାଶ କରିଥିଲେ।

ଏହି ଟୁର୍ନାମେଣ୍ଟ ଲାଗି ପ୍ରସ୍ତୁତ ହେବା ପାଇଁ ଦଳକୁ ୧୦ ଦିନ ଧରି ସ୍ୱତନ୍ତ୍ର ଭାବେ ବାଲିରେ ପ୍ରସ୍ତୁତ ପଡ଼ିଆରେ ଖେଳିବାକୁ ପଡ଼ିଥିଲା। କିନ୍ତୁ ସମୁଦ୍ର କୂଳରେ ଖେଳିବା ଖେଳାଳିଙ୍କ ଲାଗି ଏକ ଚ୍ୟାଲେଞ୍ଜ। କାରଣ ଏହି ଖେଳ ଫିଲ୍ଡରେ ଖେଳାଯାଉଥିବା ଫୁଟ୍‌ବଲଠାରୁ ଅଧିକ ଦ୍ରୁତ ଏବଂ ଖେଳାଳିମାନେ ଶୀଘ୍ର କ୍ଲାନ୍ତ ହୋଇପଡ଼ନ୍ତି। ତେବେ ଚ୍ୟାଲେଞ୍ଜକୁ ସାମ୍ନା କରିବାକୁ ଭଲ ପାଉଥିବା ପ୍ରଭିନ ବ୍ୟକ୍ତିଗତ ପ୍ରଦର୍ଶନ ମାଧ୍ୟମରେ ଅନ୍ୟମାନଙ୍କ ଲାଗି ଉଦାହରଣ ପାଲଟି ଯାଇଛନ୍ତି।

## ସାକ୍ଷୀ

ସ୍ପୋର୍ଟ ଜର୍ନାଲିଷ୍ଟ
ଆସୋସିଏଶନ୍‌ର
(ଓସ୍‌ଜା) ପ୍ରାଇଜ ପାଇଁ
ମନୋନୀତ ଯୁବ ଭାର ଉତ୍ତୋଳିକା
ରାଜ୍ୟ ପ୍ରୀତିସ୍ମିତା ଭୋଇ
ନିଷ୍ଠା ଓ ସାଧନା ନେଇ
ଜାତୀୟ ଓ ଅନ୍ତର୍ଜାତୀୟରେ ବେଷ୍ଟ
ନିରନ୍ତର ପଦକ ପାଇ।

ଓପନର ସ୍ମୃତି, ଶେଫାଳୀ ବର୍ମାଙ୍କ
ଓପନିଂ ଭାଗୀଦାରି
ରେଣୁକା ସିଂଙ୍କ କମାଲ ବୋଲିଂ
ଦୀପ୍ତି ବ୍ୟାଟିଂ ଯାଦୁକରି
ଲଙ୍କାନ ପାରିଲା ଧରି
ହରମନ ପ୍ରୀତ୍ କୌର ଟିମ୍ ବେଷ୍ଟ
ଟି୨୦ ସିରିଜ୍ ଧରି।

ଉତ୍ତରାଖଣ୍ଡର ରୁଦ୍ରପୁରଠାରେ
ଟ୍ରାକ ସାଇକିଲିଂ ଶେଷ
ପାଞ୍ଚ ଇଭେଣ୍ଟରେ ପାଞ୍ଚ ପଦକ
ସାଇକ୍ଲିଷ୍ଟ ସ୍ୱସ୍ତି ଯଶ
ଗୁଡବାଏ ପୁରୁଣା ବର୍ଷ
ସାକ୍ଷୀ ଦି' ହଜାର ପଚିଶ ମସିହା
ସ୍ୱାଗତମ୍ ନୂଆବର୍ଷ।

–ସୁବାସ ଚନ୍ଦ୍ର ପ୍ରଧାନ

# ଯୋରନ୍ଦା ମେଳା ଜଗିବେ ୨୦ ପ୍ଲାଟୁନ୍ ଫୋର୍ସ

## ଦ୍ୱିତୀୟ ପ୍ରସ୍ତୁତି ବୈଠକ

ଗଁଦିଆ,୮।୧(ବିଶ୍ୱ ମୋହନ ସାହୁ)

୩୧ରୁ ଆରମ୍ଭ ହେବ ବିଶ୍ୱ ପ୍ରସିଦ୍ଧ ଯୋରନ୍ଦା ମେଳା । ଏଥିପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ଯୋରନ୍ଦା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଉନ୍ନୟନ ଅଧିକାରୀ ଆଶିଷ କୁମାର ସାହୁ, ଉପଜିଲାପାଳ ବିବୁଧ ଗଡ଼ନାୟକ, ଗଁଦିଆ ବିଡିଓ ପବିତ୍ର କୁମାର ବେହେରା, ସରପଞ୍ଚ ଆରତୀ ନାୟକଙ୍କ ସମେତ ବିଭାଗୀୟ ଅଧିକାରୀ, କୌପୁନିଧାରୀ ଓ ବକଳଧାରୀ ସମାଜର ସାଧୁସନ୍ଥ ଉପସ୍ଥିତ ଥିଲେ । ମେଳାକୁ ଶାନ୍ତି ଶୃଙ୍ଖଳା ଭାବେ ପାଳନ କରିବା ପାଇଁ ଗୁରୁତ୍ୱାରୋପ କରାଯାଇଥିଲା । ମେଳା ସମୟରେ ଅଗ୍ନି ନିର୍ବାପକ ବ୍ୟବସ୍ଥା, ପରିଷ୍କାର ପରିଚ୍ଛନ୍ନ, ସ୍ୱାସ୍ଥ୍ୟସେବା ଶିବିର ଓ ଆମ୍ବୁଲାନସ ବ୍ୟବସ୍ଥା, ଯାତ୍ରା ପଡ଼ିଆରେ ଆଲୋକୀକରଣ ଓ ପାଣି ସିଞ୍ଚନ, ମନ୍ଦିର ସଂଲଗ୍ନ ଅଞ୍ଚଳରେ ବାରିକେଟିଂ, ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ, ଜନସାଧାରଣଙ୍କ ନିମନ୍ତେ ଆବଶ୍ୟକ ସୂଚନା ପ୍ରଦାନ, ଉଠା ଦୋକାନ ପାଇଁ ସ୍ଥାନ ନିରୂପଣ କରିବା, ପୋଖରୀ ବିଶୋଧନ କରାଯିବା, ମେଳା ପଡ଼ିଆରେ ସିସି. ଟିଭି କ୍ୟାମେରା ବ୍ୟବସ୍ଥା, ପୋଲିସ କଣ୍ଟ୍ରୋଲରୁମ ସ୍ଥାପନ, ଭଜନ ପରିବେଷଣ ଓ ଭୀମ ଭୋଇଙ୍କ ଜୀବନୀ ଉପରେ ନାଟକ ଆୟୋଜନ ସଂପର୍କରେ ଆଲୋଚନା ହୋଇଥିଲା । ଚଳିତବର୍ଷ ଶାନ୍ତି ଶୃଙ୍ଖଳା ପାଇଁ ମେଳାରେ ୨୦ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯିବ । ଯାନବାହାନ ପାର୍କିଂ ପାଇଁ ଅଧିକ ଯାଗା ଚିହ୍ନଟ କରି ଯାନବାହନ ଚଳାଚଳକୁ ସୁବିଧାଜନକ କରାଯିବ। ଯଦି କେହି କୌଣସି ପ୍ରକାରର ବିଶୃଙ୍ଖଳା ସୃଷ୍ଟି କଲେ ତାଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଏସ୍‌ପି ଅଭିନବ ସୋନକର ସୂଚନା ଦେଇଥିଲେ । ପରେ ସମସ୍ତ ଅଧିକାରୀ ମେଳା ପଡ଼ିଆ ବୁଲି ସୁବିଧା ଅସୁବିଧା ତର୍ଜମା କରିଥିଲେ। ଜିଲାପାଳ ମେଳା ଆୟୋଜନ ନିମନ୍ତେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟର ଅଗ୍ରଗତିର ସମୀକ୍ଷା କରିଥିଲେ । ମେଳା ସମୟରେ ପର୍ଯ୍ୟାପ୍ତ ପାନୀୟ ଜଳ ଯୋଗାଣ ନିଶ୍ଚିତ କରିବାକୁ ସେ ନିର୍ଦ୍ଦେଶ ଦେବା ସହିତ ଆବଶ୍ୟକ ରାସ୍ତା ମରାମତି କାର୍ଯ୍ୟ ଶେଷ କରିବାକୁ ପରାମର୍ଶ ଦେଇଥିଲେ ।


ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା ଅଧିକାରୀବୃନ୍ଦ

# 'ଅନ୍ତର୍ନିହିତ ଗୁଣକୁ ଚିହ୍ନି ପିଲାଙ୍କୁ ଗୁରୁତ୍ୱ ଦେବା ଆବଶ୍ୟକ'

## ବ୍ରଜନାଥ ବଡ଼ଜେନା ହାଇସ୍କୁଲ୍‌ରେ ପିଏମ୍‌ଶ୍ରୀ ଉତ୍ସବ

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳର ଶତାୟୁ ଶିକ୍ଷାନୁଷ୍ଠାନ ପିଏମ୍‌ଶ୍ରୀ ବ୍ରଜନାଥ ବଡ଼ଜେନା ସରକାରୀ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପିଏମ୍‌ଶ୍ରୀ ଉତ୍ସବ-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସୁନିତାବାଳା ଷଡଙ୍ଗୀ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ଦଲେଇ ଯୋଗଦେଇ କହିଥିଲେ, କଠିନ ପରିଶ୍ରମର ଅନ୍ୟ କୌଣସି ବିକଳ୍ପ ନାହିଁ । କର୍ମ ହିଁ ଉପାସନା। ଗୁରୁଜନଙ୍କ ଉପଦେଶ ଅନୁପାଳନ ହିଁ ସମସ୍ତ ସଫଳତାର ଚାବିକାଠି ଓ ଶିକ୍ଷାର୍ଥୀମାନଙ୍କ ଅନ୍ତର୍ନିହିତ ଗୁଣକୁ ଚିହ୍ନି ପିଲାଙ୍କୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଭାବେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ମାନସ ରଞ୍ଜନ ତ୍ରିପାଠୀ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅବସରପ୍ରାପ୍ତ କଳା ଶିକ୍ଷକ ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ସାହିତ୍ୟିକ ଅବନୀ ମିଶ୍ର ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସାରଙ୍ଗଧର ସାହୁ ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ପାଠପଢ଼ା ସହିତ ବୌଦ୍ଧିକ ଆଧାତ୍ମିକ ଓ ଚାରିତ୍ରିକ ବିକାଶ ପାଇଁ ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଭିଭାବକମାନେ ଚେଷ୍ଟିତ ହେବା ନିମନ୍ତେ ଆହ୍ୱାନ ଦେଇଥିଲେ । ଶିକ୍ଷାବିତ୍ ଡ. ଦେବୀ ପ୍ରସାଦ ମିଶ୍ରଙ୍କ ଉପସ୍ଥିତିରେ ବିଦ୍ୟାଳୟର ପୂର୍ବତନ ଛାତ୍ର ବିଶିଷ୍ଟ ପ୍ରଶାସକ ସ୍ୱର୍ଗତଃ ବିମଳ କିଶୋର ମିଶ୍ରଙ୍କ ସ୍ମୃତିରେ ତାଙ୍କର କନିଷ୍ଠ ପୁତ୍ର ଓଡିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ଜଷ୍ଟିସ ଶଶିକାନ୍ତ ମିଶ୍ରଙ୍କ ପରିବାର ସୌଜନ୍ୟରୁ ୨୦୨୪ ପାଇଁ ଛାତ୍ର ଦୁର୍ଗା ପ୍ରସାଦ ମିଶ୍ର ଓ ୨୦୨୫ ପାଇଁ ଛାତ୍ରୀ ଚିନ୍ମୟୀ ବେହେରାଙ୍କୁ ବିମଳ କିଶୋର ମିଶ୍ର ସ୍ମାରକୀ ସମ୍ମାନରେ ସମ୍ମାନିତ କରାଯାଇଥିଲା । ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଡ. ଅନୁପମା ମିଶ୍ର ମଙ୍ଗଳା ଚରଣ ଗାନ କରିଥିଲେ । ପ୍ରାରମ୍ଭରେ ପଞ୍ଚସଖା, ବ୍ରଜନାଥ ବଡ଼ଜେନା, ନୃସିଂହ କାନୁନଗୋ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା ।



# ବଜରଙ୍ଗ କ୍ଲବ୍‌ର ବାର୍ଷିକ ଉତ୍ସବ 'ଆଗ୍ନେୟ' ଆଜିଠୁ

ଢେଙ୍କାନାଳ,୮।୧(ରତନ ନାୟାର)

## ବଲିଉଡ୍ କଣ୍ଠଶିଳ୍ପୀ ଅମିତ ମିଶ୍ର ସଙ୍ଗୀତ ପରିବେଷଣ କରିବେ

ଢେଙ୍କାନାଳ ଜିଲ୍ଲାର ପ୍ରମୁଖ ସାମାଜିକ ଅନୁଷ୍ଠାନ ବଜରଙ୍ଗ କ୍ଲବର ବାର୍ଷିକ ମହୋତ୍ସବ 'ଆଗ୍ନେୟ' ଶୁକ୍ରବାରଠାରୁ ୩ଦିନ ବ୍ୟାପୀ ସ୍ଥାନୀୟ ମିନି ଷ୍ଟାଡିୟମଠାରେ ଆୟୋଜିତ ହେଉଛି । ଚଳିତବର୍ଷ ଏହି ଉତ୍ସବରେ ବଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ ଅମିତ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଅନ୍ୟମାନଙ୍କ ମଧ୍ୟରେ ବଲିଉଡ କଣ୍ଠଶିଳ୍ପୀ ତଥା ଇଣ୍ଡିଆନ ଆଇଡଲ ଫେମ୍‌ର ତାବିସ୍ ଅଲ୍ଲୀ, ଇଣ୍ଡିଆନ ଆଇଡଲ ସିଜିନ-୨ର ବିଜେତା ଓଡ଼ିଆ କଣ୍ଠଶିଳ୍ପୀ ଅନନ୍ୟା ଶ୍ରୀତମ ନନ୍ଦ, ଓଡ଼ିଆ କଣ୍ଠଶିଳ୍ପୀ ସଚିନ ରାଉତ, ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସମିତ ଆଚାର୍ଯ୍ୟ, ଦୀପାନ୍ୱିତ ଦାସ ମହାପାତ୍ର, ଅଭିନେତ୍ରୀ ଭୂମିକା ଦାସ, ସୂର୍ଯ୍ୟମୟୀ ମହାପାତ୍ର, ସଂଯୋଜିକା ପ୍ରେରଣା, ଆରଜେ ମଧୁ ଓ ଶୁଭମ ଯୋଗଦେବେ। ସେହିପରି କୋଲକତାର ଆକ୍ୱାଲୁମ ବ୍ୟାଣ୍ଡ ଇଣ୍ଡିଆ ଗ୍ରୁପ ପ୍ରମୁଖ ଆକର୍ଷଣ ସାଜିବ ବୋଲି ଅନୁଷ୍ଠାନର ସମ୍ପାଦକ ସନ୍ଦିପ ଷଡଙ୍ଗୀଙ୍କ ସୂଚନାରୁ ଜଣାପଡିଛି ।

# ସରକାରୀ ଜମିରୁ ଘର ଉଚ୍ଛେଦ ଓ ଜଙ୍ଗଲ ଜମି ବିକ୍ରି ବନ୍ଦ ହେଉ



## ଭାଜପା ନେତା ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କଲେ

ଢେଙ୍କାନାଳ,୮।୧(ରତନ ନାୟାର): ଢେଙ୍କାନାଳ ସହରରେ ସରକାରୀ ଜମିରେ ଗଢି ଉଠିଥିବା ଏକ ସାମାଜିକ ଅନୁଷ୍ଠାନ ଓ ପାଣି ଓହଳା ପାହାଡ଼ର ପାଦଦେଶରେ ଥିବା ଜଙ୍ଗଲ ଜମିକୁ ବେଆଇନ ବିକ୍ରି କରାଯାଉଥିବା ଭାଜପା ନେତୃବୃନ୍ଦ ଓ ସାଧାରଣ ଜନତାଙ୍କ ପକ୍ଷରୁ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଭାଜପାର ବରିଷ୍ଠ ନେତା ସାମାଜିକ କର୍ମୀ ରାମଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ଭାଜପା ସଭାପତି ନରେଶଚନ୍ଦ୍ର ମହାପାତ୍ର, ନବକିଶୋର ଗୁରୁ, ମିଳିତବଜାର ପୂଜା କମିଟି ସଭାପତି ରୁଦ୍ର ନାରାୟଣ ତ୍ରିପାଠୀ, ଭାଜପା ନେତା ବିଷ୍ଣୁ ପ୍ରସାଦ ଲେଙ୍କା, ସନ୍ତୋଷ ରାଉତ, ସତ୍ୟବାନ ପାତ୍ର, ନିରୋଦ ସାହୁ, ବିଶ୍ୱେଶ୍ୱର ଦୋରା, ଜ୍ଞାନ ରଞ୍ଜନ ସାହୁଙ୍କ ସମେତ ବହୁ ନେତୃବୃନ୍ଦ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଅଭିଯୋଗରୁ ଜଣାପଡିଛି ଯେ, ଢେଙ୍କାନାଳ ପୌରାଞ୍ଚଳର ୬ନଂ ୱାର୍ଡ ବଳରାମ ମନ୍ଦିର ନିକଟରେ ଗୋଟି ପୋଖରୀକୁ ଲାଗି ଏକ ମୂଲ୍ୟବାନ ସରକାରୀ ଜମିରେ ପୂର୍ବରୁ ଏକ ପ୍ରାଣୀ ସହାୟକ କେନ୍ଦ୍ର ଥିଲା। କିଛିବର୍ଷ ହେଲାଣି ସେଠାରେ ଏକ ସାମାଜିକ ଅନୁଷ୍ଠାନ ଗଢି ଉଠିଛି । ଏହି ଅନୁଷ୍ଠାନର ସଭାପତି ଗୋପାଳପୁର ପଥରଖଣି ବିସ୍ଫୋରଣ ଘଟଣାରେ ମୁଖ୍ୟ ଅଭିଯୁକ୍ତ ବୋଲି ଭାଜପା ନେତୃବୃନ୍ଦ ଅଭିଯୋଗ କରିଛନ୍ତି । କିଛି ବିଜେଡି ନେତା ଉକ୍ତ ସାମାଜିକ ଅନୁଷ୍ଠାନରେ ବିଭିନ୍ନ କାର୍ଯ୍ୟକଳାପ କରି ସରକାରଙ୍କୁ ବଦନାମ କରିବା ପାଇଁ ମସୁଧା କରୁଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ସେହିପରି ପୌରାଞ୍ଚଳର ୫ନଂ ୱାର୍ଡରେ ସରକାରୀ ଜମିରେ ନିଜ ବାସଗୃହ କରି ରହିବା ଏବଂ ପାଣିଓହଳା ପାଦଦେଶରେ ଥିବା ଜଙ୍ଗଲ ଜମିକୁ ବେଆଇନ ବିକ୍ରି କରାଯିବାକୁ ନେଇ ପୌର ଉପାଧ୍ୟକ୍ଷ ନାମରେ ଅଭିଯୋଗ ଆଣିଛନ୍ତି ଭାଜପା ନେତୃବୃନ୍ଦ । ସରକାରଙ୍କୁ ବଦନାମ କରିବା ପାଇଁ ବିଭିନ୍ନ ସରକାରୀ ବିରୋଧୀ ମନ୍ତବ୍ୟ ପ୍ରଦାନ କରୁଛନ୍ତି ବୋଲି ନେତୃବୃନ୍ଦ କହିଥିଲେ । ତେଣୁ ଏହି ଦୁଇଟି ଘଟଣାରେ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନେତୃବୃନ୍ଦଙ୍କ ପକ୍ଷରୁ ଦାବି ହୋଇଛି ।

# ବରିଷ୍ଠ ନାଗରିକ ସଂଘର ବୈଠକ

ଭୁବନ, ୮।୧ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲ୍ଲା ଭୁବନ ବରିଷ୍ଠ ନାଗରିକ ସଙ୍ଘ ପକ୍ଷରୁ ବୁଧବାର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସଙ୍ଘର ସଭାପତି ଶ୍ରୀଧର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଆଗାମୀ ଦିନରେ ଭୁବନର ବିକାଶ ପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସହିତ ସ୍ଥାନୀୟ ବିଧାୟକଙ୍କ ସହ ଆଲୋଚନା କରି ଶିକ୍ଷା ସ୍ୱାସ୍ଥ୍ୟକୁ ଆଗକୁ ନେବା ପାଇଁ ପ୍ରୟାସ କରାଯିବ ବୋଲି କହିଥିଲେ। ସମ୍ପାଦକ ମାଧବାନନ୍ଦ ସାହୁ, ଉପସଭାପତି ମନମୋହନ ସାହୁ, ସହ ସମ୍ପାଦକ ବେଣୁଧର ଗୁରୁ, କୋଷାଧ୍ୟକ୍ଷ ବିଦ୍ୟାଧର ବାହାଳୀ, ବରିଷ୍ଠ ସଦସ୍ୟ ନନ୍ଦ କିଶୋର ସାହୁ, ମାୟାଧର ସାହୁ, କୋଦଣ୍ଡଧର ବେହେରା, ମାୟାଧର ବାରିକ, ଶ୍ୟାମସୁନ୍ଦର ସାହୁ, ନନ୍ଦ କିଶୋର ବେହେରା, ପ୍ରଭାତ କୁମାର ଜେନାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ମତ ପ୍ରକାଶ କରିଥିଲେ।

# ଆଇନ ସଚେତନତା ଶିବିର

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଏନ୍‌ଏସି ରାଜମୋହନପୁର ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଢେଙ୍କାନାଳ ଜିଲ୍ଲା ଆଇନ ସେବା ପ୍ରାଧୀକରଣର ପକ୍ଷରୁ ଆୟୋଜିତ ଶିବିରରେ ଅଧ୍ୟକ୍ଷ ଶୁଭଙ୍କର ମିଶ୍ର ଅଧ୍ୟକ୍ଷତାରେ ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସମେତ ପିଏଲ୍‌ଭି ପ୍ରଭାତ ପୃଷ୍ଟି, ପ୍ରକାଶ ନାଥ ପ୍ରମୁଖ ଯୋଗଦେଇ ବାଲ୍ୟ ବିବାହ ଏବଂ ଡ୍ରଗସ ଅପବ୍ୟବହାର ସମ୍ପର୍କରେ ଆଲୋକପାତ କରିଥିଲେ ।

# ଗଁଦିଆରେ ବ୍ଲକସ୍ତରୀୟ ମହୋତ୍ସବ



ଗଁଦିଆ, ୮।୧(ବିଶ୍ୱମୋହନ ସାହୁ)

ଢେଙ୍କାନାଳ ଜିଲ୍ଲା ମହୋତ୍ସବ ଉପଲକ୍ଷେ ଗଁଦିଆ ବ୍ଲକ ପରିସରରେ ବ୍ଲକସ୍ତରୀୟ ମହୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ ଓ ସମ୍ମାନିତ ଅତିଥି ଭାବରେ ମନ୍ତ୍ରୀଙ୍କ ପ୍ରତିନିଧି ପୋରୁହଖୋଜ ସରପଂଚ ରତିକାନ୍ତ ସାହୁ ଓ ଏମ୍‌ପିଙ୍କ ପ୍ରତିନିଧି ଲଳିତ ଦାସ ଓ ମୁଖ୍ୟ ବକ୍ତା ଭାବରେ ଗଁଦିଆ ବିଡିଓ ପବିତ୍ର କୁମାର ବେହେରା ଯୋଗ ଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ପୋରୁହଖୋଜ ଗ୍ରାମପଂଚାୟତଠାରୁ ଏକ ମଶାଲ ଶୋଭାଯାତ୍ରା କରାଯାଇ ମହୋତ୍ସବକୁ ଆରମ୍ଭ କରାଯାଇଥିଲା। ଏଥିରେ ବ୍ଲକ ଅଂଚଳର ବହୁ ସଂଖ୍ୟକ ଜନସାଧାରଣ ଓ କଳାକାର ମାନେ ଅଂଶଗ୍ରହଣ କରିଥିଲେ। ଜାନୁଆରୀ ୨୦ରୁ ୨୪ ତାରିଖ ପର୍ଯ୍ୟନ୍ତ ଯାଏ ହେବାକୁ ଥିବା ଢେଙ୍କାନାଳ ମହୋତ୍ସବରେ ଗଁଦିଆ ବ୍ଲକରୁ ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ କଳାକାର ଅଂଶଗ୍ରହଣ କରିବେ ବୋଲି ବିଡିଓ ସୂଚନା ଦେଇଥିଲେ ।

# ବାଲ୍ୟବିବାହ ନିରାକରଣ ପାଇଁ ସଚେତନତା

ଓଡ଼ାପଡ଼ା,୮।୧(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକରେ ବାଲ୍ୟ ବିବାହ ନିରାକରଣ ସକାଶେ ଓଡ଼ାପଡ଼ା ଗ୍ରାମଠାରେ ବିଶ୍ୱ ଯୁବକେନ୍ଦ୍ର ପକ୍ଷରୁ ପରିଚାଳିତ ପ୍ରକଳ୍ପ ଆକ୍ସେସ ଟୁ ଜଷ୍ଟିସ ଫର ଚିଲ୍ଡ୍ରେନ ଦ୍ୱାରା ଏକ ସଚେତନତା ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ଜନସାଧାରଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ବିଷୟବସ୍ତୁ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ ବିଷୟରେ ସଚେତନତା, ବାଲ୍ୟ ବିବାହ ଯୋଗୁ ଝିଅ ଉପରେ ପଡୁଥିବା ଶାରୀରିକ, ପାରିବାରିକ, ମାନସିକ ତଥା ଆର୍ଥିକ ଚାପ, ସାମାଜିକ କୁପରିଣାମ, ବାଲ୍ୟବିବାହ କ୍ଷେତ୍ରରେ ଆୟୋଜନକାରୀ ତଥା ସହଯୋଗୀଙ୍କ ଦଣ୍ଡବିଧାନ ତଥା ନିରାକରଣ ପାଇଁ ସାମୁଦାୟିକ ଭୂମିକା ଉପରେ ଆଲୋଚନା ହୋଇଥିଲା। ଏହାବ୍ୟତୀତ ବୈଠକରେ ଶିଶୁ ଶ୍ରମିକ, ଶିଶୁ ଚାଲାଣ ଓ ଶିଶୁଙ୍କ ଉପରେ ହେଉଥିବା ଯୌନ ନିର୍ଯାତନା ଉପରେ ଆଲୋଚନା ହୋଇଥିଲା। ବୈଠକରେ ସ୍ଥାନୀୟ ୱାର୍ଡମେମ୍ବର, ଆଶା ଓ ଅଙ୍ଗନୱାଡ଼ି କର୍ମୀ ଯୋଗଦେଇ ତାଙ୍କ ଭୂମିକା ବିଷୟରେ ଜଣାଇଥିଲେ। କାର୍ଯ୍ୟକ୍ରମ ଆୟୋଜନ ଓ ପରିଚାଳନା ପ୍ରକଳ୍ପ ସହଯୋଗୀ ବିଦ୍ୟୁଲତା ଭଞ୍ଜ ଯୋଗଦେଇଥିଲେ ।

# ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକଙ୍କ ସମ୍ମିଳନୀ

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ଜିଲ୍ଲା ରାଜୋଲ ସାପୁଆ ଡ୍ୟାମଠାରେ ଜିଲ୍ଲାସ୍ତରୀୟ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କର ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ ପୁରୁଷୋତ୍ତମ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ କୁମାର ମହାନ୍ତି ଯୋଗଦେଇ ଶିକ୍ଷକମାନଙ୍କ ଭାଇଚାରା ମନୋବୃତ୍ତି ନେଇ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ସମ୍ମିଳନୀରେ ୮ଟି ବ୍ଲକର ସଂଯୋଜକ ପ୍ରାଣବନ୍ଧୁ ସାହୁ, ସନ୍ତୋଷ ପଣ୍ଡିତ, ରବିନ୍ଦ୍ର କୁମାର ରାଉତ, ବିଜୟ ଦେହୁରୀ, ଶରତଚନ୍ଦ୍ର ନାୟକ, ଅକ୍ଷୟ କୁମାର ଜେନା, ଅଶୋକ ଭୁଟିଆ, ପ୍ରଶାନ୍ତ ଧଳ, ୱାଲି ମୁଦୁଲି, ମାୟାଧର ସାହୁ, ରମେଶ ରାଉତ, ନବକିଶୋର ବେହେରା ଯୋଗ ଦେଇଥିଲେ । ହିନ୍ଦୋଳ ବ୍ଲକର ସମସ୍ତ ଅବସରପ୍ରାପ୍ତ ଶାରୀରିକ ଶିକ୍ଷା ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଆସନ୍ତାବର୍ଷ ଭୁବନ ବ୍ଲକର ନୀଳକଣ୍ଠପୁରଠାରେ ସମ୍ମିଳନୀ ହେବା ପାଇଁ ସଭାରେ ସ୍ଥିର କରାଯାଇଥିଲା । ଜିଲ୍ଲାରୁ ୫୬ଜଣ ଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ ନରେଶ କୁମାର ମହାରଣା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ଶିକ୍ଷକ ନରେନ୍ଦ୍ର କୁମାର ଦେହୁରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।



# ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ

ଢେଙ୍କାନାଳ,୮।୧(ରତନ ନାୟାର)

ଢେଙ୍କାନାଳ ରାଜବାଟୀ ଚୌକସ୍ଥିତ ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ତରଫରୁ ଜିଲ୍ଲାସ୍ତରୀୟ ଏକ ଦିବସୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ସଭାପତି ବିଶ୍ୱନାଥ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସମ୍ପାଦକ ଶିଳ୍ପୀ ପରେଶ ପଟ୍ଟନାୟକ ମାତୃ ପତାକା ଉତ୍ତୋଳନ କରିଥିଲେ। ସଭ୍ୟାସଭ୍ୟମାନେ ନୀରବ ଧ୍ୟାନ କରିବା ପରେ ବନ୍ଦେ ମାତରଂ ଗାନ କରିଥିଲେ । ସଂଗଠିକା ସୁଲୋଚନା ସାହୁଙ୍କ ପରିଚାଳନାରେ ଆଲୋଚନାଚକ୍ର ହୋଇଥିଲା। ପ୍ରିୟଦର୍ଶିନୀ ସାହୁ ମନ୍ତ୍ରମୟୀ ସାବିତ୍ରୀ ପାଠ କରିଥିଲେ । ବିଶ୍ୱାନନ୍ଦ ଜେନା ଦୁର୍ଗାସ୍ତୋତ୍ର ପାଠ କରିଥିଲେ । ମାଡ଼ୁଭକ୍ତ କିଶୋର ସାହୁ ମାତୃ ବନ୍ଦନା ଗାନ କରିଥିଲେ । ସଂଗଠିକା ସୁଲୋଚନା ସାହୁ ସାମୁହିକ ମନ୍ତ୍ର ଆବୃତ୍ତି କରିଥିଲେ।

# ପିଏମ୍‌ଶ୍ରୀ ଏମ୍‌ଏସ୍ ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡ଼ା



ପରଜଙ୍ଗ, ୮।୧ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗସ୍ଥିତ ପିଏମଶ୍ରୀ ଏମ୍‌ଏସ ନୋଡାଲ ବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ସନାତନ ସାମଲ ଯୋଗଦାନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଯୁଗଳ କିଶୋର ନାୟକ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ସମିତି ସଭ୍ୟ ସୈଳେନ୍ଦ୍ରୀ ସେଠୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଚୈତନ୍ୟ କୁମାର ନାୟକ, ପରଜଙ୍ଗ ଗ୍ରାମ ପରିଚାଳନା କମିଟି ସଭାପତି ସାନ୍ତନୁ କୁମାର ସାମଲ, ଅବସରପ୍ରାପ୍ତ ଶିକ୍ଷକ ପରମାନନ୍ଦ ଦଳବେହେରା ଏବଂ ଅଶୋକ କୁମାର ସୁବାହୁ ସିଂହ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂହ ସଭାପତିତ୍ୱ କରିଥିଲେ। କୁମୁସି ହାଇସ୍କୁଲର ଶିକ୍ଷକ ମଳୟ କୁମାର ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥି ବୃନ୍ଦ ଛାତ୍ରୀଛାତ୍ରମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ଉପଦେଶମାନ ଦେଇଥିବା ବେଳେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଦଣ୍ଡମୁକ୍ତ ଅଞ୍ଚଳ ବିଷୟରେ ମଗସ ପାର୍ଲିଆମେଣ୍ଟ ଉପସ୍ଥାପନ କରିଥିଲେ। ଏହାପରେ କବାଡି, ଭଲିବଲ, ଲମ୍ଫଡିଆଁ, ଉଚ୍ଚଡିଆଁ, ୧୦୦ମି, ୨୦୦ମି, ୪୦୦ମି, ମିୟୁଜିକ ଚେୟାର, ଡିସକସ୍ ଥ୍ରୋ, ସଟ୍‌ପୁଟ, ଦଉଡ଼ି ଡିଆଁ, କ୍ରୀଡା ସିନିୟର, ଜୁନିୟର ସବ ଜୁନିୟର ବିଭାଗର ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ଏବଂ ମଞ୍ଚାସୀନ ଅତିଥିବୃନ୍ଦ ମାନପତ୍ର ସହ ସିଲ୍ଡ ପ୍ରଦାନ କରିଥିଲେ। ୨୦୨୫-୨୦୨୬ ବର୍ଷର ବେଷ୍ଟ ଷ୍ଟୁଡେଣ୍ଟ ସତ୍ୟପ୍ରିତମ ଖିଲାର ଏବଂ ବେଷ୍ଟ ରାଇଜିଙ୍ଗ ହିସାବରେ ସୌମ୍ୟରଞ୍ଜନ ସେନାପତିଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। କ୍ରୀଡ଼ାରେ ମୁକେଶ ଖଟୁଆ ଚାମ୍ପିୟନ ହେଇଥିଲେ। ବିଦ୍ୟାଳୟର ଶିକ୍ଷୟତ୍ରୀ ସସ୍ମିତା ନନ୍ଦ ଏବଂ ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ବିକ୍ରମ ସିଂହଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଥିଲା। ଶେଷରେ ମଞ୍ଚାସୀନ ଅତିଥିମାନଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟ ସାଙ୍ଗ କରାଯାଇଥିଲା।

# 'ଆଦିବାସୀ ସଂସ୍କୃତିର ସୁରକ୍ଷା, ପ୍ରଚାରପ୍ରସାର ହେଉ'





## ମହୁଲଡଗର ଗ୍ରାମରେ ଆଦିବାସୀ ନୃତ୍ୟ ମହୋତ୍ସବ

ଢେଙ୍କାନାଳ,୮।୧(ରତନ ନାୟାର): ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଡୁମୁସିଙ୍ଗା ଗ୍ରାମ ପଞ୍ଚାୟତର ମହୁଲଡଗର ଗ୍ରାମରେ ମଙ୍ଗଳବାର ରେଡିଓ ଢେଙ୍କାନାଳ ସହଯୋଗରେ ଏକ ଆଦିବାସୀ ନୃତ୍ୟ ମହୋତ୍ସବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ ଉଦ୍‌ବୋଧନରେ ଦେଇ କହିଥିଲେ, ଆଦିବାସୀ ନୃତ୍ୟ ଓ ସଂସ୍କୃତି କେବଳ ମନୋରଞ୍ଜନ ନୁହେଁ, ବରଂ ଆଦିବାସୀ ସମୁଦାୟର ଇତିହାସ, ପରିଚୟ ଓ ଜୀବନ ଦର୍ଶନର ଅଙ୍ଗ। ସରକାର ଆଦିବାସୀ ସଂସ୍କୃତିର ସୁରକ୍ଷା ଓ ବିକାଶ ପାଇଁ ବିଭିନ୍ନ ପଦକ୍ଷେପ ନେଇଆସୁଛନ୍ତି। ରେଡିଓ ଢେଙ୍କାନାଳର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର ଯୋଗଦେଇ, ରେଡିଓ ଢେଙ୍କାନାଳ ଏକ ଗୋଷ୍ଠୀଭିତ୍ତିକ ରେଡିଓ ଭାବେ ଦୀର୍ଘଦିନ ଧରି ଗ୍ରାମୀଣ ଓ ଆଦିବାସୀଙ୍କ ସ୍ୱରକୁ ପ୍ରଚାର ପ୍ରସାର କରିଆସୁଛି। ଆଦିବାସୀ କଳା, ସଂସ୍କୃତି, ଭାଷା, ଜନଜୀବନ ଓ ଲୋକ ପରମ୍ପରାକୁ ସୁରକ୍ଷା, ଗ୍ରାମୀଣ ପ୍ରତିଭାକୁ ପ୍ରୋତ୍ସାହନ ଦେବା ଓ ପ୍ରଚାର କରିବା ହେଉଛି ମୁଖ୍ୟ ଉଦ୍ଦେଶ୍ୟ ବୋଲି ସେ କହିଥିଲେ। ଶୋଭା ଅନୁଷ୍ଠାନର ସଚିବ ଡା. ଲଳିତ ମୋହନ ନାୟକ, ସଂସ୍କୃତିମୂଳକ କାର୍ଯ୍ୟକ୍ରମ ଆଦିବାସୀ ସମାଜର ସଶକ୍ତୀକରଣରେ ସହାୟକ ହୋଇପାରିବ ବୋଲି କହିଥିଲେ। ବାସେଡ୍ ସ୍ୱିଜରଲ୍ୟାଣ୍ଡ ପକ୍ଷରୁ ପ୍ରତିନିଧି ଡା. ଶଶାଙ୍କ ଶେଖର ମହାନ୍ତି, ଓଡିଶା ରାଜ୍ୟ ଖାଦ୍ୟ ଆୟୋଗର ପୂର୍ବତନ ଅଧ୍ୟକ୍ଷ ରଙ୍ଗଲାଲ ଜାମୁଡା, କାମାକ୍ଷାନଗର ବିଡିଓ ପ୍ରଭୁ କଲ୍ୟାଣ ଦାସ ଓ ତହସିଲଦାର ଶୁଭଙ୍କର ମହାନ୍ତି ମଞ୍ଚାସୀନ ରହିଥିଲେ। ନୃତ୍ୟ ପ୍ରତିଯୋଗିତାରେ ବିଭିନ୍ନ ବ୍ଲକରୁ ଆସିଥିବା ଆଦିବାସୀ ନୃତ୍ୟ ଦଳ ଯୋଗଦେଇ ନିଜ ନିଜ ପାରମ୍ପରିକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସଫଳ ନୃତ୍ୟ ଦଳମାନଙ୍କୁ ଅତିଥିମାନେ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଥାଇଲାଣ୍ଡ ଫେରନ୍ତାଙ୍କଠୁ ସୁନା, ହୀରା ଅଳଙ୍କାର ଲୁଟ୍

## ଓଲା କ୍ୟାବ୍ ଡ୍ରାଇଭର ଗିରଫ

ଭୁବନେଶ୍ୱର,୮।୧(ସତ୍ୟଜିତ ରାଉତ)

ଜଣେ ଥାଇଲାଣ୍ଡ ଫେରନ୍ତାଙ୍କଠାରୁ ସୁନା ହାର, ହୀରା ଅଳଙ୍କାର ସମେତ ୨୦ ଲକ୍ଷ ଟଙ୍କାର ସମ୍ପତ୍ତି ଲୁଟ୍ କରିବା ଜଣେ ଓଲା କ୍ୟାବ୍ ଡ୍ରାଇଭରଙ୍କ ପାଇଁ ମହଙ୍ଗା ହୋଇଛି। ଏନେଇ ଅଭିଯୋଗ ପରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ଅଭିଯୁକ୍ତ ଡ୍ରାଇଭରଙ୍କୁ ଗୁରୁବାର ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କଟକ ଜିଲା ମାହାଙ୍ଗା ଥାନା ଅନ୍ତର୍ଗତ କୁଆଁପାଳ ଗ୍ରାମର ନାଗେଶ୍ୱର ପ୍ରମାଣିକ। ତାଙ୍କଠାରୁ କାର୍ (ଓଡି୦୫ବିଜେ୨୪୧୦) ସହ ସୁନା ଚେନ୍, ସୁନା ବ୍ରେସଲେଟ୍, ୩ଟି ସୁନା ମୁଦି, ନଗଦ ୧ ଲକ୍ଷ ଟଙ୍କା, ପ୍ରାୟ ୫୦ ହଜାର ଟଙ୍କାର ଥାଇ ଭାଟ୍ ମୁଦ୍ରା, ୬ଟି ପାସ୍‌ପୋର୍ଟ, ୧୦ରୁ ୧୨ଟି କ୍ରେଡିଟ୍ ଓ ଡେବିଟ୍ କାର୍ଡ ଥିବା ପର୍ସ, ହୀରା କାନଫୁଲ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ନାଗେଶ୍ୱରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ



ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ନାଗେଶ୍ୱରଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ୪ଟି ମାମଲା ରହିଛି।

ଅଭିଯୋଗକାରୀ ତଥା ଚୋରିର



ଜବତ ସାମଗ୍ରୀ ଏବଂ ଟଙ୍କା।

ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଲେ କଟକର ଅମନ କୁମାର ଅଗ୍ରୱାଲ। ସେ କିଛିଦିନ ତଳେ ଥାଇଲାଣ୍ଡ ବୁଲିବାକୁ ଯାଇଥିଲେ। ବୁଧବାର ରାତିରେ ସେ ଭୁବନେଶ୍ୱର ଏୟାରପୋର୍ଟରେ ଓହ୍ଲାଇ ରାତି ପ୍ରାୟ ୧୦ଟା ବେଳେ କଟକ ସିଡିଏ ସେକ୍ଟର-୯ସ୍ଥିତ ଘରକୁ ଯିବା ପାଇଁ ଓଲା କ୍ୟାବ ବୁକ୍ କରିଥିଲେ। ନାଗେଶ୍ୱର ବୁକିଂ ରିସିଭ୍ କରିବା ପରେ ଏୟାରପୋର୍ଟରୁ ଅମନଙ୍କୁ ନେଇ ନନ୍ଦନକାନନ ରୋଡ୍ ହୋଇ କଟକ ସିଡିଏ ଅଭିମୁଖେ ଯିବାକୁ ବାହାରିଥିଲେ। ହେଲେ ନାଗେଶ୍ୱର ନିଶାସକ୍ତ ଅବସ୍ଥାରେ ବେପରୁଆ ଭାବେ କାର୍ ଚଳାଇଥିଲେ। ଅମନଙ୍କ ଲଗେଜରେ ସୁନା ଓ ହୀରା ଅଳଙ୍କାର ସମେତ ନଗଦ ଟଙ୍କା ଥିବା ନାଗେଶ୍ୱର ଜାଣିପାରି ତାହାକୁ ଚୋରି କରିନେବାକୁ ଯୋଜନା କରିଥିଲେ। ଯୋଜନା ଅନୁଯାୟୀ ଚନ୍ଦ୍ରଶେଖରପୁର ଇଣ୍ଡିଆନ ଅଏଲ୍ ପେଟ୍ରୋଲ ପମ୍ପରେ ସମ୍ମୁଖରେ କାର୍ ଅଟକାଇଥିଲେ। ଗାଡିରେ ସିଏନ୍‌ଜି ପକାଇବାକୁ କହି ଅମନଙ୍କୁ ଓହ୍ଲାଇବାକୁ କହିଥିଲେ। ଅମନ କାର୍‌ରୁ ଓହ୍ଲାଇବା ମାତ୍ରେ ନାଗେଶ୍ୱର କାର୍‌କୁ ଦ୍ରୁତଗତିରେ ଚଳାଇ ଫେରାର ହୋଇଯାଇଥିଲେ। ଏନେଇ ଅମନଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୧୪/୨୦୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଇନ୍ସପେକ୍ଟର ଚନ୍ଦ୍ରକାନ୍ତ ସେଠୀଙ୍କ ନେତୃତ୍ୱରେ ଟିମ୍ ତଦନ୍ତ କରି ୮ ଘଣ୍ଟା ଭିତରେ ନାଗେଶ୍ୱରଙ୍କୁ ଗିରଫ କରିଥିଲା। ତେବେ ଓଲା ଅପରାଧ ପୃଷ୍ଠଭୂମି ଯାଞ୍ଚ ନ କରି ନାଗେଶ୍ୱରଙ୍କୁ ନିଯୁକ୍ତି ଦେଇଥିବାରୁ ପ୍ରଶ୍ନ ଉଠିଛି। ଏନେଇ ତଦନ୍ତ କରାଯିବ ବୋଲି ଜୋନ୍-୬ ଏସିପି ସୋନାଲି ପରମାର କହିଛନ୍ତି।

# ଗଞ୍ଜେଇ ଚୋରାଚାଲାଣକାରୀଙ୍କ ସମ୍ପତ୍ତି ଜବତ

ଫୁଲବାଣୀ, ୮।୧(ରାକେଶ କୁମାର ରାଉତ)

- ପୋଲିସ ସ୍କାନରରେ ଏକାଧିକ ଗଞ୍ଜେଇ ବ୍ୟବସାୟୀ
- ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ଦେଇଛି ନିର୍ଦ୍ଦେଶ
- ଜୁନ ୪ରେ ଚଢ଼ାଉ ବେଳେ ମାଷ୍ଟରମାଇଣ୍ଡଙ୍କ ସହ ୩ ହୋଇଥିଲେ ଗିରଫ

କନ୍ଧମାଳ ଜିଲାର ଆଶିଷ କୁମାର ଦିଗାଲ ନାମକ ବ୍ୟକ୍ତି ବେଆଇନ ଗଞ୍ଜେଇ ଚାଲାଣ କାରବାର କରି ବିପୁଳ ଅର୍ଥ ଠୁଳକରିବା ତାଙ୍କ ପାଇଁ ମହଙ୍ଗା ପଡିଛି। କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗ ନିର୍ଦ୍ଦେଶରେ ଆଶିଷଙ୍କ ସମ୍ପତ୍ତି ଜବତ ହୋଇଛି। ତାଙ୍କ ୫ଜଣ ସମ୍ପର୍କୀୟ ସମ୍ପତ୍ତି ମଧ୍ୟ ଜବତ ହୋଇଛି। ଏବେ ଅନ୍ୟମାନେ ପୋଲିସ ସ୍କାନରରେ ଅଛନ୍ତି। ଆଶିଷ ଓ ତାଙ୍କ ସମ୍ପର୍କୀୟଙ୍କ ଠାରୁ ପାଖାପାଖି ୫କୋଟିର ସମ୍ପତ୍ତି ଜବତ ହୋଇଛି। ସେମାନଙ୍କ ଏକାଧିକ ଆକାଉଣ୍ଟ ଫୁଲବାଣୀ ସଦର ପୋଲିସ ଅଚଳ କରିଛି। ଏହା ଜଣାପଡ଼ିବା ପରେ ଏବେ ଜିଲାର ଅନ୍ୟ ଗଞ୍ଜେଇ ବ୍ୟବସାୟୀଙ୍କ ମଧ୍ୟରେ ଛନକା ପଶିଛି। ବର୍ତ୍ତମାନ ଅନେକ ଗଞ୍ଜେଇ ବ୍ୟବସାୟୀ ପୋଲିସ ସ୍କାନରରେ ମଧ୍ୟ ଅଛନ୍ତି।

ଫୁଲବାଣୀ ସଦର ଥାନା ପୋଲିସ ଗତ ଜୁନ ୪ରେ ଧୋବଣିଖୋଲ ପାଖରେ ଏକ ଟ୍ରକ୍ (ଓଡି ୦୨ ବିଡବ୍ଲ୍ୟୁ-୦୭୨୦) ଉପରେ ଚଢ଼ାଉ କରି ୫ କୁଇଣ୍ଟାଲରୁ ଊର୍ଦ୍ଧ୍ୱ (୫୧୬ କେଜି) ଗଞ୍ଜେଇ ଜବତ କରିଥିଲା। ଏହି ଘଟଣାରେ ମିଥୁନ ନାୟକ ଏବଂ ଜ୍ୟୋତି ଜ୍ୟୋତିଷ ବେହେରାଙ୍କୁ ସେତେବେଳେ ଗିରଫ କରାଯାଇଥିଲା। ଗଞ୍ଜେଇ କାରବାର ପଛରେ ଖଜୁରିପଡ଼ା ବ୍ଲକ ତିଳକପଡ଼ାର ଆଶିଷ ମାଷ୍ଟର ମାଇଣ୍ଡ ବୋଲି ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ତଦନ୍ତ ବେଳେ ଆଶିଷଙ୍କ ସମ୍ପର୍କୀୟ ରାନୁ ଦିଗାଲ, ପ୍ରମୋଦ ଦିଗାଲ, ସୁଦେସନ ଦିଗାଲ, ଶାନ୍ତନୁ ସାହୁଙ୍କ ନାମରେ ବହୁ ବେଆଇନ ସମ୍ପତ୍ତି ଥିବା ପୋଲିସ ଜାଣିବାକୁ ପାଇ ସେସବୁ ଜବତ କରିଥିଲା। ଗତ ଡିସେମ୍ବର ୧୪ ତାରିଖରେ ୬ଟି ଆକାଉଣ୍ଟ, ୭ଟି ବେଆଇନ ଘର ଏବଂ ଜମି, ଏକାଧିକ କାର, ବାଇକ୍, ସୁନା ରୁପା, ଘର ଆସବାବପତ୍ର, ଏକ ହୋଟେଲକୁ ପୋଲିସ କରି ସିଲ୍ କରିଥିଲା। ଏହାର ହାରାହାରି ମୂଲ୍ୟ ୪ କୋଟି ୫୯ ଲକ୍ଷ ୩୯ ହଜାର ୧୧୧ଟଙ୍କା ହେବ। ଏ ସମ୍ପର୍କିତ ସମସ୍ତ ତଥ୍ୟ ପୋଲିସ କୋଲ୍‌କାତାସ୍ଥିତ କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ରାଜସ୍ୱ ବିଭାଗକୁ ପ୍ରଦାନ କରିଥିଲା। ସବୁ ତଥ୍ୟ ଅନୁଧ୍ୟାନକରି ବିଭାଗ ସମ୍ପତ୍ତି ଠାବ କରି ଜବତ କରିବାକୁ ଫୁଲବାଣୀ ସଦର ପୋଲିସକୁ ନିର୍ଦ୍ଦେଶ ଦେଇଥିଲା।

ସେହି ଅନୁସାରେ ପୋଲିସ ୬ଟି ଆକାଉଣ୍ଟ ଅଚଳ କରିଛି। ଏଥିରେ ୨ ଲକ୍ଷ ୨୦ ହଜାର ୯୪୬ ଟଙ୍କା ରହିଛି। ୩ କୋଟି ୪୮ ଲକ୍ଷ ୨୯ ହଜାର ୬୪୩ ଟଙ୍କାର ୭ଟି ବେଆଇନ ଘର ଏବଂ ଜମି, ୫୭ ଲକ୍ଷ ୪୮ ହଜାର ୮୯୩ ଟଙ୍କାର ଗାଡି ଏବଂ ୫୧ ଲକ୍ଷ ୩୯ ହଜାର ୬୨୯ ଟଙ୍କାର ସୁନା, ରୁପା ରହିଛି।

# ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

## ୬ ହଜାର ଟଙ୍କା ଲାଞ୍ଚ ନେଇ ଗିରଫ

ବଇଣ୍ଡା, ୮।୧ (ପରିକ୍ଷିତ ସାହୁ)/ ମାଧପୁର (ମନୋଜ ପ୍ରଧାନ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଟୁସର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ଦାସ ଗୁରୁବାର ୬ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଅନୁଗୋଳ ଭିଜିଲାନ୍ସ ଟିମ୍ ଦ୍ୱାରା ଗିରଫ ହୋଇଛନ୍ତି। ଭିଜିଲାନ୍ସ ତାଙ୍କୁ କିଆକଟା ରାଜସ୍ୱ କାର୍ଯ୍ୟାଳୟ ରେଷ୍ଟ ରୁମ୍‌ରୁ ଗିରଫ କରିଛି। ଏଥିସହ ଲାଞ୍ଚ ନେଇଥିବା ୬ ହଜାର ଟଙ୍କା ଜବତ କରିଛି।

ଭିଜିଲାନ୍ସ ସୂତ୍ରରୁ ଜଣାପଡ଼ିଛି, ଟୁସର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଦୌଲତରପୁର ଗ୍ରାମର ତରଣୀ ପ୍ରଧାନଙ୍କ ଜମି ଚିହ୍ନଟ ପାଇଁ ତାଙ୍କ ପୁଅ ସତ୍ୟାନନ୍ଦ ପ୍ରଧାନ ଆଠମଲ୍ଲିକ ତହସିଲ କାର୍ଯ୍ୟାଳୟଠାରେ ଆବେଦନ କରିଥିଲେ। ଏଥିପାଇଁ ତହସିଲ ପକ୍ଷରୁ ଟୁସର ରାଜସ୍ୱ କାର୍ଯ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଉକ୍ତ କାର୍ଯ୍ୟାଳୟର ନିରୀକ୍ଷକ ସୁରେନ୍ଦ୍ର ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଟଙ୍କା ଦେବାକୁ ଆବେଦନକାରୀ ସତ୍ୟାନନ୍ଦ ସକ୍ଷମ ନ ଥିବା କହିବାରୁ ଜମି ଚିହ୍ନଟ ହୋଇପାରିବ ନାହିଁ ବୋଲି ସୁରେନ୍ଦ୍ର କହିଥିଲେ। ଏ ନେଇ ସତ୍ୟାନନ୍ଦ ବୁଧବାର ଅନୁଗୋଳ ଭିଜିଲାନ୍ସ କାର୍ଯ୍ୟାଳୟଠାରେ ଅଭିଯୋଗ କରିଥିଲେ। ପରେ ଭିଜିଲାନ୍ସ ପକ୍ଷରୁ ସତ୍ୟାନନ୍ଦଙ୍କୁ କେମିକାଲ ବୋଳା ୬ ହଜାର ଟଙ୍କା ଦିଆଯାଇଥିଲା। ଏହାକୁ ସତ୍ୟାନନ୍ଦ କିଆକଟା ରାଜସ୍ୱ କାର୍ଯ୍ୟାଳୟରେ ଥିବା ସୁରେନ୍ଦ୍ରଙ୍କୁ ଦେଇଥିଲେ। ଏହି ସମୟରେ ସେଠାରେ ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଭିଜିଲାନ୍ସ ଇନ୍ସପେକ୍ଟର ଉର୍ମିଳା ଲାକ୍ରା, ଏସ୍ଆଇ ସଞ୍ଜୟ ପଟ୍ଟନାୟକ, ରୁଦ୍ର ନାରାୟଣ ବିଶ୍ୱାଳ, ପ୍ରିୟବ୍ରତ ପ୍ରଧାନ, ଅଖିଳ ସାହୁ, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ଚଢ଼ାଉ କରି ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲେ। ପରେ ରାଜସ୍ୱ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଥିଲା।

# ୩ ଶିକାରୀ ଗିରଫ, ୨ ବନ୍ଧୁକ ଜବତ

## ଅନୁଗୋଳ ବନାଞ୍ଚଳ ପକ୍ଷରୁ ଚଢ଼ାଉ

ଅନୁଗୋଳ, ୮।୧(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ବନାଞ୍ଚଳ କର୍ମଚାରୀମାନେ ମାଣିକଯୋଡି ବିଟ୍ ଅନ୍ତର୍ଗତ ମାଣିକଯୋଡ଼ି ଗ୍ରାମ ବାଲିଆପାଶି ସାହିରେ ଗୁରୁବାର ଭୋର୍ ସାଢ଼େ ୪ଟାରେ ଚଢ଼ାଉ କରି ୩ ଶିକାରୀଙ୍କୁ ଗିରଫ କରିଛନ୍ତି। ସେମାନଙ୍କ ଠାରୁ ୨ଟି ଦେଶୀ ବନ୍ଧୁକ ଜବତ କରାଯାଇଛି। ଗିରଫ ଶିକାରୀମାନେ ହେଲେ ବାଲିଆପାଶି ସାହିର ଅମୂଲ୍ୟ ନାୟକ, ସୁଜନ ସେଠୀ ଏବଂ ସହରାସାହିର ସୁମନ୍ତ ବେହେରା। ଏହି



ବନ ବିଭାଗ କର୍ମଚାରୀଙ୍କ ସହ ଗିରଫ ୩ ଶିକାରୀ।

ଅଭିଯୁକ୍ତମାନେ ବନ୍ୟପ୍ରାଣୀ ଶିକାରରେ ସମ୍ପୃକ୍ତ ଥିଲେ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି। ଜବତ ଦେଶୀ ବନ୍ଧୁକଗୁଡ଼ିକୁ ଅଧିକ ତଦନ୍ତ ପାଇଁ ଅନୁଗୋଳ ରେଞ୍ଜ କାର୍ଯ୍ୟାଳୟକୁ ଅଣାଯାଇଥିବା ଜଣାପଡିଛି। ରେଞ୍ଜ ଅଧିକାରୀ ଉଦ୍ଧବ ବେହେରା, ଫରେଷ୍ଟର ଅଭିମନ୍ୟୁ ମାଝୀ, ମଣିଶଙ୍କର ମିଶ୍ର ଏହି ଚଢାଉରେ ସାମିଲ ଥିଲେ।

# ରାସ୍ତାପାର୍ଶ୍ୱରୁ ଟ୍ରକ୍ ହେଲପରଙ୍କ ମୃତଦେହ ଜବତ

ପବିତ୍ରନଗର,୮।୧(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ଦେଇ ଯାଇଥିବା ୧୪୯ ନମ୍ବର ଜାତୀୟ ରାଜପଥର ବରପାଳ ଛକ ସମାକୋଇ ବ୍ରିଜ୍ ପାଖରୁ ଗୁରୁବାର ପୋଲିସ ଏକ ଟ୍ରକ୍‌ର ହେଲପରଙ୍କ ମୃତଦେହ ଜବତ କରିଛି। ମୃତକ ହେଲେ କେନ୍ଦୁଝର ଜିଲା ଠାକୁରଡିହର ଗୌରାଙ୍ଗ ମହାକୁଡ଼ (୪୦)। ପୋଲିସ ସୂତ୍ରରୁ ପ୍ରକାଶ, ବୁଧବାର ରାତି ପ୍ରାୟ ସାଢ଼େ ୧ଟାରେ ଏକ କାରଖାନାକୁ ଯାଉଥିବା ହାଇୱା ଟ୍ରକ୍ (ନଂ. ଓଡି୧୪ବି ୦୦୯୦) ବରପାଳ ଛକ ପାଖରେ ଅଟକିଥିଲା। ହେଲପର ଗୌରାଙ୍ଗ ଗାଡିରୁ ଓହ୍ଲାଇ ଶୌଚ ପାଇଁ ଯାଇଥିଲେ। ଫେରିବାରେ ବିଳମ୍ବ ହେବାରୁ ଚାଳକ ଗାଡିରୁ ଓହ୍ଲାଇ ଖୋଜାଖୋଜି କରି ରାତି ପ୍ରାୟ ସାଢ଼େ ୨ଟାରେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। କୁହୁଡି ଯୋଗୁ ଗାଡି ଧକ୍କାରେ ହେଲପରଙ୍କ ମୃତ୍ୟୁ ହୋଇଥିବା ଅନୁମାନ କରାଯାଉଛି। ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲୁରହିଛି।

# ଏଲ୍ଆଇସି ଏଜେଣ୍ଟଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟ୍

ଚାନ୍ଦବାଲି,୮।୧(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ୍ ବାଂଶଡ଼ା ଥାନା ଅଞ୍ଚଳରେ ଗୁରୁବାର ଅପରାହ୍ନରେ ଜଣେ ଏଲ୍ଆଇସି ଏଜେଣ୍ଟ ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ତାଙ୍କଠାରୁ ୩ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ଏହି ବ୍ଲକ ଅଧୀନ ଘଣ୍ଟେଶ୍ୱରଠାରେ ଥିବା ଏଲ୍ଆଇସି ପ୍ରିମିୟମ୍ ପଏଣ୍ଟରୁ ଏଜେଣ୍ଟ ସୁଶାନ୍ତ ପଣ୍ଡା ୩ ଲକ୍ଷ ଟଙ୍କା ନେଇ ଡିପୋଜିଟ୍ କରିବାକୁ ଚାନ୍ଦବାଲି ଏଲ୍ଆଇସି ଅଫିସକୁ ଯାଉଥିଲେ। ତୋଟାପଡ଼ା-ବଇଦପୋଖରୀ ରାସ୍ତାର ପଲେଇସାହି ଛକ ନିକଟରେ ପଛପଟୁ ୨ଜଣ ଯୁବକ ଏକ ନମ୍ବରବିହୀନ ବାଇକ୍‌ରେ ଆସି ତାଙ୍କୁ ଗାଡ଼ିରୁ ରାସ୍ତାକଡ଼କୁ ଠେଲିଦେଇ ଟଙ୍କା ବ୍ୟାଗ୍ ନେଇ ଚମ୍ପଟ ମାରିଥିଲେ। ସ୍ଥାନୀୟ ଲୋକେ ସୁଶାନ୍ତଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ବାଂଶଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ରିପୋର୍ଟ ଲେଖାହେବା ବେଳକୁ ଏନେଇ ଥାନାରେ ଲିଖିତ ଅଭିଯୋଗ କରାଯାଇ ନାହିଁ।

## Business

# ୫୫,୭୮୩ କୋଟିର ଶିଳ୍ପ ନିବେଶକୁ ଅନୁମୋଦନ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

- ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ୪୩ତମ ଏଚଏଲସିଏ ବୈଠକ
- ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ ୭ ପ୍ରକଳ୍ପ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ୪୩ତମ ହାଇ ଲେଭଲ କ୍ଲିଅରାନ୍ସ ଅଥରିଟି (ଏଚ୍ଏଲ୍ସିଏ) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ, ୫୫,୭୮୩ କୋଟି ଟଙ୍କା ନିବେଶରେ ୭ଟି ବଡ଼ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଏହା ଦ୍ୱାରା ୧୪,୫୦୭ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶା କରାଯାଉଛି। ପ୍ରକଳ୍ପଗୁଡ଼ିକ ଷ୍ଟିଲ, ରେୟାର ଅର୍ଥ ଉତ୍ପାଦନ, ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ, ସେମିକଣ୍ଡକ୍ଟର, ଇଣ୍ଡଷ୍ଟ୍ରିଆଲ ଗ୍ୟାସ, ଫେରୋଆଲୟ ଏବଂ ପାୱାର ଓ ନବୀକରଣଯୋଗ୍ୟ ଊର୍ଜା ଆଦି କ୍ଷେତ୍ରକୁ ନେଇ ଢେଙ୍କାନାଳ, ଗଞ୍ଜାମ, କେନ୍ଦୁଝର ଓ ଖୋର୍ଦ୍ଧା ଜିଲାରେ ପ୍ରକଳ୍ପକୁ ଅନୁମୋଦନ କରାଯାଇଛି। ଷ୍ଟିଲ କ୍ଷେତ୍ରରେ ଜେଏସଡବ୍ଲ୍ୟୁ ଗ୍ରୁପର କମ୍ପାନୀ ସାଫ୍ରନ ରିସୋର୍ସେସ ପ୍ରାଇଭେଟ ଲିମିଟେଡ ୩୫,୦୦୦ କୋଟି ଟଙ୍କା ନିବେଶ କରି ଢେଙ୍କାନାଳରେ ୬ ଏମଟିପିଏ ଷ୍ଟିଲ ପ୍ଲାଣ୍ଟ ସ୍ଥାପନ କରିବେ, ଯାହା ଏକା ପ୍ରାୟ ୮,୦୦୦ ନିଯୁକ୍ତି ସୃଷ୍ଟି କରି ଓଡ଼ିଶାକୁ ଦେଶର ଏକ ପ୍ରମୁଖ ଷ୍ଟିଲ ଉତ୍ପାଦନ ହବ ଭାବେ ସୁଦୃଢ଼ କରିବ। ଜିନ୍ଦଲ ପଲି ଫିଲ୍ମସ ଲିମିଟେଡ ୧୨,୦୦୦ କୋଟି ଟଙ୍କା ନିବେଶ କରି ଗଞ୍ଜାମରେ ୦.୫ ଏମଟିପିଏ ଟାଇଟାନିୟମ ଡାଇଅକ୍ସାଇଡ ପିଗମେଣ୍ଟ ଉତ୍ପାଦନ ୟୁନିଟ ସ୍ଥାପନ କରିବ, ଯାହା ୪,୦୦୦ ନିଯୁକ୍ତି ସୃଷ୍ଟି କରିବ। ଅଟୋମୋବାଇଲ ଓ ଅଟୋ କମ୍ପୋନେଣ୍ଟ କ୍ଷେତ୍ରରେ ଏକ ନାମୀ କମ୍ପାନୀ ଗଞ୍ଜାମରେ ୧,୬୯୭ କୋଟି ଟଙ୍କା ନିବେଶ କରି ଟାୟାର, କାର୍ବନ ବ୍ଲାକ ଓ ଜିଙ୍କ ଅକ୍ସାଇଡ ଉତ୍ପାଦନ ଇଉନିଟ ସ୍ଥାପନ କରିବେ, ଯାହା ୬୮୫ ନିଯୁକ୍ତି ଦେବ। ହାଇ-ଟେକ ଉତ୍ପାଦନକୁ ବଢ଼ାଇବା ପାଇଁ ସାନକୋଡ ସେମି ପ୍ରାଇଭେଟ ଲିମିଟେଡ ଖୋର୍ଦ୍ଧାରେ ୧,୬୪୯.୯୮ କୋଟି ଟଙ୍କା ନିବେଶ କରି ସେମିକଣ୍ଡକ୍ଟର ଆସେମ୍ବଲି ଓ ଟେଷ୍ଟିଂ (ଓଏସଏଟି) ୟୁନିଟ ସ୍ଥାପନ କରିବେ, ଯାହା ୫୭୦ ନିଯୁକ୍ତି ସୃଷ୍ଟି କରିବ। ଇନୋକ୍ସ ଏୟାର ପ୍ରୋଡକ୍ଟସ ପ୍ରାଇଭେଟ ଲିମିଟେଡ ଢେଙ୍କାନାଳରେ ୧,୩୦୦ କୋଟି ଟଙ୍କା ନିବେଶ କରି ଏୟାର ସେପାରେସନ ୟୁନିଟ ସ୍ଥାପନ କରିବ, ଯାହା ୧୮୦ ନିଯୁକ୍ତି ଦେବ। ଫେରୋ ଆଲଏଜ୍ କର୍ପୋରେସନ ଲିମିଟେଡ କେନ୍ଦୁଝରରେ ୨,୦୦୦ କୋଟି ଟଙ୍କା ନିବେଶ କରି ଫେରୋ ମାଙ୍ଗାନିଜ, ସିଲିକୋ ମାଙ୍ଗାନିଜ ଓ ମାଙ୍ଗାନିଜ ଓର ବେନିଫିସିଏସନ ସହ ୧୦୦ ଏମଡବ୍ଲ୍ୟୁ କ୍ୟାପଟିଭ ପାୱାର ପ୍ଲାଣ୍ଟ ସ୍ଥାପନ କରିବ। ଏହା ୭୭୨ ନିଯୁକ୍ତି ସୃଷ୍ଟି କରିବ। ଜିଏମଆର କମଲାଙ୍ଗା ଏନର୍ଜି ଲିମିଟେଡ ଢେଙ୍କାନାଳରେ ୨,୧୩୬.୦୨ କୋଟି ଟଙ୍କା ନିବେଶ କରି ୩୫୦ ଏମଡବ୍ଲ୍ୟୁ ଥର୍ମାଲ ପାୱାର ପ୍ଲାଣ୍ଟ ସ୍ଥାପନ କରିବେ, ଯାହା ୩୦୦ ନିଯୁକ୍ତି ଦେବ। ୪୩ତମ ଏଚଏଲସିଏ ବୈଠକରେ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ଓଡ଼ିଶାର ଶିଳ୍ପ ବିବିଧତା, ଟେକ୍ନୋଲୋଜି-ଚାଳିତ ବିକାଶ ଓ ସନ୍ତୁଳିତ ଆଞ୍ଚଳିକ ବିକାଶ ଉପରେ ଧ୍ୟାନ ଦେଇଛି। ଦ୍ରୁତ ନିଷ୍ପତ୍ତି ଓ ନିବେଶକ-ବାନ୍ଧବ ନୀତି ସହିତ ରାଜ୍ୟ ପାରମ୍ପରିକ ଓ ନୂଆ କ୍ଷେତ୍ରଗୁଡ଼ିକରେ ପସନ୍ଦଯୋଗ୍ୟ ଗନ୍ତବ୍ୟସ୍ଥଳୀ ହେବାର ଦିଗରେ ଅଗ୍ରସର ହେଉଛି। ବିକଶିତ ଭାରତ @୨୦୪୭ର ଜାତୀୟ ଦୃଷ୍ଟିକୋଣ ଓ ସମୃଦ୍ଧ ଓଡ଼ିଶା @୨୦୩୬ର ରାଜ୍ୟ ଲକ୍ଷ୍ୟ ରାଜ୍ୟ ଅନ୍ତର୍ଭୁକ୍ତିମୂଳକ, ସ୍ଥାୟୀ ଓ ଉଚ୍ଚ-ପ୍ରଭାବଶାଳୀ ଶିଳ୍ପ ବିକାଶ ଦିଗରେ ଅଗ୍ରସର ହେଉଛି।

# ଗ୍ରାମୀଣ ମହିଳାଙ୍କୁ ସ୍ୱାବଲମ୍ବୀ କରୁଛି ମହୁଚାଷ

## ଡିସିବି ବ୍ୟାଙ୍କର ପ୍ରୋତ୍ସାହନ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)



ଗ୍ରାମୀଣ ମହିଳାଙ୍କୁ ସ୍ୱାଲମ୍ବୀ କରିବାରେ ମହୁଚାଷ ସହାୟକ ହେଉଛି। ଡିସିବି ବ୍ୟାଙ୍କର କର୍ପୋରେଟ୍ ସୋସିଆଲ ରେସ୍‌ପନ୍ସିବିଲିଟି (ସିଏସ୍ଆର୍) ଉଦ୍ୟମରେ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏବଂ ଗ୍ରାମ-ଉତ୍ଥାନ ସହଯୋଗରେ କଟକ ଜିଲାର ବାଙ୍କୀ, ଆଠଗଡ଼ ଏବଂ ଡମପଡ଼ା ବ୍ଲକ୍‌ରେ ୨୫୦ ଜଣ ଗ୍ରାମୀଣ ମହିଳା ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ଏହି ମହିଳାମାନେ ପାରମ୍ପରିକ ଜ୍ଞାନକୁ ସଫଳ ମାଇକ୍ରୋ-ଏଣ୍ଟରପ୍ରାଇଜରେ ପରିଣତ କରିଛନ୍ତି। ୨୦୨୩ରୁ ୨୦୨୫ ମଧ୍ୟରେ ମୋଟ ୩୪୧ କିଲୋଗ୍ରାମ ମହୁ ସଂଗ୍ରହ କରିପାରିଛନ୍ତି ଯାହାର ମୂଲ୍ୟ ୨.୭୨ ଲକ୍ଷ ଟଙ୍କାରୁ ଅଧିକ ହେବ। ଡିସିବି ବ୍ୟାଙ୍କର ଅଧିକାରୀମାନେ ଗୁରୁବାର ବାଙ୍କୀ ବ୍ଲକ୍ ପରିଦର୍ଶନ କରି ଗ୍ରାମବାସୀଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ଡିସିବି ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ପ୍ରବୀଣ କୁଟ୍ଟିଙ୍କ ସମେତ ଅନ୍ୟ ବରିଷ୍ଠ ପଦାଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବା ସହ ଚାରା ରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ କୁଟ୍ଟେ ୨୦୧୯ରେ ଏଠାକୁ ଆସିଥିବା କହିଥିଲେ। ସେ କହିଛନ୍ତି, ଆମେ ଲୋକମାନଙ୍କର ବିଶେଷକରି ମହିଳାମାନଙ୍କର ଆୟ ଉନ୍ନତ କରିବାକୁ ଚାହୁଁଥିଲୁ ଏବଂ ତାହା ବାସ୍ତବରେ ପରିଣତ ରୂପ ନେଇଛି। ଆମେ ଅନୁଭବ କଲୁ ଯେ ଜୀବନଧାରଣ ଉନ୍ନତ କରିବାକୁ ଏକ ଏକୀକୃତ ଏବଂ ସ୍ଥାୟୀ ଆୟର ଉତ୍ସ ରହିବା ଆବଶ୍ୟକ। ଆମେ ଏଠାରେ ମହୁଚାଷ ପ୍ରଚଳନ କରିଥିଲୁ ଯାହା ଏକ ଗେମ ଚେଞ୍ଜର ହୋଇଥିଲା। ଗ୍ରାମବାସୀ କେବଳ ଏଥିରେ ଆଗ୍ରହ ପ୍ରକାଶ କରିନାହାନ୍ତି, ବରଂ ଏହାକୁ ବ୍ୟାପକ ଭାବରେ ବଢ଼ାଇଛନ୍ତି। ଏହା ଆମକୁ ଆହୁରି ବିନିଯୋଗ କରିବାର ସୁଯୋଗ ଦେଉଛି। ଲାଭ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ମାତ୍ର ଲୋକମାନଙ୍କର ଜୀବନଧାରଣ ମାନ ଉନ୍ନତ କରିବା ହେଉଛି ବ୍ୟାଙ୍କଗୁଡ଼ିକର ଦାୟିତ୍ୱ ବୋଲି କୁଟ୍ଟେ କହିଛନ୍ତି। ଏହି ଉଦ୍ୟମର ଲାଭ ସମ୍ପର୍କରେ ବର୍ଣ୍ଣନା କରି ସେ କହିଛନ୍ତି, ଜୈବ ବିବିଧତା, ପରାଗରେଣୁ ଏବଂ ପରିବେଶ ଅନୁକୂଳ ଅଭ୍ୟାସର ବଢୁଥିବା ସଚେତନତା ସହିତ ଏହି ଉଦ୍ୟମ ସ୍ଥାନୀୟ କୃଷି ଏବଂ ପରିବେଶ ବ୍ୟବସ୍ଥାକୁ ସୁଦୃଢ଼ କରିଛି। କ୍ଷେତ୍ରଗୁଡ଼ିକ ସ୍ୱାସ୍ଥ୍ୟକର ହୋଇଛି, ଉତ୍ପାଦନ ଉନ୍ନତ ହୋଇଛି ଏବଂ ଅଞ୍ଚଳବାସୀ ଜଳବାୟୁ ଅନିଶ୍ଚିତତାରେ ଅଧିକ ସ୍ଥିର ହୋଇଛନ୍ତି। ଏହି ଉଦ୍ୟମ ୨୦୨୦-୨୧ ଆର୍ଥିକ ବର୍ଷରେ ଆରମ୍ଭ ହୋଇଥିଲା। ଡିସିବି ବ୍ୟାଙ୍କ ଏବଂ କନ୍‌ସର୍ନ ଇଣ୍ଡିଆ ଫାଉଣ୍ଡେଶନ ଏକୀକୃତ ଜଳବିଭାଜକ ପରିଚାଳନା ମାଧ୍ୟମରେ ଜୀବନଧାରଣ ଉନ୍ନତି ପ୍ରକଳ୍ପ (ଏଲ୍ଆଇପି) ମାଧ୍ୟମରେ ଜଳ ସମ୍ପଦ ଏବଂ ମୃତ୍ତିକା ସଂରକ୍ଷଣ ଉନ୍ନତ କରିବାକୁ ଏକ ହସ୍ତକ୍ଷେପ ଆରମ୍ଭ କରିବା ଏହି ଯୋଜନାକୁ ରୂପରେଖ ଦିଆଯାଇଥିଲା। ଏହି ହସ୍ତକ୍ଷେପରେ ୬ଟି ଜଳାଶୟର ପୁନରୁଦ୍ଧାର, ୭ଟି ପୋଖରୀର ସଫେଇ, ଚେଞ୍ଜିଂ ରୁମ ଏବଂ ଏକ ନଳକୂପ ଖନନ ସହ ୩ ହଜାର ଚାରାରୋପଣ କରାଯାଇଛି। ବାଙ୍କୀ ଏବଂ ଆଠଗଡ଼ ବ୍ଲକ୍‌ରେ ନାଗରିକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରହିଛି।

# ଆରମ୍ଭ ହେଲା ୪ର୍ଥ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ଏକ୍ସପୋ

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଭାରତର ସର୍ବବୃହତ୍ ଖଣି ଓ ଭିତ୍ତିଭୂମି ଅନ୍ତର୍ଜାତୀୟ ପ୍ରଦର୍ଶନୀର ୪ର୍ଥ ସଂସ୍କରଣ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆଠାରେ ଗୁରୁବାର ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, କେସିସିର ସିଏମ୍‌ଡି ତଥା ଏହି ଏକ୍ସପୋର ଆମ୍ବାସାଡାର ସୌମ୍ୟରଞ୍ଜନ ସାମଲ, ଲଘୁ ଉଦ୍ୟୋଗ ଭାରତୀର ସଭାପତି ଗୋପାଳ ଦାସ ଅଗ୍ରୱାଲ, ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ବେଷୀ ଏବଂ ନାଲ୍‌କୋର ପୂର୍ବତନ ସିଏମ୍‌ଡି ତଥା ଆୟୋଜକ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦଙ୍କ ସମେତ ଅନ୍ୟାନ୍ୟ ପ୍ରମୁଖ ବ୍ୟକ୍ତିବିଶେଷ ଓ ଶିଳ୍ପ ଜଗତର ନେତୃବୃନ୍ଦଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶା ଚାମ୍ବର ଅଫ୍ କମର୍ସ ଏବଂ ଇପିକଲର ସହଭାଗିତାରେ ଫ୍ୟୁଚେକ୍ସ





ଟ୍ରେଡ୍ ଫେୟାର ଆଣ୍ଡ ଇଭେଣ୍ଟସ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଅନୁଷ୍ଠିତ ଏହି ଏକ୍ସପୋ ଭାରତ ତଥା ବିଦେଶର ଖଣି, ନିର୍ମାଣ ଏବଂ ଭିତ୍ତିଭୂମି କ୍ଷେତ୍ରର ପ୍ରମୁଖ ବିଶେଷଜ୍ଞମାନେ ଏକତ୍ରିତ ହୋଇଛନ୍ତି। ୧୧ ତାରିଖ ପର୍ଯ୍ୟନ୍ତ ଏହି ଏକ୍ସପୋ ପରିଦର୍ଶନ କରିହେବ। ଫ୍ୟୁଚେକ୍ସ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସ୍ୱାମୀ ପ୍ରେମ ଅନ୍ବେଷୀ କହିଛନ୍ତି, ଚଳିତ ବର୍ଷ ଏହି ପ୍ରଦର୍ଶନୀରେ ରୁଷିଆ, ଜର୍ମାନୀ, କୋରିଆ, ଜାପାନ, ଚାଇନା ଏବଂ ତାଇୱାନ ଭଳି ପ୍ରମୁଖ ରାଷ୍ଟ୍ରର ପ୍ରତିଷ୍ଠିତ ସଂସ୍ଥାଗୁଡ଼ିକ ଏଠାରେ ସେମାନଙ୍କର ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଅଭିନବ ସମାଧାନ ପ୍ରଦର୍ଶନ କରୁଛନ୍ତି। ଏହି ବିଶ୍ୱସ୍ତରୀୟ ସଂସ୍ଥାଗୁଡ଼ିକ ଖଣିଜ କାର୍ଯ୍ୟ ଏବଂ ଭିତ୍ତିଭୂମି ବିକାଶର ଶୈଳୀରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ଓ ସେବା ପ୍ରଦର୍ଶନ କରୁଛନ୍ତି। ଏକ୍ସପୋର ଆୟୋଜନ କମିଟିର ଅଧ୍ୟକ୍ଷ ଡ. ତପନ କୁମାର ଚାନ୍ଦ କହିଛନ୍ତି, ୪ର୍ଥ ଖଣି ଏବଂ ଭିତ୍ତିଭୂମି ଏକ୍ସପୋ ୩୦ ହଜାର ବର୍ଗ ମିଟରରୁ ଅଧିକ ପରିବ୍ୟାପ୍ତ, ଯାହା ଅଗ୍ରଣୀ ଅନ୍ତର୍ଜାତୀୟ ଖଣି ଏକ୍ସପୋର ପରିମାଣ ସହିତ ମେଳ ଖାଉଛି। ପ୍ରାୟ ୨୦ ହଜାର ପରିଦର୍ଶକଙ୍କୁ ଆକର୍ଷିତ କରିବାର ଆଶା କରାଯାଇଛି। ଏହି ଏକ୍ସପୋରେ ଖଣି ଏବଂ ଭିତ୍ତିଭୂମି କ୍ଷେତ୍ରର ବଢୁଥିବା ଚାହିଦାକୁ ପୂରଣକରି ଅତ୍ୟାଧୁନିକ ଖଣି ଯନ୍ତ୍ରପାତି ନବସୃଜନଶୀଳ ପ୍ରଯୁକ୍ତି ସମାଧାନ ଏବଂ ବିଭିନ୍ନ ପ୍ରକାର ସେବା ଏବଂ ଯୋଗାଣ ପ୍ରଦର୍ଶିତ ହୋଇଛି। ୩୦୦ରୁ ଅଧିକ କମ୍ପାନୀଙ୍କ ଅଂଶଗ୍ରହଣ କରିଛନ୍ତି। ପ୍ରମୁଖ ପ୍ରଦର୍ଶକମାନଙ୍କ ମଧ୍ୟରେ ଇକ୍ୱିପେଜ, ଓସେନ କନ୍‌ଭେୟର୍ସ, ସକ୍ଷମ କାଷ୍ଟିଂ, ତ୍ରିଶୂଳ ଟ୍ରେଡ୍, ଟାଟା ହିଟାଚି, ଏମ୍ଆର୍ କ୍ରଶର, ଜେସିବି, ପ୍ରୋପେଲ, କେସିସି, ଏଚ୍‌ପି, ବେଦାନ୍ତ, ସାଲେମିମେଶିନ, ଉତ୍କଳ ଆର୍ଗୋ ଇଣ୍ଟରନ୍ୟାଶନାଲ, ଆଇଆର୍‌ଇଏଲ ଏବଂ ଅନ୍ୟାନ୍ୟ କମ୍ପାନୀ ମଧ୍ୟ ଅଂଶଗ୍ରହଣ କରିଛନ୍ତି।

# ଅମିତାଭ ବଚ୍ଚନ କାମ୍ପା ସିଓରର ବ୍ରାଣ୍ଡ୍ ଆମ୍ବାସାଡାର

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଏଫ୍ଏମ୍‌ସିଜି ଶାଖା, ରିଲାଏନ୍ସ କଞ୍ଜୁମର ପ୍ରଡକ୍ଟସ ଲିମିଟେଡ୍ (ଆର୍‌ସିପିଏଲ୍) ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନଙ୍କୁ ଏହାର ପ୍ୟାକେଜ ପାନୀୟ ଜଳ ବ୍ରାଣ୍ଡ 'କାମ୍ପା ସିଓର୍' ବ୍ରାଣ୍ଡ ଆମ୍ବାସାଡର ଘୋଷଣା କରିଛି। ୨୦୨୨ରେ କାମ୍ପା କୋଲା ଅଧିଗ୍ରହଣ କରିବା ଏବଂ ୨୦୨୩ରେ ଏହାକୁ ଭାରତରେ ପୁନଃ ପ୍ରବର୍ତ୍ତନ କରିବା ପରଠାରୁ ଆର୍‌ସିପିଏଲ୍ ସଫଳତାର ଯାତ୍ରା ଜାରି ରଖିଛି। ଏହାକୁ ଆଜି ଭାରତୀୟ ମୃଦୁପାନୀୟ ଶିଳ୍ପରେ




ଏକ ଶକ୍ତିଶାଳୀ ଖେଳାଳି ଭାବରେ ସ୍ଥାନିତ କରିଛି। କମ୍ପାନୀ କାମ୍ପା ଏନର୍ଜି ଡ୍ରିଙ୍କ୍, ରାସ୍କିକ ପାନୀୟ, ଜୁସ୍ ଏବଂ କାମ୍ପା ସିଓର ପ୍ୟାକେଜଡ୍ ପାନୀୟ ଜଳ ଉପଲବ୍ଧ କରିଛି। ଆର୍‌ସିପିଏଲ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କେତନ ମୋଦି କହିଛନ୍ତି, ସ୍ୱଚ୍ଛ ଏବଂ ସୁଲଭ ପାନୀୟ ଜଳର ଉପଲବ୍ଧତା ସମସ୍ତଙ୍କର ଅଧିକାର ଏବଂ କ୍ୟାମ୍ପା ସିଓର ସବୁଠାରୁ ସୁଲଭ ମୂଲ୍ୟରେ ସୁରକ୍ଷିତ ପାନୀୟ ଜଳର ଉପଲବ୍ଧତା ସୁନିଶ୍ଚିତ କରେ। ଏନେଇ ଅମିତାଭ ବଚ୍ଚନ କହିଛନ୍ତି, ମୁଁ କ୍ୟାମ୍ପା ସିଓର ସହିତ ଯୋଡ଼ିହୋଇ ବହୁତ ଖୁସି। ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱଚ୍ଛ ପାନୀୟ ଜଳ ଉପଲବ୍ଧତା ପ୍ରଦାନ କରିବାରେ ସାହାଯ୍ୟ କରିବା ପାଇଁ କ୍ୟାମ୍ପା ସିଓରର ପ୍ରୟାସରେ ମୁଁ ପ୍ରଭାବିତ।

# ନିଷ୍ପତ୍ତି ପ୍ରତ୍ୟାହାର କର ନ ହେଲେ ରାଜ୍ୟବ୍ୟାପୀ ଆନ୍ଦୋଳନ: ଛାତ୍ର, ଯୁବ ବିଜେଡି

ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)

ରାଜ୍ୟରେ ଯାନବାହନର ପଲ୍ୟୁଶନ ସାର୍ଟିଫିକେଟ ପାଇଁ ସରକାରଙ୍କ ଅନ୍ଧନୀତି ଯୋଗୁ ରାଜ୍ୟରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି, ଯାହାକୁ ନେଇ ସମଗ୍ର ରାଜ୍ୟବାସୀ ଦହଗଞ୍ଜର ଶିକାର ହେଉଛନ୍ତି। ଏହିନୀତ ତୁରନ୍ତ ପ୍ରତ୍ୟାହାରକରିବା ଦାବିରେ ଗୁରୁବାର ବିଜୁ ଯୁବ ଓ ଛାତ୍ର ଜନତା ଦଳ ଭୁବନେଶ୍ୱରର ଆର୍‌ଟିଓ-୧ ଅଫିସ୍ ସମ୍ମୁଖରେ ଏକ ବିଶାଳ ପ୍ରତିବାଦ ସଭା କରିଛି। ରାଜ୍ୟ ସରକାରଙ୍କ ଏହି ବିବାଦୀୟ ନିଷ୍ପତ୍ତିକୁ ବିଶେଷକରି ପଲ୍ୟୁଶନ ସାର୍ଟିଫିକେଟ ନାହିଁ ତ ତେଲ ନାହିଁ ଓ ପୁରୁଣା ଫାଇନ ପୈଠ ନ ହେବା ପର୍ଯ୍ୟନ୍ତ ପଲ୍ୟୁଶନ ସାର୍ଟିଫିକେଟ ପ୍ରଦାନ କରାଯିବନାହିଁକୁ ତୁରନ୍ତ ପ୍ରତ୍ୟାହାର କରା ନ ଗଲେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ରାଜ୍ୟବ୍ୟାପୀ ଆନ୍ଦୋଳନକୁ ବ୍ୟାପକ କରିବ ବୋଲି ଘୋଷଣା କରିଛି।



ପରିବହନ ବିଭାଗ ପକ୍ଷରୁ କରାଯାଉଥିବା ଚାଲାଣକୁ ନେଇ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ସଭା।

ଏହି ଅବସରରେ ଚିନ୍ମୟ ସାହୁ ଓ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଏହି ପ୍ରତିବାଦ ସଭାରେ ରାଜ୍ୟ ଭାଜପା ସରକାରଙ୍କ ଏହି ଅନ୍ଧନୀତିରେ ତୀବ୍ର ସମାଲୋଚନା କରାଯିବା ସହ ସରକାରଙ୍କ ବିଫଳତାର ଲମ୍ବା ତାଲିକା ପ୍ରଦାନ କରାଯାଇଛି। ଯୁବ ସଭାପତି ଚିନ୍ମୟ ସାହୁ କହିଛନ୍ତି, ରାଜ୍ୟ ସରକାର ଲୋକଙ୍କୁ ଧାଡ଼ିରେ ଛିଡ଼ାକରି ହନ୍ତସନ୍ତ କରିବାରେ ଆନନ୍ଦ ପାଉଛନ୍ତି। ସୁଭଦ୍ରା ଯୋଜନା ଦେବାବେଳେ ଏଥିରେ ସାମିଲକରିବା ପାଇଁ ମହିଳାମାନଙ୍କୁ ଧାଡ଼ିରେ ଛିଡ଼ାକଲେ। ଲୋକେ ରାଶନ ସାମଗ୍ରୀ ପାଇବା ପାଇଁ ଲାଇନରେ ଛିଡା ହେଉଛନ୍ତି। ଚାଷୀ ମଣ୍ଡିରେ ଧାନଦେବା ପାଇଁ ରାଜରାସ୍ତାରେ ଛିଡ଼ାହୋଇଛନ୍ତି। ଏବେ ପଲ୍ୟୁଶନ ସାର୍ଟିଫିକେଟ ପାଇଁ ରାଜରାସ୍ତାରେ ଛିଡ଼ାହେବାକୁ ପଡୁଛି। ସରକାରଙ୍କ ତୋଗଲକୀ ନିଷ୍ପତ୍ତି ଯୋଗୁ ରାଜ୍ୟବାସୀ ଅତିଷ୍ଠ ହୋଇପଡିଲେଣି ବୋଲି ସେ କହିଛନ୍ତି। ଇପ୍ସିତା କହିଛନ୍ତି, ସୁଶାସନର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିବା ଭାଜପା ସରକାର ରାଜ୍ୟବାସୀଙ୍କୁ ଶୋଷଣ କରିବାରେ ଲାଗିଛି। ପଲ୍ୟୁଶନ ସାର୍ଟିଫିକେଟ ନାମରେ ସରକାର ନୂଆ ଶୋଷଣ ଆରମ୍ଭ କରିଛନ୍ତି ବୋଲି ସେ କହିଛନ୍ତି।

# ଚଳିତବର୍ଷ ତାଳଚେର ମେଡିକାଲ କଲେଜରେ ସୁପରସ୍ପେଶିଆଲିଟି ସେବା



ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜ।

- ପ୍ରାଥମିକ ପର୍ଯ୍ୟାୟରେ ଅନୁଗୋଳରୁ ସ୍ଥାନାନ୍ତର ହେବ କେତୋଟି ବିଭାଗ
- କ୍ରିୟାନୁଷ୍ଠାନ କମିଟିର ଧାରଣା ପରେ ସୂଚନା ଦେଲେ ଅନୁଗୋଳ ଜିଲାପାଳ

ଅନୁଗୋଳ, ୮।୧ (ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ତାଳଚେରଠାରେ ଏମ୍‌ସିଏଲ୍ ପକ୍ଷରୁ ନିର୍ମାଣ କରାଯାଇଥିବା ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଚଳିତବର୍ଷରୁ ସୁପରସ୍ପେଶିଆଲିଟି ସେବା ରୋଗୀମାନଙ୍କୁ ମିଳିବ। ଅନୁଗୋଳ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଗୁରୁବାର ଏ ନେଇ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ୨୦୨୫ ସେପ୍ଟେମ୍ବର ୨ରେ ଜାତୀୟ ଭେଷଜ କମିଶନ(ଏନ୍‌ଏମ୍‌ସି) ପକ୍ଷରୁ ତାଳଚେର ମେଡିକାଲ କଲେଜକୁ ବିଧିବଦ୍ଧ ଅନୁମତି ଦିଆଯିବା ପରେ ଏଠାରେ ୧୦୦ ସିଟ୍‌ରେ ଡାକ୍ତରୀ ଛାତ୍ରୀଛାତ୍ରଙ୍କ ନାମଲେଖା ସହ ପାଠପଢ଼ା ଚାଲିଛି। ହେଲେ ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏହାର ପ୍ରାକ୍ଟିକାଲ ଶିକ୍ଷା ଜାରି ରହିଛି। ତାଳଚେରଠାରେ ଏହାର ଏକାଡେମିକ ବ୍ଲକ୍ ରହିଥିବା ବେଳେ ବର୍ତ୍ତମାନ ମେଡିକାଲ କଲେଜର ବିଦ୍ୟାର୍ଥୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିୟମିତ ଭାବେ ପ୍ରାକ୍ଟିକାଲ ଶିକ୍ଷା ପାଇଁ ଆସୁଛନ୍ତି। ଫଳରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ହିଁ ସୁପରସ୍ପେଶିଆଲିଟି ସେବାଗୁଡ଼ିକ ଉପଲବ୍ଧ ରହିଛି। ତାଳଚେରସ୍ଥିତ ପୁରୁଣା ନେହେରୁ ଶତାବ୍ଦୀ ହସ୍ପିଟାଲର ନାମ ପରିବର୍ତ୍ତନ କରି ପବିତ୍ର ମୋହନ ମେଡିକାଲ କରାଯାଇଥିବା ବେଳେ ସେଠାରେ ସୁପରସ୍ପେଶିଆଲିଟି ରୋଗୀ ସେବା ଆରମ୍ଭ କରିବାକୁ ତାଳଚେର ପବିତ୍ର ମୋହନ ମେଡିକାଲ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଛି। ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏହି ଦାବି ନେଇ କମିଟି ପକ୍ଷରୁ ଧାରଣା ଦିଆଯାଇଛି। ନେହେରୁ ଶତାବ୍ଦୀ ମେଡିକାଲ ବା ବର୍ତ୍ତମାନର ପବିତ୍ର ମୋହନ ମେଡିକାଲର କିଛି ମରାମତି କାର୍ଯ୍ୟ ବାକି ରହିଛି। ଏହା ସମ୍ପୂର୍ଣ୍ଣ ହେବା ପରେ ପ୍ରାଥମିକ ଭାବେ କିଛି ବିଭାଗକୁ ନେଇ ସେଠାରେ ସୁପରସ୍ପେଶିଆଲିଟି ଡାକ୍ତରୀ ସେବା ଆରମ୍ଭ ହେବ ଏବଂ ପର୍ଯ୍ୟାୟକ୍ରମେ ଜିଲା ମୁଖ୍ୟ ଚିକିତ୍ସାଳୟରୁ ସମସ୍ତ ସୁପରସ୍ପେଶିଆଲିଟି ଡାକ୍ତରୀ ସେବା ତାଳଚେରସ୍ଥିତ ପବିତ୍ର ମୋହନ ମେଡିକାଲରେ ହିଁ ଚାଲୁ ହେବ ବୋଲି ଜିଲାପାଳ ପ୍ରତିକ୍ରିୟାରେ ଜଣାଇଛନ୍ତି।

# ଆନ୍ଦୋଳନ ସ୍ଥଗିତ ରଖିଲା ଓମ୍‌ସା

## ଆଜିଠାରୁ ସ୍ୱାଭାବିକ ହେବ ଓପିଡି ସେବା

ଭୁବନେଶ୍ୱର, ୮।୧ (ବନ୍ଦନା ସେଠୀ)

ଡାକ୍ତରଙ୍କ ଦାବି ଆଗରେ ମୁଣ୍ଡ ନୁଆଁଇଲେ ସରକାର। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପରେ ଆନ୍ଦୋଳନ ସ୍ଥଗିତ ରଖିଛି ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏଶନ (ଓମ୍‌ସା)। ଶୁକ୍ରବାରଠାରୁ ରାଜ୍ୟର ସମସ୍ତ ସରକାରୀ ଡାକ୍ତରଖାନାରେ ଓପିଡି ସେବା ସ୍ୱାଭାବିକ ହେବ ବୋଲି ଓମ୍‌ସା ସଭାପତି ଡା. କିଶୋର ଚନ୍ଦ୍ର ମିଶ୍ର କହିଛନ୍ତି।

୧୦ଦଫା ଦାବିନେଇ ଗତ ୫ତାରିଖରୁ ଓମ୍‌ସା ଅଧୀନରେ ଥିବା ୬ହଜାରରୁ ଊର୍ଦ୍ଧ୍ୱ ଡାକ୍ତର ୨ଘଣ୍ଟିଆ ଓପିଡି ସେବା ବନ୍ଦକରି ଆନ୍ଦୋଳନ ଚଳାଇଥିଲେ। ରାଜ୍ୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବାରୁ ଡାକ୍ତରଙ୍କ ଆନ୍ଦୋଳନ ବନ୍ଦ କରିବାକୁ ଏସ୍ମା ଲାଗୁ କରିଥିଲେ ସରକାର। ମାତ୍ର ଏହାକୁ ଖାତିର ନ କରି ଆନ୍ଦୋଳନ ଜାରି ରହିଥିବାରୁ ଶେଷରେ ଗୁରୁବାର ଡାକ୍ତରମାନଙ୍କ ସହିତ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଆଲୋଚନା କରିବା ସହ ସେମାନଙ୍କ ଦାବି ପୂରଣ ନେଇ ଦୃଢ଼ ପ୍ରତିଶ୍ରୁତି ଦେଇଥିବା ଡା. ମିଶ୍ର ସୂଚନା ଦେଇଛନ୍ତି।

ଅପରପକ୍ଷେ ଆଲୋଚନା ସୌହାର୍ଦ୍ଦ୍ୟପୂର୍ଣ୍ଣ ହୋଇଥିବା ନେଇ ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଡାକ୍ତରଙ୍କ ଦାବିକୁ ନେଇ ପୂର୍ବରୁ ଏକ ଉଚ୍ଚସ୍ତରୀୟ କମିଟି ଗଠିତ ହୋଇଛି। ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ସ୍ୱାସ୍ଥ୍ୟ, ଆଇନ ଏବଂ ଅର୍ଥ ବିଭାଗର ସଚିବ ରହିବେ। ଡାକ୍ତରଙ୍କ ସମସ୍ତ ଦାବିକୁ ଏହି କମିଟି ସମୀକ୍ଷା କରିବା ସହିତ ସରକାରଙ୍କୁ ରିପୋର୍ଟ ଦେବ। କମିଟିର ପ୍ରସ୍ତାବ ଆଧାରରେ ସରକାର କାର୍ଯ୍ୟ କରିବେ। ସେହିପରି ଆସନ୍ତା ୧୨ ତାରିଖରେ ସଚିବ ସ୍ତରୀୟ କମିଟି ବସିବ ଏବଂ ତା'ପରେ କେନ୍ଦ୍ରୀୟ ହାରରେ ଡିଏସିପି ପ୍ରଦାନର ରୂପରେଖ ସ୍ପଷ୍ଟ ରହିବ। ଜାନୁଆରୀ ୧୫ ସୁଦ୍ଧା ଏକ ଅନ୍‌ଲାଇନ୍ ପୋର୍ଟାଲ ବ୍ୟବସ୍ଥା ହେବ। ଏଥିରେ କେଉଁକେଉଁ ପୋଷ୍ଟିଂ ହୋଇଥିବା ଇଚ୍ଛୁକ ଡାକ୍ତରମାନେ ନିଜ ଜିଲାକୁ ଆସିବା ପାଇଁ ଏଥିରେ ଆବେଦନ କରିପାରିବେ। ଏହାବାଦ୍ କ୍ୟାଡର୍ ପୁନର୍ବିନ୍ୟାସ ଏବଂ ଅନ୍ୟାନ୍ୟ ଦାବି ନେଇ ସରକାର ସକାରାତ୍ମକ ରହିଥିବା ଓମ୍‌ସା ପକ୍ଷରୁ ସୂଚନା ଦିଆଯାଇଛି।

# ବିବାହ ଭୋଜି ଖାଇ ୩୦୦ ଝାଡ଼ାବାନ୍ତିରେ ଆକ୍ରାନ୍ତ



ଡାକ୍ତରୀ ଟିମ୍ ଦ୍ୱାରା ଝାଡ଼ାବାନ୍ତିରେ ଆକ୍ରାନ୍ତ ରୋଗୀଙ୍କ ଚିକିତ୍ସା କରାଯାଉଛି।

ରାଜନଗର, ୮।୧ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ହାତିନା ପଞ୍ଚାୟତ ଏଣ୍ଟୁଳାପୁର, ପ୍ରସନ୍ନପୁର, ଖଣ୍ଡାମରା ଗାଁରେ ବିବାହ ଭୋଜି ଖାଇ ୩୦୦ରୁ ଅଧିକ ଲୋକ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଖବର ପାଇ ଗୁରୁବାର ସ୍ୱାସ୍ଥ୍ୟ ବିଭାଗ ଟିମ୍ ଗାଁରେ ପହଞ୍ଚି କ୍ୟାମ୍ପ କରିବା ସହ ଘରକୁ ଘର ବୁଲି ଲୋକଙ୍କୁ ଚିକିତ୍ସା କରୁଛନ୍ତି। ରାଜନଗର ବ୍ଲକ ଏଣ୍ଟୁଳାପୁର ଗାଁର ଦୟାନିଧି ରାଉତଙ୍କ ସାନପୁଅ କାହ୍ନାଙ୍କ ବାହାଘର ଭୋଜି ଥିଲା। ଭୋଜିରେ ହଜାର ଲୋକ ଖାଇଥିଲେ। ଏଣ୍ଟୁଳାପୁର ଗାଁର ପ୍ରତ୍ୟେକ ପରିବାରର ଲୋକେ ଭୋଜି ଖାଇଥିଲେ। ଏଥିସହ ପାଖ ଗାଁ ପ୍ରସନ୍ନପୁର, ଖଣ୍ଡାମରା ଓ ଆଖପାଖ ଗାଁର ଲୋକେ ମଧ୍ୟ ଭୋଜି ଖାଇଥିଲେ। ଭୋଜି ଖାଇବା ପରେ ଲୋକମାନେ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ବୁଧବାର ସ୍ଥାନୀୟ ଔଷଧ ଦୋକାନ ଓ କ୍ଲିନିକ୍‌ଠାରୁ ଔଷଧ ଖାଇଥିଲେ ମଧ୍ୟ ଝାଡ଼ା କମି ନ ଥିଲା। ଗୁରୁବାର ଝାଡ଼ାବାନ୍ତିରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିଥିଲା। ଏଣ୍ଟୁଳାପୁର ଗାଁରେ ଘରେ ଘରେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଏଣ୍ଟୁଳାପୁର ଗାଁରେ କେବଳ ୨୦୦ ଶହରୁ ଅଧିକ ଲୋକ ଆକ୍ରାନ୍ତ ହୋଇଥିବା ବେଳେ ପ୍ରସନ୍ନପୁର ଓ ଖଣ୍ଡାମରା ଗାଁରେ ୧୦୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତିଙ୍କ ନେତୃତ୍ୱରେ ୨ଟି ଟିମ୍ ଗାଁରେ ପହଞ୍ଚି ଝାଡ଼ାବାନ୍ତି ଆକ୍ରାନ୍ତ ରୋଗୀଙ୍କୁ ଚିକିତ୍ସା କରୁଛନ୍ତି ଘରକୁ ଘର ବୁଲି ରୋଗୀଙ୍କୁ ଦେଖିବା ସହ ଔଷଧ ଦେଉଛନ୍ତି।

# ଗିରଫ ପିଇଓଙ୍କ ଗୋଦାମରେ ଭିଜିଲାନ୍ସ ଟିମ୍‌ର ଯାଞ୍ଚ

ଛେନାପଦି, ୮।୧ (ନିରାକାର ପରିଡା)

କେନ୍ଦୁଝର ଜିଲା ହାଟଡ଼ିହି ବ୍ଲକ୍ ବଞ୍ଚୋ ପଞ୍ଚାୟତ ପିଇଓ ଜିତେନ୍ଦ୍ର ଜେନାଙ୍କ ଘରେ ଘର ସମେତ ବ୍ୟବସାୟ ପ୍ରତିଷ୍ଠାନ, ଶ୍ୱଶୁର ଘର, ପଞ୍ଚାୟତ ଅଫିସ ଆଦି ୬ଟି ସ୍ଥାନରେ ଡିସେମ୍ବର ୩୦ରେ ଭିଜିଲାନ୍ସ ରେଡ୍ କରି ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଠାବ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ଜିତେନ୍ଦ୍ରଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଦିନ ବସନ୍ତିଆ ବଜାରସ୍ଥିତ ଗୋଦାମର ଚାବି କାଠି ମିଳି ନ ଥିବାରୁ ଯାଞ୍ଚ ଅଧାରେ ରହିଥିଲା। ପୁନର୍ବାର ଗୁରୁବାର ସକାଳେ ବାଲେଶ୍ୱର ଭିଜିଲାନ୍ସର ଏକ ୧୦ ଜଣିଆ ଟିମ୍ ପହଞ୍ଚି ଗୋଦାମ ଘର ଚାବି ଖୋଲିବା ସହିତ ଯାଞ୍ଚ କରିଛି। ସମ୍ପୃକ୍ତ ପିଇଓଙ୍କୁ ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ନିଲମ୍ବିତ କରାଯାଇଥିବା ବିଡିଓ ସୂଚନା ଦେଇଛନ୍ତି।

# ଦୃଢ଼ ସମ୍ପର୍କକୁ ଗୁରୁତ୍ୱ

## ଆଜି ପ୍ରବାସୀ ଭାରତୀୟ ଦିବସ

ଭାରତ କେବଳ ନିଜର ଭୌଗୋଳିକ ପରିଧି ମଧ୍ୟରେ ସୀମିତ ରହିନାହିଁ। ପୃଥିବୀର ପ୍ରାୟ ଦେଶରେ ମୂଳ ଭାରତୀୟ ଲୋକେ ବସତି ସ୍ଥାପନ କରୁଛନ୍ତି। ଏମାନଙ୍କୁ ପ୍ରବାସୀ ଭାରତୀୟ ଭାବେ ବିବେଚନା କରାଯାଉଛି। ଏହି ପ୍ରବାସୀ ଭାରତୀୟମାନଙ୍କ ଅବଦାନକୁ ଚିହ୍ନିବା ଏବଂ ଭାରତର ସଂଯୋଗୀକରଣକୁ ଅଧିକ ମଜଭୁତ କରିବା ଉଦ୍ଦେଶ୍ୟରେ ପ୍ରତିବର୍ଷ ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଉଛି। ଏହି ଦିବସ ଭାରତ ସରକାରଙ୍କ ଦ୍ୱାରା ଆୟୋଜନ କରାଯାଉଛି। ଭାରତ ଏବଂ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ, ସାଂସ୍କୃତିକ ଏବଂ ଅର୍ଥନୈତିକ ସମ୍ପର୍କ ବୃଦ୍ଧି କରିବା ପ୍ରବାସୀ ଦିବସ ପାଳନର ଅନ୍ୟ ଏକ ଉଦ୍ଦେଶ୍ୟ। ଦକ୍ଷିଣ ଆଫ୍ରିକାରେ ୨୧ବର୍ଷ ଅତିବାହିତ କରିବା ପରେ ମହାତ୍ମା ଗାନ୍ଧୀ ୧୯୧୫ ଜାନୁଆରୀ ୯ରେ ଭାରତକୁ ଫେରିଥିଲେ।



ତେଣୁ ଏହି ଦିବସକୁ ସ୍ମରଣୀୟ କରିବା ପାଇଁ ୨୦୦୩ ଜାନୁଆରୀ ୯ରେ ପ୍ରଥମ କରି ପ୍ରବାସୀ ଭାରତୀୟ ଦିବସ ପାଳନ କରାଯାଇଥିଲା। ଏହି ଦିବସ ଭାରତର ବିଶ୍ୱସ୍ତରୀୟ ଛବିକୁ ଆହୁରି ସୁଦୃଢ଼ କରିବା କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ସୂଚନାଯୋଗ୍ୟ ବୈଦେଶିକ ବିଭାଗ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ ଏହି ଦିବସ ୨୦୨୫ରେ ଭୁବନେଶ୍ୱରଠାରେ ପାଳିତ ହୋଇଥିଲା।

# ସଡ଼କ ସୁରକ୍ଷା ଓ ପରିବହନ ସଂସ୍କାର କ୍ଷେତ୍ରରେ ଓଡ଼ିଶା ଦେଶରେ ଅଗ୍ରଣୀ

ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ ଭାରତମଣ୍ଡପମ୍ ଠାରେ ବୁଧବାରଠାରୁ ୨ଦିନ ଧରି ଅନୁଷ୍ଠିତ ପରିବହନ ବିକାଶ ପରିଷଦ (ଟିଡିସି) ବୈଠକରେ ଓଡ଼ିଶା ସରକାର ନିଜର ପ୍ରଭାବଶାଳୀ ଉପସ୍ଥିତି ଜାହିର କରିଛନ୍ତି। ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ଏହି ବୈଠକରେ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ୍ ଗଡକରୀ ଅଧ୍ୟକ୍ଷତା କରିଛନ୍ତି। ଏଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ପରିବହନ ମନ୍ତ୍ରୀ ଏବଂ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ଓଡ଼ିଶା ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ବୈଠକରେ ଓଡ଼ିଶାର ସାମଗ୍ରିକ ପରିବହନ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ଚିତ୍ର ଉପସ୍ଥାପନ କରିଛନ୍ତି। ସଡ଼କ ସୁରକ୍ଷା, ଡିଜିଟାଲ ପରିବହନ ଶାସନ, ଚାଳକ ପ୍ରଶିକ୍ଷଣ ଏବଂ ପ୍ରଯୁକ୍ତିଭିତ୍ତିକ ପ୍ରବର୍ତ୍ତନ କ୍ଷେତ୍ରରେ ରାଜ୍ୟର ଅଗ୍ରଣୀ ପଦକ୍ଷେପ ଉପରେ ସେ ଆଲୋକପାତ କରିଛନ୍ତି। ଓଡ଼ିଶା ପ୍ରତିନିଧି ଦଳର ସଦସ୍ୟ ଭାବେ ପରିବହନ କମିଶନର ଅମିତାଭ ଠାକୁର ମଧ୍ୟ ଉପସ୍ଥିତ ଥିଲେ। ଓଡ଼ିଶାର ସଂସ୍କାରମୁଖୀ ଆଭିମୁଖ୍ୟ ଏବଂ ସର୍ବୋତ୍ତମ କାର୍ଯ୍ୟଶୈଳୀ ଜାତୀୟ ସ୍ତରରେ ବ୍ୟାପକ ପ୍ରଶଂସା ସାଉଁଟିଛି। ପୋଲିସ, ସ୍ୱାସ୍ଥ୍ୟ ଏବଂ ପରିବହନ ବ୍ୟବସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ଇ-ଡିଏଆର୍ ଏବଂ ସିସିଟିଏନ୍‌ଏସ୍‌ର ଦ୍ୱିମୁଖୀ ଏକୀକରଣ ହାସଲ କରିବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟ ହୋଇଛି। ଏନ୍‌ଆଇସି, ଆଇଆଇଟି ମାଡ୍ରାସ ଏବଂ ମନ୍ତ୍ରଣାଳୟର ମିଳିତ ସହଯୋଗରେ ହାସଲ ହୋଇଥିବା ଏହି ସଫଳତାକୁ ଉଚ୍ଚ ପ୍ରଶଂସା କରାଯାଇଛି।


## ଜଳେଶ୍ୱର ପୌର କାର୍ଯ୍ୟାଳୟ, ଜଳେଶ୍ୱର
## Office of the Jaleswar Municipality, Jaleswar

Dist. : Balasore, Odisha-756032
Ph : (06781) 222407, Email : jaleswarmunicipality@gmail.com

No. 55 Date : 05.01.2026

**Short Tender Call Notice**

**No.C-2004** : Sealed Tenders are invited by the Undersigned in percentage rate basis from the eligible Odisha State Govt.Licensed Contractors with Municipality enlisted Contractor in the Jaleswar Municipality for execution of the following works of Jaleswar Municipality in the District of Balasore. **The Tender paper will be sold on 07.01.2026 to 16.01.2026 4.00 PM** during the office hours (Except Govt. Holidays) on production of valid Licence & payment cost of Tender Paper which is Non-refundable. The Tender papers will be received on **till dt 19.01.26 till 02.00 PM by Register / Speed Post /by hand only and the same will be opened on 19.01.2026 at 3.30 PM** in presence of the Contractors or their authorized agents. The Tender must be accompanied with Money receipt (Tender Paper cost) EMD,valid GST, PAN, Cont Licence, Affidavit, Contractor information Sheet, Pending work list (if any). The authority reserves the right to reject any or all tenders without assigning any reason thereof. Works list can be seen at Office Notice Board

Sd./- Executive Officer
Municipality, Jaleswar

OIPR -



## Odisha State Road Transport Corporation

Paribahan Bhawan, Sachivalaya Marg, Bhubaneswar, Odisha 751009
Email: osrtc@od.gov.in; Phone No.: 0674-2530908

Notice No. 242 Date : 07.01.2026

**EXPRESSION OF INTEREST**

**No.CAD-2966 : EOI FOR EMPANELMENT OF INSURANCE ADVISOR FOR ODISHA STATE ROAD TRANSPORT CORPORATION (OSRTC).**

Odisha State Road Transport Corporation (OSRTC) invites Proposal from interested agencies for the above-mentioned EoI. Please refer to the EoI document for details.

- The EoI document shall be available from **08/01/2026** onwards in the following web portal: www.osrtc.org and https://tendersodisha.gov.in. Any further intimation **(i.e. Corrigendum/ Addendum/ Responses to the queries/ Clarifications) shall be uploaded in the above website only**.
- Applicants are required to submit a duly filled EoI Proposal as per the prescribed formats online on or before **20/01/2026 till 05:00 PM**. The EoI Proposals received shall be opened at **04:00 PM on 21/01/2026**.
- In case of any queries/clarifications, E-mail at osrtc@od.gov.in
- OSRTC reserves the right to accept or reject bid process without assigning any reason thereof.

Sd./-General Manager (Operation)
Odisha State Road Transport Corporation

OIPR-



## ODISHA COOPERATIVE TASAR & SILK FEDERATION (SERIFED) LTD.

Sahid Nagar, Janpath, Bhubaneswar-751 007,
Tel: 2545586/2545852, email- serifedodisha@gmail.com,
website- www.serifedodisha.in

**TENDER CALL NOTICE**

**BID IDENTIFICATION NO:- VI-13(07)/SERIFED/2025-26/18/ DT-06-01-2026**

**No.CAD-2963** : The MANAGING DIRECTOR (SERIFED), Odisha, Bhubaneswar invites sealed tenders in double cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website : www.tendersodisha.gov.in. during the period dt. 10.01.2026 to 5.00 PM up to 21.01.2026. Tender shall be received till 5.00 PM on 21.01.2026 & shall be opened at 11.30 AM on 22.01.2026. Any addendum / corrigendum / cancellation of tender can also be seen in the said website.

OIPR- Sd./- Managing Director



## DIRECTORATE OF STATE INSTITUTE OF HEALTH & FAMILY WELFARE, ODISHA

Nayapalli, Bhubaneswar-751 012
Ph.: 2394336, E-mail : sihfwodisha@gmail.com

No.89//SIHFW-Estt.Trg.-01/24 (Part) Bhubaneswar Date : 06.01.2026

**TENDER NOTICE**

**No.E-663** : Sealed tenders are invited from the interested reputed Registered Travel Agencies/ Tour Operators for providing 1 (one) No. of Swift Dezire Petrol Vehicle (New Version) having registered in his/her name/ Agency name, on monthly hiring basis in conformity to the terms & conditions of the tender for the purpose of official use in the Directorate of SIHFW, Odisha, Nayapalli, Bhubaneswar. The details of term and conditions of tender, general information, quoted price and documents will be made available in the office of the Directorate of SIHFW, Odisha between 11 AM to 5 PM in any working day or can be downloaded from the website of Government of Odisha in Health and Family Welfare Department www.odisha.gov.in/health and this Directorate www.sihfwodisha.nic.in portal.

| | | |
|---|---|---|
| Date of Sale of Tender Paper | : | 08.01.2026 |
| Last Date Receipt of Tender | : | 31.01.2026 |
| Date of Opening of Tender | : | 06.02.2026 |
| Adress for Correspondence | : | Directorate of SIHFW, Odisha, Nayapalli, Bhubaneswar, Pin-751012 |

The tender will be opened on scheduled date and time in the office chamber of the undersigned in the presence of the authorized representatives of agencies. In the event of the date being declared as holiday for Government of Odisha, the due date of submission of bids & opening of bids will be next working day. Any tender received after the due. date and time will be rejected and returned to the sender unopened. The tender will be received through Registered Post/Couriers Service/ Speed Post only. The Authority reserves the right to reject any or all the tenders received without assigning any reason thereof.

Sd./- Director
State Institute of Health & Family Welfare, Odisha

OIPR-



## ନିଲାମ ଇସ୍ତାହାର

MM-479

ଏତଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଜଟାଧାରତଣ୍ଡ କାଜୁଜଙ୍ଗଲରୁ କାଜୁବାଦାମ ସଂଗ୍ରହ ନିଲାମରେ ଅଂଶଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା.୨୮.୦୧.୨୦୨୬ ରିଖ ଦିବା ୧୧ ଘଟିକା ସମୟରେ ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗରଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ନିଲାମରେ ନିମ୍ନଲିଖିତ ସର୍ତ୍ତାବଳୀ ପାଳନ ସହିତ ଅଂଶଗ୍ରହଣ କରିବାକୁ ଅନୁରୋଧ ।

୧. ନିଲାମରେ ଅଂଶଗ୍ରହଣ କରିବାପାଇଁ ଇଚ୍ଛୁକ ବ୍ୟକ୍ତିମାନେ ଟ.୫୦,୦୦୦.୦୦ (ପଚାଶ ହଜାର) E.M.D. Demand Draft in favour of Divisional Forest Officer, Mangrove Forest Division, (Wildlife) Rajnagarଙ୍କ ନାମରେ ଦାଖଲ କରିବେ । ଏହି Demand Draft କେବଳ Payable at Central Bank of India, ସାନବଡ ଗୋପାଳପୁର, ରାଜନଗର ହେବା ଆବଶ୍ୟକ ।
୨. ସର୍ବୋଚ୍ଚ ନିଲାମ ଡାକିଥିବା ବ୍ୟକ୍ତି ନିଲାମ ଅର୍ଥ ଧାର୍ଯ୍ୟ କର ସହିତ ନିଲାମ ସରିବା ସଙ୍ଗେସଙ୍ଗେ Cheque ମାଧ୍ୟମରେ ସେହିଦିନ ଦାଖଲ କରିବେ, ନଚେତ ନିଲାମ ପାଇଁ ଦାଖଲ ହୋଇଥିବା E.M.D. ଅର୍ଥ ସରକାରଙ୍କ ତହବିଲକୁ ଚାଲିଯିବ ଓ ଦ୍ୱିତୀୟ ସର୍ବୋଚ୍ଚ ନିଲାମଧାରୀଙ୍କୁ ଉକ୍ତ ନିଲାମଟିକୁ ହସ୍ତାନ୍ତର କରାଯିବ ।
୩. ସର୍ବୋଚ୍ଚ ନିଲାମଧାରୀ ବ୍ୟକ୍ତିଙ୍କ ବ୍ୟତୀତ ନିଲାମରେ ଅଂଶଗ୍ରହଣ କରିଥିବା ଅନ୍ୟ ସମସ୍ତ ନିଲାମଧାରୀଙ୍କର E.M.D. ଅର୍ଥ ଉକ୍ତ ନିଲାମ ପରେ ଫେରସ୍ତ ଦିଆଯିବ ଏବଂ ସର୍ବୋଚ୍ଚ ଡାକଧାରୀବ୍ୟକ୍ତିଙ୍କ E.M.D. ତାଙ୍କ ନିଲାମ ଅର୍ଥ ବାବଦକୁ ହିସାବକୁ ନିଆଯିବ ।
୪. ବନଖଣ୍ଡ ଅଧିକାରୀ, ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର ନିଲାମଟିକୁ କୌଣସି କାରଣ ନଦର୍ଶାଇ ପ୍ରତ୍ୟାହାର କରିପାରିବେ ।

ନିଲାମ ହେବାକୁ ଉଦ୍ଦିଷ୍ଟ ଲଟ୍‌ର ବିଷଦ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

| କ୍ରମିକ ନମ୍ବର | ଲଟ୍ ନମ୍ବର | ସ୍ଥାନର ନାମ | ବନାଞ୍ଚଳ | ତାରିଖ, ସମୟ ଓ ସ୍ଥାନ |
|---|---|---|---|---|
| ୧ | ୦୧/୨୦୨୫-୨୬ | ଜଟାଧାରତଣ୍ଡ କାଜୁ ଜଙ୍ଗଲ | କୁଜଙ୍ଗ | ତା.୨୮.୦୧.୨୦୨୬ ରିଖ ଦିବା ୧୧ ଘଟିକା, ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ରାଜନଗର |

ସ୍ୱା./-ବନଖଣ୍ଡ ଅଧିକାରୀ
ଲୁଣା ଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ), ରାଜନଗର

OIPR-



## BRAHMAPUR DEVELOPMENT AUTHORITY

Court Road, Courtpeta, Brahmapur, Ganjam, Odisha, Pin-760004
www.bdabrahmapur.in, e-mail:bedaengineers@gmail.com, Phone No.0680-2292797
NATIONAL COMPETITIVE BIDDING THROUGH e-PROCUREMENT

**INVITATION FOR BIDS (IFB)**

No.CAD-2964 No.19/BeDA (Engg.), Dt.06.01.2026

| Sl. No. | Name of Work | Bid Identification No. | Estimated Cost (Rs. in Lakh) | Class of Contractor | Period of Completion | Availability of Bid document for Online Bidding From | To | Name & Address of Officer Inviting Bid |
|---|---|---|---|---|---|---|---|---|
| 1 | Shifting of (500+100) KVA S/S at Multi Level car parking near traffic police out post, Old Bus Stand, Brahmapur | EM-BeDA-90/2025-26 | 13.57 | "HT" Electrical Contractor | 01 (One) Calendar Month | 07.01.2026 10.00 Hours | 16.01.2026 17.30 Hours | Engineer Member, Brahmapur Development Authority, Courtpeta, Brahmapur, 760004 |

- All Corrigendum and addenda shall be published in official website only.
- The Bidder shall have to participate in ONLINE bidding only.
- Further details can be seen from the e-Procurement portal www.tendersodisha.gov.in and www.bdabrahmapur.in
- Tender shall be opened online on Dt.17.01.2026 at 11 Hours.

Sd./- Engineer Member
Brahmapur Development Authority, Brahmapur

OIPR-



## ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର

No.O-1963

(ଗ୍ରାମ୍ୟ / ପୋଷ୍ଟ - ଆମ୍ବପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)

## OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR

(At/Po-Ambapua, Near Income Tax Office, Berhampur-760011, Ganjam, Odisha) (E-Mail : serwbpr2004@yahoo.com, Tel No.: 0680-2404287)

**No. e-tender // 79 // RWC // BAM // Dated. 06.01.2026**

**2nd Corrigendum to Bid Identification No. Online Tender/42-2025-26/BPR**

1) The partial modification of Road works under **MMSY-CUVDA** vide above identification has been made as follows.

| | | | |
|---|---|---|---|
| 1 | Date of availability of tender | : | **02.02.2026 to 16.02.2026 upto 5.30 P.M.** instead of 07.01.2026 to 21.01.2026 upto 5.30 P.M. |
| 2 | Last Date & Time of seeking tender clarification | : | **13.02.2026 at 5.30 P.M.** instead of 19.01.2026 at 5.30 P.M. |
| 3 | Date of opening of Technical Bid | : | **17.02.2026 at 11.00 A.M.** instead of 22.01.2026 at 11.00 A.M. |
| 4 | Date of opening of Financial Bid | : | Will be intimated later on. |

All other contents will remain unchanged.

Sd./- Chief Construction Engineer
R.W.Circle, Berhampur

OIPR-



## Directorate of Technical Education & Training, Odisha

At-Killamaidan, PO-Buxibazar, Cuttack-753001
Phone No- 0671 2301061, e-mail: dtetorissa@gmail.com

NIT No. DTET/2025-26/259 Date: 07/01/2026

**NOTICE INVITING TENDER FOR**

**Selection of an Agency/Bidder for assessment of Performance of the Govt. ITIs and Govt. Polytechnics/ Engineering Schools candidates under DTE&T, Odisha**

**No.KK-324** : DTE&T Odisha under the administrative control of Skill Development & Technical Education Department, Government of Odisha (the Client) invites sealed proposals from eligible bidders for "Selection of an Agency/Bidder for assessment of Performance of the Govt. ITIs and Govt. Polytechnics/Engineering Schools candidates under DTE&T, Odisha" through Odisha Government e-Procurement System (https://tendersodisha.gov.in). Bidders fulfilling the prescribed eligibility criteria of the RFP can access and download the complete RFP Document and other details from www.tendersodisha.gov.in. and www.dtet.odisha.gov.in. Please refer to the RFP documents for details. The proposals complete in all respect must be submitted through e-tender process latest by 21.01.2026 (before 2:00 PM).

The RFP documents shall be available from 07/01/2026 onwards in the Odisha Government e-Procurement Portal (https://tendersodisha.gov.in.) & DTE&T Odisha website (www.dtet.odisha.gov.in/en/tenders). If required, further intimation [i.e. Corrigendum/Addendum/Responses to the queries/Clarifications etc.], shall be uploaded in the above websites only. DTE&T Odisha reserves all the rights to reject any/ all proposals at any stage without assigning any reason thereof.

OIPR- Sd./- DTE&T, Odisha, Cuttack



## GOVERNMENT OF ODISHA

E-Procurement Notice

## Superintending Engineer, M.I. Division, Angul

Bid Identification No.11 of 2025-26
E-mail ID- semidivisionangul@gmail.com

No.A-1244 Letter No.3704/ Date: 31.12.2025

| | | | |
|---|---|---|---|
| 1. | Number of Works | : | 02 (Two) numbers of Civil Work |
| 2. | Approximate estimated cost | : | From 40.32 Lakh to 42.17 Lakh |
| 3. | Cost of Tender Paper | : | Rs.6000/- (Non-refundable) |
| 4. | Period of Completion | : | 04 (Four) Months |
| 5. | Date & Time of availability of bid document in the portal | : | Dt.08.01.2026 at 10.00 AM to Dt.15.01.2026 upto 5.00 P.M. |
| 6. | Last date/Time for receipt of bid in the portal | : | Dt.15.01.2026 upto 5.00 P.M. |
| 7. | Date of Opening of bid documents | : | Dt.16.01.2026 at 10.00 A.M. |
| 8. | Date of Lottery if required | : | Dt.29.01.2026 At 11.00 A.M. |
| 9. | Name and address of the Office Inviting Bid | : | Superintending Engineer, Minor Irrigation Division, Angul, At/ Po- Hakimpada, College Square, District: Angul, PIN- 759143, Ph.No.06764-236522, Email ID: semidivisionangul@gmail.com |
| 10. | The bidders have to participate in ONLINE bidding only. Further details can be seen from the e-Procurement Portal | : | http://tendersorissa.gov.in |

Sd./- Superintending Engineer
M.I. Division, Angul

OIPR-

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ: ..............................
ଜନ୍ମ ତାରିଖ: ..............................


ପ୍ରିନ୍ସ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଅଷ୍ଟ୍ରେଲିଆ ୪-୧ରେ ଆଶେସ ଜିତିଲା

**ସିଡ୍‌ନୀ,୮।୧(ଏପି)**

ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ(ଏସ୍‌ସିଜି)ରେ ଖେଳାଯାଇଥିବା ଇଂଲଣ୍ଡ ବିପକ୍ଷ ପଞ୍ଚମ ତଥା ଅନ୍ତିମ ଆଶେସ ଟେଷ୍ଟ କ୍ରିକେଟ ମ୍ୟାଚ୍‌କୁ ଅଷ୍ଟ୍ରେଲିଆ ଗୁରୁବାର ୫ ଉଇକେଟରେ ଜିତି ନେଇଛି। ଏହି ବିଜୟ ସହ ଘରୋଇ ଅଷ୍ଟ୍ରେଲିଆ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୪-୧ ବ୍ୟବଧାନରେ ଜିତି ନେଇଛି। ପ୍ରଥମ ଇନିଂସରେ ଇଂଲଣ୍ଡ ୩୮୪ ରନ କରିଥିବା ବେଳେ ଅଷ୍ଟ୍ରେଲିଆ ୫୬୭ ରନ କରିଥିଲା। ୧୮୩ ରନ ପଛରେ ରହିଥିବା ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୪୨ ରନରେ ଅଲଆଉଟ୍ ହୋଇଥିଲା। ଫଳରେ ୧୬୦ ରନର ଟାର୍ଗେଟକୁ ଅଷ୍ଟ୍ରେଲିଆ ୫ ଉଇକେଟରେ ହାସଲ କରି ନେଇଥିଲା। ଅଷ୍ଟ୍ରେଲିଆର ଓପନର ଟ୍ରାଭିସ ହେଡ୍‌ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ମିଚେଲ ଷ୍ଟାର୍କଙ୍କୁ ପ୍ଲେୟର ଅଫ୍ ଦି ସିରିଜ୍ ବିବେଚିତ କରାଯାଇଛି। ଏହି ମ୍ୟାଚ୍ ଜରିଆରେ ଅଷ୍ଟ୍ରେଲିଆର ଉସ୍ମାନ ଖ୍ୱାଜା ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କରିଛନ୍ତି।

ଇଂଲଣ୍ଡ ତା'ର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୩୦୨/୮ରୁ ବ୍ୟାଟିଂ ଆରମ୍ଭ କରି ଅନ୍ତିମ ୨ ଉଇକେଟରେ ୪୦ ରନ ଯୋଡ଼ି ପାରିଥିଲା। ପୂର୍ବ ଦିନ ଅପରାଜିତ ଥିବା ଜେକବ ବେଥେଲ ୧୫୪ ରନ କରି ଆଉଟ୍ ହୋଇଥିବା ବେଳେ ମାଥ୍ୟୁ ପଟ୍ସ ୧୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ଓ ବ୍ୟୁ ୱେବଷ୍ଟର ୩ ଲେଖାଏଁ ଏବଂ ସ୍କଟ ବୋଲାଣ୍ଡ ୨ ଉଇକେଟ ନେଇଥିଲେ। ୧୬୦ ରନର ଟାର୍ଗେଟ ନେଇ ଓହ୍ଲାଇଥିବା ଅଷ୍ଟ୍ରେଲିଆକୁ ଟ୍ରାଭିସ ହେଡ୍ (୨୯) ଓ ଜେକ ୱେଥରାଲ୍ଡ(୩୪)ଙ୍କ ଓପନିଂ ଯୋଡ଼ି ୬୨ ରନର ଦୃଢ଼ ମୂଳଦୁଆ ପ୍ରଦାନ କରିଥିଲେ। ଦୁଇ ସେଟ୍ ବ୍ୟାଟର କ୍ରମାଗତ ବ୍ୟବଧାନରେ ଆଉଟ୍ ହୋଇଥିଲେ। ଏହାପରେ ଦଳ କ୍ରମାଗତ ବ୍ୟବଧାନରେ ମାର୍ନସ ଲାବୁସେନ (୩୭), ଅଧିନାୟକ ଷ୍ଟିଭ ସ୍ମିଥ (୧୨) ଓ ଖ୍ୱାଜା (୬)ଙ୍କ ଉଇକେଟ ହରାଇଥିଲା। କ୍ୟାରିୟରର ଅନ୍ତିମ ମ୍ୟାଚ୍ ଖେଳୁଥିବା ଖ୍ୱାଜା ବ୍ୟାଟିଂ କରିବାକୁ ଆସିବା ବେଳେ ତାଙ୍କୁ ଫିଲ୍ଡିଂ କରୁଥିବା ଇଂଲଣ୍ଡ ଦଳ ଗାର୍ଡ ଅଫ୍ ଅନର ପ୍ରଦାନ କରିଥିଲା। ସେ ଆଉଟ୍ ହେବା ପରେ ଆଣ୍ଠେଇ ଫିଲ୍ଡକୁ କିସ କରି କ୍ରିକେଟକୁ ବିଦାୟ ଜଣାଇଥିଲେ। ଅନ୍ତିମ ଇନିଂସରେ ସେ ୬ ରନ କରି ପାଭିଲିଅନ ଫେରିଥିଲେ। ଏହାପରେ ଆଲେକ୍ସ କାରେ ୧୬ ଓ କାମେରନ ଗ୍ରୀନ ୨୨ ରନ କରି ଦଳକୁ ଜିତାଇଥିଲେ। ଇଂଲଣ୍ଡ ପକ୍ଷରୁ ଜୋଶ ଟଙ୍ଗ ୩ ଓ ୱିଲ ଜ୍ୟାକ୍ସ ଗୋଟିଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୮୪/ଅଲଆଉଟ୍। ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୬୭/ଅଲଆଉଟ୍। ଇଂଲଣ୍ଡ ଦ୍ୱିତୀୟ ଇନିଂସ: ୩୪୨/ଅଲଆଉଟ୍(ଜେକବ ବେଥେଲ-୧୫୪, ମାଥ୍ୟୁ ପଟ୍ସ-୧୮*, ବ୍ୟୁ ୱେବଷ୍ଟର-୩/୬୪, ମିଚେଲ ଷ୍ଟାର୍କ-୩/୭୨)। ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୧୬୧/୫(ମାର୍ନସ ଲାବୁସେନ-୩୭, ଜେକ ୱେଥରାଲ୍ଡ-୩୪, ଜୋଶ ଟଙ୍ଗ-୩/୪୨)।


ଆଶେସ ଟ୍ରଫି ସହ ସିରିଜ୍ ବିଜୟୀ ଅଷ୍ଟ୍ରେଲିଆ ଦଳ।

# ଆନ୍ତଃ ସ୍କୁଲ କ୍ରିକେଟ୍: କ୍ୱାର୍ଟରରେ ସାଇ ଇଣ୍ଟରନ୍ୟାଶନାଲ, ଭେଙ୍କଟେଶ୍ୱର

**ଭୁବନେଶ୍ୱର,୮।୧(ଅନାଦି କର)**

ଚଳିତ ଭୁବନେଶ୍ୱର ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ ୟୁନିଲାଇଟ୍ କପ୍‌ରେ ଗୁରୁବାର ଖେଳାଯାଇଥିବା ଦୁଇଟି ପ୍ରି-କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ସାଇ ଇଣ୍ଟରନ୍ୟାଶନାଲ ଓ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି।

ଦିନର ପ୍ରଥମ କ୍ୱାର୍ଟର ଫାଇନାଲରେ ଚନ୍ଦ୍ରଶେଖରପୁରର ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ୬ ଉଇକେଟରେ ଲୋୟଲା ଓଡ଼ିଶା ସ୍କୁଲକୁ ହରାଇଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଲୋୟଲା ସ୍କୁଲ ୧୮.୨ ଓଭରରେ ୧୧୫ ରନରେ ଅଲଆଉଟ୍ ହୋଇଥିଲା। ଲୋୟଲା ପାଇଁ ମୋହିତ ମେହେର ୪୦ ରନ କରିଥିବା ବେଳେ ଭେଙ୍କଟେଶ୍ୱର ସ୍କୁଲ ପାଇଁ ଅସିମ ଏ ରାଉତ ୫ ଉଇକେଟ ନେଇଥିଲେ। ଜବାବରେ ଅମ୍ଲାନ ଅଭିଷେକଙ୍କ ୩୧ ଓ ସୁରଜ ଧଳଙ୍କ ୩୯ ରନ ବଳରେ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୪.୨ ଓଭରରେ ୪ ଉଇକେଟ ହରାଇ ୧୨୧ ରନ କରି ନେଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ୟୁନିଟ୍-୪ସ୍ଥିତ ଭେଙ୍କଟେଶ୍ୱର ଇଂଲିଶ ମିଡିୟମ ସ୍କୁଲ ୧୯.୫ ଓଭରରେ ୬୭ ରନରେ ଅଲଆଉଟ୍ ହୋଇଯାଇଥିଲା। ୬୮ ରନର ଟାର୍ଗେଟକୁ ସାଇ ଇଣ୍ଟରନ୍ୟାନଶନାଲ ୩.୫ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଶ୍ରେୟାଂଶ ବିଧାର ୩୬ ଓ ରୁଦ୍ର ପି ସ୍ୱାଇଁ ୧୯ ରନ କରିଥିଲେ।


ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# ଡାକାର ରାଲିରୁ ଓହରିଲେ ସଞ୍ଜୟ ଟାକ୍‌ଲେ

**ନୂଆଦିଲ୍ଲୀ, ୮।୧ (ପି.ଟି.)**

ଯାନ୍ତ୍ରିକ ତ୍ରୁଟି ଯୋଗୁ ଭାରତୀୟ ରାଲି ଡ୍ରାଇଭର ସଞ୍ଜୟ ଟାକ୍‌ଲେ ସାଉଦି ଆରବରେ ଚାଲିଥିବା ଡାକାର ରାଲିରୁ ପ୍ରାରମ୍ଭରେ ଓହରିଯିବାକୁ ବାଧ୍ୟ ହୋଇଛନ୍ତି। ୫୭ ବର୍ଷୀୟ ଫ୍ରାନ୍ସ ମାକ୍ସିମ ରଡ୍‌ଙ୍କ ସହ ରେସ୍‌ରେ ଭାଗ ନେଇଥିଲେ, ମାତ୍ର ଇଞ୍ଜିନଜନିତ ବିଫଳତା ପାଇଁ ଷ୍ଟେଜ୍-୩ରେ ପରେ ବାଇଭୋକ୍‌ରେ ପହଞ୍ଚିବା ପରେ ଇଞ୍ଜିନ ସମ୍ବନ୍ଧୀୟ ବିଫଳତା ପାଇଁ ଓହରିଯାଇଥିଲେ। ଜାନୁଆରୀ ୩ରୁ ସାଉଦି ଆରବର ୟାନ୍‌ବୁଠାର ରେସ୍ ଆରମ୍ଭ ହୋଇଛି।

# କ୍ୱାର୍ଟରରେ ସିନ୍ଧୁ, ସାତ୍ୱିକ-ଚିରାଗ

**କୁଆଲାଲମ୍ପୁର, ୮।୧ (ପି.ଟି.):** ଷ୍ଟାର ବ୍ୟାଡ୍‌ମିଣ୍ଟନ ଖେଳାଳି ପି.ଭି. ସିନ୍ଧୁ ପ୍ରଭାବୀ ପ୍ରଦର୍ଶନ ସହ ଜାପାନର ଟୋମୋକା ମିୟାଜାକିଙ୍କୁ ପରାସ୍ତ କରି ଏଠାରେ ଚାଲିଥିବା ମାଲେସିଆ ଓପନ ସୁପର ୧୦୦୦ ଟୁର୍ନାମେଣ୍ଟ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ପ୍ରବେଶ କରିଥିବାବେଳେ ପୁରୁଷ ସିଙ୍ଗଲ୍ସରେ ଭାରତର ଅଭିଯାନ ଶେଷ ହୋଇଛି। ଦୀର୍ଘଦିନ ଧରି ଆଘାତଜନିତ ସମସ୍ୟାରେ ରହିବା ପରେ ଫେରିଥିବା ପୂର୍ବତନ ବିଶ୍ୱ ଚାମ୍ପିୟନ ମିୟାଜାକିଙ୍କୁ ୨୧-୮, ୨୧-୧୩ରେ ପରାସ୍ତ କରିବା ଲାଗି ମାତ୍ର ୩୩ ମିନିଟ ସମୟ ନେଇଥିଲେ। ଦୁଇଥର ଅଲିମ୍ପିକ ପଦକ ବିଜେତା ସିନ୍ଧୁ ବର୍ତ୍ତମାନ ୩ଥର ବିଶ୍ୱ ଚାମ୍ପିୟନ ତଥା ଚାଇନାର ଗାଓ ଫାଙ୍ଗ୍ ଜିଙ୍କୁ ୨୧-୧୧, ୪-୧୧, ୨୧-୧୭ରେ ହରାଇ ଦେଇଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ଦ୍ୱିତୀୟ ବ୍ରୋଞ୍ଜ ଜିତିଥିବା ଶୀର୍ଷ ପୁରୁଷ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟି ବିଶ୍ୱର ୧୭ନମ୍ବର ଜୁନେଦ ଆରିଫ ଓ ରୟ କିଙ୍ଗ୍ ୟାପ୍‌ଙ୍କୁ ୨୧-୧୮, ୨୧-୧୨ରେ ପରାସ୍ତ କରି ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲକୁ ଉନ୍ନୀତ ହୋଇଛନ୍ତି। ପୂର୍ବତନ ବିଶ୍ୱର ନମ୍ବର-୧ ଭାରତୀୟ ଯୋଡ଼ି ୨୦୨୫ରେ ହଂକଂ ଓପନ ଓ ଚାଇନା ମାଷ୍ଟର୍ସ ଫାଇନାଲରେ ପ୍ରବେଶ କରିଥିଲେ। ମାଲେସୀୟ ଯୋଡ଼ିଙ୍କ ବିପକ୍ଷରେ ସେମାନଙ୍କ ବିଜୟ ପରାଜୟ ରେକର୍ଡ ୪-୦ରେ ପହଞ୍ଚିଛି।

# ୧୭ଜଣିଆ ଭାରତୀୟ ଦଳର ନେତୃତ୍ୱ ନେବେ ତୁର୍



**ନୂଆଦିଲ୍ଲୀ, ୮।୧ (ପି.ଟି.)**

## ଏସିଆନ୍ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍

ଏସିଆନ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ଚାଇନାର ତିଆନଜିନ୍‌ଠାରେ ଫେବୃଆରୀ ୬ରୁ ୮ ପର୍ଯ୍ୟନ୍ତ ହେବ। ଏଥିପାଇଁ ଭାରତୀୟ ଦଳର ନେତୃତ୍ୱ ନେବେ ଦୁଇଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜେତା ଶଟ୍‌ପୁଟର ତାଜିନ୍ଦରପାଲ୍ ସିଂ ତୁର୍। ଏହି ମହାଦେଶୀୟ ଇଭେଣ୍ଟରେ ଭାଗ ନେବା ଲାଗି ଦଳ ଫେବୃଆରୀ ୩ରେ ଭାରତ ଛାଡ଼ିବ। ତୁର୍‌ଙ୍କ ବ୍ୟତୀତ ଦଳରେ ଉଦୀୟମାନ ଶଟ୍ ପୁଟର ସମନଦୀପ ସିଂଙ୍କୁ ମଧ୍ୟ ସ୍ଥାନ ମିଳିଛି।

**ଭାରତୀୟ ଦଳ: ପୁରୁଷ:** ମଣିକାନ୍ତ ହୋବ୍ଲିଧର (୬୦ମିଟର), ତେଜସ ଶିର୍ଷେ (୬୦ ମିଟର ହର୍ଡଲ୍ସ), ଜେ. ଆଦର୍ଶ ରାମ୍ (ହାଇଜମ୍ପ), ସି.ଭି ଅନୁରାଗ ଓ ଶାହାନାୱାଜ ଖାନ୍ ( ଲଙ୍ଗ ଜମ୍ପ), ପ୍ରବୀଣ ଚିତ୍ରାଭେଲ୍ (ଟ୍ରିପଲ ଜମ୍ପ), , ସମରନଦୀପ ସିଂ ଗିଲ୍ , ତାଜିନ୍ଦର ପାଲ୍ ସିଂ ତୁର୍ (ଶଟପୁଟ), ତେଜସ୍ୱିନୀୟ ଶଙ୍କର (ହେପ୍ଟାଥଲନ)। **ମହିଳା:** ନିତ୍ୟା ଗାନ୍ଧେ, ଅଭିନୟ ରାଜାରଞ୍ଜନ (୬୦ମିଟର), ମୌମିତା ମଣ୍ଡଳ ଓ ପ୍ରଜ୍ଞା ପ୍ରଶାନ୍ତି ସାହୁ (୬୦ମିଟର ହର୍ଡଲ୍ସ), ପୂଜା (ହାଇଜମ୍ପ), ଆନ୍‌ସି ସୋଜାନ ଏବଂ ମୌମିତା ମଣ୍ଡଳ (ଲଙ୍ଗଜମ୍ପ), ଯୋଗିତା (ଶଟ୍‌ପୁଟ୍) ଓ କେ. ଏ ଅନାମିକା (ପେଣ୍ଟାଥଲନ)।


ରାଞ୍ଚିଠାରେ ଗୁରୁବାର ମହିଳା ହକି ଇଣ୍ଡିଆ ଲିଗ୍‌ର ତୃତୀୟ ସ୍ଥାନ ପାଇଁ ରାଞ୍ଚି ରୟାଲ୍ସ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚର ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ। ଏଥିରେ ରାଞ୍ଚି ରୟାଲ୍ସ ୫-୨ ଗୋଲ୍‌ରେ ବିଜୟ ଲାଭ କରିଥିଲା।

# ଯୌନ ନିର୍ଯାତନା ମାମଲାରେ ଶୁଟିଂ କୋଚ୍ ନିଲମ୍ବିତ

**ନୂଆଦିଲ୍ଲୀ,୮।୧(ପି.ଟି.):** ଭାରତୀୟ ଶୁଟିଂ କୋଚ ଅଙ୍କୁଶ ଭରଦ୍ୱାଜଙ୍କ ବିରୋଧରେ ଜଣେ ନାବାଳିକା ଶୁଟର ଗୁରୁବାର ଯୌନ ନିର୍ଯାତନା ଅଭିଯୋଗ ଆଣିଛନ୍ତି। ଏଥିଯୋଗୁ ଭରଦ୍ୱାଜଙ୍କୁ ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ନିଲମ୍ବିତ କରାଯାଇଛି। ତାଙ୍କ ବିରୋଧରେ ଫରିଦାବାଦରେ ପୋକ୍‌ସୋ ଆଇନର ଧାରା ୬ ଓ ଭାରତୀୟ ନ୍ୟାୟ ସଂହିତାର ୩୫୧(୨) ଦଫାରେ ମାମଲା ରୁଜୁ କରାଯାଇଛି।

ଏନ୍‌ଆର୍‌ଏଆଇ ପକ୍ଷରୁ ଭରଦ୍ୱାଜଙ୍କୁ ନିଲମ୍ବିତ କରାଯାଇଛି। ତାଙ୍କୁ ନୈତିକତା ଆଧାରରେ ନିଲମ୍ବିତ କରାଯାଇଛି ବୋଲି ଏନ୍‌ଆର୍‌ଏଆଇ ସମ୍ପାଦକ ରାଜିବ ଭାଟିଆ କହିଛନ୍ତି।

ଏଫ୍‌ଆଇଆର୍‌ରେ ପୀଡ଼ିତା ଦର୍ଶାଇଛନ୍ତି, କୋଚ୍ ତାଙ୍କୁ ବିଭିନ୍ନ ଭେନ୍ୟୁକୁ ଟ୍ରେନିଂ ଲାଗି ଡାକନ୍ତି। କିନ୍ତୁ ପ୍ରତ୍ୟେକ ଥର ସେ ଟ୍ରେନିଂ ସାରି ସମାନ ଦିନ ଘରକୁ ଫେରି ଆସେ। କିନ୍ତୁ ଘଟଣା ଦିନ କାର୍ଣ୍ଣି ସିଂ ରେଞ୍ଜରୁ ବାହାରିଲା ବେଳେ ଭରଦ୍ୱାଜ ତାଙ୍କୁ ପ୍ରଦର୍ଶନର ବିଶ୍ଲେଷଣ କରିବା ପାଇଁ ରହିବାକୁ କହିଥିଲେ। ଫରିଦାବାଦର ସୁରଜକୁଣ୍ଡ ଅଞ୍ଚଳରେ ଥିବା ଏକ ହୋଟେଲର ଲବିରେ ତାଙ୍କୁ ଭେଟିବାକୁ କହିଥିଲେ। ସେଠାରେ ପହଞ୍ଚିବା ପରେ ତାଙ୍କୁ ଅଧିକ ବିସ୍ତୃତ ଆଲୋଚନା ପାଇଁ ନିଜ ରୁମ୍‌କୁ ଡାକିଥିଲେ। ରୁମ୍‌ରେ କିଛି ସମୟ ଆଲୋଚନା ପରେ ସେ ମୋତେ ବଳପୂର୍ବକ ଯୌନ ନିର୍ଯାତନା ଦେଇଥିଲେ ଏବଂ ସେ ବିରୋଧ କରିବାରୁ କାହାକୁ ଏ ସମ୍ପର୍କରେ କହିଲେ, ମୋ କ୍ୟାରିୟର ଶେଷ କରିବାକୁ ଧମକ ଦେଇଥିଲେ।


# Classified Everyday
0674-2580101, 9692975378


REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500Sqft. ପ୍ଲଟ୍ 6,75,000/ରେ ବିକ୍ରି ହେବ। 9776974912. D-3065

ଭୁବନେଶ୍ୱର ତହସିଲ, ମେଣ୍ଢାଶାଳ ମୌଜାରେ ଏ୨.୦୦୦ ଜମି ବିକ୍ରିହେବ। ଯୋଗାଯୋଗ ନଂ.- 7855868176. D-60988

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


FOR RENT

3500sqft. Godown space available at Rasulgarh, beside Esplanade Mall, Bhubaneswar. 9040019183. D-2777


Healthcare

**Professional body massage & steam-bath. Please contact TRUPTI SPA CENTER, PH.- 9861550765.** D-3012

All types of physiotherapy and massage. Contact: 9556924059/ 7656969134. D-3013

Newly open health benefits, joint pain relax good environment atmosphere. 7653969971. D-3035

## AFFIDAVIT

By virtue of an affidavit dtd.- 08.01. 2026 sworn before Executive Magistrate, Bonth, Bhadrak, I, Saroj Kumar Sahoo, S/o.- Surendra Kumar Sahoo, Vill.- Purusandha, P.O.- B T Pur, P.S.- Agarapada, Dist.- Bhadrak, Odisha, PIN- 756115 declare that I have changed my name from Prafulla Sahoo to Saroj Kumar Sahoo. Henceforth, I shall be known as Saroj Kumar Sahoo for all purposes. D-3061

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Notary, Jharsuguda, Dtd.- 28.12.25, I, Purnima Bhoi, W/o.- Abhin Bhoi, R/o.- Remja, Power House Pada, P.O./ P.S.- Brajrajnagar, Dist.- Jharsuguda (Odisha), PIN- 768216 declare that I have changed my name from Phenda Bhoi to Purnima Bhoi. Henceforth, I shall be known as Purnima Bhoi for all purposes.
Purnima Bhoi. D-3062

By virtue of affidavit No. 20 sworn before the Executive Magistrate, Nabarangpur, Dtd.- 05.01.2026, I, Madanabati Chandal, D/o.- Braja Chandal, Vill.- Mundaguda, P.O.- Bhatigaon, Via- Mirganiguda, Dist.- Nabarangpur, Odisha, PIN- 764058 declare that I have changed my name from "Madana Chandal" to "Madanabati Chandal". Henceforth, I shall be known as "Madanabati Chandal" for all purposes. D-3064

## LEGAL NOTICE

**BEFORE THE HON'BLE JUDGE, FAMILY COURT, BHUBANESWAR.**
**C.P. No.- 867/ 2023**

**Amber Alam ...........Petitioner**
**-Vrs.-**
**Aisurya Sanghamitra Das ...........Respondent**

**NOTICE UNDER ORDER- 5 RULE- 20 OF C.P.C.**

**To**
**Aisurya Sanghamitra Das, aged about 41 years, W/o. Amber Alam, D/o. Sunuil Kumar Das, resident of At/ P.O.- Chakada, Via- Derabis, P.O. & P.S.- Kendrapara. At present residing at Qrs. No.- E/201, Block No.- 34, P.O/P.S.- Nayapalli, Bhubaneswar, Dist.- Khurda.**

**Whereas the above named Petitioner has preferred the proceeding for Divorce U/s. 27(1) (d) of the Special Marriage Act, 1954 against you and despite issuance of summons through the Court and by Regd. Post, you are keeping yourself out of the way to avoid service of summons.**

**You are hereby directed to appear before this Court in person or through a pleader duly instructed to answer the claim on 12.02.26 at 10.30 A.M.**

**Take notice that in default of your appearance the proceeding will be heard and determined in your absence.**

**Given under my hand and the seal of the Court this 16th day of December, 2025.**

**Sd./- Judge, Family Court Bhubaneswar** D-3066

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



**ଆଠମଲ୍ଲିକ,୮।୧(ଉଦୟ ପୁରୋହିତ)**

ଆଠମଲ୍ଲିକ ଏନ୍ଏସି ଅନ୍ତର୍ଗତ ୧୦ ନମ୍ବର ୱାର୍ଡ ଚାରିଘରିଆ ସାହି ନିବାସୀ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନବ କୁମାର ଭୁଞା(୯୩)ଙ୍କ ପରଲୋକ ହୋଇଯାଇଛି। ସେ କିଛି ଦିନ ହେଲା ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ବୋହୂ, ନାତିଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଖବରପାଇ ପୂର୍ବତନ ଚେୟାରମ୍ୟାନ ନିହାର ହୋତା, ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସନ୍ତୋଷ କୁମାର ହୋତା, ଅବସରପ୍ରାପ୍ତ ଶିକ୍ଷକ ଭବାନୀ ଶଙ୍କର ମିଶ୍ର, ବିପିନ ବିହାରୀ ସାହୁ, ହରପ୍ରସାଦ ମିଶ୍ରଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସ ଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେଲା ପରେ ସହରରେ ଶୋକର ଛାୟା ଖେଳି ଯାଇଥିଲା।

# ବାଜି ରାଉତ ଛାତ୍ରାବାସ ଜମି ହଡ଼ପ ପାଇଁ ଚକ୍ରାନ୍ତ

### ଖବରଦାତା ସମ୍ମିଳନୀରେ ଅଭିଯୋଗ କଲେ ମୁଖ୍ୟ ଉପଦେଷ୍ଟା କୃଷ୍ଣା ମହାନ୍ତି

**ଅନୁଗୋଳ, ୮।୧(ମାନସ ବିଶ୍ୱାଳ)**

ଗାନ୍ଧୀ ଓ ସର୍ବୋଦୟ ବିଚାରଧାରାରେ ପରିଚାଳିତ ଅନୁଗୋଳ ସହରସ୍ଥିତ ବାଜି ରାଉତ ଛାତ୍ରାବାସର ସମ୍ପତ୍ତି ହଡ଼ପ ପାଇଁ ଚକ୍ରାନ୍ତ ଚାଲିଛି ବୋଲି ଏହାର ମୁଖ୍ୟ ଉପଦେଷ୍ଟା ତଥା ନବକୃଷ୍ଣ ଚୌଧୁରୀଙ୍କ କନ୍ୟା କୃଷ୍ଣା ମହାନ୍ତି ଅଭିଯୋଗ କରିଛନ୍ତି। ଛାତ୍ରାବାସ ପରିସରରେ ଗୁରୁବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ତାଙ୍କ ସହିତ ଅନ୍ୟ କର୍ମକର୍ତ୍ତା ଅନ୍ତର୍ଯ୍ୟାମୀ ବରାଳ, ଡା. ଇନ୍ଦିରା ଦାଶ, ଧନେଶ୍ୱର ସାହୁ, ଶାନ୍ତିଲତା ପ୍ରଧାନ, କୈଳାଶ ଚନ୍ଦ୍ର ସାହୁ, ସୂର୍ଯ୍ୟ ନାରାୟଣ ନାଥ, ଡାକ୍ତର ବିଶ୍ୱଜିତ, ଆଦ୍ୟଶ୍ଳୋକ ମିଶ୍ର, ରାଜଲକ୍ଷ୍ମୀ ମହାନ୍ତି, ସୁଜାତା ପ୍ରୀତିନନ୍ଦା, ମିହିର ପ୍ରତାପ ଦାସ, ଶଙ୍କର ବେହେରା ଓ କୁମୁଦ ଚନ୍ଦ୍ର ନାୟକ ମଧ୍ୟ



ଖବରଦାତା ସମ୍ମିଳନୀରେ ବାଜି ରାଉତ ଛାତ୍ରାବାସ ମୁଖ୍ୟ ଉପଦେଷ୍ଟାଙ୍କ ସହ ଅନ୍ୟ କର୍ମକର୍ତ୍ତାମାନେ।

ସମାନ ଅଭିଯୋଗ ଆଣିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଦେବୀଙ୍କ ଦ୍ୱାରା ପ୍ରତିଷ୍ଠିତ ସ୍ୱାଧୀନତା ଆନ୍ଦୋଳନର ଏହି ପୀଠକୁ ଧ୍ୱଂସ କରିଦେବା ପାଇଁ ଉଦ୍ୟମ କରାଯାଉଛି ବୋଲି ଅଭିଯୋଗ କରି କର୍ମକର୍ତ୍ତାମାନେ କହିଛନ୍ତି, ଅନୁଗୋଳରେ ଖରିଦ କରିଥିବା ସମସ୍ତ ସମ୍ପତ୍ତିକୁ ମାଳତୀ ଦେବୀ ୧୯୯୬ରେ ଏକ 'ଉଇଲ' ମାଧ୍ୟମରେ ଦାନ କରିଦେଇଥିଲେ। ୨.୨୩ ଏକର ଜମି ବାଜି ରାଉତ ଛାତ୍ରାବାସକୁ ଦେବା ସହ ଅନ୍ୟ ଜମିକୁ କନ୍ୟା କୃଷ୍ଣା ଓ ତାଙ୍କ ପରିବାରର ସୁଶୀଳା ବେହେରା, ପ୍ରିୟମ୍ବଦା ଗିରି, ସୂର୍ଯ୍ୟମଣି ବେହେରା ପ୍ରମୁଖଙ୍କୁ ଦାନ କରିଥିଲେ। ମାଳତୀ ଦେବୀଙ୍କ 'ଉଇଲ'ର ପ୍ରୋବେଟର ଭାବରେ ତାଙ୍କ ଜ୍ୱାଇଁ ବିଭୂତି ଭୂଷଣ ମହାନ୍ତି ଓ ସାକ୍ଷୀ ଭାବେ ଝିଅ କୃଷ୍ଣାଙ୍କ ନାମ ଥାଇ ଏହି ଜମି ଛାତ୍ରାବାସ ସମେତ ସମସ୍ତଙ୍କ ନାମରେ ରେଜିଷ୍ଟ୍ରିଭୁକ୍ତ ହୋଇସାରିଛି। ହେଲେ କୃଷ୍ଣାଙ୍କ ପରିବାରର ୨ ସଦସ୍ୟ କୋର୍ଟରେ ସିଭିଲ ସୁଟ୍ ନଂ. ୪୭୮/୨୦୨୫ ଫାଇଲ କରି ବାଜି ରାଉତ ଛାତ୍ରାବାସ ସମ୍ପତ୍ତିକୁ ନିଜ ନାମରେ କରାଇନେବାକୁ ଉଦ୍ୟମ କରୁଛନ୍ତି। କୃଷ୍ଣା ଛାତ୍ରାବାସ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଉଥିବା କାରଣରୁ ତାଙ୍କୁ ଶାରୀରିକ ଏବଂ ମାନସିକ ଯନ୍ତ୍ରଣା ଦେଉଛନ୍ତି। ମାଡ଼ ମାରି ତାଙ୍କ ହାତ ଆଙ୍ଗୁଠି ଭାଙ୍ଗିଦେଇଛନ୍ତି। ବୁଝାଶୁଝା ପାଇଁ ଯାଇଥିବା ଛାତ୍ରାବାସ ପ୍ରାକ୍ତନ ସଭାପତି ଶୈଳେଶ ରବିଙ୍କୁ ମଧ୍ୟ ମାଡ଼ ମାରିବା ସହ ମିଥ୍ୟା ମାମଲା ଦେଇଛନ୍ତି। ବର୍ତ୍ତମାନର ସଭାପତି ଅନ୍ତର୍ଯ୍ୟାମୀ ବରାଳ ଓ ବରିଷ୍ଠ ସଦସ୍ୟ ଡାକ୍ତର ବିଶ୍ୱଜିତଙ୍କ ବିରୋଧରେ ମଧ୍ୟ ମାମଲା କରିଛନ୍ତି। ଛାତ୍ରାବାସରେ ରହୁଥିବା ଦଳିତ ଓ ଆଦିବାସୀ ସମ୍ପ୍ରଦାୟର ଝିଅମାନଙ୍କୁ ଗାଳି ଓ ମାଡ଼ ଦେଉଛନ୍ତି। ସେହିପରି ଛାତ୍ରାବାସର ଜଣେ କର୍ମଚାରୀ ମଧ୍ୟ ଚଞ୍ଚକତା କରି ଏକ ଦୋକାନ ଘର ପୁଅ ନାମରେ କରିନେଇଛନ୍ତି। ବିରୋଧ କରିବାରୁ ସମ୍ପୃକ୍ତ କର୍ମକର୍ତ୍ତା କୃଷ୍ଣାଙ୍କୁ ଗାଳିଗୁଲଜ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗ ସମ୍ପର୍କରେ କୃଷ୍ଣାଙ୍କ ପରିବାରର ସମ୍ପୃକ୍ତ ସଦସ୍ୟଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ମତାମତ ମିଳିପାରି ନାହିଁ।

# ରାଷ୍ଟ୍ରପତିଙ୍କୁ ସାକ୍ଷାତକଲେ ଅନୁଗୋଳ ବିଧାୟକ



ରାଷ୍ଟ୍ରପତିଙ୍କୁ ସାକ୍ଷାତ କରୁଛନ୍ତି ଅନୁଗୋଳ ବିଧାୟକ ଓ ବିଭିନ୍ନ ସଂଘ କର୍ମକର୍ତ୍ତା।

**ଅନୁଗୋଳ, ୮।୧ (ମାନସ ବିଶ୍ୱାଳ)**

ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଗୁରୁବାର ସାକ୍ଷାତ କରିଛନ୍ତି ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ମାର୍ଗଦର୍ଶନରେ ବିଧାୟକ ପ୍ରଧାନ ରାଷ୍ଟ୍ରପତିଙ୍କୁ ସାକ୍ଷାତ କରିବା ସହ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟର ୧୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ହେବାକୁ ଥିବା ଶତବାର୍ଷିକୀ ସମାରୋହରେ ଯୋଗଦେବାକୁ ଅନୁରୋଧ କରିଥିଲେ। ଏଥିସହିତ ଅନୁଗୋଳ ବିଧାନସଭା ନିର୍ବାଚନମଣ୍ଡଳୀ ଓ ଜିଲାର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସାକ୍ଷାତ ସମୟରେ ବିଧାୟକଙ୍କ ସହିତ ନାଲ୍‌କୋ ଟ୍ରକ୍ ମାଲିକ ସଂଘ ତଥା ନାଲ୍‌କୋ କଣ୍ଟ୍ରାକ୍ଟର ସଂଘ ସଭାପତି ମନୋରଞ୍ଜନ ଜେନା, ଭାଜପା ନେତା ତଥା ସାମାଜିକ କର୍ମୀ ଦୁଃଖବନ୍ଧୁ ସାହୁ, ଅନୁଗୋଳ ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ଅଧ୍ୟକ୍ଷ ଅଶୋକ ଜୈନ, ସଭାପତି ଦୀପକ କୁମାର ବର୍ମା, ଉପସଭାପତି ବିକ୍ରମ ଅଗ୍ରୱାଲ, ଜିଲା ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନ ମୁଖ୍ୟ ସଂଯୋଜକ ତଥା ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ଚନ୍ଦ୍ରକାନ୍ତ ଧଳ ଉପସ୍ଥିତ ରହି ଅନୁଗୋଳ ଜିଲାରେ ବାଣିଜ୍ୟ ଓ ଶିଳ୍ପ ପ୍ରତିଷ୍ଠାନର ଅଗ୍ରଗତି ନେଇ ଆଲୋଚନା କରିଥିଲେ।

# ସ୍କେଟିଂରେ ଭାରତ ଭ୍ରମଣକାରୀଙ୍କୁ ସମ୍ବର୍ଦ୍ଧନା



ଭାରତ ଭ୍ରମଣକାରୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି।

**ଖମାର,୮।୧(ରଜନୀକାନ୍ତ ମହାରଣା)**

ସ୍କେଟିଂ କରି ଭାରତ ଭ୍ରମଣରେ ବିହାରରୁ ବାହାରି ପୁରୀ ହୋଇ ଉତ୍ତରପ୍ରଦେଶ ଅଭିମୁଖେ ଯାଉଥିବା ଅମିତ ସୋନି ଓ ତାଙ୍କ ସାଥୀଙ୍କୁ ଅନୁଗୋଳ ଜିଲା ପାଲଲହଡ଼ାର ଖମାର ଠାରେ ବିଧାୟକ ଅଶୋକ ମହାନ୍ତି ଓ ସ୍ଥାନୀୟ ଲୋକେ ସମ୍ବର୍ଦ୍ଧନା ଦେଇଛନ୍ତି। ସୂଚନା ମୁତାବକ ଅମିତ ଓ ସାଥୀମାନେ ସ୍କେଟିଂରେ ପୂରା ଭାରତ ଭ୍ରମଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଏଥିସହ ମା'ଙ୍କ ୫୨ ଶକ୍ତି ପୀଠ ବୁଲିବା ପାଇଁ ଯୋଜନା ରଖିଛନ୍ତି। ବିହାରରୁ ଯାତ୍ରା ଆରମ୍ଭ କରି ଗୟାରୁ ପଶ୍ଚିମବଙ୍ଗ ଦେଇ ପୁରୀ ଅଭିମୁଖେ ଆସି ଝାଡ଼ଖଣ୍ଡ ଦେଇ ଅଯୋଧ୍ୟା ଯିବା ସହିତ ବୈଷ୍ଣୋଦେବୀଙ୍କ ପୀଠରେ ଯାତ୍ରା ସାରିବା ପାଇଁ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି।

# ଢେଙ୍କାନାଳ ଏମ୍‌ପିଙ୍କୁ ଭେଟିଲେ ଟିଏଫ୍ଏଲ୍ ଏମ୍‌ଡି

**ତାଳଚେର, ୮।୧ (ମନୋଜ ନନ୍ଦ)**

ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ଲୋକ ସଭାର ଗତ ଅଧିବେଶନରେ ତାଳଚେର ଫର୍ଟିଲାଇଜର ଲିମିଟେଡ୍ (ଟିଏଫ୍ଏଲ୍) ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ଉତ୍ଥାପନ କରିଥିଲେ। କେନ୍ଦ୍ର ସାର ଓ ରସାୟନ ମନ୍ତ୍ରୀ ଜେ.ପି. ନଡ୍ଡା ମଧ୍ୟ ଏମ୍‌ପି ପାଣିଙ୍କ ପ୍ରଶ୍ନର ଉତ୍ତର ଲିଖିତ ଭାବେ ଜଣାଇଥିଲେ। ଟିଏଫ୍ଏଲ୍ ଉପରେ ଢେଙ୍କାନାଳ ଏମ୍‌ପି ଏପରି ଗୁରୁତ୍ୱ ଦେଉଥିବାରୁ ଗୁରୁବାର ଟିଏଫ୍ଏଲ୍ ଏମ୍‌ଡି ବିବେକ ଶ୍ରୀବାସ୍ତବଙ୍କ ସମେତ ସମସ୍ତ ପଦାଧିକାରୀ ଏମ୍‌ପି ପାଣିଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ସହ କାରଖାନା ନିର୍ମାଣ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଟିଏଫ୍ଏଲ୍ ୨୦୨୭ରେ କାର୍ଯ୍ୟକ୍ଷମ ହେବ ଏବଂ ଏଥିରେ ଏଫ୍‌ସିଆଇର



ଢେଙ୍କାନାଳ ଏମ୍‌ପିଙ୍କୁ ସାକ୍ଷାତ କରୁଛନ୍ତି ଟିଏଫ୍ଏଲ୍ ଅଧିକାରୀ।

ପୂର୍ବ କର୍ମଚାରୀମାନଙ୍କ ଉତ୍ତରାଧିକାରୀ, କ୍ଷତିଗ୍ରସ୍ତ ପ୍ରଜା ଓ ସ୍ଥାନୀୟ ବେକାର ଯୁବତୀ ଯୁବକଙ୍କୁ ଅଗ୍ରାଧିକାର ଭିତିରେ ନିଯୁକ୍ତି ଦେବା ଉପରେ ଆଲୋଚନା ହୋଇଥିଲା। ଏହି ସାକ୍ଷାତ ସମୟରେ ଏମ୍‌ପିଙ୍କ ସହ ଜିଲା ଭାଜପାର ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ଜୋନାଲ ମିଡିଆସେଲ୍ ସଂଯୋଜକ ପର୍ଶୁରାମ ବାରିକ, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜଗଦୀଶ ମିଶ୍ର, ମଣ୍ଡଳ ସଭାପତି ରାଜେଶ ଦଳେଇ, ଟିଏଫ୍ଏଲ୍ ଏମ୍‌ଡି ବିବେକ ଶ୍ରୀବାସ୍ତବ, ଏଚଓଡି ଏଚ୍. ଆର୍. ଅନନ୍ତ ଆଚାର୍ଯ୍ୟ, ଚିଫ୍ ମ୍ୟାନେଜର ସୁମନ୍ତ ପ୍ରଧାନଙ୍କ ସମେତ ବହୁ ଅଧିକାରୀ ଓ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# ଏକତା ସମାବେଶ ଓ କ୍ରୀଡ଼ା ପ୍ରତିଯୋଗିତା

**ଅନୁଗୋଳ,୮।୧(ଦିବ୍ୟଶାନ୍ତନୁ ନାଥ)**

ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ଅନୁଗୋଳ ଇନ୍‌ଡୋର ଷ୍ଟାଡିୟମଠାରେ ୨ ଦିନିଆ ଏକତା ସମାବେଶ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ମୁଖ୍ୟ ଅତିଥି ଭାବେ ଅନୁଗୋଳ ମହାବିଦ୍ୟାଳୟ ପ୍ରଫେସର ସୁଶାନ୍ତ କୁମାର ପ୍ରଧାନ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାକେଶ ରଞ୍ଜନ ବେହେରା ଯୋଗଦେଇ କ୍ରୀଡାବିତ୍‌ଙ୍କୁ ବିଭିନ୍ନ କ୍ଷେତ୍ରରେ ସାମିଲ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଏକ କବାଡି ପ୍ରତିଯୋଗିତା ଆୟୋଜନ କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ମେରା ଯୁବା ଭାରତର ସହ ସଂଯୋଜକ ତପନ କୁମାର ସାମଲ, ଉତ୍କର୍ଷ ପରିବାରର ଭୀଷ୍ମ ସାହୁ, ଅନୁଗୋଳ ଲାଇଟ ହାଉସର ସହକର୍ମୀ ହୋମଦ୍ୟୁତି ବେହେରାଙ୍କ ସମେତ କ୍ରୀଡାବିତ୍‌ମାନେ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସେଠ ଧନ୍ୟବାଦ ଅର୍ପଣ କରିଥିଲେ।

# କଦଳୀବାଡ଼ି ନଷ୍ଟକଲା ହାତୀ, ଚିନ୍ତାରେ ଚାଷୀ

**ବଇଣ୍ଡା,୮।୧(ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ କନ୍ଧପଡା ଅଞ୍ଚଳରେ ବୁଧବାର ହାତୀ ଉପଦ୍ରବ ଚାଷୀଙ୍କ ଚିନ୍ତାର କାରଣ ହୋଇଛି। ବନ ବିଭାଗ ପକ୍ଷରୁ ହାତୀ ଘଉଡ଼ଯାଉ ନ ଥିବାରୁ ହାତୀମାନେ ଗ୍ରାମାଭିମୁଖୀ ହୋଇ ବ୍ୟାପକ ଫସଲ ନଷ୍ଟ କରିଛନ୍ତି। ନିକଟସ୍ଥ ଜଙ୍ଗଲରୁ ୫/୬ଟି ହାତୀ ଗ୍ରାମକୁ ଆସି ସୁନନ୍ଦ ମହାକୁଡଙ୍କ କଦଳୀ ବଗିଚାରେ ପଶି ୪୦ଟି ଗଛ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ସେହିପରି ଗ୍ରାମର ଅନ୍ୟମାନଙ୍କ ଫସଲ ନଷ୍ଟ କରିଛନ୍ତି। ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।

# ପ୍ରାଣୀ ଚିକିତ୍ସା ପାଇଁ ଆମ୍ବୁଲାନ୍ସ ପ୍ରଦାନ

**ଛେଣ୍ଡିପଦା,୮।୧(ଅଜିତ୍ ଧଳ)**

ଛେଣ୍ଡିପଦା ସ୍ଥିତ ସିଙ୍ଗାରାଣୀ କୋଲିୟରୀ କମ୍ପାନୀ ଲିମିଟେଡ୍ ପକ୍ଷରୁ ଅନୁଗୋଳ ବନଖଣ୍ଡକୁ ପ୍ରାଣୀ ଚିକିତ୍ସା ପାଇଁ ନୂତନ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି। ଏହି ଆମ୍ବୁଲାନ୍ସକୁ କମ୍ପାନୀ ଜିଏମ୍ ଦେବଦୁଲାଲ ବୈଦ୍ୟ ଗୁରୁବାର ଡିଏଫ୍ଓ ନୀତୀଶ କୁମାରଙ୍କୁ ପ୍ରଦାନ କରିଛନ୍ତି। ଏହା ଆହତ କିମ୍ବା ବିପଦରେ ଥିବା ବନ୍ୟପ୍ରାଣୀଙ୍କ ଜରୁରୀକାଳୀନ ଚିକିତ୍ସା, ଉଦ୍ଧାର ଏବଂ ସୁରକ୍ଷିତ ପରିବହନରେ ଲାଗିବ। ଏଥିରେ ପ୍ରାଣୀ ଚିକିତ୍ସା ପାଇଁ ଆବଶ୍ୟକ ଉପକରଣ, ପ୍ରାଥମିକ ଚିକିତ୍ସା ସୁବିଧା ଏବଂ ପ୍ରାଣୀଙ୍କୁ ସୁରକ୍ଷିତ ଭାବେ ନେବା ଆଣିବା କରିବାର ବ୍ୟବସ୍ଥା ରହିଛି ବୋଲି ଜିଏମ୍ ଦେବଦୁଲାଲ ପ୍ରକାଶ କରିଛନ୍ତି। ଆହତ ପଶୁଙ୍କ ଚିକିତ୍ସା ଏବଂ ସ୍ଥାନାନ୍ତର ସମୟରେ ମୃତ୍ୟୁହାର ହ୍ରାସ କରିବାରେ ବନ ବିଭାଗର ଦକ୍ଷତାକୁ ଏହା ଯଥେଷ୍ଟ ବୃଦ୍ଧି କରିବ ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ ନୀତୀଶ କୁମାର ପ୍ରକାଶ କରିଛନ୍ତି।



କମ୍ପାନୀ ଅଧିକାରୀମାନେ ଚାବି ହସ୍ତାନ୍ତର କରୁଛନ୍ତି।

# ଜାତୀୟ ମୂକ ବଧିର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଅନୁଗୋଳ,୮।୧(ଦିବ୍ୟଶାନ୍ତନୁ ନାଥ)**

ଓଡ଼ିଶା–ଆନ୍ଧ୍ରପ୍ରଦେଶ–ଉତ୍ତରପ୍ରଦେଶ ତିନୋଟି ଦଳକୁ ନେଇ ଗୁରୁବାର ଆରମ୍ଭ ହୋଇଛି ଜାତୀୟ ମୂକ ବଧିର ତ୍ରାଏ ସିରିଜ କ୍ରିକେଟ ଟୁର୍ନାମେଣ୍ଟ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜୀବ ଲୋଚନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଠ ଓ ଜିନ୍ଦଲ ସାମାଜିକ ଦାୟିତ୍ୱବୋଧ ବିଭାଗ ମୁଖ୍ୟ ପ୍ରବନ୍ଧକ ଜୟନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଖେଳାଯାଇଥିଲା। ଏଥିରେ ଓଡ଼ିଶା ଦଳ ବିଜୟୀ ହୋଇଥିଲା। ଓସିଏ ପ୍ୟାନେଲ



ଜାତୀୟ ମୂକ ବଧିର ତ୍ରାଏ ସିରିଜ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିମାନେ।

ଅମ୍ପାୟାର ଜୟକୃଷ୍ଣ ରାଉତ, ଅଭିଷେକ ସାହୁ ମ୍ୟାଚ ପରିଚାଳନା କରିଥିଲେ। ଏହି ତ୍ରାଏ ସିରିଜ ୧୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଅନୁଗୋଳ ବଧିର କ୍ରିକେଟ ସଂଘ ସଭାପତି ପର୍ଶୁରାମ ଦାଶ, ଓଡ଼ିଶା ବଧିର କ୍ରିକେଟ ଆସୋସିଏଶନ ସମ୍ପାଦକ ସାଗରକାନ୍ତ ସେନାପତି, ଉପସଭାପତି ଦ୍ୱିତୀକୃଷ୍ଣ ମିଶ୍ର, ଆସ୍ଥା ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ପ୍ରିନ୍ସପାଲ ଶର୍ମିଳା ଶୁଭ୍ରମନ୍ୟମ ପ୍ରମୁଖ ପରିଚାଳନା କରିଥିଲେ।

# ବାଲ୍ୟବିବାହକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ

**ବଇଣ୍ଡା,୮।୧(ପରିକ୍ଷିତ ସାହୁ)**

ଆଠମଲ୍ଲିକ ତାଲୁକ ଆଇନସେବା କମିଟି ପକ୍ଷରୁ ଆଠମଲ୍ଲିକ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ବାଲ୍ୟ ବିବାହକୁ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ତାଲୁକ ଆଇନ ସେବା କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଓ ଦୌରାଜଜ୍ ରଞ୍ଜନ କୁମାର ସୂତାର, ସମ୍ମାନିତ ଅତିଥି ଭାବେ ଏସ୍‌ଡିଜେଏମ୍ ସିଙ୍କୁନ ରାୟ, ଓକିଲ ସଂଘ ସଭାପତି, ଉପସଭାପତି, ଆଇନଜୀବୀ, କ୍ରିମିନାଲ ବାର୍ ସଭାପତି, ଉପସଭାପତି ଯୋଗ ଦେଇଥିଲେ। ବାଲ୍ୟ ବିବାହ ଆଇନ ଅନୁଯାଇ ଧର୍ତ୍ତବ୍ୟ ଅପରାଧ। ଏହାକୁ ପ୍ରୋତ୍ସାହନ ଦେବା ଉଚିତ ନୁହେଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଧାନ ଶିକ୍ଷକ ଚିଦାନନ୍ଦ ସେଠି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ତାଲୁକ ଆଇନ ସେବା କମିଟି ସମ୍ପାଦକ ଅମିତ କୁମାର ନାୟକ, ସହଯୋଗୀ ସିଦ୍ଧାର୍ଥ ମହାନ୍ତି ଓ ଗୋବିନ୍ଦ ମାର୍ଣ୍ଡି ଉପସ୍ଥିତ ଥିଲେ।





# ଲର୍ନିଂ ମଡେଲ ଲାବ୍ ଉଦ୍‌ଘାଟନ କଲେ ନବୀନ ଜିନ୍ଦଲ



ଅତ୍ୟାଧୁନିକ ଲର୍ନିଂ ମଡେଲ ଲାବ୍ ଉଦ୍‌ଘାଟନ ଅବସରରେ ଜିନ୍ଦଲ ଷ୍ଟିଲ ଅଧ୍ୟକ୍ଷ ନବୀନ ଜିନ୍ଦଲଙ୍କ ସହ ଅନ୍ୟ ଅଧିକାରୀମାନେ।

**ଅନୁଗୋଳ,୮।୧(ମାନସ ବିଶ୍ୱାଳ)**

କୌଶଳ ବିକାଶକୁ ସୁଦୃଢ଼ କରିବା ଏବଂ ଭବିଷ୍ୟତ ପାଇଁ ମାନବଶକ୍ତିକୁ ପ୍ରୋତ୍ସାହିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗୁରୁବାର ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ସ୍କିଲ ସେଣ୍ଟରରେ ଅତ୍ୟାଧୁନିକ ଲର୍ନିଂ ମଡେଲ ଲାବ ଉଦ୍‌ଘାଟିତ ହୋଇଛି। ଜିନ୍ଦଲ ଷ୍ଟିଲ ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ଏମ୍‌ପି ନବୀନ ଜିନ୍ଦଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦକ୍ଷତା ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରି ସେ କହିଥିଲେ, କୁଶଳୀ କାର୍ଯ୍ୟ କେବଳ ଦକ୍ଷତା ବୃଦ୍ଧି କରେ ନାହିଁ ବରଂ କାର୍ଯ୍ୟକୁ ସରଳ, ନିରାପଦ ଏବଂ ଅଧିକ ପ୍ରଭାବଶାଳୀ କରିଥାଏ। ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ ଲେଖିଛନ୍ତି, ଯେତେବେଳେ ଆମେ ଲୋକଙ୍କ ଉପରେ ନିବେଶ କରୁ, ଆମେ ସ୍ଥାୟୀ ପ୍ରଗତିରେ ନିବେଶ କରୁ। ସଶକ୍ତ ଦକ୍ଷତା– ଆତ୍ମବିଶ୍ୱାସୀ ବୃତ୍ତିଧାରୀ, ଶକ୍ତିଶାଳୀ ଶିଳ୍ପ ଏବଂ ଏକ ଶକ୍ତିଶାଳୀ ରାଷ୍ଟ୍ର ସୃଷ୍ଟି କରେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ମାଲହୋତ୍ରା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇନଚାର୍ଜ ଅନୁଗୋଳ ପଙ୍କଜ ମାଲହାନ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଦାମୋଦର ମିତ୍ତଲ, ସମସ୍ତ ବିଭାଗ ମୁଖ୍ୟ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ଅଧ୍ୟକ୍ଷ ଶ୍ରମିକ ବିହାର ପରିଦର୍ଶନ କରିବା ସହ 'ସଂକଳ୍ପ' ନାମକ ଏକ ଖୋଲା ଜିମ୍ ଏବଂ ବ୍ୟବସାୟିକ ଅଂଶୀଦାରଙ୍କ କଲ୍ୟାଣ ଓ ମଙ୍ଗଳ ପାଇଁ ବିକଶିତ ମାର୍କେଟ କମ୍ପ୍ଲେକ୍ସ 'ସମୃଦ୍ଧି'ର ଉଦ୍‌ଘାଟନ କରିଥିଲେ।

# ୨ ଦୁର୍ଘଟଣା, ୨ ଆହତ

**ସନ୍ତ୍ରୀଛକ,୮।୧(ସନ୍ତୋଷ ପରିଡ଼ା)**

ଅନୁଗୋଳ–ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ନୂଆହତା ପଞ୍ଚାୟତ କାର୍ଯ୍ୟାଳୟ ପାଖରେ ଥିବା ବାଇପାସ ରାସ୍ତାରେ ଗୁରୁବାର ସକାଳେ ଏକ ୧୬ ଚକିଆ ଟ୍ରକ୍ ଅଚଳହୋଇ ଛିଡ଼ା ହୋଇଥିବାବେଳେ କଟକ ଆଡୁ ଅନୁଗୋଳ ଅଭିମୁଖେ ଯାଉଥିବା ମିନି ଟ୍ରକ୍ ତାକୁ ଧକ୍କା ଦେଇଥିଲା। ଏଥିରେ ମିନିଟ୍ରକ୍ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ସେହିପରି ନୂଆହତା ଛକ ପାଖରେ ଅପରାହ୍ନ ୧ଟାରେ ଏକ କାର୍ ଅନୁଗୋଳ ଆଡୁ କଟକ ଅଭିମୁଖେ ୫୫ନ ଜାତୀୟ ରାଜପଥରେ ଯାଉଥିବା ବେଳେ ବାଇକ୍ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଜୋର୍‌ରେ ବ୍ରେକ୍ ମାରିବାରୁ ରାସ୍ତା ଉପରେ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ କିଛି ହୋଇ ନ ଥିବାବେଳେ କାର୍ ଚାଳକ ସାମାନ୍ୟ ଆହତ ହୋଇଛନ୍ତି। ବଅଁରପାଳ ପୋଲିସ ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରି ତଦନ୍ତ ଚଳାଇଛି।



ରାସ୍ତା ଉପରେ ଦୁର୍ଘଟଣାଗ୍ରସ୍ତ ଗାଡ଼ି।

# ଜସ୍ମିନ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ଦାବି





ବନ୍ତଲା ନାରୀ ନିର୍ଯାତନା ବିରୋଧୀ ଗଣ କମିଟି ପକ୍ଷରୁ ଶୋଭାଯାତ୍ରା।

**ବନ୍ତଲା,୮।୧(ସୁଶିତ ସାହୁ)**

ନାବାଳିକା ଜସ୍ମିନ ସେଠୀ ହତ୍ୟାକାଣ୍ଡର ପର୍ଦ୍ଦାଫାଶ ସହ ଅନ୍ୟାନ୍ୟ ଦାବିରେ ଅନୁଗୋଳ ଜିଲା ବନ୍ତଲା ନାରୀ ନିର୍ଯାତନା ବିରୋଧୀ ଗଣ କମିଟି ପକ୍ଷରୁ ଶଙ୍ଖପୁର ମଦନ ମୋହନଜୀଉ ଟ୍ରଷ୍ଟ ପଡ଼ିଆଠାରେ ଗୁରୁବାର ଏକ ନାଗରିକ କନଭେନ୍ସନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବନ୍ତଲା ଶାଖା ସଭାନେତ୍ରୀ ମନ୍ଦୋଦରୀ ରାଉଳଙ୍କ ନେତୃତ୍ୱରେ ଶ୍ୟାମସୁନ୍ଦରପୁର, କୁମୁରିସିଂହା, କାବୁଲିପାଳ, ପାତେଳି, ଶଙ୍ଖପୁର, ପୋକତୁଙ୍ଗା ଆଦି ୧୫ଟି ଗାଁର ଶତାଧିକ ମହିଳା ଯୋଗଦେଇଥିଲେ। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ ସଭାପତି ସ୍ୱୟଂପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକ, ଡିୱାଇଓ ସମ୍ପାଦିକା ଜ୍ୟୋତ୍ସ୍ନା ସାମଲ ପ୍ରମୁଖ ଯୋଗଦେଇ ନାବାଳିକା ଜସ୍ମିନଙ୍କ ହତ୍ୟାର ଆସାମୀଙ୍କୁ କଠୋର ଶାସ୍ତି, ଛାତ୍ରୀ ଓ ମହିଳାଙ୍କୁ ସୁରକ୍ଷା ଦାବି କରିଥିଲେ। ଏଥିସହ ମାଦକଦ୍ରବ୍ୟ ଓ ଅଶ୍ଳୀଳତା ସମ୍ପୂର୍ଣ୍ଣ ନିଷିଦ୍ଧ କରିବା ଏବଂ ହାତୀ ଉପଦ୍ରବ ବନ୍ଦକରି ଧନଜୀବନ ସୁରକ୍ଷା ପାଇଁ ଦାବି କରିଥିଲେ। କାର୍ଯ୍ୟକ୍ରମ ପାଇଁ ପୂର୍ବରୁ ଅନୁମତି ମିଳିଥିଲେ ମଧ୍ୟ ପୂର୍ବଦିନ ରାତିରେ ତାହାକୁ ରଦ୍ଦ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କ୍ଷୋଭ ପ୍ରକାଶ କରିବା ସହ ପୋଲିସ ପ୍ରଶାସନର ଏଭଳି କାର୍ଯ୍ୟକୁ ଦୃଢ଼ ନିନ୍ଦା କରିଥିଲେ। ପରେ ଏକ ଶୋଭାଯାତ୍ରା ଶଙ୍ଖପୁର ପଡ଼ିଆଠାରୁ ବାହାରି ବଜାର ପରିକ୍ରମା କରି ମଦନମୋହନ ଛକଠାରେ ପହଞ୍ଚିଥିଲା।

ଧରିତ୍ରୀ 52 Years
# ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୯/୨୦୨୬ Bhubaneswar, Friday, January 9/ 2026




# ୩ୟ ଟାଇଟଲ ଲକ୍ଷ୍ୟରେ ମୁମ୍ବାଇ



ଡବ୍ଲ୍ୟୁପିଏଲ୍ ଆରମ୍ଭ ପୂର୍ବରୁ ଖବରଦାତା ସମ୍ମିଳନୀରେ ସ୍ମୃତି ମନ୍ଧାନା ଓ ହରମନପ୍ରୀତ୍ କୌର।

ନଭି ମୁମ୍ବାଇ,୮।୧(ପି.ଟି.)

ସ୍ଥାନୀୟ ଡିୱାଇ ପାଟିଲ ଷ୍ଟାଡିୟମରେ ଶୁକ୍ରବାରଠାରୁ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ)ର ଚତୁର୍ଥ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଲିଗ୍ର ଉଦ୍ଘାଟନୀ ମ୍ୟାଚ୍ରେ ତୃତୀୟ ଟାଇଟଲ ଲକ୍ଷ୍ୟରେ ଥିବା ହରମନପ୍ରୀତ କୌରଙ୍କ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍ଆଇ) ଓ ୨୦୨୪ ସଂସ୍କରଣର ଚାମ୍ପିୟନ ସ୍ମୃତି

**ଆଜିଠୁ ଡବ୍ଲ୍ୟୁପିଏଲ୍**

ମନ୍ଧାନାଙ୍କ ନେତୃତ୍ୱାଧୀନ ରୟାଲ ଚାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍ସିବି) ପରସ୍ପରକୁ ଭେଟିବେ। ଡବ୍ଲ୍ୟୁପିଏଲ୍ର ଏହି ସଂସ୍କରଣ ଦୁଇ ପର୍ଯ୍ୟାୟରେ ଯଥାକ୍ରମେ ନଭି ମୁମ୍ବାଇ ଓ ଭଦୋଦରାରେ ହେବ। ଏହି ଲିଗ୍ ଜରିଆରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଖେଳାଳିମାନେ ଆସନ୍ତା ଜୁନ ଓ ଜୁଲାଇରେ ଇଂଲଣ୍ଡରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି କରିବେ।

ମୁମ୍ବାଇ ଦଳରେ ହରମନଙ୍କ ସହ ଇଂଲଣ୍ଡର ଅଧିନାୟିକା ନାଟ ସ୍କିଭର-ବ୍ରୁଣ୍ଟ, ୱେଷ୍ଟଇଣ୍ଡିଜର ହେଲି ମାଥ୍ୟୁସ, ନ୍ୟୁଜିଲାଣ୍ଡର ଆମେଲିଆ କେର, ଅଷ୍ଟ୍ରେଲିଆର ମିଲି ଇଲିଂୱର୍ଥ ଓ ଭାରତର ଅମନଜୋତ କୌରଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ଜି କମଳିନୀଙ୍କ ଉପସ୍ଥିତି ଯୋଗୁ ପ୍ଲେଇଂ ଇଲେଭେନ ଚୟନ କରିବା ମୁମ୍ବାଇ ପାଇଁ ମୁଣ୍ଡ ବିନ୍ଧାର କାରଣ ହୋଇପାରେ। ଶବନିମ ଇସମାଇଲ ଓ ସାଇକା ଇଶାକଙ୍କ ଭଳି ଖେଳାଳି ବୋଲିଂ ବିଭାଗ ସମ୍ଭାଳିବେ।

ଭାରତର ଷ୍ଟାର ବ୍ୟାଟର ଜେମିମା ରୋଡ୍ରିଗ୍ସ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମଙ୍ଗ ସମ୍ଭାଳିଛନ୍ତି। ଏହି ଦଳ ଗତ ୩ ସିଜନର ଫାଇନାଲରେ ପରାସ୍ତ ହୋଇଛି। ଏଥର ଦଳ ପାଖରେ ଶେଫାଳି ବର୍ମା, ସ୍ନେହ ରାଣା, ଶ୍ରୀ ଚରନୀ, ଲୌରା ୱୋଲଭାର୍ଡଟ, ମାରିଜନେ କାପ, ଆଲାନା କିଙ୍ଗଙ୍କ ଭଳି ଖୁବ ବିପଦଜନକ ଖେଳାଳି ରହିଛନ୍ତି, ଯେଉଁମାନେ ଦଳକୁ ପ୍ରଥମ ଟ୍ରଫି ଜିତାଇପାରନ୍ତି।

ଆରସିବି ଦଳର ପ୍ରଦର୍ଶନ ଚଳିତ ସଂସ୍କରଣରେ କେଉଁ ଭଳି ରହିବ, ତାହା ମୁଖ୍ୟତଃ ଅଧିନାୟିକା ମନ୍ଧାନାଙ୍କ ଉପରେ ନିର୍ଭର କରେ। ଏଥର ଦଳ ପାଖରେ କିମ୍ବଦନ୍ତୀ ଏଲିସେ ପେରୀ ନାହାନ୍ତି। ମାତ୍ର ଅଷ୍ଟ୍ରେଲିଆର ଜର୍ଜିଆ ଭଲ, ଅଲରାଉଣ୍ଡର ଗ୍ରେସ ହାରିସ ଓ ଦକ୍ଷିଣ ଆଫ୍ରିକାର ନାଦିନ ଡି କ୍ଲର୍କ, ରିଚା ଘୋଷ ଦଳର ବ୍ୟାଟିଂ ବିଭାଗ ସମ୍ଭାଳିବେ। ବୋଲିଂ ବିଭାଗରେ ଅରୁନ୍ଧତି ରେଡ୍ଡୀ, ପୂଜା ଭସ୍ତ୍ରକାର, ଲୌରେନ ବେଲ, ଲିନସି ସ୍ମିଥ, ରାଧା ଯାଦବ ଓ ଶ୍ରେୟଙ୍କା ପାଟିଲଙ୍କ ଭଳି ବିକଳ୍ପ ରହିଛନ୍ତି।

ପ୍ରଥମ ଦୁଇ ସିଜନରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ଗୁଜରାଟ ଜାଏଣ୍ଟ୍ସ ଗତ ବର୍ଷ ପ୍ଲେଅଫ୍ ଖେଳିଥିଲା। ଏଥର ଆଶଲେ ଗାର୍ଡନରଙ୍କ ନେତୃତ୍ୱାଧୀନ ଦଳରେ ରେଣୁକା ସିଂ ଠାକୁର, ରାଜେଶ୍ୱରୀ ଗାଏକ୍ୱାଡ, ୟଶତିକା ଭାଟିଆ, ବେଥ ମୁନି, ସୋଫି ଡିଭାଇନ, କିମ ଗାର୍ଥ, ଜର୍ଜିଆ ୱାରହାମଙ୍କ ଉପସ୍ଥିତି ଦଳର ଶକ୍ତି ବୃଦ୍ଧି କରିଛି।

ଏପର୍ଯ୍ୟନ୍ତ ଡବ୍ଲ୍ୟୁପିଏଲ୍ରେ ପ୍ରଭାବୀ ପ୍ରଦର୍ଶନ କରିପାରି ନ ଥିବା ୟୁପି ୱାରିଅର୍ସ ଦଳରେ ବ୍ୟାପକ ପରିବର୍ତ୍ତନ କରାଯାଇଛି। ଏଥର ଦଳର ନେତୃତ୍ୱ ଭାର ମେଗ ଲାନିଂଙ୍କୁ ଦିଆଯାଇଥିବା ବେଳେ ଦଳରେ ପ୍ରତିକା ରାୱଲ, ଫୋଏବେ ଲିଚ୍ଫିଲ୍ଡ, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, କ୍ଲୋ ଟ୍ରିଅନ, ଡିଆଣ୍ଡ୍ରା ଡଟିନ, ଶିକ୍ଷା ପାଣ୍ଡେ, କ୍ରାନ୍ତି ଗୌଡ଼, ସୋଫି ଏକଲେଷ୍ଟୋନଙ୍କ ଭଳି ଷ୍ଟାର ଖେଳାଳି ରହିଛନ୍ତି। ତେବେ ଶିପ୍ରା ଗିରିଙ୍କ ଛଡ଼ା ଦଳରେ ଅନ୍ୟ କୌଣସି ଉଇକେଟକିପରଙ୍କ ଅଭାବ ଓ ଆହତ ସମସ୍ୟା ଦେଇ ଗତି କରୁଥିବା ପ୍ରତିକାଙ୍କୁ ଫିଟ୍ନେସ କ୍ଲିଅରାନ୍ସ ନ ମିଳିବା ଦଳର ସମସ୍ୟା ବଢ଼ାଇପାରେ।

**ସମୟଃ ସନ୍ଧ୍ୟା ୭ଃ୩୦**
**ପ୍ରସାରଣଃ ଜିଓ ହଟଷ୍ଟାର/ଷ୍ଟାର ସ୍ପୋର୍ଟ୍ସ**

# ଓଡ଼ିଶା ଓପନ ଅନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ୧୬ରୁ



ଟୁର୍ନାମେଣ୍ଟ ସମ୍ପର୍କରେ ସୂଚନା ଦେଉଛନ୍ତି କର୍ମକର୍ତ୍ତାଗଣ।

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ) ଆନୁକୂଲ୍ୟରେ ଇ-ସ୍ପୋର୍ଟସ୍ ଆସୋସିଏଶନ୍ ଅଫ୍ ଓଡ଼ିଶା ଏବଂ ସୋଆ ବିଶ୍ୱବିଦ୍ୟାଳୟର ସହଯୋଗରେ ୧୬ତମ ଓଡ଼ିଶା ଓପନ ଆନ୍ତର୍ଜାତୀୟ ଗ୍ରାଣ୍ଡମାଷ୍ଟର୍ସ ଚେସ୍ ଫେଷ୍ଟିଭାଲ ଚଳିତ ମାସ ୧୬ରୁ ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ସୋଆ ବିଶ୍ୱବିଦ୍ୟାଳୟ ପରିସରରେ ହେବାକୁଥିବା ଏହି ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ୨୦ ଦେଶର ଖେଳାଳି ଅଂଶଗ୍ରହଣ କରିବେ। ଅତିକମ୍‌ରେ ୧୫ ଗ୍ରାଣ୍ଡମାଷ୍ଟର ଓ ଅନ୍ତର୍ଜାତୀୟ ମାଷ୍ଟର ଏଥିରେ ଭାଗନେବେ। ୪ ବର୍ଗରେ ହେବାକୁ ଯାଉଥିବା ଏହି ସମ୍ମାନଜନକ ପ୍ରତିଯୋଗିତାଲାଗି ମୋଟ ୪୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି ବୋଲି ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏଓସିଏ ସମ୍ପାଦକ ତଥା ଟୁର୍ନାମେଣ୍ଟ ନିର୍ଦ୍ଦେଶକ ଦେବବ୍ରତ ଭଞ୍ଜ ପ୍ରକାଶ କରିଛନ୍ତି। ଏଥର ଏହି ପ୍ରତିଯୋଗିତା ସହ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରି ସହବନ୍ଧିତ ହୋଇଛି। କାଟେଗୋରି 'ଏ'ରେ ୧୯୦୦ ରେଟିଂରୁ ଊର୍ଦ୍ଧ୍ୱ, 'ବି'ରେ ୧୯୦୦ରୁ କମ୍, 'ସି'ରେ ୧୬୦୦ରୁ କମ୍ ରେଟିଂପ୍ରାପ୍ତ ଖେଳାଳି ଭାଗନେବେ। ଓପନ ବ୍ଲିଜ୍‌ରେ 'ଡି' ବର୍ଗ ପ୍ରତିଯୋଗିତା ହେବ। 'ଏ' ବର୍ଗଲାଗି ୨୫ ଲକ୍ଷ, 'ବି' ବର୍ଗରେ ୯, 'ସି' ବର୍ଗରେ ୯ ଏବଂ 'ଡି' ବର୍ଗଲାଗି ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରୋଟାରୀ କ୍ଲବ ଅଫ୍ ଭୁବନେଶ୍ୱର ନୀଳାଦ୍ରିର ସଭାପତି ରୋଟାରିଆନ ସୁଜିତ କୁମାର ରାଉତ, ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ରାଜୀବ ଶେଖର ସାହୁ, ଇ-ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ଓଡ଼ିଶା ସମ୍ପାଦକ ତଥା ଟୁର୍ନାମେଣ୍ଟ କମିଟିର ସଦସ୍ୟ ଅଭିଷେକ ମିତ୍ର, ଟୁର୍ନାମେଣ୍ଟ ଲୋକ ସମ୍ପର୍କ ଅଧିକାରୀ ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# କିଟ୍ ପୁରୁଷ ବାସ୍କେଟବଲ, ଟେନିସ ଦଳକୁ ଯୋଗ୍ୟତା

ଭୁବନେଶ୍ୱର,୮।୧(ଅନାଦି କର)


କିଟ୍ ପୁରୁଷ ବାସ୍କେଟବଲ୍ ଦଳ।

କିଟ୍ ୟୁନିଭର୍ସିଟି ପୁରୁଷ ବାସ୍କେଟବଲ ଦଳ ଜବରଦସ୍ତ ପ୍ରଦର୍ଶନ ବଳରେ ଚଳିତ ପୂର୍ବାଞ୍ଚଳ ଆନ୍ତଃ ୟୁନିଭର୍ସିଟି ପୁରୁଷ ବାସ୍କେଟବଲ ଚାମ୍ପିୟନଶିପ୍‌ରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ୭୨-୪୯ ବ୍ୟବଧାନରେ ପଣ୍ଡିତ ରବି ଶଙ୍କର ଶୁକ୍ଳା ୟୁନିଭର୍ସିଟିକୁ ପରାସ୍ତ କରିଛି। ଏହି ବିଜୟ ସହ ଦଳ ସର୍ବଭାରତୀୟ ଆନ୍ତଃ ୟୁନିଭର୍ସିଟି ଟୁର୍ନାମେଣ୍ଟ ଓ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏଥିପୂର୍ବରୁ ୟୁନିଭର୍ସିଟିର ମହିଳା ବାସ୍କେଟଲ ଦଳ ମଧ୍ୟ ଯୋଗ୍ୟତା ହାସଲ କରିଥିଲା। ବାସ୍କେଟବଲ ଭଳି ଉଭୟ ପୁରୁଷ ଓ ମହିଳା ଟେନିସ ଦଳ କିଟ୍ ୟୁନିଭର୍ସିଟିଠାରେ ଚାଲିଥିବା ପୂର୍ବାଞ୍ଚଳ ଆନ୍ତଃ ୟୁନିଭର୍ସିଟି ଟେନିସ ଚାମ୍ପିୟନଶିପ୍ ଜରିଆରେ ଉଭୟ ସର୍ବଭାରତୀୟ ଆନ୍ତଃ ୟୁନିଭର୍ସିଟି ଓ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମ୍ସ ଲାଗି ଯୋଗ୍ୟତା ହାସଲ କରିଛନ୍ତି।

# ପରାଜୟରୁ ଓଡ଼ିଶାର ଅଭିଯାନ ଶେଷ

ଅଲୁର,୮।୧

**ବିଜୟ ହଜାରେ ଟ୍ରଫି**

ଚଳିତ ବିଜୟ ହଜାରେ ଟ୍ରଫିରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୫ ଉଇକେଟରେ ରେଲୱେଠାରୁ ପରାସ୍ତ ହୋଇଛି। ଏହି ପରାଜୟ ଯୋଗୁ ଗ୍ରୁପ-ଡି'ରେ ଓଡ଼ିଶା ୭ ମ୍ୟାଚ୍‌ରେ ୩ ବିଜୟ ଓ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

ଆମନ୍ତ୍ରଣ ପାଇ ବ୍ୟାଟିଂ କରିଥିବା ଓଡ଼ିଶା ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଦଳ ଏକଦା ୭୨ ରନ ମଧ୍ୟରେ ପ୍ରମୁଖ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ ସମ୍ବିତ ଏସ୍ ବରାଳ (୫୦ ରନ, ୩ ଚୌକା ଓ ୧ ଛକା) ଓ ଅଧିନାୟକ ବିପ୍ଳବ ସାମନ୍ତରାୟ (୪୩ ରନ, ୨ ଚୌକା ଓ ୧ ଛକା) ପଞ୍ଚମ ଉଇକେଟରେ ୮୦ ରନ ଯୋଡ଼ିଥିଲେ। ଦୁଇ ସେଟ୍ ବ୍ୟାଟର ଆଉଟ୍ ହେବା ପରେ ସୌମ୍ୟ ରଞ୍ଜନ ଲେଙ୍କା (୫୬ ରନ୍, ୫ ଚୌକା ଓ ୪ ଛକା) ଏକାକୀ ଦଳୀୟ ସ୍କୋରକୁ ୨୫୦ ଅତିକ୍ରମ କରାଇଥିଲେ। ଓଡ଼ିଶା ୪୯.୫ ଓଭରରେ ୨୫୧ ରନରେ ଅଲଆଉଟ୍ ହୋଇଯାଇଥିଲା। ରେଲୱେ ପକ୍ଷରୁ ବରୁନ ଓ ରାଜ ଚୌଧାରୀ ୩ ଲେଖାଏ ଉଇକେଟ ନେଇଥିଲେ। ଜବାବରେ ସାହାବ ଯୁବରାଜଙ୍କ ଅପରାଜିତ ୧୧୮ (୧୧ ଚୌକା ଓ ୨ ଛକା) ରନର ପାଳି ବଳରେ ରେଲୱେ ୪୫.୨ ଓଭରରେ ୫ ଉଇକେଟ ହରାଇ ୨୫୪ ରନ କରି ନେଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜୁବେର ଅଲୀ ଖାନ ଅପରାଜିତ ୬୫ (୩ ଚୌକା ଓ ୫ ଛକା) ରନ କରିଥିଲେ। ଓଡ଼ିଶାର ବୋଲରଙ୍କ ମଧ୍ୟରେ ଗୋବିନ୍ଦ ପୋଦ୍ଦାର ୨ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୪୯.୫ ଓଭରରେ ୨୫୧/ଅଲଆଉଟ୍ (ସୌମ୍ୟ ରଞ୍ଜନ ଲେଙ୍କା-୫୬, ସମ୍ବିତ ଏସ୍ ବରାଳ-୫୦, ବିପ୍ଳବ ସାମନ୍ତରାୟ-୪୩, ରାଜ ଚୌଧାରୀ-୩/୩୨, ବରୁନ-୩/୫୩)। ରେଲୱେ: ୪୫.୨ ଓଭରରେ ୨୫୪/୫ (ସାହାବ ଯୁବରାଜ-୧୧୮*, ଜୁବେର ଅଲୀ ଖାନ-୬୫*, ଗୋବିନ୍ଦ ପୋଦ୍ଦାର-୨/୪୬)।

# ତିଲକ ବର୍ମାଙ୍କ ଅସ୍ତ୍ରୋପଚାର

ନୂଆଦିଲ୍ଲୀ, ୮।୧ (ପି.ଟି.)

ଭାରତୀୟ ବ୍ୟାଟର ତିଲକ ବର୍ମାଙ୍କ ଅସ୍ତ୍ରୋପଚାର କରାଯାଇଛି। ତାଙ୍କର ଗ୍ରୋଇନ୍ ସମସ୍ୟା



ରହିଥିଲା। ସେ ଖୁବ୍ ଯନ୍ତ୍ରଣା ଅନୁଭବ କରୁଥିଲେ। ଏହି କାରଣରୁ ସେ ନ୍ୟୁଜିଲାଣ୍ଡ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜ ଖେଳିପାରିବେ ନାହିଁ। ଆସନ୍ତା ମାସରେ ହେବାକୁଥିବା ଟି୨୦ ବିଶ୍ୱକପ୍‌ର କେତୋଟି ମ୍ୟାଚରେ ମଧ୍ୟ ସେ ଖେଳି ନ ପାରନ୍ତି। ରାଜକୋଟଠାରେ ଚାଲିଥିବା ବିଜୟ ହଜାରେ ଟ୍ରଫି ଦିନିକିଆ ଚାମ୍ପିୟନଶିପ୍‌ରେ ସେ ହାଇଦ୍ରାବାଦ ତରଫରୁ ଖେଳୁଥିବା ବେଳେ ଟେଷ୍ଟିକୁଲାର ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ତୁରନ୍ତି ଗୋକୁଳ ହସ୍ପିଟାଲରେ ଭର୍ତ୍ତି କରାଯାଇ ତାଙ୍କର ସ୍କାନ୍ କରାଯାଇଥିଲା। ତୁରନ୍ତ ଅସ୍ତ୍ରୋପଚାର ପାଇଁ ତାଙ୍କୁ ପରାମର୍ଶ ଦିଆଯାଇଥିଲା। ତିଲକଙ୍କ ଅସ୍ତ୍ରେପଚାର ସଫଳ ହୋଇଛି। ତାଙ୍କର ଉନ୍ନତି ଘଟୁଛି। ନ୍ୟୁଜିଲାଣ୍ଡ ବିପକ୍ଷ ୫ମ୍ୟାଚ ବିଶିଷ୍ଟ ଟି୨୦ ସିରିଜ ନାଗପୁରରେ ଜାନୁଆରୀ ୨୧ରୁ ଆରମ୍ଭ ହେବ।

# ହିମାଚଳ ପ୍ରଦେଶକୁ ହରାଇ ଓଡ଼ିଶା ଫାଇନାଲରେ


ଓଡ଼ିଶା ମହିଳା ବିଚ୍ ସକ୍କର ଦଳ।

ଭୁବନେଶ୍ୱର ୮।୧ (ବିଜୟ ରଣା)

**ଖେଲୋ ଇଣ୍ଡିଆ ମହିଳା ବିଚ୍ ସକ୍କର**

ଡିଉସ୍ଥିତ ଘୋଘ୍‌ଲା ବିଚ୍‌ଠାରେ ଚାଲିଥିବା ୨ୟ ଖେଲୋ ଇଣ୍ଡିଆ ମହିଳା ବିଚ୍ ସକ୍କର ଗେମ୍ସ ୨୦୨୬ର ଫାଇନାଲରେ ପ୍ରବେଶ କରିଛି ଓଡ଼ିଶା। ଗୁରୁବାର ଅନୁଷ୍ଠିତ ଏକ ସେମିଫାଇନାଲରେ ଓଡ଼ିଶା ୭-୦ ଗୋଲ୍‌ରେ ହିମାଚଳ ପ୍ରଦେଶକୁ ହରାଇ ଦେଇଛି। ଦଳ ପକ୍ଷରୁ ଶ୍ରୀଜାନା ତମାଙ୍ଗ (୩ୟ ଓ ୧୬ତମ ମିନିଟ), ସତ୍ୟବତୀ ଖାଡ଼ିଆ (୪ର୍ଥ ଓ ୩୩ତମ), ଖୁନ୍‌ଡଙ୍ଗବାମ୍ ଅମ୍ବାଳିକା ( ୨୫ତମ ଓ ୨୯ତମ) ଦୁଇଟି ଲେଖାଏ ଗୋଲ୍ ଦେଇଥିବା ବେଳେ ମନୀଷା ନାଏକ (୨୩ତମ) ଗୋଟିଏ ଗୋଟିଏ ଗୋଲ୍ ସ୍କୋର କରିଥିଲେ। ଶୁକ୍ରବାର ଫାଇନାଲରେ ଦଳ ଗୁଜରାଟକୁ ଭେଟିବ। ଓଡ଼ିଶା ଦଳର ଏହି ସଫଳତା ପାଇଁ ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସଭାପତି ଟଙ୍କଧର ତ୍ରିପାଠୀ, ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଆସୋସିଏଶନର ଅନ୍ୟ କର୍ମକର୍ତ୍ତାଗଣ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛି।

# କିଲିମାଞ୍ଜାରୋ ଆରୋହଣରେ ଛୋନ୍‌ଜିନ୍ ପ୍ରଥମ ଦୃଷ୍ଟିବାଧିତ ମହିଳା

ଭୁବନେଶ୍ୱର,୮।୧(ଅନାଦି କର)

ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କର୍ମଚାରୀ ଛୋନଜିନ ଆଙ୍ଗମୋ ପ୍ରଥମ ଦୃଷ୍ଟିବାଧିତ ମହିଳା ଭାବେ ସଫଳତାର ସହ ୫,୮୯୫ ମିଟର ଉଚ୍ଚତା ବିଶିଷ୍ଟ ଆଫ୍ରିକାର ଉଚ୍ଚତମ ଶୃଙ୍ଗ କିଲିମାଞ୍ଜାରୋ ପର୍ବତ ଆରୋହଣ କରିଛନ୍ତି। କେବଳ ଏତିକି ନୁହେଁ ତାଙ୍କ ନାମରେ ପ୍ରଥମ ଦୃଷ୍ଟିବାଧିତ ମହିଳା ଭାବେ ମାଉଣ୍ଟ ଏଭରେଷ୍ଟ ଓ ମାଉଣ୍ଟ ଏଲବ୍ରସ ଆରୋହଣ କରିବାର ରେକର୍ଡ ରହିଛି। ଆଙ୍ଗମୋ ଏବେ ତାଙ୍କର ଐତିହାସିକ ଉପଲବ୍ଧି ମଧ୍ୟରେ 'ରୁଫ୍ ଅଫ୍ ଆଫ୍ରିକା'କୁ ସାମିଲ କରିଛନ୍ତି। ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି। କିଲିମାଞ୍ଜାରୋ ଆରୋହଣ ବେଳେ ତାଙ୍କୁ ଅନିଶ୍ଚିତ ପାଗର ସମ୍ମୁଖୀନ ହେବାକୁ ପଡ଼ିଥିଲା। ଏପରି କି ଲେମୋଶୋ ବାଟ ଦେଇ ଆରୋହଣ ବେଳେ ପ୍ରବଳ ବରଫ ପାତ ଯୋଗୁ ବାଟ ସ୍ପଷ୍ଟ ଭାବେ ଦେଖାଯାଉ ନ ଥିଲା। ଏହାସତ୍ତ୍ୱେ ଆଙ୍ଗମୋ ତାଙ୍କ ଲକ୍ଷ୍ୟ ସ୍ଥଳରେ ପହଞ୍ଚିଥିଲେ। ଏହି ଅଭିଯାନ ପାଇଁ ତାଙ୍କୁ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ